# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, August 8/2024 | Page 16 | ₹ 7.00

୫୦ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 255 | ମୂଲ୍ୟ ₹୭/-


# ୧୦୦ ଗ୍ରାମ୍ ପାଇଁ ବାଦ୍

## ଫାଇନାଲ ପୂର୍ବରୁ ଭିନେଶଙ୍କ ଆଶା ଧୂଳିସାତ୍


ଭିନେଶ ଫୋଗଟ

**ପ୍ୟାରିସ ଅଲିମ୍ପିକ୍ସ**

ପ୍ୟାରିସ, ୭।୮

ମାତ୍ର ୧୦୦ ଗ୍ରାମ୍ ଓଜନ ଅଧିକ ଯୋଗୁ ପୂରା ଦେଶର ଆଶା ଧୂଳିସାତ୍ ହୋଇଛି। ଅଲିମ୍ପିକ୍ସର ମହିଳା ୫୦ କେଜି କୁସ୍ତି ଫାଇନାଲ ପୂର୍ବରୁ ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସରୁ ଭାରତ ପାଇଁ ବୁଧବାର ଆସିଛି ଏପରି ଏକ ଖରାପ ଖବର। ପ୍ରଥମ ଭାରତୀୟ ମହିଳା ଭାବେ କୁସ୍ତି ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଭିନେଶ ଇତିହାସ ରଚିଥିବାରୁ ସମଗ୍ର ଦେଶ ପଦକ ହାସଲର ଖୁସି ମନାଇବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏପରି ଏକ ଖବର ନିରାଶା ଖେଳାଇ ଦେଇଛି। ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଭିନେଶ ନିଜ ଓଜନ ପାଇଁ ଥିବା ମାନଦଣ୍ଡ ବଜାୟ ରଖି ପାରି ନ ଥିଲେ। ନିୟମ ଅନୁସାରେ ଲଢ଼େଇ ଦିନ ସକାଳେ ଅନୁଷ୍ଠିତ ବିଭିନ୍ନ ଔପଚାରିକତା ପୂରଣ ଅବସରରେ ଭିନେଶଙ୍କ ଓଜନ ୧୦୦ ଗ୍ରାମ୍ ଅଧିକ ହୋଇଥିଲା। ଫଳରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଯେଉଁ ଦିନଟି ତାଙ୍କ କ୍ୟାରିୟର ପାଇଁ ସବୁଠାରୁ ସ୍ମରଣୀୟ ହେବାର ଥିଲା, ତାହା ତିକ୍ତ ଅନୁଭୂତି ସହ ଦୁଃସ୍ୱପ୍ନ ପାଲଟିଗଲା। ଓଜନ କମାଇବା ପାଇଁ ରାତିସାରା ଅନିଦ୍ରା ସହ ବ୍ୟାୟାମ ଯୋଗୁ ଦେହରେ ଅତ୍ୟଧିକ ଜଳୀୟଅଂଶ କମିବାରୁ ଅଚେତ ହେବାରୁ ତାଙ୍କୁ ଗେମ୍ସ ଭିଲେଜସ୍ଥିତ ପଲିକ୍ଲିନିକ୍‌କୁ ନିଆଯାଇଥିଲା। ନିଷ୍ପତ୍ତିର ପ୍ରତିବାଦରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ଦ୍ୱାରସ୍ଥ ହୋଇଛନ୍ତି ଭିନେଶ। ତାଙ୍କୁ ଯୁଗ୍ମ ରୌପ୍ୟ ପଦକ ବିଜେତା ଘୋଷଣା କରାଯାଉ ବୋଲି ସେ ଦାବି କରିଛନ୍ତି।

ଭିନେଶଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ସମର୍ଥନ ଜଣାଇଛନ୍ତି। "ତୁମେ ଚାମ୍ପିୟନଙ୍କ ମଧ୍ୟରେ ☞ପୃଷ୍ଠା-୪

## ସାଂଘାତିକ ଷଡ଼ଯନ୍ତ୍ର: କଂଗ୍ରେସ

ନୂଆଦିଲ୍ଲୀ,୭।୮

ଭାରତୀୟ ମହିଳା କୁସ୍ତି ଯୋଦ୍ଧା ଭିନେଶ ଫୋଗଟଙ୍କ ସାମାନ୍ୟ ଓଜନ ବୃଦ୍ଧି ଯୋଗୁ ପ୍ୟାରିସ୍ ଅଲିମ୍ପିକ୍ ଗେମ୍ସ ୨୦୨୪ରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ବୁଧବାର ସାରା ଦେଶରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ରାଜନୀତି ମଧ୍ୟ ସରଗରମ ହୋଇଛି। ବିରୋଧୀ କଂଗ୍ରେସ ଏହା ପଛରେ କେନ୍ଦ୍ର ସରକାରଙ୍କ ଷଡ଼ଯନ୍ତ୍ରର ଗନ୍ଧ ବାରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିନେଶଙ୍କୁ 'ଚାମ୍ପିୟନ୍‌ମାନଙ୍କ ଚାମ୍ପିୟନ୍' କହି ପ୍ରଶଂସା କରିବା ସହ ଉକ୍ତ ନିଷ୍ପତ୍ତିର ପ୍ରତିବାଦ ଜଣାଇବାକୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ) ମୁଖ୍ୟ ପି.ଟି. ଉଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରେସ୍‌ଲର ଭିନେଶ ଅଲିମ୍ପିକ୍ ଗେମ୍ସ ରେସ୍‌ଲିଂ ଇଭେଣ୍ଟ ଫାଇନାଲରେ ପହଞ୍ଚିବାରେ ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଥିବାବେଳେ ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ହାସଲରୁ ଶେଷ ମୁହୂର୍ତ୍ତରେ ☞ପୃଷ୍ଠା-୪

## ସ୍କିପିଂ, ଜଗିଂ ଓ ସାଇକ୍ଲିଂ, ଚୁଟିକଟା ଫେଲ୍ ମାରିଲା

ଭିନେଶଙ୍କ ଓଜନ କମାଇବା ପାଇଁ ଯଥା ସମ୍ଭବ କୌଶଳ ଆପଣାଯାଇଥିଲା ବୋଲି ଭାରତୀୟ ପ୍ରତିନିଧି ଦଳର ଚିଫ୍ ମେଡିକାଲ ଅଫିସର ଡାକ୍ତର ଡିନଶ ପର୍ଡିଓ୍ୱାଲା ପ୍ରକାଶ କରିଛନ୍ତି। ତାଙ୍କୁ କମ୍ ଖାଦ୍ୟ ଓ ପାଣି ଦିଆଯିବା ସହ ସକାଳ ପର୍ଯ୍ୟନ୍ତ କେତେକ ବ୍ୟାୟାମରେ ଲିପ୍ତ କରାଯାଇଥିଲା। ଏହା ମଧ୍ୟରେ ସ୍କିପିଂ, ଜଗିଂ ଓ ସାଇକ୍ଲିଂ ସାମିଲ ଥିଲା। ଏହା ବ୍ୟତୀତ ସଉନା ବାଥ୍ ମଧ୍ୟ କରାଯାଇଥିଲା। ଓଜନ କମାଇବା ପ୍ରୟାସ ତାଙ୍କ ଦୁର୍ବଳ ଏବଂ ଶକ୍ତି ହୀନତାର କାରଣ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭିନେଶ ମଙ୍ଗଳବାର ୩ଟି ଲଢ଼େଇ ପରେ ଦୁର୍ବଳ ହୋଇ ପଡ଼ିଥିଲେ। ଶକ୍ତି ହୀନତାକୁ ସ୍ୱାଭାବିକ କରିବା ପାଇଁ ତାଙ୍କୁ ଅଳ୍ପ ପାଣି ସହ ଉଚ୍ଚ ☞ପୃଷ୍ଠା-୪

# ୩ରେ ରାଜ୍ୟ ସଭା ଉପନିର୍ବାଚନ

ଭୁବନେଶ୍ୱର,୭।୮(ଅନିଲ ଦାସ)

ଆସନ୍ତା ସେପ୍ଟେମ୍ବର ୩ରେ ଓଡ଼ିଶାରେ ଖାଲି ହୋଇଥିବା ଗୋଟିଏ ରାଜ୍ୟ ସଭା ଆସନରେ ଉପ ନିର୍ବାଚନ ଅନୁଷ୍ଠିତ ହେବ। ଉପନିର୍ବାଚନ ପାଇଁ ଅଗଷ୍ଟ ୧୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଅଗଷ୍ଟ ୨୧ରେ ନାମାଙ୍କନ ଦାଖଲ ଶେଷ ହେବ। ଅଗଷ୍ଟ ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୭ ତାରିଖରେ ନାମାଙ୍କନ ପ୍ରତ୍ୟାହାର କରାଯିବ। ଆବଶ୍ୟକ ସ୍ଥଳେ ସେପ୍ଟେମ୍ବର ୩ ତାରିଖରେ ଭୋଟ ଗ୍ରହଣ ହେବ ବୋଲି ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ☞ପୃଷ୍ଠା-୭

# ଭୁବନେଶ୍ୱରରେ ଡବଲ୍ ମର୍ଡର

ଭୁବନେଶ୍ୱର,୭।୮(ସତ୍ୟଜିତ୍ ରାଉତ/ ସୂର୍ଯ୍ୟକାନ୍ତ ବେହେରା)

**ଗାଡ଼ି ପାର୍କିଂକୁ ନେଇ ୨ ସାଙ୍ଗଙ୍କୁ ଛୁରି ଭୁସିଦେଲେ**

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା କୁହା ଗାଁ ନିକଟ କଲ୍ୟାଣ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟ ନିକଟରେ ବୁଧବାର ରାତିରେ ଘଟିଛି ଡବଲ୍ ମର୍ଡର। ଗାଡ଼ି ପାର୍କିଂକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଛୁରା ମାଡ଼ରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ କୁହା ଗ୍ରାମର ରଶ୍ମିରଞ୍ଜନ ସେଠୀ ଓରଫ ଜିତୁଆ(୨୪) ଓ ତାଙ୍କ ସାଙ୍ଗ କେନ୍ଦ୍ରାପଡ଼ାର ଜୁଲୁ (୨୩)। କୁହା ଗ୍ରାମର ଗୋଟିଏ ପରିବାରର ୪ରୁ ଊର୍ଦ୍ଧ୍ୱ ସଦସ୍ୟ ସଂଘବଦ୍ଧ ଆକ୍ରମଣ କରି ଏହି କାଣ୍ଡ ଘଟାଇଛନ୍ତି। ଦୁଇ ମୃତଦେହକୁ କ୍ୟାପିଟାଲ


ରଶ୍ମିରଞ୍ଜନ ସେଠୀ


ଜୁଲୁ

ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏନେଇ ପୋଲିସ ଏକ ହତ୍ୟା ☞ପୃଷ୍ଠା-୭






# ଆଇଏଏସ୍ ଅଫିସର ସ୍ତରରେ ବଡ଼ ଧରଣର ଅଦଳବଦଳ

ଭୁବନେଶ୍ୱର,୭।୮(ଅନିଲ ଦାସ)

**୧୭ ଜିଲାପାଳ ବଦଳିଲେ**

ରାଜ୍ୟ ସରକାର ଆଇଏଏସ୍ ଏବଂ ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୭ ଜଣ ଜିଲାପାଳଙ୍କୁ ବଦଳି କରାଯାଇଛି। ୨୦୦୯ ବ୍ୟାଚ୍ ଆଇଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ତାଙ୍କୁ ଓଡ଼ିଶା ପରିବାରର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିବା ଦିଲୀପ ରାଉତରାୟଙ୍କୁ ଭଦ୍ରକ ଜିଲାପାଳ ଭାବେ ବଦଳିକରାଯାଇଛି। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ବାଲେଶ୍ୱର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ** ଜିନ୍ ଓ ଭାଷାର ଦେଶାନ୍ତର




# ନେତାଙ୍କୁ ଖୋଜି ଖୋଜି ହତ୍ୟା



ଖାଲେଦା ଜିଆଙ୍କ ବାଂଲାଦେଶ ନ୍ୟାଶନାଲ ପାର୍ଟି (ବିଏନ୍‌ପି) ମୁଖ୍ୟାଳୟ ବାହାରେ ବୁଧବାର ବିକ୍ଷୋଭକାରୀମାନେ ଶୋଭାଯାତ୍ରା କରୁଛନ୍ତି।

**ଢାକା,୭।୮**

ହିଂସା ପ୍ରଭାବିତ ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରୁ ଶେଖ୍ ହାସିନା ଇସ୍ତଫା ଦେବା ପରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଥିଲା। କିନ୍ତୁ ସେ ପଦ ଓ ଦେଶ ଛାଡ଼ି ଭାରତକୁ ପଳାୟନ କରିବା ପରେ ମଧ୍ୟ ଅରାଜକତା ଲାଗି ରହିଛି। ଉତ୍ତ୍ୟକ୍ତ ଲୋକେ ହାସିନାଙ୍କ ଦଳ ଆୱାମି ଲିଗ୍‌ର ନେତାମାନଙ୍କୁ ଖୋଜି ଖୋଜି ହତ୍ୟା କରିବାରେ ଲାଗିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୯ ନେତା ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତଦେହ ମିଳିଲାଣି। ଏବେ

## ମିଳିଲାଣି ୨୯ ମୃତଦେହ

ମଧ୍ୟ ବିକ୍ଷୋଭକାରୀମାନେ ଜଳାପୋଡ଼ା, ଭଙ୍ଗାରୁଜା ଜାରି ରଖିଛନ୍ତି। ଅନ୍ତରୀଣ ସରକାରର ଭାବୀ ମୁଖ୍ୟ ନୋବେଲ ପୁରସ୍କାର ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍ ଦେଶବାସୀଙ୍କୁ ହିଂସା ତ୍ୟାଗ କରି ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି।

ସଂରକ୍ଷଣ ବିରୋଧୀ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ସଂଘର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିବା ପରେ ସୋମବାର ସେନା ଚାପରେ ୭୬ ବର୍ଷୀୟା ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭଉଣୀ ଶେଖ୍ ରେହାନାଙ୍କ ସହ ଭାରତକୁ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ମୃତ୍ୟୁସଂଖ୍ୟା ବୁଧବାର ୪୫୦ ଅତିକ୍ରମ କରିଛି। ସତଖିରାରେ ୧୦ ଜଣଙ୍କୁ ହତ୍ୟା କରାଯାଇଛି। ବିକ୍ଷୋଭକାରୀମାନେ ସେମାନଙ୍କ ସମ୍ପତ୍ତି ଲୁଟି ନେବା ସହ ଘରେ ନିଆଁ ଲଗାଇ ଦେଇଛନ୍ତି। କୁମିଲ୍ଲାରେ ଅନ୍ୟୂନ ୧୧ ଜଣଙ୍କୁ ହତ୍ୟା କରାଯାଇଛି। ପୂର୍ବତନ କାଉନ୍‌ସିଲର ମହମ୍ମଦ ଶାହ ଆଲାମଙ୍କ ଘରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘରୁ ସୋମବାର ରାତି ଓ ମଙ୍ଗଳବାର ସକାଳେ ୫ ପିଲାଙ୍କ ସମେତ ୧୧ ଜଣଙ୍କ ମୃତଦେହ ମିଳିଥିଲା। ଇତିମଧ୍ୟରେ ଏମ୍‌ପି ଶାଫିକୁଲ ଇସ୍‌ଲାମ ଶିମୁଲଙ୍କ ଘରେ ନିଆଁ ଲଗାଇଦେବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଆୱାମି ଲିଗ୍‌ର ଯୁବ ଶାଖା ଯୁବ ଲିଗ୍‌ର ୨ ଜଣ ନେତାଙ୍କ ମୃତଦେହ ମଧ୍ୟ ଠାବ ହୋଇଛି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ବାଂଲାଦେଶ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣକୁ ନିନ୍ଦା କରିବା ସହ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛି।

## ଅନ୍ତରୀଣ ସରକାରଙ୍କ ଶପଥ ଗ୍ରହଣ ଆଜି



ମହମ୍ମଦ ୟୁନୁସ୍

ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପାର୍ଲାମେଣ୍ଟକୁ ଭଙ୍ଗକରି ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କୁ ଅନ୍ତରୀରଣ ସରକାରରେ ମୁଖ୍ୟ ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ୮୪ ବର୍ଷୀୟ ୟୁନୁସ୍ ଷ୍ଟୁଡେଣ୍ଟ୍ସ ଏଗେନ୍‌ଷ୍ଟ ଡିସ୍‌କ୍ରିମିନେଶନ୍ ଆନ୍ଦୋଳନର ନେତୃତ୍ୱ ନେଇଥିବା 'ସାହସୀ ଛାତ୍ରୀଛାତ୍ର'ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୟୁନୁସ୍ କହିଛନ୍ତି, ଆମ ନୂଆ ବିଜୟର ଉପଯୁକ୍ତ ବିନିଯୋଗ କରିବା। ନିଜ ଭୁଲ୍ ଯୋଗୁ ପଥଚ୍ୟୁତ ହେବାନାହିଁ ବୋଲି ବର୍ଷୀୟାନ୍ ଅର୍ଥନୀତିଜ୍ଞ ୟୁନୁସ କହିଛନ୍ତି। ସେ ପ୍ୟାରିସ୍‌ରୁ ଗୁରୁବାର ବାଂଲାଦେଶକୁ ଫେରିବା ପରେ ଦାୟିତ୍ୱ ଗ୍ରହଣ କରିବେ। ସେନାମୁଖ୍ୟ ଜେନେରାଲ ୱାକର-ଉଜ୍-ଜମାନ୍ କହିଛନ୍ତି, ଅନ୍ତରୀଣ ସରକାର ଗୁରୁବାର ସକାଳ ୮ଟାରେ ଶପଥ ନେବ। ପରାମର୍ଶଦାତା ପରିଷଦରେ ୧୫ ସଦସ୍ୟ ରହିବେ। ୟୁନୁସ୍‌ଙ୍କୁ ସଶସ୍ତ୍ର ବଳ ସବୁ ପ୍ରକାର ସମର୍ଥନ ଦେବ।

## ଶତ୍ରୁତା ନୁହେଁ, ସ୍ନେହ: ଖାଲେଦା ଜିଆ



ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲ ପାର୍ଟି ମୁଖ୍ୟ ଖାଲେଦା ଜିଆ ଜେଲରୁ ମୁକୁଳିବାର ଦିନକ ପରେ ତାଙ୍କ ମୁକ୍ତି ପାଇଁ ସାହାଯ୍ୟ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଖାଲେଦା କହିଛନ୍ତି, ସେମାନଙ୍କ ସଂଗ୍ରାମ ଯୋଗୁ ସେ ମୁକ୍ତ ହୋଇପାରିଛନ୍ତି। କ୍ରୋଧ କିମ୍ବା ଶତ୍ରୁତାରୁ କିଛି ମିଳିବ ନାହିଁ। ପ୍ରେମ ଓ ଶାନ୍ତିରେ ଦେଶର ପୁନଃ ନିର୍ମାଣ ସମ୍ଭବ ବୋଲି ୨୦୧୮ରୁ ଜେଲରେ ଥିବା ୭୯ ବର୍ଷୀୟା ଖାଲେଦା କହିଛନ୍ତି।

## ଢାକାରୁ ଫେରିଲେ ୧୯୦ ଭାରତୀୟ ଉଚ୍ଚାୟୁକ୍ତ କର୍ମଚାରୀ

ବାଂଲାଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଭିତରେ ଢାକାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟର ୧୯୦ ଅଣଜରୁରୀ କର୍ମଚାରୀ ବୁଧବାର ଭାରତକୁ ଫେରିଛନ୍ତି। ତେବେ ସମସ୍ତ କୂଟନୀତିଜ୍ଞ ସେଠାରେ ଅଛନ୍ତି ଏବଂ କମିଶନ ଅଫିସଗୁଡ଼ିକ ଚାଲୁ ରହିଛି। ହାଇକମିଶନ ଅଫିସରେ ବର୍ତ୍ତମାନ ୨୦ରୁ ୩୦ ଭାରତୀୟ କୂଟନୀତିଜ୍ଞ ରହିଥିବା ସୂତ୍ରରୁ ଜଣାପଡ଼ିଛି।

## ଦିଲ୍ଲୀରେ ସାମୟିକ ଅବସ୍ଥାନ କରିବେ ହାସିନା

ଭାରତକୁ ପଳାୟନ କରିଥିବା ବାଂଲାଦେଶର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦିଲ୍ଲୀରେ ସ୍ୱଳ୍ପକାଳୀନ ଅବସ୍ଥାନ କରିବେ ବୋଲି ବୁଧବାର ତାଙ୍କ ପୁଅ ସଜୀବ ୱାଜେଦ ଜୟ କହିଛନ୍ତି। ଏକ ସାକ୍ଷାତ୍‌କାରରେ ଜୟ କହିଛନ୍ତି, ହାସିନା ସାମୟିକ ଅବସ୍ଥାନ ପାଇଁ ଦିଲ୍ଲୀ ଯିବେ। ସେଠାରେ ମୋ ଭଉଣୀ ମଧ୍ୟ ଅଛନ୍ତି। ଶରଣ ମାଗିବା ନେଇ ହେଉଥିବା ଚର୍ଚ୍ଚା ଗୁଜବ ଛଡ଼ା କିଛି ନୁହେଁ ବୋଲି ଜୟ ସ୍ପଷ୍ଟ କରିଛନ୍ତି। ହାସିନାଙ୍କ ଝିଅ ସାଇମା ୱାଜେଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଦକ୍ଷିଣ-ପୂର୍ବ ଏସିଆ ରିଜିୟନ୍ ରିଜିଓନାଲ ଡାଇରେକ୍ଟର ଅଛନ୍ତି। ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ରହିଛି। ହାସିନାଙ୍କୁ ବ୍ରିଟେନ୍ ଶରଣ ଦେବାକୁ କୁଣ୍ଠାବୋଧ କରୁଥିବାରୁ ସେ ଲଣ୍ଡନ ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ହାସିନାଙ୍କ ଭଉଣୀ ରେହାନାଙ୍କ ଝିଅ ଟୁଲିପ୍ ସିଦ୍ଦିକ୍ ବ୍ରିଟିଶ୍ ପାର୍ଲାମେଣ୍ଟର ସଦସ୍ୟ ଅଛନ୍ତି। ଜୟଙ୍କୁ ରାଜନୀତିରେ ଯୋଗଦାନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ବର୍ତ୍ତମାନ ପାଇଁ ତାଙ୍କର ଏଭଳି କୌଣସି ଯୋଜନା ନ ଥିବା କହିଛନ୍ତି।

## ସଂକ୍ଷେପରେ

### ପୁଡୁଚେରୀ ଉପ ରାଜ୍ୟପାଳ ଭାବେ ଶପଥ ନେଲେ କୈଳାଶ୍‌ନାଥନ

**ପଣ୍ଡିଚେରୀ, ୭।୮**

ପୂର୍ବତନ ଆଇଏଏସ୍ ଅଧିକାରୀ କେ. କୈଳାଶ୍‌ନାଥନ ବୁଧବାର ପୁଡୁଚେରୀର ନୂତନ ଉପ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି। ପଣ୍ଡିଚେରୀସ୍ଥିତ ରାଜ ନିବାସରେ ଏକ ସ୍ୱତନ୍ତ୍ର ସମାରୋହରେ ତାଙ୍କୁ ମାଡ୍ରାସ୍ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡି. କୃଷ୍ଣ କୁମାର ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସମାରୋହରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ପୁଡୁଚେରୀ ବିଧାନସଭା ବାଚସ୍ପତି ଆର୍ ସେଲ୍‌ଭମ, ଉପ ବାଚସ୍ପତି ପି. ରାଜାବେଲୁ, ବିରୋଧୀ ଦଳ ନେତା ଆର୍.ସିବା ପ୍ରମୁଖ କୈଳାଶ୍‌ନାଥନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



କେ. କୈଳାଶ୍‌ନାଥନ

### ରଶ୍ମିରଞ୍ଜନ ସ୍ୱାଇଁ ଜମ୍ମୁ-କଶ୍ମୀର ଡିଜିପି



**ନୂଆଦିଲ୍ଲୀ, ୭।୮**

ବରିଷ୍ଠ ଓଡ଼ିଆ ଆଇପିଏସ୍ ଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁ ଜମ୍ମୁ-କଶ୍ମୀରର ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଭାବେ ବୁଧବାର ନିଯୁକ୍ତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୩୦ଯାଏ ସେ ଏହି ଦାୟିତ୍ୱ ତୁଲାଇବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ସେ ୨୦୨୩ ନଭେମ୍ବର ପହିଲାରୁ ଜମ୍ମୁ-କଶ୍ମୀରର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ୧୯୯୧ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡରର ଏହି ଆଇପିଏସ୍ ଅଧିକାରୀ ୨୦୦୧ରୁ ୨୦୦୩ ପର୍ଯ୍ୟନ୍ତ ଶ୍ରୀନଗରର ଏସ୍‌ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଜମ୍ମୁ-କଶ୍ମୀରର ରାମବନ୍, ଲେହ ଓ ପୁଞ୍ଛର ଏସ୍‌ଏସ୍‌ପି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

### ହେଲିକପ୍ଟର ଦୁର୍ଘଟଣା, ୫ ମୃତ

**କାଠମାଣ୍ଡୁ, ୭।୮**

ନେପାଳ ରାଜଧାନୀ କାଠମାଣ୍ଡୁର ଉପକଣ୍ଠ ନୱାକୋଟ ଜିଲା ଶିବପୁରୀ ଅଞ୍ଚଳରେ ଥିବା ଏକ ଜାତିୟ ଉଦ୍ୟାନରେ ବୁଧବାର ଏୟାର ଡାଏନାଷ୍ଟି କମ୍ପାନୀର ୯ଏନ୍-ଏଜେଡି ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୫ ନାଗରିକଙ୍କର ମୃତ୍ୟୁ ଘଟିଛି। ୫ ମୃତକଙ୍କ ମଧ୍ୟରୁ ୪ ଜଣ ଚାଇନା ନାଗରିକ ରହିଛନ୍ତି। ସ୍ଥାନୀୟ ମିଡିଆ ରିପୋର୍ଟ ଅନୁଯାୟୀ ଉକ୍ତ ବିମାନଟି କାଠମାଣ୍ଡୁରୁ ବାହାରି ରସୁଆ ଅଭିମୁଖେ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଉଡ଼ାଣର ୩ ମିନିଟ ମଧ୍ୟରେ କାଠମାଣ୍ଡୁସ୍ଥିତ ତ୍ରିଭୂବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଥିବା ଏୟାର ଟ୍ରାଫିକ ନିୟନ୍ତ୍ରକଙ୍କ ସହ ଉକ୍ତ ହେଲିକପ୍ଟରଟି ସମ୍ପର୍କ କଟିଯାଇଥିଲା, ଫଳରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ୫ ମୃତଦେହକୁ ଜବତ କରିଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୪ରେ ମଧ୍ୟ ନେପାଳରେ ବିମାନ ଦୁର୍ଘଟଣା ହୋଇଥିଲା ଯେଉଁଥିରେ ବିମାନର ୧୮ ଜଣ କ୍ରିଉ ସଦସ୍ୟ ପ୍ରାଣ ହରାଇଥିଲେ।

### ସ୍ୱାତୀଙ୍କୁ ଆକ୍ରମଣ ପରେ ବିଭବଙ୍କ ସହ ଏକାଠି ଥିଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ, ୭।୮**

ରାଜ୍ୟ ସଭା ସଦସ୍ୟ ସ୍ୱାତୀ ମାଲିୱାଲ୍‌ଙ୍କୁ ଆକ୍ରମଣ ମାମଲାରେ ଏକ ନୂଆମୋଡ଼ ସାମ୍ନାକୁ ଆସିଛି। ଅଭିଯୁକ୍ତ ବିଭବ କୁମାରଙ୍କ ବିରୋଧରେ ଦିଲ୍ଲୀ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ସ୍ୱାତୀଙ୍କ ବିରୋଧରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ରଚାଯାଇଥିବା ନେଇ ଉଲ୍ଲେଖ କରିଛି। ଏନେଇ ବୁଧବାର ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ସ୍ୱାତୀଙ୍କୁ ହୋଇଥିବା ଆକ୍ରମଣର ଠିକ୍ ପରେ ବିଭବଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକାଠି ନଜର ଆସିଥିଲେ ବୋଲି ଏହି ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ତେବେ ସ୍ୱାତୀଙ୍କୁ ଆକ୍ରମଣ ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଥିବା ଅନୁମାନ କରି ମାମଲାରେ ବିଭବଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ କେଜ୍‌ରିୱାଲ ଓ ଅନ୍ୟ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ନେତାଙ୍କ ସମ୍ପୃକ୍ତି ଦିଗରେ ଦିଲ୍ଲୀ ପୋଲିସ ତଦନ୍ତ କରୁଛି। ଅନ୍ୟପକ୍ଷରେ ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଜବାବ ତଲବ କରିଛନ୍ତି। ବିଭବଙ୍କ ପକ୍ଷରୁ ଦାଖଲ ହୋଇଥିବା ଜାମିନ ଆବେଦନକୁ ନେଇ ଆସନ୍ତା ୨୧ ସୁଦ୍ଧା ଜବାବ ରଖିବାକୁ ଦିଲ୍ଲୀ ପୋଲିସକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।



କର୍ନାଟକର ଉତ୍ତର କନ୍ନଡ଼ ଜିଲା କରୱାରକୁ ଗୋଆ ସହ ଯୋଡ଼ୁଥିବା ଏକ ପୁରୁଣା ବ୍ରିଜ୍‌ର କିଛି ଅଂଶ ମଙ୍ଗଳବାର ବିଳମ୍ବିତ ରାତିରେ ଭୁଶୁଡ଼ିପଡ଼ିଛି।

## ୱାୟନାଡ୍ ଭୂସ୍ଖଳନକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କର

**କେନ୍ଦ୍ର ସରକାରଙ୍କୁ ରାହୁଲଙ୍କ ଦାବି**

**ନୂଆଦିଲ୍ଲୀ, ୭।୮ (ପି.ଟି.)**

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ଗୃହର ଶୂନ୍ୟକାଳରେ ୱାୟନାଡ୍ ଭୂସ୍ଖଳନ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଭାବେ ଘୋଷଣା କରିବାକୁ ସେ କେନ୍ଦ୍ରସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହାସହ ଉକ୍ତ ଭୂସ୍ଖଳନ ପୀଡ଼ିତଙ୍କୁ ଦିଆଯାଉଥିବା କ୍ଷତିପୂରଣ ରାଶିରେ ବୃଦ୍ଧି ତଥା ୱାୟନାଡ୍ ଅଞ୍ଚଳ ପାଇଁ ବିସ୍ତୃତ ପୁନର୍ବାସ ପ୍ୟାକେଜ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ଏଭଳି ପ୍ରାକୃତିକ ଦୁର୍ବିପାକରୁ ବର୍ତ୍ତିବା ପାଇଁ ଦେଶରେ ବିପର୍ଯ୍ୟୟ ପ୍ରତିରୋଧକ ଭିତ୍ତିଭୂମି ନିର୍ମାଣ କରିବାକୁ ରାହୁଲ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ଲୋକ ସଭାର ଶୂନ୍ୟକାଳରେ ରାହୁଲ କହିଛନ୍ତି, କିଛି ଦିନ ପୂର୍ବେ ସେ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ୱାୟନାଡ ଗସ୍ତରେ ଯାଇ ଏହି ଭୂସ୍ଖଳନର ବିନାଶକାରୀ ରୂପକୁ ନିଜ ଆଖିରେ ଦେଖିଛନ୍ତି। ୱାୟନାଡ୍‌ରେ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ପାହାଡ଼ ଧସିଯାଇଛି ଏବଂ ସମ୍ପୃକ୍ତ ଅଞ୍ଚଳ କେବଳ ପଥର ଗଦାରେ ପରିଣତ ହୋଇଥିବା ସେ କହିଛନ୍ତି। ସେହିପରି କେରଳର ଏଭଳି ବିପତ୍ତି ସମୟରେ ପଡ଼ୋଶୀ ତାମିଲନାଡୁ, ତେଲଙ୍ଗାନା ଓ କର୍ନାଟକରୁ ମିଳିଥିବା ସହାୟତାକୁ ମଧ୍ୟ ରାହୁଲ ପ୍ରଶଂସା କରିଛନ୍ତି। ତେବେ ଦଳମତ ନିର୍ବିଶେଷରେ ୱାୟନାଡ୍ ଭୂସ୍ଖଳନ ପୀଡ଼ିତଙ୍କୁ ସହାୟତା କରିବାକୁ ବିଭିନ୍ନ ସମୁଦାୟର ଲୋକ ଆଗେଇ ଆସିଥିଲେ, ଯାହା ତାଙ୍କ ହୃଦୟକୁ ଛୁଇଁଥିବା ରାହୁଲ କହିଛନ୍ତି।



ଲୋକ ସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ।

**ଫୁର୍‌ସତ୍**

## ଚକିତ ହୋଇଯାଇଥିଲା ବ୍ରିଟିଶ୍ ଶାସନ

### ଭାରତଛାଡ଼ ଆନ୍ଦୋଳନ



ଭାରତର ସ୍ୱାଧୀନତା ସହ ଜଡ଼ିତ ଏମିତି କେତେକ ଘଟଣା ରହିଛି, ଯାହା ଅବିସ୍ମରଣୀୟ ଇତିହାସରେ ପରିଣତ ହୋଇଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ଭାରତ ଛାଡ଼ ଆନ୍ଦୋଳନ। ୧୯୪୨ ମସିହା ଆଜିର ଦିନ ଅର୍ଥାତ୍ ୮ ଅଗଷ୍ଟରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ କରିଥିଲେ। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଫସିଥିବା ଇଂଲଣ୍ଡ ଭାରତରେ ଏଭଳି ଆନ୍ଦୋଳନ ଆଶା କରି ନ ଥିଲା। ଏଥିରେ ସମଗ୍ର ବ୍ରିଟିଶ ଶାସନ ସ୍ତବ୍ଧ ହୋଇଯାଇଥିଲା। ୧୯୪୨ ମସିହାର ଏହି ଆନ୍ଦୋଳନ ୧୮୫୭ ପରେ ଦେଶର ସ୍ୱାଧୀନତା ପାଇଁ ହୋଇଥିବା ବଡ଼ ଆନ୍ଦୋଳନ ସାବ୍ୟସ୍ତ ହୋଇଥିଲା। ଭାରତଛାଡ଼ ଆନ୍ଦୋଳନର ପ୍ରଭାବ ଦେଶବାସୀଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ଏହି ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ 'କର ବା ମର' ସ୍ଲୋଗାନ ଦେଇଥିଲେ। ଏହି ସ୍ଲୋଗାନ ଲୋକଙ୍କୁ ଏପରି ପ୍ରଭାବିତ କଲା ଯେ, ଇଂରେଜମାନଙ୍କୁ ପରବର୍ତ୍ତୀ ସମୟରେ ଭାରତ ଛାଡିବାକୁ ପଡିଲା। ତେବେ ଆନ୍ଦୋଳନ ଆରମ୍ଭ କରି ଗାନ୍ଧିଜୀ କହିଥିଲେ, ଇଂରେଜମାନେ ଏବେ ତୁରନ୍ତ ଭାରତ ଛାଡିଯିବା ଉଚିତ। ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହେବାର ପରଦିନ ଅର୍ଥାତ୍ ଅଗଷ୍ଟ ୯ରେ ବ୍ରିଟିଶ ସରକାର ବହୁ ସଂଗ୍ରାମୀଙ୍କୁ ଗିରଫ କରିଥିଲେ। ଏଥିରେ ଗାନ୍ଧିଜୀ ମଧ୍ୟ ସାମିଲ ଥିଲେ। ଏହି ସମୟ ମଧ୍ୟରେ ଅନେକ ଲୋକ ପ୍ରାଣ ହରାଇଥିଲେ। ପ୍ରତିବର୍ଷ ଏହି ଦିନରେ ଭାରତ ଛାଡ଼ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ।

## ୪୩ ମିଟର ଉପରୁ ଖସି ଶିଶୁ ଅକ୍ଷତ

**ପ୍ୟାରିସ**

ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଔବେର୍ଭିଲିୟର୍ସଠାରେ ଥିବା ଏକ ଆପାର୍ଟମେଣ୍ଟର ୧୬ତମ ମହଲାର ଝରକାରୁ ଏଞ୍ଜୋ ନାମକ ଜଣେ ୪ ବର୍ଷୀୟ ଶିଶୁ ମଙ୍ଗଳବାର ଖସିଯିବା ପରେ ମଧ୍ୟ ଜୀବିତ ରହିଛନ୍ତି। ୪୩ ମିଟର ଉଚ୍ଚତାରୁ ଖସିପଡ଼ିଥିଲେ ମଧ୍ୟ ତାଙ୍କର କୌଣସି ଗମ୍ଭିର କ୍ଷତ ହୋଇ ନାହିଁ। ଏହାଦେଖି ଏଞ୍ଜୋଙ୍କ ପରିବାର ବର୍ଗ ଓ ସ୍ଥାନୀୟ ବାସିନ୍ଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଞ୍ଜୋଙ୍କୁ ଜୀବିତ ଥିବା ସହ ଚାଲୁଥିବାର ଦେଖି ସେମାନେ ଖୁସିରେ ବିଭୋର ହୋଇ ଉଠିଥିଲେ। ତେବେ ଏତେ ଉଚ୍ଚରୁ ପଡ଼ି ଯାଇଥିଲେ ମଧ୍ୟ ଏଞ୍ଜୋଙ୍କ ଶରୀରରେ କୌଣସି ମଧ୍ୟ କ୍ଷତ କିମ୍ବା ରକ୍ତସ୍ରାବ ହୋଇନଥିଲା। କେବଳ ତାଙ୍କ ଗୋଡ଼ ସାମାନ୍ୟ ଭାବେ ମୋଡ଼ି ହୋଇ ଯାଇଥିଲା।

## 'ବିଗ୍‌ବସ୍ ଓଟିଟି-୩' ସେଟ୍‌କୁ ମିସ୍ କରୁଛନ୍ତି ସନା



**ମୁମ୍ବାଇ:** 'ବିଗ୍‌ବସ୍ ଓଟିଟି-୩' ଜିତିବା ପରେ ଅଭିନେତ୍ରୀ ସନା ମକ୍‌ବୁଲ୍ ଲଗାତର ଭାବେ ଚର୍ଚ୍ଚାରେ ରହି ଆସୁଛନ୍ତି। ଏବେ ସେ ତାଙ୍କର ଏକ ସାକ୍ଷାତ୍‌କାର ଯୋଗୁ ଆଲୋଚନା ପରିସରକୁ ଆସିଛନ୍ତି। 'ବିଗ୍‌ବସ୍ ଓଟିଟି-୩' ଜିତିବା ପରେ ତାଙ୍କୁ ରାତିରେ ନିଦ ହେଉ ନଥିବା ନେଇ ସନା ଏହି ସାକ୍ଷାତ୍‌କାରରେ କହିଛନ୍ତି। ଉକ୍ତ ସେଟ୍‌ରେ ଘଟିଥିବା ବିଭିନ୍ନ ଘଟଣାକ୍ରମ ଓ ଅନ୍ୟ ପ୍ରତିଯୋଗୀମାନଙ୍କ ସହ ତାଙ୍କର ରହିଥିବା ସମ୍ପର୍କ ବାରମ୍ବାର ମନେ ପଡ଼ିଯାଉଥିବା ସନା କହିଛନ୍ତି। ତାଙ୍କୁ କିଏ କ'ଣ କହିଥିଲେ ଏବଂ କିଏ କିପରି ବ୍ୟବହାର କରିଥିଲେ ତାହା ମଧ୍ୟ ବାରମ୍ବାର ମନେପଡୁଛି। ଏହି ଶୋ'ରେ ସେ ନିଜ ସାଥୀ ପ୍ରତିଯୋଗୀମାନଙ୍କୁ ବହୁତ ମିସ୍ କରୁଥିବା ନେଇ ସନା ଉକ୍ତ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି।

ତେବେ ସେ ନିଜ ଅଭିଭାବକଙ୍କ ଉପଦେଶ ଅନୁଯାୟୀ କିଛି ଦିନ ପାଇଁ ବିଶ୍ରାମ ନେବାକୁ ପ୍ରୟାସ କରୁଛନ୍ତି। ଏହାସହ ସେ ବିଗ୍‌ବସ୍ ଘର ମଧ୍ୟରେ ଯାହା କିଛି ଘଟିଲା ଉକ୍ତ କ୍ଲିପ୍‌ଗୁଡିକୁ ସୋସିଆଲ ମିଡ଼ିଆରେ ବାରମ୍ବାର ଦେଖୁଥିବା ସନା କହିଛନ୍ତି। ଏହାଦ୍ୱାରା ଅନ୍ୟମାନେ ତାଙ୍କ ବିଷୟରେ କ'ଣ ଧାରଣା ରଖିଛନ୍ତି, ତାହା ସେ ଜାଣିବାକୁ ଚେଷ୍ଟା କରିଛନ୍ତି ବୋଲି ସନା କହିଛନ୍ତି।




# ‘ଖାଦ୍ୟ ନଷ୍ଟ କମିଲେ ବିଶ୍ୱ କ୍ଷୁଧାମୁକ୍ତ ହୋଇପାରିବ’


ଚେନ୍ନାଇଠାରେ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ଜଳବାୟୁ ପ୍ରତିରୋଧୀ କୃଷିକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇପାରିବେ। ଚାଷରେ ବିବିଧତା ବା ଏକକାଳୀନ ଏକରୁ ଅଧିକ ଫସଲ ଉତ୍ପାଦନ କରିବା ଦ୍ୱାରା ବିଶ୍ୱ କ୍ଷୁଧାମୁକ୍ତ ହୋଇପାରିବ। ପାରମ୍ପରିକ ଖାଦ୍ୟ ବ୍ୟବହାର ବଢ଼ାଇବା ଦ୍ୱାରା କ୍ଷୁଦ୍ର ଚାଷୀ, ବିଶେଷକରି ଆଦିବାସୀ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ମଧ୍ୟ ହୋଇପାରିବେ। ସେହିପରି ଖାଦ୍ୟ ନଷ୍ଟକୁ କମ୍ କରିବା ଦ୍ୱାରା ବିଶ୍ୱ ବହୁତ ଶୀଘ୍ର କ୍ଷୁଧାମୁକ୍ତ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏମ୍. ଏସ୍. ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ‘କ୍ଷୁଧାମୁକ୍ତ ବିଶ୍ୱ: ପ୍ରଫେସର ଏମ୍. ଏସ୍. ସ୍ୱାମୀନାଥନଙ୍କ ଦୃଷ୍ଟିରେ ଚିର ସବୁଜ କ୍ରାନ୍ତି’ ଶୀର୍ଷକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ବୁଧବାର ଚେନ୍ନାଇଠାରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିବା ସହ ଫାଉଣ୍ଡେଶନର ନୂଆ ଲୋଗୋ ଓ ପ୍ରଭାବୀ ରିପୋର୍ଟ ୨୦୨୩-୨୪ ଉନ୍ମୋଚନ କରିଥିଲେ। ନିତ୍ୟା ରାଓ ନାମକ ଜଣେ କୃଷକଙ୍କ ସହ ଏମ୍. ଏସ୍. ସ୍ୱାମୀନାଥନଙ୍କ ବାର୍ତ୍ତାଳାପକୁ ନେଇ ରଚିତ ପୁସ୍ତକକୁ ମଧ୍ୟ ସେ ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ଜଣେ କୃଷକର କୁପୋଷଣମୁକ୍ତ ଭାରତ ଅଭିଯାନ ଉପରେ ପର୍ଯ୍ୟବସିତ। ସମ୍ମିଳନୀରେ ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ସୌମ୍ୟା ସ୍ୱାମୀନାଥନ, ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ, ନାବାର୍ଡ ଚେୟାରମ୍ୟାନ କେ. ଭି. ଶାଜି, ତାମିଲନାଡୁର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଡ. ପି. ଟି. ଆର୍. ପଲାନିଭେଲ ରାଜନ, କର୍ନାଟକ ରାଜସ୍ୱ ମନ୍ତ୍ରୀ କ୍ରିଷ୍ଣା ଗୌଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ରାଜ୍ୟ ତଥା ଦେଶ ବିଦେଶରୁ ବହୁ ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଯୋଗଦେଇଥିବାବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କୃଷି ଓ ଜନଜାତିଙ୍କ ଦ୍ୱାରା ଜୈବିକ ପ୍ରଣାଳୀରେ ଉତ୍ପାଦିତ ଶସ୍ୟଜାତୀୟ ଖାଦ୍ୟପଦାର୍ଥ ଯଥା କୋରାପୁଟର ମାଣ୍ଡିଆ, ସୁଆଁ, ବାଜରା ପ୍ରଭୃତିର ପ୍ରଦର୍ଶନୀ କରାଯାଇଛି।

## ୧୨ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୭।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ଜନ ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ସୋମବାର କେଉଁ କାରଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ ସେକଥା ଅବଗତ କରାଯାଇନାହିଁ।

# ଜମି ବିକ୍ରିରେ ବେଆଇନ କାରବାର: ୨ ସବ୍ ରେଜିଷ୍ଟ୍ରାର ନିଲମ୍ବିତ

ଭୁବନେଶ୍ୱର,୭।୮ (ଅନିଲଦାସ)

ଜମି ବିକ୍ରିରେ ବେଆଇନ କାରବାର ପାଇଁ ରାଜ୍ୟ ସରକାର ୨ ଜଣ ସବ୍ ରେଜିଷ୍ଟ୍ରାରଙ୍କୁ ବୁଧବାର ଚାକିରିରୁ ନିଲମ୍ବିତ କରିଛନ୍ତି। ଜଗତପୁରରେ କାର୍ଯ୍ୟରତ ସବ୍ ରେଜିଷ୍ଟ୍ରାର୍ ଆର୍ଯ୍ୟଦୀପ୍ତ ଅରଣ୍ୟକ ସାମନ୍ତରାୟଙ୍କୁ ଜମି ବିକ୍ରିରେ ବେଆଇନ କାରବାର ପାଇଁ ଚାକିରିରୁ ନିଲମ୍ବିତ କରାଯାଇଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ସେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ। ଏଥିସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇ ପାରିବେ ନାହିଁ। ସେହିପରି ସବ୍ ରେଜିଷ୍ଟ୍ରାର୍ ଦାୟିତ୍ୱରେ ଥିବା ପିପିଲିର ଅତିରିକ୍ତ ତହସିଲଦାର ନବକିଶୋର ପାତ୍ର ଜମିଜମା ରେଜିଷ୍ଟ୍ରେଶନ୍‌ରେ ଅନିୟମିତତା କରିଥିବା ଅଭିଯୋଗରେ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ନ ହଟିବା ପର୍ଯ୍ୟନ୍ତ ପାତ୍ର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥାନ ଦେବେ। ଏଥିସହ ବିନା ଅନୁମତିରେ କୌଣସି ପ୍ରକାର ଛୁଟି ନେଇପାରିବେ ନାହିଁ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିବନ୍ଧନ ସେବାର ସମୀକ୍ଷା ଅବସରରେ ସେବା ପ୍ରଦାନରେ ସ୍ୱଚ୍ଛତା ଓ ସମ୍ମାନର ସହ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟରେ ଖିଲାପ କରୁଥିବା ନିବନ୍ଧନ ବା ଉପ-ନିବନ୍ଧନ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଉକ୍ତ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ପ୍ରଥମ ଅର୍ଦ୍ଧବାର୍ଷିକ ଅଷ୍ଟମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାଫଳ ପ୍ରକାଶିତ

କଟକ,୭।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପ୍ରଥମ ଅର୍ଦ୍ଧବାର୍ଷିକ ଅଷ୍ଟମ ଶ୍ରେଣୀ ଓଡ଼ିଆ ଭାଷା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୮୯.୨୩% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡର ୱେବ୍‌ସାଇଟ୍ (www.bseodisha.ac.in)ରେ ଲଗ୍ ଇନ୍ କରି ନିଜ ରୋଲ ନମ୍ବର କିମ୍ବା ନାମ ଜରିଆରେ ପରୀକ୍ଷାଫଳ ଜାଣିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍‌ରେ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। ସେହିପରି ହ୍ୱାଟ୍ସଆପ୍ ନଂ ୮୦୫୮୯୧୧୯୧୧କୁ (HI) ମେସେଜ୍ କରିବା ପରେ ଆସୁଥିବା ନିର୍ଦ୍ଦେଶାବଳୀ ଅନୁସାରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିହେବ। ଏହି ପରୀକ୍ଷା ନିମନ୍ତେ ୧୭୯୮ ଜଣ ଫର୍ମ ପୂରଣ କରିଥିଲେ। ଗତ ଜୁନ୍ ୧୧ରେ ରାଜ୍ୟର ୯ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ୧୬୦ ଜଣ ଅନୁପସ୍ଥିତ ଥିବାବେଳେ ୧୫୦୯ କୃତକାର୍ଯ୍ୟ ହୋଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆମେରିକା କନ୍‌ସଲ ଜେନେରାଲ



ଭୁବନେଶ୍ୱର,୭।୮ (ଅନିଲ ଦାସ)

ହାଇଦ୍ରାବାଦଠାରେ ଅବସ୍ଥାପିତ ଯୁକ୍ତରାଷ୍ଟ୍ର ଆମେରିକାର କନ୍‌ସଲ ଜେନେରାଲ ଜେନିଫର ଲାର୍ସନ ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବା ସହ ଶିଳ୍ପ, ଶିକ୍ଷା, ଅକ୍ଷୟ ଶକ୍ତି, ପର୍ଯ୍ୟଟନ ଓ ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ ଉଭୟ ଆମେରିକା ଏବଂ ଓଡ଼ିଶା ମଧ୍ୟରେ ଅଂଶୀଦାରକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ପର୍ଯ୍ୟାପ୍ତ ଭୂମି, ଜଳ ଓ ଶକ୍ତି ସହିତ ଦକ୍ଷ ମାନବ ସମ୍ବଳ ରହିଛି। ଆସନ୍ତା ୬ରୁ ୭ ମାସ ମଧ୍ୟରେ ଓଡ଼ିଶାରେ ଉତ୍କର୍ଷ ଉତ୍କଳ କନ୍‌କ୍ଲେଭ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଆମେରିକାର ଶିଳ୍ପସଂସ୍ଥା ଅଧିକରୁ ଅଧିକ ଅଂଶଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା କରିବା ସହିତ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆମେରିକାର ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଜେନିଫର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାରେ ଶିଳ୍ପାନୁକୂଳ ବାତାବରଣ ରହିଥିବା କହିଛନ୍ତି। ସେ ଓଡ଼ିଶାର ସଂସ୍କୃତିକୁ ପ୍ରଶଂସା କରିବା ସହ ଆମେରିକା ସମସ୍ତ ସମ୍ଭାବ୍ୟ କ୍ଷେତ୍ରରେ ସହଯୋଗ କରିବ ବୋଲି କହିଛନ୍ତି। ଏହି ଆଲୋଚନା ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଉପସ୍ଥିତ ଥିଲେ।

# ଡିଜିପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଏନ୍‌ଏଚ୍‌ଆର୍‌ସି

## ଖବରଦାତାଙ୍କୁ ନୟାଗଡ଼ ଏସ୍‌ପିଙ୍କ ଦୁର୍ବ୍ୟବହାର ଘଟଣା

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

ନୟାଗଡ଼ ଏସ୍‌ପି ରାହୁଲ ଜୈନ ‘ଧରିତ୍ରୀ’ ଖବରଦାତା ଲୋକନାଥ ମିଶ୍ରଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାର ୮ ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ଏହାର ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ଅଭିଯୋଗ ଆଧାରରେ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମ୍ପର୍କରେ ସୂଚନା ଦେବା ପାଇଁ ନୟାଗଡ଼ ଏସ୍‌ପି ଜୈନଙ୍କ ପକ୍ଷରୁ ଜୁଲାଇ ୬ ଅପରାହ୍ନ ୪ଟାରେ ଖବରଦାତାମାନଙ୍କୁ ଜିଲା ପୋଲିସ ଅଫିସକୁ ଡକାଯାଇଥିଲା। ହେଲେ ଏହି ଖବରଦାତା ସମ୍ମିଳନୀକୁ ଏସ୍‌ପି ଆସି ନ ଥିଲେ। ପରବର୍ତ୍ତୀ ସମୟରେ ୩୦ ମିନିଟ୍ ମଧ୍ୟରେ ଏସ୍‌ପି ପହଞ୍ଚିବେ ବୋଲି କହି ନ ଆସିବାରୁ ଖବରଦାତାମାନେ ଫେରିଥିଲେ। ଏନେଇ ଜୁଲାଇ ୭ରେ ‘ଧରିତ୍ରୀ’ରେ ‘ଖବରଦାତା ସମ୍ମିଳନୀ ଡାକିଲେ, ଆସିଲେ ନାହିଁ’ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଅନ୍ୟ ଏକ ଖବରକାଗଜରେ ମଧ୍ୟ ଏ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ପି ଜୈନ୍ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ଜୁଲାଇ ୭ ପୂର୍ବାହ୍ନରେ ଧରିତ୍ରୀ ଖବରଦାତା ଲୋକନାଥ ମିଶ୍ର ଏବଂ ଅନ୍ୟ ଏକ ଖବରକାଗଜର ଖବରଦାତାଙ୍କୁ ଏସ୍‌ପି ତାଙ୍କ କାର୍ଯ୍ୟାଳୟକୁ ଡକାଇ ଦୁର୍ବ୍ୟବହାର କରିବା ସହ ଭୁଲ୍ ମାଗିବାକୁ ବାଧ୍ୟ କରାଇଥିଲେ। ଏପରି କି ବସିବା ଏବଂ କଥା କହିବାର ସୁଯୋଗ ନ ଦେଇ ବାଡ଼େଇବି, ବାନ୍ଧିଦେବି ବୋଲି ଧମକ ଦେଇଥିଲେ। ପୋଲିସକୁ ଅଶ୍ଳୀଳ ଗାଳିଗୁଲଜ କରିଛ ଦର୍ଶାଇ କେସ୍ କରିବି ବୋଲି ମଧ୍ୟ ଏସ୍‌ପି ମିଥ୍ୟା କଥା କହି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିଲେ। ତେବେ ଏନେଇ ମାନବାଧିକାର କର୍ମୀ ଜୟନ୍ତ ଜୁଲାଇ ୧୦ରେ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତଙ୍କୁ କ୍ଷତିପୂରଣ ରାଶି ଯୋଗାଇଦେବାକୁ ସେ କମିଶନଙ୍କୁ ନିବେଦନ କରିଥିଲେ।

## ପ୍ରକାଶ ପାଇଲା ଓଡ଼ିଆ ଏକକ ବିଷୟ ପରୀକ୍ଷାଫଳ

କଟକ,୭।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପ୍ରଥମ ଓଡ଼ିଆ ଏକକ ବିଷୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ପାସ୍ ହାର ୯୧.୧୦% ରହିଛି। ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ରୋଲ୍ ନମ୍ବର କିମ୍ବା ନିଜ ନାମ ମାଧ୍ୟମରେ ୱେବ୍‌ସାଇଟ୍‌ରୁ ପରୀକ୍ଷାଫଳ ଜାଣିପାରିବେ। ଏହି ପରୀକ୍ଷା ପାଇଁ ୬,୪୬୨ ଜଣ ଫର୍ମ ପୂରଣ କରିଥିଲେ। ଗତ ଜୁନ୍ ୧୧ରେ ରାଜ୍ୟର ୨୮ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ଫର୍ମପୂରଣ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୩୨ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ମୋଟ୍ ୫,୮୮୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରାଯାଇପାରିବ। ସେହିପରି ହ୍ୱାଟ୍ସଆପ୍ ନଂ ୮୦୫୮୯୧୧୯୧୧କୁ (HI) ମେସେଜ୍ କରିବା ପରେ ଆସୁଥିବା ନିର୍ଦ୍ଦେଶାବଳୀ ଅନୁସାରେ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିହେବ ବୋଲି ବୋର୍ଡ ପକ୍ଷରୁ ପ୍ରଦତ୍ତ ସୂଚନାରେ କୁହାଯାଇଛି।

## ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷ ଲାଗି ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୨୮ହଜାର ଛାତ୍ରୀଛାତ୍ର ନାମ ଲେଖାଇଥିବା ସାମ୍ସ ପୋର୍ଟାଲ ତଥ୍ୟରୁ ଜଣାପଡ଼ିଛି। ତେବେ ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ମୋଟ୍ ୬୦,୫୧୬ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏଥିରେ ୩୦,୧୫୦ ଛାତ୍ରୀ ଓ ୩୦,୩୬୬ ଛାତ୍ର ରହିଛନ୍ତି। ଏମାନଙ୍କ ମଧ୍ୟରୁ କଳା ବିଭାଗରେ ୪୬,୦୮୮, ବାଣିଜ୍ୟରେ ୩,୦୧୦, ବିଜ୍ଞାନରେ ୧୦,୬୪୨, ସଂସ୍କୃତରେ ୩୩୬ ଓ ଧନ୍ଦାମୂଳକରେ ୪୪୦ଜଣ ଚୟନ ହୋଇଛନ୍ତି। ଏହି ପର୍ଯ୍ୟାୟ ନାମଲେଖା ୧୦ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ୧୨ରୁ ୧୪ ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକ୍ କରିପାରିବେ ଛାତ୍ରୀଛାତ୍ର। ୨୦ତାରିଖ ପୂର୍ବାହ୍ନ ୧୧ଟାରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୨୨ରୁ ୨୮ ତାରିଖ ଭିତରେ ନାମ ଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୩୪୧ ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୭,୯୯୩ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୩,୨୮,୩୫୪ ଛାତ୍ରୀଛାତ୍ର ନାମ ଲେଖାଇଥିଲେ ଓ ୨,୧୯,୬୩୯ଟି ସିଟ୍ ବଳକା ପଡ଼ିଥିଲା। ସେଥିରୁ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ପ୍ରାୟ ୨୮ ହଜାର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଅନ୍ୟପକ୍ଷରେ ନାମଲେଖା ଜାରି ରହିବା ସହ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି।

# ସରକାରୀ କର୍ମଚାରୀଙ୍କ ଉପରୁ ହଟିଲା ୫-ଟି ଚାର୍ଟର

ଭୁବନେଶ୍ୱର,୭।୮ (ଅନିଲ ଦାସ)

ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କ ଉପରୁ ‘୫-ଟି ଚାର୍ଟର ଓ ମୋ ସରକାର’କୁ ହଟାଇ ଦିଆଯାଇଛି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର, ସମସ୍ତ ରାଜସ୍ୱ ଡିଭିଜନାଲ ଆୟୁକ୍ତ ଓ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ଏବେ ଏହାର କୌଣସି ଆବଶ୍ୟକତା ନ ଥିବା ଦର୍ଶାଇ ହଟାଇ ଦେବାକୁ କୁହାଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ପରିପ୍ରେକ୍ଷୀରେ ‘୫-ଟି ଚାର୍ଟର’ ଏବଂ ‘ମୋ ସରକାର’ ମୂଲ୍ୟାଙ୍କନର କୌଣସି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନାହିଁ। ଉକ୍ତ ଉପାଦାନଗୁଡ଼ିକୁ ରାଜ୍ୟର ସମସ୍ତ ବର୍ଗର (କ, ଖ ଏବଂ ଗ) କର୍ମଚାରୀଙ୍କ ପାଇଁ ଏବେ ପ୍ରଚଳିତ ଥିବା ପିଏଆର୍/ସିସିଆର୍ ଫର୍ମାଟରୁ ପ୍ରତ୍ୟାହାର କରି ୨୦୧୯-୨୦ ପୂର୍ବରୁ ପ୍ରଚଳିତ ପିଏଆର୍/ସିସିଆର୍ ଫର୍ମାଟକୁ ୨୦୨୪-୨୫ ଠାରୁ ପୁନଶ୍ଚ ପ୍ରଚଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ୨୪ଘଣ୍ଟାରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)



ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ସମାନ୍ତରାଳ ଭାବେ ରହିଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ଉକ୍ତ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ଏହି ଲଘୁଚାପ ଯୋଗୁ ରାଜ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୁରୁବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର ଆଦି ୫ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ୭୦ ରୁ ୧୧୦ ମିମି ବର୍ଷା ହୋଇପାରେ। ଶୁକ୍ରବାର ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଏବଂ ଶନିବାର ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବର୍ଷା ହେବାକୁ ଥିବା ଜିଲାଗୁଡ଼ିକୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଏସ୍‌ଆର୍‌ସି ପକ୍ଷରୁ ଜିଲାପାଳଙ୍କୁ ଚିଠି ଲେଖାଯାଇଛି।

ଅନ୍ୟପକ୍ଷରେ ବୁଧବାର ମଧ୍ୟ ସାରା ରାଜ୍ୟରେ ବର୍ଷା ହୋଇଛି। ନବରଙ୍ଗପୁରରେ ସର୍ବାଧିକ ୪୫.୪ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ କୋରାପୁଟରେ ୧୮, ନୂଆପଡ଼ା ୧୨.୪, କଟକ ୧୧, ମାଲକାନଗିରି ୧୦.୮, ନୟାଗଡ଼ ୧୦, ରାୟଗଡ଼ା ୮.୨, ବୌଦ୍ଧ ୭ ଓ ବଲାଙ୍ଗୀରରେ ୭ମିମି ବର୍ଷା ହୋଇଛି। ଏହାଛଡ଼ା ସୋନପୁର, ବାଲେଶ୍ୱର, ଝାରସୁଗୁଡ଼ା, ଟିଟିଲାଗଡ଼, ହୀରାକୁଦ, ସୁନ୍ଦରଗଡ଼, ଅନୁଗୋଳ, ରାଉରକେଲା, ସମ୍ବଲପୁର, ଚାନ୍ଦବାଲିରେ ବି ବର୍ଷା ହୋଇଥିବା ସୂଚନା ଦିଆଯାଇଛି।



**ଆଜିର ମନ୍ତବ୍ୟ**

“ଦେଶରୁ ଅସମାନତା ଦୂର କରିବା ପାଇଁ ସମ୍ବିଧାନ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର। ସମ୍ବିଧାନ ସିଦ୍ଧାନ୍ତବାଦୀମାନେ ଗଣତନ୍ତ୍ରର ସ୍ଥିରତା ପାଇଁ ମଧ୍ୟ ଏହା ଉପରେ ଜୋର୍ ଦେଇଆସୁଛନ୍ତି। **–ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଭାରତର ପ୍ରଧାନ ବିଚାରପତି**

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଜୋନାଲ ଆଥ୍‌ଲେଟିକ୍ ଆଣ୍ଡ ଭଲିବଲ୍ ସେକ୍ସନ ଟ୍ରାଏଲ ୨୦୨୪, ସ୍ଥାନ: କିଟ୍ ଭଲିବଲ ଇନ୍‌ଡୋର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ମୁଭି ‘ଆଭା’ ସ୍କ୍ରିନିଂ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ‘ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା’, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- କଟକ କୁମ୍ଭାରସାହିଠାରୁ କାଠଗଡ଼ା ସାହି ଯାଏ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: କୁମ୍ଭାରସାହି, ସମୟ: ସକାଳ ୯ଟା।
- ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃଭବନ ପକ୍ଷରୁ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।

## ପୁରୀ

- ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବାଂଲାଦେଶରେ ଜଗନ୍ନାଥଙ୍କୁ ପୋଡ଼ିବାକୁ ନେଇ ବିରୋଧ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ପୁରୀ, ସମୟ: ସକାଳ ୮ଟା।
- ପ୍ରଭୁପାଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ, ସ୍ଥାନ: ପୌରସଦନ ଛକ, ପୁରୀ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକଙ୍କୁ ସହାୟତା ଉପକରଣ ଯୋଗାଇ ଦେବା ନେଇ ପରୀକ୍ଷଣ ଶିବିର, ସ୍ଥାନ: ସତ୍ୟବାଦୀ ବ୍ଲକ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଗୋସେବକ ଗୋବିନ୍ଦ ପ୍ରସାଦ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ବାଘଆଖଡ଼ା ମଠ, ପୁରୀ, ସମୟ: ସନ୍ଧ୍ୟା ୭ଟା।
- ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବିଭିନ୍ନ ଐତିହ୍ୟସ୍ଥଳ ପରିଦର୍ଶନ ଓ ସମୀକ୍ଷା, ସ୍ଥାନ: ବରୁଣେଇ, ଖୋର୍ଦ୍ଧାଗଡ଼ ଏବଂ ଅତ୍ରି, ସମୟ: ସକାଳ ୯ଟା ୩୦।
- ଖୋର୍ଦ୍ଧା ବିକାଶ ପରିଷଦ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଖୋର୍ଦ୍ଧାଗଡ଼, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ରକ୍ତଦାନ ଶିବିର, ସ୍ଥାନ: ଦୁର୍ଗା ମନ୍ଦିର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଜବରଦଖଲ ଉଚ୍ଛେଦ, ସ୍ଥାନ: ଭଦ୍ରକ ସହର, ସମୟ: ସକାଳ ୯ଟା।
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମା’ ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସକାଳ ୭ ଟା।
- ସିଦ୍ଧେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସକାଳ ୭ ଟା।
- ମହାବୀର ସେବା ସଂଗଠନର ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ମା’ ମଙ୍ଗଳା ମନ୍ଦିର ପରିସର, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ମିଡ଼ିଆ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ଭାଗବତ ପାଠ ଏବଂ ପୂଜା, ସ୍ଥାନ: ସରଳା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ମହାଦେବଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ସୋସୋ, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା ୩୦।

## ମୟୂରଭଞ୍ଜ

- ରରୁଆଁ ଓ ଶୁକ୍ରୁଳି ବ୍ଲକ ଉନ୍ନୟନ କମିଟିର ସମୀକ୍ଷା ବୈଠକ,ସ୍ଥାନ: ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯଶିପୁର, ସମୟ: ପୂର୍ବାହ୍ନ ୧୧ଟା।
- ରାଇରଙ୍ଗପୁର ଆଇଟିଡିଏର ସମୀକ୍ଷା ବୈଠକ, ସ୍ଥାନ: ଜଙ୍ଗଲ,ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯଶିପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଫାଇଲେରିଆ ନିରାକରଣ ଉପରେ ଖବରଦାତା ସମ୍ମିଳନୀ, ସ୍ଥାନ: ଡିପିଏମୟୁ କନଫରେନ୍ସ ହଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ଶାଖା କର୍ମଶାଳା, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ରାଜ୍ୟ ଭାରୋତ୍ତୋଳନ ଚମ୍ପିୟାନଶିପ ନିମନ୍ତେ ଖବରଦାତା ସମ୍ମିଳନୀ,ସ୍ଥାନ: ମହାତ୍ମା ଗାନ୍ଧୀ ଷ୍ଟାଡିୟମ,ସମୟ: ଅପରାହ୍ନ ୪ଟା।
- ଗ୍ରାମୀଣ ନାଟ୍ୟ ଦିବସ ପାଳନ, ସ୍ଥାନ: ପ୍ରକାଶମ ହଲ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ଚିତ୍ରାଙ୍କନ ପ୍ରତିଯୋଗିତା,ସ୍ଥାନ: ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଉପରେ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ରାଇକିଆ ବ୍ଲକ କ୍ଷେତ୍ର ପରିଦର୍ଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ସ୍ୱାଧୀନତା ଦିବସ ଅବସରରେ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା,ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଜିଲା ମଙ୍ଗଳ ବିଭାଗର ବିଭିନ୍ନ ଯୋଜନା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ କୋରାପୁଟ, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଆଭିମୁଖ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ବିଧାନ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ସାମୂହିକ ପୂଜାର୍ଚ୍ଚନା, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସକାଳ : ୭ଟା ୩୦।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ ଅର୍ନ୍ତଗତ ଦେଓଗାଁ, ସମୟ : ସକାଳ ୮ଟା। ସ୍ଥାନ : ପଡିଆବାହାଲ ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ, ବଦୁଆପାଲି ଗ୍ରାମ, ସମୟ : ସକାଳ ୯ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ : ଯୁଜୁମୁରା ବ୍ଲକ ଅର୍ନ୍ତଗତ ପଡିଆବାହାଲ ଗ୍ରାମ, ସମୟ : ସକାଳ ୮ଟା ୩୦। ସ୍ଥାନ : ଯୁଜୁମୁରା କଲ୍ୟାଣ ମଣ୍ଡପ, ରେଢ଼ାଖୋଲ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ : ସକାଳ ୯ଟା ୩୦।
- ବିଜେଡି ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ : ଧନକଉଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧମା ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର , ସମୟ : ସକାଳ ୯ଟା ୩୦ ।
- ଇନ୍‌ଟାକ ସମ୍ବଲପୁର ଶାଖା ପକ୍ଷରୁ ଲୋକନାଥ ପଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସାମୂହିକ ପ୍ରସାଦ ସେବନ, ସ୍ଥାନ: ହାତୀବାରିସ୍ଥିତ ଆଇଜାକ ସାନ୍ତ୍ରା ବାଳନିକେତନ, ସମୟ : ଅପରାହ୍ନ ୧ଟା ୩୦।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ– ମ୍ୟାଚ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବନାମ ଭାଗବତ ମନ୍ଦିର ସଂଘ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା ୪୫।
- ବିଜେଡି ପକ୍ଷରୁ ସାମୂହିକ ପୂଜାର୍ଚ୍ଚନା ଓ ଆଳତୀ, ସ୍ଥାନ : ରେଢ଼ାଖୋଲ ଜଗନ୍ନାଥ ମନ୍ଦିର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ହିନ୍ଦୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ରାମଗୋପାଲ ହିନ୍ଦୀ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ଏକ୍ସପ୍ରୋ ପ୍ରଦର୍ଶନୀ ମେଳା ଉଦଘାଟନୀ ସମାରୋହ,ସ୍ଥାନ: ସେକ୍ଟର–୧୩ ମେଳଣ ପଡିଆ,ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ଆମ ସୁନ୍ଦରଗଡ଼, ସ୍ୱଚ୍ଛ ସୁନ୍ଦରଗଡ଼ ଅଭିଯାନରେ କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟାନ୍ୱୟନ ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ୟୁନିଟକୁ ପରିଦର୍ଶନ କରିବେ ଝାଡ଼ଖଣ୍ଡ ରାଜ୍ୟର ଟିମ୍, ସ୍ଥାନ: କୁଆଁରମୁଣ୍ଡା ବ୍ଲକର କଟାରୁ ଓ ଡୁମେରଜୋର ଗ୍ରାମପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ, ଝାରବନ୍ଧ, ସମୟ: ଅପରାହ୍ନ ୨ଟା ୩୦।
- ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁକ୍ତା, ଅମ୍ବାଭୋନା, ସମୟ: ଅପରାହ୍ନ ୩ଟା ୩୦।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡ଼ିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଧର୍ମଗଡ଼ ଏସ୍‌ଡ଼ିଓ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ଜିଲାରେ କୌଶଳ ରଥର ଶୁଭାରମ୍ଭ, ସ୍ଥାନ: ଜୁନାଗଡ଼ ପିଆଇ କଲେଜ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ନୂଆଁପାଲି ଗ୍ରାମରେ ଭାଗବତ ପାରାୟଣ, ସ୍ଥାନ: ନୂଆଁପାଲି ଭାଗବତ ଟୁଙ୍ଗି, କଣ୍ଟାମାଳ, ସମୟ : ସନ୍ଧ୍ୟା ୭ଟା।
- ବାଲେଙ୍ଗେଯୋର ଗ୍ରାମରେ ଭାଗବତ ପାରାୟଣ, ସ୍ଥାନ: ବାଲେଙ୍ଗେଯୋର ଗ୍ରାମ୍ୟମଣ୍ଡପ , କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା’କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ନଗର ସଙ୍କୀର୍ତ୍ତନ, ସ୍ଥାନ:ସୁବଳୟା, ସମୟ: ପ୍ରାତଃ ୫ଟା୩୦ ।
- ଭାଗବତ ଟୁଙ୍ଗିରେ ଭାଗବତ କଥା, ସ୍ଥାନ: ଶୃଙ୍ଗଦହ, ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ସମ୍ପର୍କରେ କର୍ମଶାଳା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସଙ୍ଗିତ ଅନୁଷ୍ଠାନ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ୧୫ ତମ ରାଜା ଅନୁପ ସିଂହଦେଓ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଖଡିଆଳ ବ୍ଲକ ରାଜାଏଟି ଖେଳପଡିଆ, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବାବୁପଡ଼ା ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ଗାଏତ୍ରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଚକ୍ରବ୍ୟୁହ କଳା ପରିଷଦ ପକ୍ଷରୁ ବୋଲବମ୍ ଉପରେ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କି ଶିବ ମନ୍ଦିର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଡୁଣପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା
- ଲୋକାୟୁକ୍ତ ଅନୁସନ୍ଧାନ ଟିମ୍‌ର ତନଖର ୩ୟ ଦିବସ, ସ୍ଥାନ: ଗରଦପୁର ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଧାୟକଙ୍କ ଅଭିଯୋଗ ଶୁଣାଣି ସଭା, ସ୍ଥାନ : ରସୁଲପୁର ବ୍ଲକ ସିଂହାପୁର ସ୍କୁଲ ପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର,ସ୍ଥାନ : ଦଶରଥପୁର ବ୍ଲକ ବିରୁହାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ ସପ୍ତାହ ପାଳନ,ସ୍ଥାନ : ଯାଜପୁର ଜିଲା ଟ୍ରେନିଂ ୟୁନିଟ,ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ଶ୍ରବଣ ଯନ୍ତ୍ର ବିତରଣୀ ମେଳାର ୨ୟ ଦିବସ , ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବନ୍ଧୁଙ୍କ ପ୍ରେରଣା ଲାଭକରି ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ବିବାଦୀୟ ପରିବେଶରେ ମଧ୍ୟସ୍ଥତାପୂର୍ବକ ପ୍ରିୟକଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହେବ। ଆର୍ଥିକ ଅଭିବୃଦ୍ଧିଜନିତ କୌଣସି ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି।

**ବୃଷ** – କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପାଇବା ସହ ଅନ୍ୟମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ତଥା କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଭାଇଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ନିର୍ମାଣ, ବାଣିଜ୍ୟ, ସାମ୍ବାଦିକତା,ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତିର ଆଶାରହିଛି।

**ମିଥୁନ** – କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିଲେ ମଧ୍ୟ ନୂତନ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ନିଜ ପରିସରରେ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଜମିଜମା କାରବାର, କଳକାରଖାନା କାମରେ ଲାଭବାନ୍ ହେବେ।

**କର୍କଟ** – ପାରିବାରିକ ସମସ୍ୟା ସମାଧାନରେ ଅତିପ୍ରିୟ ବନ୍ଧୁଙ୍କ ପରାମର୍ଶରୁ ମାନସିକ ସାନ୍ତ୍ୱନା ମିଳିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ସଭାସମିତିରେ ଆଜିର ଆଲୋଚନା ଫଳପ୍ରଦ ହେବାର କ୍ଷୀଣ ଆଶା ରହିଛି।

**ସିଂହ** – ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। କଠିନଶ୍ରମ ଓ ବିଶ୍ରାମର ଅଭାବ ଜନିତ ପୁରାତନ ରୋଗର ପୀଡ଼ା ବୃଦ୍ଧି ଘଟିପାରେ। ଆଖିରେ ନଦେଖି କେବଳ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ।

**କନ୍ୟା** – ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ପରିବାରର ଆବଶ୍ୟକତାନୁଯାୟୀ ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** – ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ପ୍ରରୋଚନାରେ ପଡି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଭିନ୍ନ କ୍ଷେତ୍ରରୁ ନିଜଲୋକମାନଙ୍କ ବିରୋଧରେ ଅଭିଯୋଗ ଆସିପାରେ। ଭାବୁଥିବା ବିଷୟଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ବିଛା** – ପ୍ରତ୍ୟେକ ପରିସ୍ଥିତିରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିବାର ସୂଚନା ରହିଛି। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ଧନୁ** – ସତର୍କତା କିମ୍ବା ଅନ୍ୟମନସ୍କତା କାରଣରୁ ଧନ ହାନି ଘଟି ପାରେ। ନିକଟତମ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ଅନୁଭବ କରିବେ। ଅଫିସିଆଲି କାମ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାର ସୂଚନା ରହିଛି। ବହୁତ ଦିନରୁ ଅଟକି ରହିଯାଇଥିବା କାମ ହାସଲ କରିବାରେ ସମର୍ଥ ହେବେ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରେସ୍, ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** – ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା କାରଣରୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ଈର୍ଷାପରାୟଣତା ମନୋଭାବ ହେତୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ଆଶଙ୍କା ରହିଛି। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** – ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବାରେ ସଫଳ ହେବେ। ପ୍ରତିଯୋଗିତା, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସାହାଯ୍ୟ ଫଳରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଅସ୍ଥିରତା ପ୍ରକାଶ ନ କରି ଧୈର୍ଯ୍ୟର ସହ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ।

ଆଜି ଅଗଷ୍ଟ ୮ ତାରିଖ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ଗୁରୁବାର, ରାଶିନକ୍ଷତ୍ର–ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୮ମି. ଗତେ ଘ.୦୭।୧୦ମି. ମଧ୍ୟେ, ଘ.୧୦।୩୫ମି. ଗତେ ଘ.୦୧।୦୮ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୮ମି. ଗତେ ଘ.୦୩।୦୩ମି. ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...



ଭିନେଶ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ପରେ ତାଙ୍କୁ ନ୍ୟାୟ ଦେବା ଦାବିରେ ବିରୋଧୀ ଦଳ ଏମ୍‌ପିମାନେ ବୁଧବାର ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ତ୍ୟାଗ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ସାଂଘାତିକ ଷଡ଼ଯନ୍ତ୍ର...

ବଞ୍ଚିତ ହୋଇଛନ୍ତି। ୫୦ କେ.ଜି. ବର୍ଗ ପାଇଁ ଉଦ୍ଦିଷ୍ଟ ଓଜନରୁ ମାତ୍ର ୧୦୦ ଗ୍ରାମ ଅଧିକ ହେବାରୁ ଭିନେଶଙ୍କୁ ଚତୁଃବାର୍ଷିକ କ୍ରୀଡ଼ା ମହାକୁମ୍ଭ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଛି। ଭିନେଶ ହେଉଛନ୍ତି ସେହି କୁସ୍ତିଯୋଦ୍ଧାଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ ଗତବର୍ଷ ତତ୍କାଳୀନ ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ତଥା ଭାଜପା ନେତା ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ମାସାଧିକ କାଳ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୁସ୍ତିଯୋଦ୍ଧାମାନଙ୍କୁ ଏନେଇ ଅଦ୍ୟାବଧି ନ୍ୟାୟ ମିଳିନାହିଁ। ଏଭଳି ସ୍ଥଳେ ଭିନେଶ ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ପରେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବିରୋଧୀଙ୍କୁ ସୁଯୋଗ ମିଳିଛି। କଂଗ୍ରେସ ଏମ୍‌ପି ରଣଦୀପ ସୁର୍ଯ୍ୟେୱାଲା କହିଛନ୍ତି, ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପଛରେ ଏକ ସାଂଘାତିକ ଷଡ଼ଯନ୍ତ୍ର ରହିଛି। ତାଙ୍କୁ ହଠାତ୍ ଅଯୋଗ୍ୟ ଘୋଷଣା କରାଯିବା ନେଇ ୧୪୦ କୋଟି ଭାରତୀୟ ମର୍ମାହତ। ଏହା ଭାରତୀୟ କ୍ରୀଡ଼ା ପାଇଁ ଏକ କଳାଦିବସ। ମୋଦି ସରକାର ଭାରତୀୟ କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଆମେ ଭୁଲିଯିବା ଅନୁଚିତ ଯେ, ଭିନେଶ ୨୦୨୩ରେ ନ୍ୟାୟ ନ ପାଇବାରୁ ଦିଲ୍ଲୀର ଯନ୍ତରମନ୍ତରରେ ମୋଦି ସରକାରଙ୍କ ବିରୋଧରେ ୧୪୦ ଦିନ ଧରି ବିକ୍ଷୋଭ କରିଥିଲେ। ଏପରି କି ଭାଜପା ସରକାରଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ନୂଆ ସଂସଦ ଭବନର ଉଦ୍‌ଘାଟନ ବେଳେ ପାର୍ଲାମେଣ୍ଟ ସମ୍ମୁଖରୁ ତାଙ୍କୁ ଘୋଷାରି ନେଇଥିଲା। ଭାଜପା ଶେଷରେ ବ୍ରିଜ୍‌ଭୂଷଣଙ୍କୁ ମହାସଂଘରୁ ବାହାରିଯିବାକୁ କହିଥିଲା। ନିର୍ବାଚନ ବେଳେ ବ୍ରିଜ୍‌ଭୂଷଣଙ୍କୁ ଟିକେଟ ନ ଦେଇ ତାଙ୍କ ପୁଅଙ୍କୁ ଲଢ଼ିବା ପାଇଁ ସୁଯୋଗ ଦେଇଥିଲା। ଭିନେଶଙ୍କ ଓଜନ ବୃଦ୍ଧି ଭାରତକୁ ସ୍ୱର୍ଣ୍ଣ ପଦକ ଆଣିବାକୁ ନ ଦେବା ପାଇଁ ଏକ ଷଡ଼ଯନ୍ତ୍ରର ଅଂଶ। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଏକ୍ସ’ରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟକରି ଲେଖିଛନ୍ତି, ଭିନେଶ ମଙ୍ଗଳବାର ସେମିଫାଇନାଲ ଜିତିବା ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇ ନ ଥିଲେ। କିନ୍ତୁ ସେ ବୁଧବାର ଅଯୋଗ୍ୟ ଘୋଷିତ ହେବା ପରେ ମୋଦି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷେ ପାର୍ଲାମେଣ୍ଟରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏହି ବିବାଦ ଉପରେ ବିବୃତି ରଖିଛନ୍ତି। ମାଣ୍ଡବ୍ୟ କହିଛନ୍ତି, ଭିନେଶଙ୍କ ଓଜନ ୫୦ କେ.ଜି. ୧୦୦ ଗ୍ରାମ ହୋଇଥିବା ଜଣାପଡ଼ିବାରୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଆଇଓଏ ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)ରେ ପ୍ରତିବାଦ ଜଣାଇସାରିଛି। ପ୍ୟାରିସ୍‌ରେ ଥିବା ଆଇଓଏ ପ୍ରେସିଡେଣ୍ଟ ପି.ଟି. ଉଷାଙ୍କ ସହ ପ୍ରଧାନମନ୍ତ୍ରୀ ଫୋନ୍‌ରେ କଥା ହୋଇ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିନେଶଙ୍କୁ ସରକାର ବ୍ୟକ୍ତିଗତ ଷ୍ଟାଫ୍ ସହ ସବୁ ପ୍ରକାର ସୁବିଧା ଯୋଗାଇ ଦେଇଥିବା ମାଣ୍ଡବ୍ୟ ଲୋକ ସଭାକୁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଭିନେଶଙ୍କୁ ପ୍ରଶଂସା କରିଥିବାବେଳେ ଏଥିରେ ଅସନ୍ତୁଷ୍ଟ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଲୋକ ସଭାରେ କକ୍ଷତ୍ୟାଗ କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଭିନେଶଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଦୁର୍ଭାଗ୍ୟଜନକ। ଏହି ନିଷ୍ପତ୍ତିକୁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ ଦୃଢ଼ ଭାବେ ଚ୍ୟାଲେଞ୍ଜ କରିବ ବୋଲି ଆଶା। ଭିନେଶ ଆହୁରି ଶକ୍ତ ହୋଇ ରେସ୍‌ଲିଂକୁ ଫେରିବେ। ଦେଶର ଝିଅଙ୍କୁ ନ୍ୟାୟ ମିଳୁ। କିଛି ମାସ ପରେ ଭିନେଶଙ୍କ ରାଜ୍ୟ ହରିୟାଣାରେ ବିଧାନସଭା ନିର୍ବାଚନ ହେବ। ତେଣୁ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଶାସକ ଭାଜପାକୁ ଟାର୍ଗେଟ କରିବା ପାଇଁ ଆଗକୁ ମଧ୍ୟ ଏହାକୁ ପ୍ରସଙ୍ଗ କରିପାରନ୍ତି।

### ୧୦୦ ଗ୍ରାମ୍ ...

ଚାମ୍ପିୟନ। ତୁମେ ଭାରତର ଗର୍ବ ଏବଂ ପ୍ରତି ଭାରତୀୟଙ୍କର ପ୍ରେରଣା। ଆଜିର ଘଟଣା ଦୁଃଖ ଦେଇଛି। ତେବେ ତୁମେ ଏ ସବୁକୁ ଚ୍ୟାଲେଞ୍ଜର ସହ ନେଇ ଭବିଷ୍ୟତରେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିବ’’ ବୋଲି ମୋଦି ‘ଏକ୍ସ’ରେ ପୋଷ୍ଟ କରିଛନ୍ତି। ପ୍ୟାରିସରେ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ପି.ଟି. ଉଷା ମଧ୍ୟ ନିଜର ମତ ରଖିଛନ୍ତି। ‘‘ମୁଁ ଭିନେଶଙ୍କୁ ଅଲିମ୍ପିକ୍ ଭିଲେଜ ପଲିକ୍ଲିନିକ୍‌ରେ ସାକ୍ଷାତକରି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଓ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବାକୁ ଆଶ୍ୱାସନା ଦେଇଛି। ଆମେ ଭିନେଶଙ୍କୁ ଡାକ୍ତରୀ ଏବଂ ଭାବାବେଗ ସହ ଜଡ଼ିତ ସମସ୍ତ ପ୍ରକାର ସମର୍ଥନ କରିବୁ’’ବୋଲି ଉଷା ପ୍ରକାଶ କରିଛନ୍ତି। ନିଷ୍ପତ୍ତିର ପୁନର୍ବିଚାର ପାଇଁ ଭାରତୀୟ ରେସଲିଂ ଫେଡେରେଶନ ପକ୍ଷରୁ ମଧ୍ୟ ୟୁନାଇଟେଡ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ)କୁ ଆବେଦନ କରାଯାଇଛି। ଯଥାସମ୍ଭବ ଆଇଓଏ ମଧ୍ୟ ଦୃଢ଼ତାର ସହ ଏହାକୁ ବିରୋଧ କରିବ ବୋଲି ସେ କହିଛନ୍ତି। ପରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ଆବେଦନକୁ ଖାରଜ କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଭିନେଶଙ୍କୁ ଅଯୋଗ୍ୟ ଘୋଷିତ କରାଯିବା ପରେ ତାଙ୍କଠାରୁ ସେମିଫାଇନାଲରେ ହାରିଥିବା କ୍ୟୁବା ରେସଲର ୟୁସ୍ନେଲିସ ଗୁଜମାନ ଲୋପେଜଙ୍କୁ ଫାଇନାଲ ପାଇଁ ରିପ୍ଲେସ କରାଯାଇଛି।

ଅନ୍ତର୍ଜାତୀୟ ନିୟମ ଅନୁସାରେ କୌଣସି ରେସଲର ଯଦି ଓଜନ ସମୟରେ ଅଧିକ ଥିବା ପ୍ରମାଣିତ ହୁଏ ତେବେ ତାଙ୍କୁ ଓଭରଅଲ୍ ଷ୍ଟାଣ୍ଡିଂର ନିମ୍ନ ସ୍ଥାନରେ ରଖାଯାଏ। ଡିଫେଣ୍ଡିଂ ଅଲିମ୍ପିକ୍ ଚାମ୍ପିୟନ ଜାପାନର ୟୁଇ ସୁସାକିଙ୍କୁ ହରାଇଥିବା ଭିନେଶ ଫାଇନାଲରେ ଆମେରିକାର ସାରା ଆନ୍ ହିଲ୍‌ଡେବ୍ରାଣ୍ଟଙ୍କୁ ଭେଟିବାର ଥିଲା। ମାତ୍ର ଅଯୋଗ୍ୟ ଘୋଷିତ ହେବାରୁ ତାଙ୍କଠାରୁ ସେମିଫାଇନାଲରେ ହାରିଥିବା ରେସଲର ଫାଇନାଲରେ ଲଢ଼େଇ କରିବେ। ରିପିଚେଜ୍‌ରେ ଥିବା ୟୁଇ ସୁସାକି ଓ ଓକସାନା ଲିଭାଚ୍‌ଙ୍କ ଲଢ଼େଇ ବ୍ରୋଞ୍ଜ ପଦକ ମ୍ୟାଚ ହେବ। ଅର୍ଥାତ୍ ରେସ୍‌ଲିଂରେ ୨ଟି ବ୍ରୋଞ୍ଜ ପଦକ ପ୍ରଦାନର ନିୟମ ଥିବାବେଳେ ଏଥର କେବଳ ଗୋଟିଏରେ ସୀମିତ ରହିବ। ଓଜନ ଅଧିକ ପାଇଁ ଅଯୋଗ୍ୟ ଘୋଷିତ ହେବାରେ ଭିନେଶ ଏକମାତ୍ର ରେସଲର ନୁହନ୍ତି। ମଙ୍ଗଳବାର ଇଟାଲୀର ଇମାନୁଏଲା ଲିଉଜି ମଧ୍ୟ ସମାନ କାରଣ ପାଇଁ ପ୍ରିଲିମିନାରୀ ଲଢ଼େଇରୁ ଓହରିଥିଲେ।

ୟୁନାଇଟେଡ ୱାର୍ଲ୍ଡ ରେସଲିଂର ନିୟମ ଅନୁସାରେ ଲଢ଼େଇ ସମୟ ମଧ୍ୟରେ ରେସଲରଙ୍କ ଓଜନ ଏକାଧିକଥର ମପା ଯାଇଥାଏ । ଯଦି କୌଣସି ଆଥଲେଟ୍ ଏଥିରେ ଭାଗ ନ ନିଅନ୍ତି କିମ୍ବା ଓଜନରେ ବିଫଳ ହୁଅନ୍ତି ତେବେ ପ୍ରତିଯୋଗିତାରୁ ଏଲିମିନେଟ୍ ହୋଇ ଶେଷ ର୍‍ୟାଙ୍କ୍‌ରେ ରୁହନ୍ତି। ‘‘ପରିବାରରେ କାହାର ପରଲୋକ ହୋଇଗଲେ ଯେପରି ହୁଏ ଏବେ ସମସ୍ତେ ସେପରି ଅନୁଭବ କରୁଛନ୍ତି। ସମସ୍ତେ ବହୁତ ଦୁଃଖରେ ଅଛନ୍ତି’’ ବୋଲି ଭାରତୀୟ ଦଳର ମହିଳା କୋଚ୍ ବୀରେନ୍ଦର ଦହିୟା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଆମନ୍ତ୍ରଣୀୟ ରେସଲିଂ ଟୁର୍ନାମେଣ୍ଟଗୁଡ଼ିକରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ୨ କେଜି ପର୍ଯ୍ୟନ୍ତ କୋହଳ କରିଥାଏ। ମାତ୍ର ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏସିଆନ ଚାମ୍ପିୟନଶିପ୍ ପରି ବଡ଼ ପ୍ରତିଯୋଗିତା ଗୁଡ଼ିକରେ ଏହି କୋହଳ ବ୍ୟବସ୍ଥା ଲାଗୁ ହୋଇ ନ ଥାଏ।

### ସ୍କିପିଂ, ଜଗିଂ ଓ ସାଇକ୍ଲିଂ, ...

କ୍ୟାଲୋରୀଯୁକ୍ତ ଖାଦ୍ୟ ଦିଆଯାଇଥିଲା। ନ୍ୟୁଟ୍ରିସିଆନ ଏହାକୁ ୧.୫ କେଜି ମଧ୍ୟରେ ସୀମିତ ରଖିଥିଲେ। ପ୍ରତିଦ୍ୱନ୍ଦ୍ୱିତା ପରେ ଏପରି କରାଯିବା ଦ୍ୱାରା ବେଳେବେଳ ଓଜନ କମିବା ପରିବର୍ତ୍ତେ ବଢ଼ି ଯାଇଥାଏ। ଓଜନ କମାଇବା ପାଇଁ ଭିନେଶଙ୍କର ଚୁଟି ମଧ୍ୟ କଟାଯାଇଥିଲା। ମାତ୍ର ଏହାସତ୍ତ୍ୱେ ସେ ନିଜ ବର୍ଗରେ ଲଢ଼ିବା ପାଇଁ ଉପଯୁକ୍ତ ହୋଇ ନ ଥିଲେ। ରିପୋର୍ଟ ଅନୁସାରେ ମଙ୍ଗଳବାର ରାତିରେ ଭିନେଶଙ୍କ ଓଜନ ୨ କେଜି ଅଧିକ ଥିଲା। ରାତିସାରା ୱାର୍କଆଉଟ କରିବା ପରେ ୧.୮୫ କେଜି ହ୍ରାସ ହୋଇ ପାରିଥିଲା। ତେଣୁ ସକାଳେ ସ୍ୱର୍ଣ୍ଣ ପଦକ ଲଢ଼େଇ ପାଇଁ ଓଜନ ବେଳେ ସେ କେବଳ ୧୦୦ ଗ୍ରାମ୍ ଅଧିକ ରହିଥିଲେ। ଗତ ୨ଟି ୨୦୧୬ ଓ ୨୦୨୦ ଅଲିମ୍ପିକ୍ସରେ ଭିନେଶ ୫୩ କେଜି ବର୍ଗରେ ଲଢ଼ି ବିଫଳ ହୋଇଥିଲେ। ମାତ୍ର ଏଥର ଅପେକ୍ଷାକୃତ କମ୍ ଓଜନର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଲଢ଼ିବା ପାଇଁ ୩ କେଜି କମ୍ ଅର୍ଥାତ୍ ୫୦ କେଜିରେ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ।

# ୬ ବାର୍ ଡ୍ୟାନ୍ସରଙ୍କୁ ନିର୍ଯାତନା ଦେଇ ମାଲିକ, ଏଜେଣ୍ଟ ଗିରଫ

ଭୁବନେଶ୍ୱର,୭।୮
(ସତ୍ୟଜିତ୍ ରାଉତ)



ଶିବପ୍ରସାଦ ମହାନ୍ତି, ଜ୍ୟୋତିପ୍ରକାଶ ନାୟକ

ରାଜ୍ୟ ବାହାରୁ ୬ ବାର୍ ଡ୍ୟାନ୍ସରଙ୍କୁ ଭୁବନେଶ୍ୱର ଆଣିଲେ। ମିଛ ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ନଶା ବାର୍‌ରେ ବିଳମ୍ବିତ ରାତି ଯାଏ ଡ୍ୟାନ୍ସ କରିବାକୁ ବାଧ କଲେ। ଆଉ କାମ କରିବାକୁ ରାଜି ନ ହେବାରୁ ଆରମ୍ଭ ହୋଇଯାଇଥିଲା ଅକଥନୀୟ ନିର୍ଯାତନା। ଏପରିକି ଯୁବତୀମାନଙ୍କୁ ୩ଦିନ ଧରି ଅଟକ ରଖି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଅଭିଯୋଗ ପାଇ କମିଶନରେଟ୍ ପୋଲିସର ହାଇ ଏଫିସିଏନ୍‌ସି ରେସ୍‌ପନ୍ସ (ହର୍) ଟିମ୍ ଭୁବନେଶ୍ୱରର ମୃତ୍ୟୁଞ୍ଜୟ ବିହାରସ୍ଥିତ ଏକ ପିଜି ହଷ୍ଟେଲରୁ ଯୁବତୀମାନଙ୍କୁ ଉଦ୍ଧାର କରିଛି। ପୀଡ଼ିତାମାନଙ୍କ ଏତଲାକ୍ରମେ ଧଉଳି ଥାନା ପୋଲିସ ନଶା ବାର୍ ମାଲିକ ଶିବପ୍ରସାଦ ମହାନ୍ତି (୫୭) ଓ ଶିଶୁପାଳଗଡ଼ ଅଞ୍ଚଳର ଏଜେଣ୍ଟ ଜ୍ୟୋତିପ୍ରକାଶ ନାୟକ(୪୨)ଙ୍କୁ ଗିରଫ କରିଛି। ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଦଫା ୧୨୬(୨), ୧୧୫(୨), ୧୧୮(୨), ୧୦୯, ୩୦୩(୨), ୩(୫)ରେ ଏକ ମାମଲା (ନଂ.୪୩୯/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ବାର୍ ଡ୍ୟାନ୍ସରଙ୍କ ବୟସ ୨୨ରୁ ୨୪ ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନଙ୍କ ଘର ଦିଲ୍ଲୀ ଓ ପଞ୍ଜାବରେ। ବାର୍ ମାଲିକ ଶିବପ୍ରସାଦ କିଛି ବାର୍ ଡ୍ୟାନ୍ସରଙ୍କୁ ନିଯୁକ୍ତି ଦେବାକୁ ଏଜେଣ୍ଟ ଜ୍ୟୋତିପ୍ରକାଶଙ୍କୁ କହିଥିଲେ। ଜ୍ୟୋତିପ୍ରକାଶ ଯୁବତୀମାନଙ୍କୁ ଭୁବନେଶ୍ୱର ଆଣିଥିଲେ। ସେମାନଙ୍କୁ ଇଭେଣ୍ଟ ମ୍ୟାନେଜମେଣ୍ଟରେ କାମ କରେଇବାକୁ କହି ୧୫ଦିନ ହେଲା ବାର୍‌ରେ ନଚାଇଥିଲେ।

ଏଜେଣ୍ଟ ଜ୍ୟୋତିପ୍ରକାଶ ସେମାନଙ୍କୁ ନେଇ ମୃତ୍ୟୁଞ୍ଜୟ ବିହାରରେ ରଖିଥିଲେ। ପ୍ରଥମେ କିଛି ଟଙ୍କା ଦେବାପରେ ଯୁବତୀମାନଙ୍କୁ ଆଉ ଟଙ୍କା ଦିଆଯାଇ ନ ଥିଲା। ତେଣୁ ସେମାନେ ଆଉ କାମ କରିବାକୁ ଅରାଜି ହୋଇଥିଲେ। ଏହାପରେ ଅଭିଯୁକ୍ତ ଦ୍ୱୟ ପୀଡ଼ିତାମାନଙ୍କୁ ଗାଳିଗୁଲଜ ଦେଇ ନିର୍ଯାତନା ଦେଇଥିଲେ। ଏପରିକି ହତ୍ୟା ଧମକ ଦେଇ ଅଟକ ରଖିଥିଲେ। ୩ଦିନ ଅଟକ ରହିଥିବା ପୀଡ଼ିତାମାନେ ଅସହାୟ ହୋଇ ହର୍ ଟିମ୍‌କୁ ଜଣାଇଥିଲେ। ସେମାନେ ଭିଡିଓ ପଠାଇବା ସହ କଲ୍ କରି ନିର୍ଯାତନାର କାହାଣୀ କହିଥିଲେ। ସୋମବାର-ମଙ୍ଗଳବାର ବିଳମ୍ବିତ ରାତିରେ ହର୍ ଟିମ୍ ଓ ଧଉଳି ଥାନାର ଏକ ମିଳିତ ଟିମ୍ ମୃତ୍ୟୁଞ୍ଜୟ ବିହାରସ୍ଥିତ ଉକ୍ତ ପିଜି ହଷ୍ଟେଲକୁ ଯାଇ କଷ୍ଟକର ସ୍ଥିତିରେ ଯୁବତୀମାନଙ୍କୁ ଉଦ୍ଧାର କରିଥିଲା। ଅନ୍ୟପକ୍ଷେ ଅଭିଯୁକ୍ତ ବାର୍ ମାଲିକ ଶିବପ୍ରସାଦ ଗଣମାଧ୍ୟମ ଜରିଆରେ କହିଛନ୍ତି, ଅଭିଯୋଗ ସବୁ ମିଛ। କୋର୍ଟ ଏହାର ବିଚାର କରିବ ବୋଲି ସେ କହିଛନ୍ତି।

# କୁଡ଼ିଆରେ ପଶି ଦମ୍ପତିଙ୍କୁ ହତ୍ୟା



କୁଡ଼ିଆ ନିକଟରେ ପୋଲିସ ତଦନ୍ତ ଚଳାଇଛି।

ଆର୍.ଉଦୟଗିରି/ପାରଳାଖେମୁଣ୍ଡି,୭।୮
(ମନୋଜ ପାଢ଼ୀ/ଗିରିଧାରୀ ପରିଛା)

ଗଜପତି ଜିଲା ଆର୍. ଉଦୟଗିରି ଥାନା ଟୁଙ୍ଗୁରୁ ଗାଁ ନିକଟ ପାହାଡ଼ ଉପରେ କୁଡ଼ିଆ କରି ରହୁଥିବା ଏକ ଦମ୍ପତିଙ୍କୁ ମଙ୍ଗଳବାର ରାତିରେ ହତ୍ୟା କରାଯାଇଛି। ସେମାନେ ହେଲେ ଚୈତନ୍ୟ ମଣ୍ଡଳ ଓ ଇରଯାନୀ ମଣ୍ଡଳ। ପୋଲିସ ବୁଧବାର ସେଠାରେ ପହଞ୍ଚି ମୃତଦେହ ଜବତ କରିଛି। ଗୁଣିଗାରେଡ଼ି କାରଣରୁ ଦମ୍ପତିଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ଓ ଆଖପାଖରୁ ଅନେକ ତଥ୍ୟ ସଂଗ୍ରହ କରି ତଦନ୍ତ ଚଳାଇଛି।

ଚୈତନ୍ୟ ପାହାଡ଼ ଉପରେ କୁଡ଼ିଆରେ ରହି ଚେରମୂଳି ଚିକିତ୍ସା କରୁଥିଲେ। ସେଠାରେ ତାଙ୍କ ସ୍ତ୍ରୀ ଇରଯାନୀ ମଧ୍ୟ ରହୁଥିଲେ। ଗାଁରୁ ବାହାରେ ରହୁଥିବାରୁ ସେମାନେ ଗୁଣିଗାରେଡ଼ି କରୁଥିବା ଗ୍ରାମର କେତେଜଣ ଲୋକ ସନ୍ଦେହ କରୁଥିଲେ। ଏଭଳି ସ୍ଥିତିରେ ମଙ୍ଗଳବାର ବିଳମ୍ବିତ ରାତିରେ ଦମ୍ପତି କୁଡ଼ିଆରେ ଶୋଇଥିବା ବେଳେ କେହି ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। କୁଡ଼ିଆରେ ଥିବା କିଛି ଟଙ୍କା ଓ ସୁନା ମଧ୍ୟ ଦୁର୍ବୃତ୍ତମାନେ ନେଇ ଯାଇଥିବା ଚୈତନ୍ୟଙ୍କ ପୁଅ ଇସ୍ମାଇଲ ମଣ୍ଡଳ କହିଛନ୍ତି। ଆର. ଉଦୟଗିରି ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ନଂ. ୧୨୦/୨୪ରେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି।

# ସତ୍ୟଜିତ୍‌ଙ୍କ ମୋବାଇଲରେ ମହିଳାଙ୍କ ଆପତ୍ତିଜନକ ଭିଡିଓ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

**ବ୍ରହ୍ମପୁର ଜଣେ ମହିଳାଙ୍କଠାରୁ ଠକିନେଇଛନ୍ତି ୧.୬୦ ଲକ୍ଷ ଟଙ୍କା**

ମିଥ୍ୟା ପରିଚୟ ଦେଇ ବିବାହ ଏଗ୍ରିମେଣ୍ଟ କରି ଲକ୍ଷାଧିକ ଟଙ୍କା, ଗାଡ଼ି ଆଦି ଠକି ନେଇଥିବା ୫ ମହିଳାଙ୍କ ସ୍ୱାମୀ ସତ୍ୟଜିତ୍ ସାମଲଙ୍କ ରିମାଣ୍ଡ ଅବଧି ବୁଧବାର ସରିଛି। କ୍ୟାପିଟାଲ ଥାନା ପୋଲିସ ମଙ୍ଗଳବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ମାରାଥନ୍ ଜେରା କରିବା ସହ ଚନ୍ଦ୍ରଶେଖରପୁରସ୍ଥିତ ସତ୍ୟଜିତ୍‌ଙ୍କ ଭଡ଼ାଘରୁ ଲାପଟପ୍, ପେନ୍‌ଡ୍ରାଇଭ୍ ଓ ପାସ୍‌ପୋର୍ଟ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଜବତ କରି ଫୋରେନ୍‌ସିକ ଲ୍ୟାବ୍‌କୁ ପଠାଇଛି। ଜବତ ଲାପଟପ ଓ ପେନ୍ ଡ୍ରାଇଭ୍‌ରୁ ମାମଲା ସଂକ୍ରାନ୍ତରେ ଅଧିକ ତଥ୍ୟ ମିଳିଥିବା ସୂଚନା ମିଳିଛି। ସେହିପରି ସତ୍ୟଜିତ ବ୍ରହ୍ମପୁରର ଜଣେ ମହିଳାଙ୍କଠାରୁ ମଧ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା ଠକିଥିବାର ପ୍ରମାଣ ପାଇଛି ପୋଲିସ। ଏହାସହ କୋର୍ଟ ପେପର କିମ୍ବା ବିବାହର ଏଗ୍ରିମେଣ୍ଟ ପେପର ସତ୍ୟଜିତ ନିଜ ପାଖରେ ସବୁବେଳେ ରଖୁଥିବା ପୋଲିସ ଜାଣିବାକୁ ପାଇଛି। ସେହିଭଳି ଜବତ ମୋବାଇଲରେ ମହିଳାମାନଙ୍କର ଆପତ୍ତିଜନକ ଭିଡିଓ ଷ୍ଟୋରେଜ କରି ରଖିବା ସହ ଅଶ୍ଳୀଳ ଚାଟିଂ ମଧ୍ୟ ରହିଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ଓ ଦୁଇ ମହିଳାଙ୍କ ଏତଲା ଆଧାରରେ ପୋଲିସ ଅଧିକ ପ୍ରମାଣ ଖୋଜି ବାହାର କରିବାକୁ ଉଦ୍ୟମ ଜାରି ରଖିଥିବା ଡିସିପି ସିଂ କହିଛନ୍ତି। ଦେଶ ବିଦେଶର ବିଭିନ୍ନ ବ୍ୟାଙ୍କରେ ଥିବା ସତ୍ୟଜିତ୍‌ଙ୍କ ୯ଟି ଆକାଉଣ୍ଟର ଡେବିଟ୍ କାର୍ଡ ସହ ପାସ୍‌ପୋର୍ଟ, ନକଲି ସିବିଆଇ, ଆଇବି କାର୍ଡ, ପାଇଲଟ୍ ଆଇଡି କାର୍ଡ ଜବତ ହୋଇଥିବାବେଳେ ୧.୨୦ଲକ୍ଷ ଟଙ୍କା ଥିବା ସତ୍ୟଜିତ୍‌ଙ୍କ ଏକ ବ୍ୟାଙ୍କ୍ ଆକାଇଣ୍ଟକୁ ସିଜ୍ କରାଯାଇଥିବା ସୂଚନା ଦିଆଯାଇଛି। ରିମାଣ୍ଡ ସରିବା ପରେ ସତ୍ୟଜିତଙ୍କୁ ବୁଧବାର କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଘଟଣାରୁ ପ୍ରକାଶ ଯେ, ସତ୍ୟଜିତ କେତେବେଳେ ନିଜକୁ ପୋଲିସ ଅଫିସର ତ ପୁଣି କେତେବେଳେ ସିବିଆଇ ଅଫିସର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିବା ମାଟ୍ରିମୋନିଆଲ ସାଇଟରେ ଉଲ୍ଲେଖ କରି ୪୯ରୁ ଅଧିକ ମହିଳାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଜଣେ ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିବାବେଳେ ଅନ୍ୟ ୪ଜଣଙ୍କ ସହ ବିବାହ ଏଗ୍ରିମେଣ୍ଟ କରି ଠକେଇ କରିଥିଲେ। ତେବେ ଠକେଇର ଶିକାର ୨ଜଣ ମହିଳା ସତ୍ୟଜିତ୍‌ଙ୍କ ନାଁରେ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି। ମାଟ୍ରିମୋନିଆଲ ଆପ୍ ଜୀବନସାଥୀ ଜରିଆରେ ସତ୍ୟଜିତ୍ ମିଥ୍ୟା ପ୍ରଲୋଭନ ଦେଖାଇ ଜଣଙ୍କଠାରୁ ୩୬ଲକ୍ଷ ଟଙ୍କା ଓ କାର୍ ନେଇଥିବାବେଳେ ଅନ୍ୟଜଣଙ୍କଠାରୁ ୮ଲକ୍ଷ ଟଙ୍କା ଓ ଏକ ବୁଲେଟ ଠକି ନେଇଥିଲେ। ଶନିବାର ସତ୍ୟଜିତ୍ ଗିରଫ ହୋଇ ଜେଲ ଯାଇଥିଲେ।

# ଶିଶୁ ଅପହରଣ, ବିକ୍ରି ଘଟଣାରେ ୬ ଗିରଫ

ଫୁଲନଖରା,୭।୮
(ସତ୍ୟରଞ୍ଜନ ଦାସମହାପାତ୍ର)



ଗିରଫ ୬ ଅଭିଯୁକ୍ତ।

କଟକ ସଦର ଥାନା ଅନ୍ତର୍ଗତ ନଛିପୁରରୁ ଶିଶୁ ଅପହରଣ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନଛିପୁର ଗ୍ରାମରେ ରହୁଥିବା ବୌଦ୍ଧ ଜିଲା ଆଡେଣିଗଡ଼ ଅଞ୍ଚଳର ସୁଶୀଳା ପ୍ରଧାନ, ନୟାଗଡ଼ ବାଣୀଗୋଛିଆ ଥାନା ଅଞ୍ଚଳର ମାଳତୀ ପ୍ରଧାନ, ସ୍ଥାନୀୟ ଗଙ୍ଗେଶ୍ୱରଗଡ଼ର ଅଟୋ ଚାଳକ ବିଦ୍ୟାଧର ପାତ୍ର, ନୟାଗଡ଼ ଜିଲା ନୂଆଗାଁ ଥାନା କୁଡୁବିନ୍ଧା ଗ୍ରାମର କଳିପା ମହାପାତ୍ର, ନୟାଗଡ଼ ଜିଲା ଦଶପଲ୍ଲା ଗ୍ରାମର କିଶୋର ରଣା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ରଣା। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କଟକସଦର ଥାନା ଅନ୍ତର୍ଗତ କୁଆଁଇଲୋ ଗ୍ରାମର ଏକ ଇଟା ଭାଟିରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଦେବସାହିର ମଙ୍ଗଳ ସିଂହ ନାମକ ଜଣେ ବ୍ୟକ୍ତି ଚାକିରି କରି ନିଜ ପରିବାର ସହ ସେଠାରେ ରହିଆସୁଛନ୍ତି। ଗତ ଶୁକ୍ରବାର ଅପରାହ୍ନରେ ମଙ୍ଗଳଙ୍କ ଦୁଇ ଶିଶୁ ପୁତ୍ର ତୋଫାନ (୯) ଓ ତୋଫା(୬) ନିକଟସ୍ଥ ଦୋକାନକୁ ସଉଦା ଆଣିବା ପାଇଁ ଯାଇଥିଲେ। ସେମାନେ ଦୋକାନରୁ ସଉଦା କିଣି ଫେରିବା ବାଟରେ ବିଦ୍ୟାଧର ପାତ୍ର ସେମାନଙ୍କୁ ଅଟୋରେ ଘରେ ଛାଡ଼ି ଦେବାକୁ କହି ନିକଟରେ ରହୁଥିବା ସୁଶୀଳା ପ୍ରଧାନଙ୍କ ଘରେ ଛାଡ଼ି ଦେଇଥିଲେ। ସୁଶିଳା ଦୁଇଜଣଙ୍କୁ ଗୋଟେ ଘରେ ତାଲାପକାଇ ଶୁକ୍ରବାର ରାତିରେ ରଖିଥିଲେ। ଶନିବାର ସକାଳୁ ତୋଫାନ ଓ ତୋଫା ଶୌଚ ହେବାକୁ କହି କୌଶଳକ୍ରମେ ସେଠାରୁ ଖସି ପଳେଇ ଯାଇଥିଲେ। ହେଲେ ଏହା ଜାଣି ସୁଶୀଳା ଓ ତାଙ୍କ ସହଯୋଗୀ ମାଳତୀ ବାଟରେ ତୋଫାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ତୋଫାନ ସେଠାରୁ ଖସିଯାଇ ଏସବୁ ଘଟଣା ବିଷୟ ବାପା ମଙ୍ଗଳଙ୍କୁ କହିଥିଲେ। ମଙ୍ଗଳ ତୁରନ୍ତ ଆସି ସେଠାରେ ଖୋଜାଖୋଜି କରିଥିଲେ ସୁଦ୍ଧା ତୋଫାର ସନ୍ଧାନ ପାଇ ନ ଥିଲେ। ଅପରପକ୍ଷରେ ସୁଶୀଳା ଓ ମାଳତୀ ଉଭୟ ମିଶି କାଳୀପା ମହାପାତ୍ରଙ୍କ ସହଯୋଗରେ ତୋଫାଙ୍କୁ ବିଦ୍ୟାଧରଙ୍କ ଅଟୋରେ ନେଇ ପୁରୁଣା ଦଶପଲ୍ଲାର କିଶୋର ରଣା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ରଣାଙ୍କୁ ବିକି ଦେଇଥିଲେ। କିଶୋର ଓ ଲକ୍ଷ୍ମୀଙ୍କ କୌଣସି ସନ୍ତାନ ନ ଥିବାରୁ ସେମାନେ ତୋଫାଙ୍କୁ ପୁତ୍ର ଭାବେ ପାଳନ କରିବେ ବୋଲି ମନସ୍ଥ କରିଥିଲେ। ଏନେଇ ମଙ୍ଗଳ ବହୁ ଖୋଜାଖୋଜି କଲାପରେ କଟକ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୪୧୮/୨୦୨୪) ରୁଜୁ କରି ତଦନ୍ତ ଚଳାଇ ଥିଲା। ମଙ୍ଗଳବାର କଟକ ସଦର ଥାନା ପୋଲିସ ଦଶପଲ୍ଲାରେ ପହଞ୍ଚି ସେଠାରୁ ତୋଫାଙ୍କୁ ଉଦ୍ଧାର କରିବା ସହ ସେଠାରୁ କିଶୋର ଓ ଲକ୍ଷ୍ମୀଙ୍କୁ ଗିରଫ କରିଥିଲେ।

# କଟୁରିରେ ଗଳା କାଟି ସ୍ତ୍ରୀଙ୍କୁ ହତ୍ୟା

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା)

**ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ**

ସାମାନ୍ୟ ଘରୋଇ କଳିକୁ କେନ୍ଦ୍ର କରି ସ୍ୱାମୀଙ୍କ କଟୁରି ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଯାଜପୁର ଜିଲା ମଙ୍ଗଳପୁର ଥାନା ଦଉପୁର ପଞ୍ଚାୟତ ଅଧୀନ ନାରଣପୁର (ନାୟକସାହି ) ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅଭିଯୁକ୍ତ ସ୍ୱାମୀ ଏହି ଘଟଣା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୨ଟା ସମୟରେ ନାରଣପୁର ନାୟକ ସାହିର ଅଭିମନ୍ୟୁ ସାହୁଙ୍କ ସହିତ ସ୍ତ୍ରୀ ସବିତାଙ୍କ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଧୀରେ ଧୀରେ ସେହି ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଭିମନ୍ୟୁ ଘରେ ଥିବା ଏକ ଧାରୁଆ କଟୁରିରେ ସବିତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ସବିତା ସେଠାରେ ଟଳି ପଡିଥିଲେ। ଘର ଭିତରେ ଦୀର୍ଘ ସମୟ ଧରି ସବିତା ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ କେହି ତାଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ଖବରପାଇ ମଙ୍ଗଳପୁର ଥାନା ପୋଲିସ ଆମ୍ବୁଲାନ୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାପରେ ସବିତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ଅଭିମନ୍ୟୁ ଏହି ଘଟଣା ପରେ ମଙ୍ଗଳପୁର ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ତେବେ କେଉଁ କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଲା ଓ ଅଭିମନ୍ୟୁ ଏପରି ନିଷ୍ଠୁର ପଦକ୍ଷେପ ନେଲେ ତାହା ସ୍ପଷ୍ଟ ହୋଇନାହିଁ।

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ, ଦ୍ୱିତୀୟ ସ୍ତ୍ରୀ ଗିରଫ



ଗିରଫ ସ୍ୱାମୀ, ଦ୍ୱିତୀୟ ସ୍ତ୍ରୀ।

ନୂଆପଡ଼ା/ବୋଡେନ, ୭।୮
(ମକାରୁ ବେମାଲ/ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ଥାନା ଜାମଗାଁ ଠେଲାପଡ଼ାରେ ଏକ ଅଭାବନୀୟ ଘଟଣା ଘଟିଛି। ଦ୍ୱିତୀୟ ସ୍ତ୍ରୀଙ୍କ ବାଲ୍‌ଟି ମାଡ଼ରେ ପ୍ରଥମ ସ୍ତ୍ରୀ ବାରୁଣୀ ଜଗତ (୪୪)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ଅଭିଯୋଗ ପରେ ପୋଲିସ ସ୍ୱାମୀ ହେରମ୍ବ ଜଗତ ଓ ଦ୍ୱିତୀୟ ସ୍ତ୍ରୀ ମାଧୁରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରାଙ୍କ ସୂଚନା ମୁତାବକ, ସିନାପାଲି ବ୍ଲକ ବରଗାଁ ପଞ୍ଚାୟତ ଜାମଗାଁ ଠେଲାପଡ଼ାର ହେରମ୍ବ ବୋଡେନ ବ୍ଲକ ବାବେବିର ଗାଁର ବାରୁଣୀ ଦେଈଙ୍କୁ ପ୍ରାୟ ୨୦ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ୧୧ ବର୍ଷର ଝିଅ ରହିଛି । ତେବେ ହେରମ୍ବ ୫ବର୍ଷ ପୂର୍ବେ ଛତିଶଗଡ କାମ କରିବାକୁ ଯାଇଥିବାବେଳେ ମାଧୁରୀ ଦେଈଙ୍କୁ ଭଲପାଇ ସାଙ୍ଗରେ ଆଣି ଦ୍ୱିତୀୟ ସ୍ତ୍ରୀ ଭାବେ ଘରେ ରଖିଥିଲେ। ମାଧୁରୀ ଘରକୁ ଆସିବା ଦିନଠାରୁ ବାରୁଣୀ ଏବଂ ମାଧୁରୀଙ୍କ ମଧ୍ୟରେ ଝଗଡା ଲାଗିରହୁଥିଲା। ଗତ ୩ ତାରିଖରେ କୌଣସି କଥାକୁ ନେଇ ଦୁଇ ସଉତୁଣି ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା କ୍ରମଶଃ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦ୍ୱିତୀୟ ସ୍ତ୍ରୀ ମାଧୁରୀ ହାତରେ ଧରିଥିବା ଷ୍ଟିଲ ବାଲଟିରେ ବାରୁଣୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏହା ସତ୍ତ୍ୱେ ହେରମ୍ବ ତାଙ୍କୁ ଡାକ୍ତରଖାନା ନ ନେଇ ଘରେ ଆୟୁର୍ବେଦିକ ଚିକିତ୍ସା କରୁଥିଲେ। ବାରୁଣୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ଶେଷରେ ଗତ ୫ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବାରୁଣୀଙ୍କ ବଡ ଭାଇ ବିଶିକେଶନ ତାଣ୍ଡି ଭଉଣୀଙ୍କୁ ମାରି ଦେଇଛନ୍ତି ବୋଲି ବୋଡେନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୋଡେନ ପୋଲିସ ୬ ତାରିଖରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୭୭/୨୪) ରୁଜୁ କରିବା ସହ ହେରମ୍ବ ଓ ମାଧୁରୀଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ବେହେରା ସୂଚନା ଦେଇଛନ୍ତି।

# ରେଲୱେରେ ଚାକିରି ଦେବା ନାଁରେ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

ରେଳ ବିଭାଗରେ ଚାକିରି କରେଇଦେବା ନାଁରେ ୪୦ ଲକ୍ଷ ଟଙ୍କା ଠକିଥିବା ଜଣେ ଯୁବକଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗରେ ରହୁଥିବା ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ରାଣୀପାଟଣା ଗାଁର ରୋହିତ କୁମାର ମହାନ୍ତ(୩୧)। ଅଭିଯୁକ୍ତ ନିଜକୁ ରେଳ ବିଭାଗର ଏଜେଣ୍ଟ ବୋଲି ପରିଚୟ ଦେଉଥିବା ତଦନ୍ତ ବେଳେ ଜଣାପଡ଼ିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ସୁପ୍ରିୟା ମିଶ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ ସୁପ୍ରିୟା ୨୦୨୦ରେ ସାମନ୍ତରାୟପୁରରେ ଗୋଟିଏ କନ୍‌ସଲ୍‌ଟାଣ୍ଟ ସର୍ଭିସ ପ୍ରୋଭାଇଡର ଅଫିସ ଖୋଲିଥିଲେ। ସେ ତାଙ୍କ ଅଫିସରେ ପିଲାମାନଙ୍କୁ କମ୍ପ୍ୟୁଟର ଟ୍ରେନିଂ ଦେବା ସହିତ, ପ୍ରାଇଭେଟ କମ୍ପାନୀଗୁଡ଼ିକ ସହ ଯୋଗାଯୋଗ କରି ସେମାନଙ୍କୁ ନିଯୁକ୍ତି ଦିଅନ୍ତି। ଅଭିଯୁକ୍ତ ରୋହିତ ୨୦୨୦ରେ ନିଜକୁ ରେଳ ବିଭାଗର ଏଜେଣ୍ଟ ବୋଲି ପରିଚୟ ଦେଇ ଅଭିଯୋଗକାରିଣୀ ସୁପ୍ରିୟାଙ୍କ ସହ ଯୋଗାଯୋଗ କରିଥିଲେ। ରେଲୱେ ଡିଆର୍‌ଏମ୍ ଅଫିସରେ ତାଙ୍କର ଚିହ୍ନା ଅଛି, ତେଣୁ ଯଦି କେହି ପିଲା ରେଳ ବିଭାଗରେ ଚାକିରି ପାଇଁ ଆଗ୍ରହୀ ଅଛନ୍ତି, ତେବେ ତାଙ୍କୁ ଯୋଗାଯୋଗ କଲେ ସେ ରେଳ ବିଭାଗର ଗ୍ରୁପ୍-ସି ଓ ଗ୍ରୁପ୍-ଡିରେ ଚାକିରି କରାଇଦେବେ ବୋଲି କହିଥିଲେ। ଗ୍ରୁପ୍-ସିରେ ଚାକିରି ବାବଦକୁ ୮ ଲକ୍ଷ ଟଙ୍କା ଓ ଗ୍ରୁପ୍-ଡି ପାଇଁ ୬ଲକ୍ଷ ଟଙ୍କା ନେବେ ବୋଲି ମଧ୍ୟ କହିଥିଲେ। ତେଣୁ ରେଳ ବିଭାଗରେ ଚାକିରି ପାଇବା କଥା ଶୁଣି ୭ଜଣ ପିଲା ସୁପ୍ରିୟାଙ୍କ ସହ ଯୋଗାଯୋଗ କରି ତାଙ୍କ ଜରିଆରେ ପ୍ରାୟ ୪୦ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତ ରୋହିତ ସେମାନଙ୍କୁ ଝାଡ଼ଖଣ୍ଡର ଧାନବାଦ ନେଇ ୩ ମାସ ଟ୍ରେନିଂ ଦେଇ ପ୍ରତି ମାସରେ ୧୦ ହଜାର ଲେଖାଏ ଟଙ୍କା ଷ୍ଟାଇପେଣ୍ଡ ଓ ନିଯୁକ୍ତିପତ୍ର ମଧ୍ୟ ଦେଇଥିଲେ। ତେଣୁ ଏଥିରେ କାହାର ସନ୍ଦେହ ହୋଇ ନ ଥିଲା। ହେଲେ ତିନିମାସ ପରେ ଚାକିରି ନ ମିଳିବାରୁ ସେମାନେ ନିଯୁକ୍ତିପତ୍ର ନକଲି ଜାଣିବା ସହ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୋଗକାରିଣୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ କରିଥିଲା। କୌଣସି ସୂତ୍ରରୁ ଖବର ପାଇ ମଙ୍ଗଳବାର ପୋଲିସ ମାଷ୍ଟରକ୍ୟାଣ୍ଟିନସ୍ଥିତ ଷ୍ଟେଶନ ପରିସରରୁ ରୋହିତଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଠକେଇ ର୍‍ୟାକେଟ୍‌ରେ ଅଭିଯୁକ୍ତଙ୍କ କିଛି ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

# ନାବାଳିକା, ଯୁବତୀଙ୍କୁ ଗଣବଳାତ୍କାର: ୫ଅଟକ

ଅନୁଗୋଳ,୭।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଘଟିଛି ଏକ ଚାଞ୍ଚଲ୍ୟକର ଘଟଣା। ଜଣେ ନାବାଳିକା ଓ ଜଣେ ଯୁବତୀଙ୍କୁ ମଦ ପିଆଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଟାଉନଥାନାରେ ୨ ପୀଡ଼ିତା ଅଭିଯୋଗ କରିବା ପରେ ପୋଲିସ ୫ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ପୋଲିସ କହିଛି, ମଙ୍ଗଳବାର ରାତିରେ ଗୋପବନ୍ଧୁ ପାର୍କରେ ଜଣେ ନାବାଳିକା, ଜଣେ ଯୁବତୀ ବସିଥିଲେ। ସେମାନଙ୍କ ନିକଟରେ ଜଣେ ଯୁବକ ଥିଲେ। କିଛି ସମୟ ପରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ସାଙ୍ଗ ଏକ କାର୍ ନେଇ ସେଠାରେ ପହଞ୍ଚିବା ପରେ ସମସ୍ତେ ଡେରଜାଙ୍ଗ ଡ୍ୟାମ୍ ବୁଲିବାକୁ ଯାଇଥିଲେ। ବାଟରେ ଯୁବକମାନେ ମଦ କିଣି ପିଇବା ସହ ନାବାଳିକା ଓ ଯୁବତୀଙ୍କୁ ଜବରଦସ୍ତି ପିଆଇଥିଲେ। ଡେରଜାଙ୍ଗରେ ପହଞ୍ଚିବା କ୍ଷଣି ସେଠାରେ ଆଉ ଜଣେ ଯୁବକ ସେମାନଙ୍କ ସହ ମିଶିଥିଲେ। ସେଠାରେ ସମ୍ପୃକ୍ତା ନାବାଳିକା ଓ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିଲା। ପରେ ଯୁବକମାନେ ଜିନ୍ଦଲ ରୋଡ୍ ଦେଇ ଫେରିବା ସହ ଅନୁଗୋଳର ଏକ ସ୍ଥାନରେ ୨ ପୀଡ଼ିତାଙ୍କୁ ରାସ୍ତା ପାର୍ଶ୍ୱରେ ପକାଇଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବରପାଇ ପୋଲିସ ପୀଡ଼ିତା ଦ୍ୱୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ପରେ ପୀଡ଼ିତା ଦ୍ୱୟଙ୍କ ଅଭିଯୋଗ କ୍ରମେ ପୋଲିସ ୫ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଅଟକ ରଖିଛି।

# ଜମି ବ୍ୟବସାୟକୁ କେନ୍ଦ୍ରକରି ଫୁଟିଲା ଗୁଳି

ବାଲେଶ୍ୱର, ୭।୮ (ବାଞ୍ଛାନିଧି ଦେ)




ଥାନା ସମ୍ମୁଖରେ ତଦନ୍ତକାରୀ ପୋଲିସ ଟିମ୍।



ଗୁଳିମାଡ଼ରେ ଆହତ ଯୁବକ।

ଜମି ବ୍ୟବସାୟକୁ କେନ୍ଦ୍ରକରି ବୁଧବାର ବାଲେଶ୍ୱର ସହରରେ ଗୁଳି ଫୁଟିଛି। ସହଦେବଖୁଣ୍ଟା ଥାନା ଅଧୀନ ବାଲିଆ ନିକଟରେ ଜଣେ ଯୁବକଙ୍କ ଉପରକୁ ଦୁର୍ବୃତ୍ତମାନେ ଦୁଇ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଯୁବକ ଜଣକ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଆହତ ଯୁବକ ହେଲେ ଶୋଭାରାମପୁର ଟାଇଲବସା ଅଞ୍ଚଳର ମନୋରଞ୍ଜନ ବିନ୍ଧାଣି (୩୪)। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ବାଲିଆସ୍ଥିତ ହିନ୍ଦ୍ ଜିମ୍‌ରୁ ମନୋରଞ୍ଜନ ବାହାରି ବାଇକ୍ ଯୋଗେ ଯାଉଥିଲେ। ଅନ୍ୟ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ଆସି ତାଙ୍କ ଉପରକୁ ଅଚାନକ ଦୁଇ ରାଉଣ୍ଡ ଗୁଳି ମାଡ଼ କରି ଚମ୍ପଟ ମାରିଥିଲେ। ଗୋଟିଏ ଗୁଳି ତାଙ୍କ ମୁହଁରେ ଛୁଇଁ ପଳାଇଥିବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହ ସହଦେବଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଥିଲ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୩୦୪/୨୪) ରୁଜୁ କରାଯାଇଛି। ଜଣେ ଯୁବକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ମାନସିଂ ବଜାର ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ସନ୍ଦେହରେ ଥାନାକୁ ଆଣିଥିଲା।

**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ**

ଏହାପରେ ଉକ୍ତ ଅଞ୍ଚଳର ମହିଳା ଓ ପୁରୁଷମାନେ ଆସି ଥାନାରେ ହୋହଲ୍ଲା କରିଥିଲେ। ଉକ୍ତ ଯୁବକଙ୍କ ସମ୍ପୃକ୍ତି ନ ଥିବା କହି ଥାନାରେ ପାଟିତୁଣ୍ଡ କରିବା ସହ ଗଣ୍ଡଗୋଳ କରିଥିଲେ। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା। ଏହି ଘଟଣାରେ ଜଣେ ମହିଳାଙ୍କ ସମେତ ୧୦ଜଣଙ୍କୁ ଅଟକ ରଖାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଥାନାରେ ପହଞ୍ଚି ଜିଲାର ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ। **–ଶ୍ରୀମା**

# ଜିନ୍ ଓ ଭାଷାର ଦେଶାନ୍ତର



ଦେବଦତ୍ତ ପଟ୍ଟନାୟକ

ସଂସ୍କୃତିବୁଝିବାକୁହେଲେଆମକୁଲୋକଙ୍କୁବୁଝିବାକୁହେବ। ଭାରତକୁ ବୁଝିବାକୁ ହେଲେ ଆମକୁ ଭାରତୀୟଙ୍କୁ ବୁଝିବାକୁ ପଡ଼ିବ। ଦେଖିବାକୁ ହେବ, ଭାରତୀୟମାନେ କେଉଁଠାରୁ ଆସିଥିଲେ? ଆମେ ଭାରତୀୟ ମାଟିରେ କ୍ରମବିକଶିତ ହୋଇଥିଲୁ ନା ଅନ୍ୟ ସ୍ଥାନରୁ ଆସିଥିଲୁ? ସବୁ ମଣିଷଙ୍କ ଆଦ୍ୟଭୂମି ଆଫ୍ରିକା। ୬୦,୦୦୦ ବର୍ଷ ପୂର୍ବେ ଆଫ୍ରିକା ଛାଡ଼ି ଏମାନେ ବାହାରକୁ ଚାଲିଯାଇଥିଲେ। ସେମାନଙ୍କ ମଧ୍ୟରେ ପ୍ରଥମ ଭାରତୀୟ ମଣିଷ ରହିଥିଲେ। ଏହା ପୂର୍ବରୁ ମଣିଷ ଭଳି ଦେଖାଯାଉଥିବା ଜୀବମାନଙ୍କର ଅନେକ ଅସଫଳ ମାଇଗ୍ରେଶନ ବା ଦେଶାନ୍ତର ଗମନ ହୋଇଥିଲା, ଯେଉଁଥିପାଇଁ ତାମିଲନାଡୁରେ ୧,୫୦,୦୦୦ ବର୍ଷର ପୁରୁଣା ପଥର ଉପକରଣ ଦେଖିବାକୁ ପାଉ। ନର୍ମଦା ନଦୀ କୂଳରୁ ମିଳିଥିବା ଖପୁରି ଏହାଠାରୁ ଆହୁରି ପୁରାତନ। ୧.୮ ମିଲିୟନରୁ ୨,୦୦,୦୦୦ ବର୍ଷ ତଳେ ଆଧୁନିକ ହୋମୋ ସାପିଏନ୍ସଙ୍କ ପୂର୍ବରୁ ଏମାନେ ଥିଲେ। କିନ୍ତୁ ୬୦,୦୦୦ ବର୍ଷ ପୂର୍ବେ ଆଧୁନିକ ମଣିଷମାନେ ପ୍ରଥମେ ଭାରତକୁ ଆସି ସମୁଦ୍ର ଉପକୂଳ ଦେଇ ଦକ୍ଷିଣ ପୂର୍ବ ଏସିଆ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏହି ଆଦିମାନବମାନେ କହିବା ସମୟରେ ବୋଧହୁଏ ରେଟ୍ରୋଫ୍ଲେକ୍ସ ଧ୍ୱନି(ଟ,ଠ,ଡ଼,ଢ଼,ଣ)ବ୍ୟବହାର କରୁଥିଲେ, ଯାହାକୁ ଆଜି ମଧ୍ୟ ଆମେ ଭାରତରେ ବ୍ୟବହାରକରୁ। ଏବେ ମଧ୍ୟ ଅଷ୍ଟ୍ରେଲୀୟ ମୂଳନିବାସୀଙ୍କ ମଧ୍ୟରେ ସମାନ ପ୍ରକାର ଧ୍ୱନି ଶୁଣିବାକୁ ମିଳେ । ତୁମେ ଆଉ ଏହି ଧ୍ୱନିଗୁଡ଼ିକୁ ବିଶ୍ୱର ଅବଶିଷ୍ଟ ଭାଗରେ ପାଇବ ନାହିଁ ।

ପ୍ରଥମେ ସନ୍ନ୍ୟାସୀ, ବଣିକ ଇତ୍ୟାଦିଙ୍କ ଯାତ୍ରାରୁ ଦେଶାନ୍ତର ଗମନକୁ ପୃଥକ୍ କରିବାକୁ ପଡ଼ିବ। ମାଇଗ୍ରେଶନର ଅର୍ଥ କହିଲେ ରହିବାକୁ କୌଣସି ଏକ ନୂଆ ବାସସ୍ଥାନ ଖୋଜିପାଇବା। ଉଦାହରଣ ସ୍ୱରୂପ, ପାର୍ସୀ ସମୁଦାୟ ଧାର୍ମିକ ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ପ୍ରାୟ ୧ହଜାର ବର୍ଷ ପୂର୍ବେ ଇରାନରୁ ଭାରତକୁ ଆସିଥିଲେ। ଅର୍ଥନୈତିକ କାରଣ,ନିଯୁକ୍ତି ସୁଯୋଗ କିମ୍ବା ରାଜନୈତିକ କାରଣରୁ ଆରମ୍ଭକରି ବିପଦରୁ ରକ୍ଷାପାଇବା ଲାଗି ଲୋକେ ଦେଶାନ୍ତରଗମନ କରିଥାନ୍ତି। ଯେତେବେଳେ ଲୋକେ ସ୍ଥାନ ପରିବର୍ତ୍ତନ କରନ୍ତି ସେତେବେଳେ ସେମାନଙ୍କର ପରିବର୍ତ୍ତନ ହୁଏ। ଏହା ସହ ସେମାନଙ୍କ ବିବାହ, ଭାଷା ଏବଂ ସଂସ୍କୃତିରେ ପରିବର୍ତ୍ତନ ହୋଇଥାଏ।

୧୦,୦୦୦ ବର୍ଷ ପୂର୍ବେ ଭାରତକୁ ବାହାର ଅଞ୍ଚଳରୁ ଲୋକମାନେ ଆସିଥିଲେ। ଏହା ଥିଲା ଏକ ପ୍ରମୁଖ ମାଇଗ୍ରେଶନ। ଏଥିରେ ଇରାନ କୃଷକଙ୍କ ପୂର୍ବଜମାନେ ହିନ୍ଦୁ କୁଶ ପର୍ବତ ପାରହୋଇ ସିନ୍ଧୁ ଉପତ୍ୟକାରେ ପହଞ୍ଚି ସେଠାରେ କୃଷି ବିପ୍ଳବ ସୃଷ୍ଟି କରିଥିଲେ। ସେମାନେ ବାର୍ଲି ,ଗହମ ଉତ୍ପାଦନ କରିବା ସହ ଛେଳି ଏବଂ ମେଣ୍ଢା ପାଳନ କରୁଥିଲେ। ମଇଁଷି ଏବଂ ବୂଳ ଥିବା 'ଜେବୁ' ଷଣ୍ଢ ରଖୁଥିଲେ । ଆଜକୁ ୪,୫୦୦ରୁ ଅଧିକ ବର୍ଷ ପୂର୍ବେ ହରପ୍ପା ସଭ୍ୟତା ବିକଶିତ ହୋଇଥିଲା । ହରପ୍ପାର ଲୋକମାନେ ଜେଡ୍(Z) ଆକାରରେ ସେଠାରୁ ଅନ୍ୟ ଆଡ଼କୁ ଯାଇଥିଲେ। ପ୍ରଥମେ ପଶ୍ଚିମରେ ଗାଙ୍ଗେୟ ଉପତ୍ୟକା ଆଡ଼କୁ , ପରେ ପୂର୍ବରେ ନର୍ମଦା ଏବଂ ତା'ପରେ ଦକ୍ଷିଣରେ ପଶ୍ଚିମ ଉପକୂଳ ଆଡ଼କୁ ଯାଇଥିଲେ।

ଜେନେଟିକ୍ ବା ଆନୁବଂଶିକ ଗବେଷଣାରୁ ଜଣାପଡ଼େ ଯେ, ପ୍ରାୟ ୩,୮୦୦ ବର୍ଷ ପୂର୍ବେ ଏକ ନୂତନ ଇଣ୍ଡୋ–ୟୁରୋପୀୟ ଗୋଷ୍ଠୀ ଭାରତରେ ପ୍ରବେଶ କରିଥିଲେ, ଯେଉଁମାନେ ଥିଲେ ମୂଳତଃ କାସ୍ପିଆନ ସାଗର ଉତ୍ତରରେ ଥିବା ତୃଣଭୂମି ଅଞ୍ଚଳର। ଏମାନେ ଘୋଡ଼ା ପାଳୁଥିଲେ ଓ ଆସିବା ସମୟରେ ୟୁରୋପ ଓ କେନ୍ଦ୍ର ଏସିଆକୁ ସେମାନଙ୍କୁ ସାଙ୍ଗରେ ଆଣିଥିଲେ। କେନ୍ଦ୍ର ଏସିଆରେ ଏହି ଗୋଷ୍ଠୀ ୨ ଭାଗ ହୋଇଗଲେ। ଗୋଟିଏ ଗୋଷ୍ଠୀ ଭାରତ ଅଭିମୁଖେ ଯାତ୍ରା କରିଥିଲେ ଓ ଅନ୍ୟ ଗୋଷ୍ଠୀ ଇରାନ ଆଡ଼କୁ ଚାଲିଯାଇଥିଲେ। ଅଧିକ ଲୋକ ନୂଆ ରଥ ନିର୍ମାଣର ଜ୍ଞାନକୌଶଳ ଏବଂ ଏକ ନୂଆ ଭାଷା ସଂସ୍କୃତକୁ ନେଇ ଆସିଥିଲେ। ଏହି ସଂସ୍କୃତ ବ୍ୟାକରଣ ଦକ୍ଷିଣ ଭାରତରେ କଥିତ ଦ୍ରାବିଡିଆନ ଭାଷାର ବ୍ୟାକରଣଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପାଖାପାଖି ୪,୦୦୦ ବର୍ଷ ପୂର୍ବେ ହରପ୍ପାର ଅଧିବାସୀମାନେ ଦକ୍ଷିଣ ଭାରତକୁ ଆସିଥିଲେ। କାସ୍ପିଆନ୍ ସାଗରର ଉତ୍ତରରେ ଥିବା ଚାରଣଭୂମିରୁ ଆସିଥିବା ମେଷପାଳକଙ୍କ ଜିନ୍ (ଷ୍ଟେପ୍ପି ପାଷ୍ଟୋରାଲ ଜିନ୍) ଭାରତୀୟଙ୍କଠାରେ ରହିଥିବାର ଏକ ସଙ୍କେତ ମିଳେ। ଏହି ଜିନ୍ ବୟସ୍କ ଅବସ୍ଥାରେ ଦୁଗ୍ଧକୁ ଭଲ ଭାବେ ହଜମ କରିଥାଏ। ଉତ୍ତର ଓ ପଶ୍ଚିମ ଭାରତର ବୟସ୍କଙ୍କର ଦୁଗ୍ଧ ହଜମ କରିବାର କ୍ଷମତା ଅଛି। ପିଲାଙ୍କଠାରେ ଦେଖାଯାଉଥିବା ଲାକ୍ଟୋଜ ଏଞ୍ଜାଇମ୍(ଦୁଗ୍ଧକୁ ହଜମ କରାଏ) ଏହି ବୟସ୍କଙ୍କଠାରେ ରହିଛି। କିନ୍ତୁ ପୂର୍ବ ଓ ଦକ୍ଷିଣ ଭାରତରେ ଅଧିକାଂଶ ବୟସ୍କ ଦୁଗ୍ଧ ହଜମ କରିପାରନ୍ତି ନାହିଁ। ଏହା ସୂଚିତକରେ ଯେ, ସେମାନଙ୍କଠାରେ ଷ୍ଟେପ୍ପି ପାଷ୍ଟୋରାଲ ଜିନ୍ ନାହିଁ। ଅନେକେ ଏହି ଜନ୍‌କୁ ଆର୍ଯ୍ୟଙ୍କ ଜିନ୍ ବୋଲି କହିଥାନ୍ତି, କିନ୍ତୁ ଏହା ଅନେକ ଭାବନା ଉଦ୍ରେକକରେ।

ଆଉ କେତେକ ସ୍ଥାନରୁ ଭାରତକୁ ଲୋକେ ଆସିଥିବା ଦେଖିବାକୁ ମିଳେ। ପୂର୍ବ ଏସିଆରୁ ଅଷ୍ଟ୍ରୋ–ଏସିଆଟିକ୍ ଭାଷାଭାଷୀ 'ମୁଣ୍ଡା' ଲୋକମାନେ ଦକ୍ଷିଣ–ପୂର୍ବ ଏସିଆ(ଭିଏଟ୍‌ନାମ)ରୁ ସେମାନଙ୍କ ସହ ଧାନଚାଷର ପଦ୍ଧତିକୁ ସାଙ୍ଗରେ ନେଇ ଆସିଥିଲେ। ଏପରିକି ଏବେ ପୂର୍ବ (ମଗଧ) ଓ ପଶ୍ଚିମ( ମହାରାଷ୍ଟ୍ର ଅଞ୍ଚଳ) ମଧ୍ୟରେ ଏକ ଜିନୀୟ ବା ଆନୁବଂଶିକ ପ୍ରଭେଦ ରହିଛି। ପୂର୍ବରେ ମୁଣ୍ଡାଙ୍କ ଜିନ୍ ଥିବା ବେଳେ ପଶ୍ଚିମରେ ଷ୍ଟେପ୍ପି ଜିନ୍ ଦେଖିବାକୁ ମିଳେ। ସେମାନଙ୍କ ଭାଷା ମଧ୍ୟ ଭିନ୍ନ। ଏହା ବ୍ୟତୀତ ଆହୁରି ଅନେକ ଅଞ୍ଚଳରୁ ଅଧିବାସୀମାନେ ଭାରତକୁ ଆସିଛନ୍ତି। ଖ୍ରୀଷ୍ଟପୂର୍ବ ୩୦୦ରୁ ୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହା ଘଟିଛି ଓ ଏମାନଙ୍କ ମଧ୍ୟରେ ଥିଲେ ଗ୍ରୀକ୍‌ସ (ଯବନମାନେ), ସ୍କିଥିଆନ୍‌ସ (ସାକମାନେ), ପାର୍ଥିଆନ୍‌ସ (ପଲ୍ଲଭମାନେ) ଏବଂ କୁଶାଣମାନେ। ଦଶମ ଶତାବ୍ଦୀ ପରେ ତୁର୍କୀ ଏବଂ ଆଫଗାନିସ୍ତାନ ଲୋକେ ମଧ୍ୟ ଆସିଥିଲେ। ସମାନ ଜେନେଟିକ୍ ମେକ୍‌ଅପ୍‌ର ଲୋକମାନଙ୍କଠାରୁ ସେମାନେ ସମସ୍ତେ ଆସିଥିଲେ। ତେଣୁ ସେମାନେ ଦେଶାନ୍ତରଗମନ କରିଥିବାରୁ ଆମେ ଜେନେଟିକ୍ସରେ ବଡ଼ ପରିବର୍ତ୍ତନ ଦେଖିବାକୁ ପାଉନାହୁଁ। କିନ୍ତୁ ସେମାନଙ୍କ ସଂସ୍କୃତିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଏ।

ଖ୍ରୀଷ୍ଟପୂର୍ବ ୩୦୦ ବେଳକୁ ପ୍ରାକୃତ ଭାଷା ଥିଲା କୋର୍ଟ ଲାଙ୍ଗୁଏଜ୍ ବା ଦରବାରୀ ଭାଷା। ଖ୍ରୀଷ୍ଟାବ୍ଦ ୫୦୦ ପରେ କୋର୍ଟ ଲାଙ୍ଗୁଏଜ୍ ସଂସ୍କୃତ ହେଲା। ୧୨୦୦ ଖ୍ରୀଷ୍ଟାବ୍ଦ ପରେ ଏହା ପର୍ସିଆନ (ଫାର୍ସୀ) ହୋଇଗଲା । ଖ୍ରୀଷ୍ଟାବ୍ଦ ୧୮୦୦ ପରେ ସରକାରୀ ଭାଷା ଇଂରାଜୀ ହେଲା । ୧୯୪୭ ପରଠାରୁ ହିନ୍ଦୀକୁ ପ୍ରଭାବୀ ସରକାରୀ ଭାଷା କରିବା ପାଇଁ ପ୍ରୟାସ ଚାଲିଛି। କିନ୍ତୁ ଭାରତର ପ୍ରତ୍ୟେକ ରାଜ୍ୟର ନିଜସ୍ୱ ସରକାରୀ ଭାଷା ରହିଛି। ଭାରତର ଅନ୍ୟ ସବୁ ଅଞ୍ଚଳ ତୁଳନାରେ ଉତ୍ତର ଭାରତରେ ହିନ୍ଦୀର ପ୍ରଭାବ ଦେଖୁ, କାରଣ ଉର୍ବର ଗଙ୍ଗାନଦୀ ଅବବାହିକାରେ ଭାରତର ଜନସଂଖ୍ୟାର ପାଖାପାଖି ୫୦% ଲୋକ ରହନ୍ତି। ଏହା ମଧ୍ୟ ବୈଦିକ ସଂସ୍କୃତିର କେନ୍ଦ୍ର। ପ୍ରାୟ ୨୦୦୦ ବର୍ଷ ପୂର୍ବେ ଏହି ଅଞ୍ଚଳରୁ ଲୋକେ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳ ପାରହୋଇ ବାହାରକୁ ଯାଇଥିଲେ। କିନ୍ତୁ ତାହା ଏକ ଭିନ୍ନ କାହାଣୀ।

–devduttofficial@gmail.com



## ଏଇ ଭାରତରେ

ମହାରାଷ୍ଟ୍ରର ସତାରା ଏକ ମରୁଡ଼ିପ୍ରବଣ ଅଞ୍ଚଳ। କିନ୍ତୁ ହୃଷୀକେଶ ଜୟସିଂ ଧାନେ ଏଭଳି ପ୍ରତିକୂଳ ସ୍ଥିତିରେ ଘିକୁଆଁରୀ ଚାଷରେ ସଫଳତା ପାଇପାରିଛନ୍ତି। ହୃଷୀକେଶ ତାଙ୍କ ଗାଁ ପଡଲିରେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବ୍ୟବସାୟ କରୁଛନ୍ତି ଓ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ ଏବଂ ଜୁସ୍ ପ୍ରସ୍ତୁତ କରୁଛନ୍ତି। ଏଥିରୁ ପ୍ରାକୃତିକ କୀଟନାଶକ ମଧ୍ୟ ତିଆରି ହେଉଛି। ହୃଷୀକେଶଙ୍କ ବୟସ ଏବେ ୪୪। ତାଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ପରିବାର ନିକଟରେ ୮ ଏକର ଜମି ଥିଲେ ବି ମରୁଡ଼ି ଯୋଗୁ ସେଥିରୁ ଯାହା କିଛି ଉତ୍ପାଦନ ହୁଏ ସେଥିରେ ପରିବାର ଚଳିବା କଷ୍ଟକର ହୋଇଥାଏ । ଏଭଳି ସ୍ଥିତିରେ ବହୁ କଷ୍ଟରେ ସେ ୧୦ମ ଯାଏ ପଢ଼ିବା ପରେ ଅର୍ଥାଭାବରୁ ଆଉ ପଢ଼ିପାରିଲେ ନାହିଁ। ଏକ କମ୍ପାନୀରେ ମାର୍କେଟିଂ କାମ କରି ପରେ ତାକୁ ଛାଡ଼ି ପୁଣି କ୍ଷେତକୁ ଫେରିଥିଲେ। କିନ୍ତୁ ସେତେବେଳେ ଗାଁରେ ଲୋକେ ଘିକୁଆଁରୀ ଚାଷ କରି କ୍ଷତି ସହିବା ପରେ ତାହାକ କ୍ଷେତରୁ ଓପାଡ଼ି ଫିଙ୍ଗି ଦେଇଥିଲେ। ସେଥିରୁ ୪, ୦୦୦ ଗଛ ସଂଗ୍ରହ କରି ହୃଷୀକେଶ ସେ ସବୁକୁ ପ୍ରଥମେ ଆମ୍ବ, ଅଁଳା ଗଛ ତଳେ ଲଗାଇଥିଲେ। ଏବେ ଦୁଇ ଏକର ଜମିରେ ଚାଷ କରୁଛନ୍ତି ଓ ଦିନକୁ ଘିକୁଆଁରୀରୁ ୮,୦୦୦ ଲିଟର ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୮ ଅଗଷ୍ଟ ୧୯୭୫

- ମିଜୋ ଜାତୀୟ ସାମ୍ମୁଖ୍ୟ ଓ ଏହାସହିତ ସମ୍ପୃକ୍ତ ଥିବା ଅନ୍ୟାନ୍ୟ ସଂସ୍ଥାଗୁଡ଼ିକୁ ସରକାର ବେଆଇନ ଘୋଷଣା କରିଛନ୍ତି।
- ପ୍ରାଉଟିଷ୍ଟ ବ୍ଲକ୍ ଅଫ୍ ଇଣ୍ଡିଆକୁ ବେଆଇନ ଘୋଷଣା କରାଯାଇଥିବାରୁ ଏହି ଦଳର ନାମ ରେଜିଷ୍ଟ୍ରୀଭୁକ୍ତ ଅଣସ୍ୱୀକୃତ ରାଜନୈତିକ ଦଳ ତାଲିକାରୁ କଟାଯାଇଛି।
- ପାର୍ଲାମେଣ୍ଟରେ ସମ୍ପ୍ରତି ଗୃହୀତ ହୋଇଥିବା ନିର୍ବାଚନ ଆଇନ (ସଂଶୋଧନ) ବିଲ୍ ରାଷ୍ଟ୍ରପତିଙ୍କ ମଞ୍ଜୁରି ପାଇଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | | 3 |
| | | | | | | | | |
| | 2 | 8 | | | | | | |
| 7 | | 9 | 3 | | | | | |
| | 4 | | | | 6 | | | |
| | | 2 | | 5 | 9 | | | 8 |
| | 8 | | | | 7 | 1 | | 2 |
| | 1 | | 4 | | | 3 | | |
| | | | 1 | 2 | | 4 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 4 | 5 | 2 | 7 | 8 | 1 |
| 1 | 8 | 5 | 9 | 6 | 7 | 2 | 4 | 3 |
| 2 | 7 | 4 | 3 | 1 | 8 | 9 | 6 | 5 |
| 9 | 4 | 1 | 2 | 8 | 6 | 5 | 3 | 7 |
| 5 | 2 | 7 | 1 | 3 | 4 | 8 | 9 | 6 |
| 8 | 6 | 3 | 7 | 9 | 5 | 1 | 2 | 4 |
| 7 | 9 | 8 | 5 | 4 | 3 | 6 | 1 | 2 |
| 4 | 1 | 2 | 6 | 7 | 9 | 3 | 5 | 8 |
| 3 | 5 | 6 | 8 | 2 | 1 | 4 | 7 | 9 |

ଗତକାଲିର ଉତ୍ତର

# ଡିଜିଟାଲ ମହାମାରୀ



ପ୍ରକାଶ ତ୍ରିପାଠୀ

ଜୁଲାଇ ୧୯ରେ ବିଶ୍ୱବ୍ୟାପୀ କମ୍ପ୍ୟୁଟର ଅଚଳ ହୋଇପଡ଼ିବା ଯୋଗୁ ସବୁକିଛି ଠପ୍ ହୋଇଗଲା। ବିମାନ ଚଳାଚଳ, ବ୍ୟାଙ୍କସେବା, ସ୍ୱାସ୍ଥ୍ୟସେବା, ରେଳ ଚଳାଚଳରେ ବିଭ୍ରାଟ ସୃଷ୍ଟିହେବା ସହ ପୁଞ୍ଜି ବଜାରରେ ପ୍ରଭାବ ପଡ଼ିଲା। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ସର୍ବାଧିକ ବ୍ୟବହୃତ ମାଇକ୍ରୋସଫ୍ଟ ସଫ୍ଟୱେରରେ ତ୍ରୁଟି ଦେଖାଯିବା ଯୋଗୁ ବିଶ୍ୱବ୍ୟାପୀ ଏପରି ଅଚଳାବସ୍ଥା ସୃଷ୍ଟିହେଲା ବୋଲି କୁହାଯାଉଛି। ସମ୍ପ୍ରତି ଆମର ଜୀବନ, ରୋଜଗାର, ସଫଳତା, ପରିଚୟ ସବୁକିଛି କମ୍ପ୍ୟୁଟର ସହ ଯୋଡି ହୋଇଯାଇଛି। ଜୁଲାଇ ୧୯ର ବିଶ୍ୱର ଏହି ସର୍ବବୃହତ ସମସ୍ୟାକୁ କୁହାଯାଉଛି ଗ୍ଲୋବାଲ ଟେକ୍ନିକାଲ ପ୍ରୋବ୍ଲେମ। ମାଇକ୍ରୋସଫ୍ଟ ସଫ୍ଟୱେରରେ ଏକ ତ୍ରୁଟି ଦେଖାଗଲା ଓ ତା' ପରେ ୧୭୦ ଦେଶର ୮୫ ଲକ୍ଷ କମ୍ପ୍ୟୁଟର ଅଚଳ ହୋଇଗଲା। ଏହା ଥିଲା ଡିଜିଟାଲ ମହାମାରୀର ଏକ ଛୋଟ ନମୁନା। ଏହି ତ୍ରୁଟି ସାଇବର ଆକ୍ରମଣଜନିତ ନୁହେଁ, ବରଂ କ୍ରାଉଡ ଷ୍ଟ୍ରାଇକବଗର ପ୍ରଭାବ ବୋଲି ମାଇକ୍ରୋସଫ୍ଟ ପକ୍ଷରୁ କୁହାଯାଇଛି। ଏହି ଗଡ଼ବଡ଼ ପଛରେ ମାନବୀୟ ତ୍ରୁଟିକୁ ଦାୟୀ କରାଯାଉଛି, ମାତ୍ର ଏହା ଭବିଷ୍ୟତ ପାଇଁ ଏକ ସତର୍କ ଘଣ୍ଟି। ଆମେ ସମସ୍ତେ ଜାଣିଛୁ ଯେ କମ୍ପ୍ୟୁଟରକୁ ଯେପରି କୌଣସି ଭାଇରସ୍ ନ ଆସେ ବା କୌଣସି ସାଇବର ଆକ୍ରମଣ ନ ହୁଏ, ସେଥିପାଇଁ କମ୍ପ୍ୟୁଟରରେ ଆଣ୍ଟି ଭାଇରସ୍ ରଖାଯାଏ। ଏକ କମ୍ପାନୀ ଅଛି ଯାହାର ନାମ କ୍ରାଉଡଷ୍ଟ୍ରାଇକ ଫାଲକନ, ଯାହାର ମୁଖ୍ୟ କାର୍ଯ୍ୟାଳୟ ଆମେରିକାସ୍ଥିତ ଅଷ୍ଟିନରେ। ଏହା ସାଇବର ଆକ୍ରମଣ ବା ଯେ କୌଣସି ଭାଇରସ୍ ଉପସ୍ଥିତିର ସଙ୍କେତ ଓ ସୁରକ୍ଷା ଦେଇଥାଏ। ଏହି କମ୍ପାନୀରେ କାର୍ଯ୍ୟରତ ଦଶ ହଜାରରୁ ଉର୍ଦ୍ଧ୍ୱ ବୈଷୟିକ କର୍ମଚାରୀଙ୍କ ମଧ୍ୟରୁ ଜଣେ ସଫ୍ଟୱେରକୁ ଅପଡେଟ ପ୍ରସ୍ତୁତ କଲେ ଓ ଏହାକୁ ବିସ୍ତାରିତ କରିଦେଲେ ଯାହାକୁ କି ଲୋକମାନେ ଗ୍ରହଣ କରିନେଲେ। ଏହାପରେ କମ୍ପ୍ୟୁଟରର ସ୍କ୍ରିନ ନୀଳ ହୋଇଗଲା ଯାହାକୁ କି କମ୍ପ୍ୟୁଟର ଭାଷାରେ ବ୍ଲୁ ସ୍କ୍ରିନ୍ ଅଫ୍ ଡେଥ୍ କୁହାଯାଏ। ଏହା ପରେ କମ୍ପ୍ୟୁଟର ସମ୍ପୂର୍ଣ୍ଣ ଅଚଳ। ମାଇକ୍ରୋସଫ୍ଟ ଅପରେଟିଂ ସିଷ୍ଟମ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହୁଏ ଓ କ୍ରାଉଡ ଷ୍ଟ୍ରାଇକ ଫାଲକନ କମ୍ପାନୀ ମାଇକ୍ରୋସଫ୍ଟ କମ୍ପାନୀର ସାଇବର ସୁରକ୍ଷା ଦାୟିତ୍ୱରେ ରହିଛି। କଥାରେ ଅଛି, ଯଦି ବାଡ଼ ଫସଲ ଖାଇବ, ତେବେ ଫସଲକୁ କିଏ ରକ୍ଷା କରିବ। ଠିକ୍ ଏହି ଘଟଣା ମାଇକ୍ରୋସଫ୍ଟ କ୍ଷେତ୍ରରେ ହେଲା, ଯାହାର ପରିଣାମ ସମଗ୍ର ବିଶ୍ୱ ଭୋଗିଲା। ଯଦି ଏହା କୌଣସି ସାଇବର ଅପରାଧ ହୋଇଥାନ୍ତା ତେବେ ଏତେ ଚିନ୍ତା କରିବାର ଆବଶ୍ୟକତା ନ ଥାନ୍ତା। କରଣ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ବ୍ୟବସ୍ଥା ଅଛି। କିନ୍ତୁ ଏହି ତ୍ରୁଟି ସାଇବର ଅପରାଧକୁ ରୋକିବା ବ୍ୟବସ୍ଥାରୁ ହିଁ ସୃଷ୍ଟି ହେଲା ଯାହାକୁ କି ଆତ୍ମଘାତୀ କୁହାଯାଇପାରେ।

ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି କିଛି ସମୟ ପାଇଁ କମ୍ପ୍ୟୁଟର ଅଚଳ ହୋଇଗଲା ତେବେ ସାଧାରଣ ମଣିଷଟିଏ କାହିଁକି ହଇରାଣ ହେବ। କିନ୍ତୁ ଏହା ସତ୍ୟ ଯେ ବର୍ତ୍ତମାନ ସମୟରେ ଆମେ ସଭିଏ କମ୍ପ୍ୟୁଟର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକଠାରୁ ଆରମ୍ଭକରି ମେଟ୍ରୋ ସିଟିରେ ସଫ୍ଟୱେରରେ କାର୍ଯ୍ୟ କରୁଥିବା ଇଞ୍ଜିନିୟର ସମସ୍ତେ ଏହା ଦ୍ୱାରା କବଳିତ । ବ୍ୟାଙ୍କିଙ୍ଗ୍, ରେଲ୍‌ୱେ, ସ୍ୱାସ୍ଥ୍ୟ, ବିମାନ ଚଳାଚଳ, ଆଧାର କାର୍ଡ, ବିଜୁଳି ସେବା ଓ ପ୍ରତିରକ୍ଷା ବ୍ୟବସ୍ଥା ସହ ଟେଲିଭିଜନ ପ୍ରସାରଣ,





ମୋବାଇଲ ଫୋନ ଆଦି ପ୍ରତ୍ୟେକ କ୍ଷେତ୍ର କମ୍ପ୍ୟୁଟର ସହ ଯୋଡି ହୋଇରହିଛି। ଏହି ସବୁ କ୍ଷେତ୍ରରେ ବ୍ୟବହୃତ କମ୍ପ୍ୟୁଟରକୁ ନିୟନ୍ତ୍ରଣ କରୁଛି ମାଇକ୍ରୋସଫ୍ଟ କମ୍ପାନୀ। କମ୍ପ୍ୟୁଟର ନ ଥିଲା ବେଳେ ଏହିସବୁ କାମ ଚଳୁଥିଲା। କିନ୍ତୁ ଏହିସବୁ ସେବା ବ୍ୟବସ୍ଥାକୁ ସହଜ ଓ ସରଳ କରିବା ପାଇଁ ସମୟକ୍ରମେ କମ୍ପ୍ୟୁଟର ଉପଯୋଗ କରାଗଲା। ବିଭିନ୍ନ ସଫ୍ଟୱେର ବିକଶିତ ହେଲା। ବର୍ତ୍ତମାନ ସମଗ୍ର ବିଶ୍ୱ ଏହି ସଫ୍ଟୱେର ଉପରେ ନିର୍ଭରଶୀଳ ଓ ଏହିସବୁ ସଫ୍ଟୱେର ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ନୁହେଁ। ଯଦି ସାମାନ୍ୟ ତ୍ରୁଟି ପାଇଁ ସମଗ୍ର ବିଶ୍ୱରେ ଅଚଳାବସ୍ଥା ସୃଷ୍ଟି ହୋଇପାରୁଛି, ତେବେ ଭବିଷ୍ୟତରେ ସାଇବର ଅପରାଧ ଯୋଗୁ ଏହି ଘଟଣା ଅଧିକ ତୀବ୍ର ହୋଇପାରେ ବୋଲି ଆଶଙ୍କା କରାଯାଇପାରେ। ଯେ କୌଣସି ଆପରାଧିକ ସଂଗଠନ କୌଣସି ଦେଶର କମ୍ପ୍ୟୁଟର ସିଷ୍ଟମ୍‌କୁ ଅଚଳ କରି ସେମାନଙ୍କର ଦାବି ଉପସ୍ଥାପନ କରିପାରନ୍ତି। ପାଠକଙ୍କର ମନେଥିବ ଜାପାନର ଭୟଙ୍କର ସୁନାମି ବେଳର କଥା। ସେଠାରେ ଅନେକଙ୍କର ଘର ଡିଜିଟାଲ ତାଲାରେ ବନ୍ଦ ହୋଇଥାଏ। ସୁନାମି ବେଳେ ସେଠାରେ ବିଜୁଳି ଚାଲିଗଲା ଓ ଲୋକମାନଙ୍କର ସ୍ୱୟଂଚାଳିତ ଘର ଆଉ ଖୋଲି ପାରି ନ ଥିଲା। ଯାହା ଦ୍ୱାରା ଲୋକମାନେ ଘର ଭିତରକୁ ପ୍ରବେଶ କରିପାରି ନ ଥିଲେ କି ଘରୁ ବାହାରକୁ ଆସିପାରି ନ ଥିଲେ। ହଜାର ହଜାର ଲୋକ ପାଣିରେ ଭାସିଗଲେ।

ଆଜିର ମଣିଷ ନିଜର କାର୍ଯ୍ୟକୁ ସହଜ, ସରଳ ତଥା ନିଜର ସୁଖପ୍ରଦ ଜୀବନ ପାଇଁ ବୈଷୟିକ ଜ୍ଞାନ କୌଶଳକୁ ବିକଶିତ କରୁଛି। ଏବେ ତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ନିଜକୁ ମଣିଷ ସମ୍ପୂର୍ଣ୍ଣ ଅଚଳ କରିବାକୁ ବସିଲାଣି। ଟେକ୍ନୋଲୋଜି ଡାଳେ ଡାଳେ ଗଲେ କମ୍ପ୍ୟୁଟର ଭାଇରସ୍ ଓ ସାଇବର ଅପରାଧୀ ପତ୍ରେ ପତ୍ରେ ଯାଉଛନ୍ତି। ଏହାର ପ୍ରମାଣ ହେଉଛି ବିଶ୍ୱବ୍ୟାପୀ କ୍ରମାଗତ ବୃଦ୍ଧି ପାଉଥିବା ସାଇବର ଅପରାଧ। ପ୍ରକାଶ ଯୋଗ୍ୟ ଯେ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୩୦ କୋଟି ବ୍ରାଣ୍ଡେଡ୍ କମ୍ପ୍ୟୁଟର ବିକ୍ରୟ ହେଉଛି ଓ ଏହାର ଅନେକ ଗୁଣ ସ୍ମାର୍ଟ ମୋବାଇଲ ଫୋନ ବିକ୍ରି ହେଉଛି। ବିଶ୍ୱର ପ୍ରାୟ ୯୦ ପ୍ରତିଶତ କମ୍ପାନୀ ମୁଖ୍ୟ ସର୍ଭର ସହ ଯୋଡି ହୋଇରହିଛନ୍ତି। ବ୍ୟାଙ୍କଠାରୁ ଆରମ୍ଭ କରି ପ୍ରତିରକ୍ଷା ବିଭାଗ ସବୁ କିଛି ସର୍ଭର ସହ ଯୋଡି ହୋଇରହିଛି ଓ ନିୟମିତ ଅପ୍‌ଡେଟ୍ ହେଉଛି। ଏଥିରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ତାହା ଗୁରୁତର ବିଭ୍ରାଟ ସୃଷ୍ଟି କରିପାରେ। ପ୍ରକାଶଯୋଗ୍ୟ ଯେ ସାଇବର ଆକ୍ରମଣରେ ଜର୍ଜରିତ ହେଉଥିବା ଦେଶ ମଧ୍ୟରେ ଭାରତ ଏକ ଅଗ୍ରଣୀ ଦେଶ। ଆପ୍ଲିକେଶନ ସୁରକ୍ଷା କମ୍ପାନୀ ଇଣ୍ଡସଫେସ୍ ରିପୋର୍ଟ ଅନୁଯାୟୀ ୨୦୨୩ରେ ଭାରତୀୟ ୱେବ୍‌ସାଇଟ ଓ ଆପ୍ସ ଉପରେ ଦୈନିକ ପ୍ରାୟ ୧କୋଟି ସାଇବର ଆକ୍ରମଣ ହୋଇଥାଏ। ବିଶେଷ କରି ଉତ୍ତର କୋରିଆ ଓ ଚାଇନାର ହ୍ୟାକରମାନେ ଅଧିକାଂଶ ଅପରାଧ ଘଟାଇଥାନ୍ତି। ଚିନ୍ତାଜନକ କଥା ହେଲା ଭାରତର ୪୦ ପ୍ରତିଶତ କମ୍ପାନୀ ସାଇବର ଅପରାଧକୁ ରୋକିବାରେ ସଫଳ ନୁହନ୍ତି।

ସାଇବର ଅପରାଧକୁ ଡରି କେତେ ଦସ୍ତାବିଜର ନକଲ ରଖିବା, ଘରେ ଓ କାର୍ଯ୍ୟାଳୟରେ କେତେ ବ୍ୟାକ୍‌ଅପ୍ ରଖିବା। ଚିନ୍ତାଜନକ କଥା ହେଲା ଯଦି ଏହିପରି ସଫ୍ଟୱେର ଆକ୍ରମଣ ବା ତ୍ରୁଟି ଅବ୍ୟାହତ ରୁହେ, ତେବେ ଷ୍ଟାର ୱାର ସିନେମାର ପ୍ରତିଟି ଦୃଶ୍ୟ ଭବିଷ୍ୟତରେ ବାସ୍ତବ ରୂପ ନେଇପାରେ। ଯୁଦ୍ଧ ମଇଦାନରେ ନୁହେଁ, କମ୍ପ୍ୟୁଟରରେ ହେବ। ଏଥିପାଇଁ ଆମେ କେତେ ପ୍ରସ୍ତୁତ? ଆମେ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଆମର ଶକ୍ତିକୁ କମ୍ପ୍ୟୁଟର ପରିଚାଳନା କରିବ। ଆଉ କମ୍ପ୍ୟୁଟର ଯଦି ବିଶ୍ୱାସଘାତକତା କରେ? ବିଶିଷ୍ଟ ବିଜ୍ଞାନୀ ଷ୍ଟିଫେନ ହାକିଂ ଠିକ୍ କହିଥିଲେ। ସେ କହିଥିଲେ ଯେ ପର୍ଯ୍ୟନ୍ତ ମାନବ ଜାତି ନିଜର ଜେନେଟିକ ମେକ୍‌ଅପ୍ ଓ ଡିଏନ୍‌ଏକୁ ବଦଳ କରି ନିଜର ନୂତନ ଡିଜାଇନ ନ କରିଛି, ତେବେ ଏହା ନିଶ୍ଚିତ ଯେ କମ୍ପ୍ୟୁଟର ପ୍ରସ୍ତୁତ ରୋବ ଆମର ଦୁନିଆକୁ ଦିନେ କବ୍‌ଜା କରିଦେବ।

ମୋ: ୯୪୩୭୨୩୨୪୬୩

# ହାଣ୍ଡି ଉପରେ ମାଡ଼



ଧ୍ରୁବ ଚରଣ ଘିବେଲା

ସାଧାରଣତଃ ଭୁଲ କାମ ପାଇଁ ମାଡ଼ ଥାଏ। ମାଡ଼ ବସେ। ପିଲାଙ୍କ କାନମୋଡି ପିଲାଙ୍କ ଗାଲରେ ସରୁ ଚଟକଣି ବସାଇ ଦୁଷ୍ଟ ନ ହେବା ପାଇଁ ପିଲାଙ୍କୁ ଆକଟ କରିବାକୁ ଚେଷ୍ଟା କରନ୍ତି ମା'ବାପା ଗୁରୁଜନ। ମା'ଙ୍କ ଗାଳିମାଡ଼ ପିଲାଙ୍କ ପାଇଁ ଦାଣ୍ଡର ଧୂଳି ଚନ୍ଦନ ଭଳି । ବାପାଙ୍କ ଅଭିଭାବକପଣିଆ ଅନୁଭୂତ ହୁଏ ପିଲାଙ୍କୁ ମାଡ଼ ଦେଇ ଆକଟ କରିବାରେ । ସେ ମାଡ଼ ପିଲାଙ୍କୁ ଠିକ୍ ବାଟକୁ ବି ଆଣିଥାଏ । ମାଡ଼କୁ ନେଇ ସେମିତି ଲେଖାଯାଇଛି ଅନେକ ଲେଖା, ଅନ୍ୟକୁ କେବଳ ସୁଧାରିବା ପାଇଁ। କୁହାଯାଏ ସେମିତି ଅନେକ କଥା । ତନ୍ମଧ୍ୟରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ କାଳଜୟୀ ସୃଷ୍ଟି 'ମାଡ଼ହାଣ୍ଡି କଥା' ଉଲ୍ଲେଖଯୋଗ୍ୟ। ସେଇ ମାଡ଼ହାଣ୍ଡିର କାହାଣୀ ଯିଏ ପଢ଼ିଛି, ସେ ନିଶ୍ଚୟ ନ ହସି ରହି ନ ଥିବେ । ମାଡ଼କୁ ନେଇ ଆଜି ବି ଲେଖାଚାଲିଛି ଗୀତ, କବିତା, ପ୍ରବନ୍ଧ ଗଳ୍ପ । ଆମ ପିଲାବେଳେ ସ୍କୁଲରେ ଯେଉଁ ମାଡ଼ ଥିଲା, ଏବେ ସେ ମାଡ଼ ଆଉ ନାହିଁ ସ୍କୁଲରେ। ସ୍କୁଲସବୁକୁ କରାଯାଇଛି 'ଦଣ୍ଡମୁକ୍ତ ଅଞ୍ଚଳ' । ସେଠି ପିଲାଙ୍କ ପିଠିରେ ପାହାର ବସିବା ପୂରା ମନା ହୋଇଛି। ଏ କଥା ବି ମିଛ ନୁହେଁ ମାଡ଼ ଉଠିଯାଇଥିବାରୁ କିଛି ପିଲା ଖୁବ୍ ଅମନଯୋଗୀ ରହନ୍ତି ଆଜିର ଦିନରେ। ଗୋପାଳ ଚନ୍ଦ୍ରଙ୍କ ମାଡ଼ହାଣ୍ଡି କାହାଣୀରେ ହାଣ୍ଡି ଉପରେ ମାଡ଼ ପଡ଼ିନି, ହେଲେ ହାଣ୍ଡି ଭିତରେ ଢଙ୍କାଯାଇ ହାଣ୍ଡି ମୁହଁ ବନ୍ଦ କରି ରଖାଯାଇଥିଲା ବିବିଧ ପ୍ରକାର ମାଡ଼(ମାଡ଼କୁ ହାଣ୍ଡିରେ ରଖାଯିବା ସମ୍ଭବ କେବଳ ଗପରେ)। ଅଳସୁଆ ପୁଅ ପୂର୍ବଭଳି ଢଙ୍କାଯାଇ ରଖାଯାଇଥିବା ମହମହ ସ୍ୱାଦିଷ୍ଟ ଖାଦ୍ୟ ଆଶାରେ ଯେତେବେଳେ ପାଣିରେ ଭାସୁଥିବା ହାଣ୍ଡିକୁ ଆଣି ହାଣ୍ଡିମୁହଁକୁ ଖୋଲି ଦେଇଛି ତା'ପରେ ବିବିଧ ପ୍ରକାର ମାଡ଼ହାଣ୍ଡି ଭିତରୁ ବାହାରି ଆସି ଅଳସୁଆ ଉପରେ ଦୁଲ୍‌ଦାଲ୍,ଠୋ ଠା ଲଦି ଦେଇଥିଲେ। ଖାଦ୍ୟ ଲୋଭରେ ପୁଅ ଭଲ କରି ପାଇଲା ପାନେ। ତଥାପି ହାଣ୍ଡି ମୁହଁକୁ ତରବରରେ ବାନ୍ଧି ଦେବାରୁ ଅଧିକ ମାଡ଼ ଖାଇବାରୁ ଅଳସୁଆ ବର୍ତ୍ତିଗଲା। ଆଉ ସେଇ ହାଣ୍ଡିକୁ ନେଇ ଘର କୋଣରେ ରଖିଦେଲା ଯେମିତି ଆଗରୁ ରଖୁଥିଲା ବଳକା ଖାଦ୍ୟ ତା' ମାଆ ଖାଇବା ପାଇ। ଏଥରକ ତା' ମାଆର ଭାଗ୍ୟ ଭଲ। ସେ ଦେଖିବା ପୂର୍ବରୁ ଆଗରୁ ଘର ଭିତରେ ଲୁଚିଛପି ରହିଥିବା ଭୋକିଲା ଚୋର ଦଳଙ୍କ ନଜରରେ ସେ ହାଣ୍ଡିଟା ପଡ଼ିଲା। ସେମାନେ ଖାଦ୍ୟ ଥିବ ଭାବି ହାଣ୍ଡିର ବନ୍ଦଥିବା ମୁହଁକୁ ଖୋଲିଦେବାରୁ ବିଧା, ଚାପୁଡ଼ା ଗୋଇଠା ଆଦି ବିଭିନ୍ନ ପ୍ରକାର ମାଡ଼ ଚୋରମାନଙ୍କ ଉପରେ ନିର୍ଘାତ ହେଲା। ଚୋର ଦଳ ଚୋରି କରିଥିବା ମୂଲ୍ୟବାନ ଜିନିଷ ସବୁକୁ ସେଠି ଛାଡ଼ିଦେଇ ଜୀବନ ବିକଳରେ ସେଠୁ ଦୌଡ଼ି ପଳାଇଥିଲେ। ମାଆ ପୁଅ ଭାଗ୍ୟରେ ଲେଖାଥିବା ଚୋରି ସମ୍ପତ୍ତି ପାଇ ତା'ପରେ ଖୁସିରେ ଚଳିଥିଲେ। ଏହା ହେଉଛି ମାଡ଼ହାଣ୍ଡିର କଥାବସ୍ତୁ। କାହାଣୀ ବର୍ଣ୍ଣିତ ହାଣ୍ଡିଭର୍ତ୍ତି ବିବିଧ ମାଡ଼ ଅଳସୁଆ ପୁଅ ଓ ଚୋର ଦଳକୁ ଯାହା ଖୁବ୍ ଛେଚିଥିଲେ ।

ଏବେ ପୁଣି ହାଣ୍ଡି ଉପରେ ମାଡ଼ ପଡ଼ିବା ନେଇ ଚର୍ଚ୍ଚା ହୁଏ। ମାଡ଼ ମାନେ ମହଙ୍ଗା ମାଡ଼। ହାଣ୍ଡି ଉପରେ ଠେଙ୍ଗା ମାଡ଼ କରାଗଲେ ତ ହାଣ୍ଡି ଭାଙ୍ଗି ଖପରାରେ ପରିଣତ ହେବ। ଏଠି (ଗ୍ୟାସ୍) ହାଣ୍ଡି ଦର ବଢୁଛି। ହାଣ୍ଡିରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପାଇଁ ଲୋଡ଼ା ସାମଗ୍ରୀ ଦର ବି ବେଲଗାମ ବଢ଼ିଚାଲିଛି। ସବୁଠୁ ବେଶି ମହଙ୍ଗା ମାଡ଼ ସହୁଛନ୍ତି ଗରିବଗୁରୁବା। ଚାକିରିଆଙ୍କୁ ହେଲେ ମିଳୁଛି ମହଙ୍ଗା ଭତ୍ତା। ତାଙ୍କର ନ ଥାଏ ଏତେ ଦରବୃଦ୍ଧି ଚିନ୍ତା। ତିନିଶହ ଚାରିଶହ ଟଙ୍କାର ପରିବା ବ୍ୟାଗଭର୍ତ୍ତି ହୋଇପାରୁନି। ଆଳୁ ବି ପହଞ୍ଚ ହୋଇପାରେନି କେତେକଙ୍କ ପାଇ। ବଜାରରେ ଦୋକାନୀ ଦର ଡାକୁଛନ୍ତି କେଜି ଦରରେ ନୁହେଁ, ପାଏ ହିସାବରେ। ପାଏ କୋଡ଼ିଏ ପଚିଶ କହିଲେ ଗ୍ରହଣୀୟ ହୁଏ। କେଜି ଅଶୀ ଶହେ କହିଲେ ମନରେ ଛନକା ପଶେ। ଯଦିଚ ପାଏକୁ କୋଡ଼ିଏ ଯାହା, କେଜିକୁ ଅଶୀ ଦର ତାହା। ଖାଲି କେଜି ଦରକୁ ମନ ଛୁଏଁନି, ପାଏକୁ ଛୁଏଁ ଗ୍ରହଣ କରେ। ଯେମିତି ବାଟା କମ୍ପାନୀ ଚପଲ ଦର ରଖେ ୯୯,୧୯୯,୨୯୯,୩୯୯,୪୯୯ ଟଙ୍କା। ଶହେ ଓ ଅନେଶତ ଭିତରେ ବିଶେଷ କିଛି ଫରକ ଅଛି ନା ଏବେ ନିକିତି ତଉଲା ଜୀବନ ପାଏକୁ ଖସି ଆସିଛି ପ୍ରାୟତଃ ତଳତଳିଆ ନ ଥିଲାବାଲାଙ୍କ ପାଇ। ବରଂ ବଡ଼ ବଡ଼ ଥିଲାବାଲାଙ୍କ ପାଇଁ କେଜି ଅଛୁଆଁ ହୁଏନି। ଜାଳେଣି ଗ୍ୟାସ ହାଣ୍ଡି ଦର କମୁନାହିଁ। ଏମିତି ବିଭିନ୍ନ ହାଣ୍ଡି ଯଥା ରୋଷେଇ ହାଣ୍ଡି, ଗ୍ୟାସ୍ ହାଣ୍ଡି, ଗାଡ଼ିର ଇଞ୍ଜିନ ହାଣ୍ଡି ଉପରେ ମହଙ୍ଗା ମାଡ଼ ବଢ଼ିଚାଲିଛି ସିନା କମିବାର ନାଁ ନାହିଁ।

ବଉଦରାଜ, ଜି. ବୌଦ୍ଧ
ମୋ:୯୪୩୭୪୭୮୪୬୬

## ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିୟତ।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜବରଦଖଲ ଉଚ୍ଛେଦ ହେଉ

ମହାଶୟ,

କଟକ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁ ବିଭାଗ ପ୍ରତିଷ୍ଠାନ ଫାଟକ ସମ୍ମୁଖକୁ ଅନେକ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏହା ଯୋଗୁ ଆମ୍ବୁଲାନ୍ସ ଯିବା ଆସିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ପ୍ରବେଶ ପାଇଁ ଉଭୟ କାଠଯୋଡ଼ି ପାର୍ଶ୍ୱ ତଥା ଲାଲବାଗ ଥାନା ସମ୍ମୁଖ ଫାଟକ ରହିଛି। ଏଥିପ୍ରତି ପ୍ରତିଷ୍ଠାନର ଉଚ୍ଚ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ବିଳମ୍ବ ନ କରି ତୁରନ୍ତ ଜବରଦଖଲକାରୀଙ୍କୁ ହଟାଇ ପ୍ରବେଶପଥକୁ ଅବରୋଧମୁକ୍ତ କରାଗଲେ ଯାତାୟାତ ସୁଗମ ହୋଇପାରନ୍ତା।

–ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପିଏନ୍ କଲେଜରେ ଛାତ୍ର ଅଣଛାତ୍ର ହାତାହାତି

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ (ପି.ଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ନେଇ ଗତ କିଛିଦିନ ହେବ ପରିବେଶ ଅଶାନ୍ତ ରହିଛି। ମଙ୍ଗଳବାର କଲେଜର ୨ଜଣ ଯୁକ୍ତ୨ ଛାତ୍ରଙ୍କୁ କ୍ୟାମ୍ପସ ନିକଟରେ ପୃଥକ ଭାବେ ଅଣଛାତ୍ର ଆକ୍ରମଣ କରିଥିବା ନେଇ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ, ମୁକୁନ୍ଦପ୍ରସାଦ ମୁସଲିମ ସାହିର ଯୁକ୍ତ୨ରେ ପଢୁଥିବା ଜଣେ ଛାତ୍ରଙ୍କୁ କ୍ୟାମ୍ପସ ଭିତରେ ୨୦ରୁ ୨୫ଜଣ ଅଣଛାତ୍ର ହଠାତ ଆସି ସେମାନଙ୍କ ବାଇକ ଏବଂ କାର୍‌ରୁ ଖଣ୍ଡା, ରଡ୍ ବାହାର କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୭୭/୨୪) ରୁଜୁ କରିଛି। ଅନ୍ୟପଟେ ଆକ୍ରମଣର ଶିକାର ହୋଇଥିବା ତୋଟାପଡ଼ା ଅଞ୍ଚଳର ଛାତ୍ରଙ୍କ ପିତା ଆଣିଥିବା ଅଭିଯୋଗ ଅନୁସାରେ ତାଙ୍କ ପୁଅ କଲେଜରେ +୨ ପଢୁଛି। ମଙ୍ଗଳବାର କଲେଜ କ୍ୟାଣ୍ଟିନ୍ ପାଖରେ ୧୫/୨୦ଜଣ ଅଣଛାତ୍ର ପହଞ୍ଚି ପୁଅକୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। କଲେଜ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ପୋଲିସ ଏ ନେଇ ୧୭୮/୨୪ରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ବୁଧବାର ମଧ୍ୟାହ୍ନରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଏକ ଶପିଙ୍ଗ୍ ମଲ ନିକଟରେ ମୁକୁନ୍ଦପ୍ରସାଦ ଅଞ୍ଚଳର ୨ଜଣ ଯୁବକ ଠିଆ ହୋଇଥିବାବେଳେ ହଠାତ ତାଙ୍କୁ ତୋଟାପଡ଼ା ଓ ମୁକୁନ୍ଦପ୍ରସାଦ ଅଞ୍ଚଳର କେତେଜଣ ଯୁବକ ତୋଟାପଡାସ୍ଥିତ ଏକ କ୍ଲବ ଘରକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ସେଠାରୁ ଆଦର୍ଶ ଥାନା ପୋଲିସ ଉକ୍ତ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି।

### କୁହୁଡ଼ି ଗୋଷ୍ଠୀ ବିବାଦ: ଆଉ ୪ ଗିରଫ

ଟାଙ୍ଗୀ-ଖୋର୍ଦ୍ଧା,୭।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମରେ ଜୁଲାଇ ୧୬ରେ ଘଟିଥିବା ହିନ୍ଦୁ-ମୁସଲିମ ବିବାଦରେ ଟାଙ୍ଗୀ ପୋଲିସ ମୁସଲିମ ସମ୍ପ୍ରଦାୟର ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୋରଣ ମୁସଲିମ ସାହିର ସାଜିଦ ଖାଁ, ବେଲାଲ ଖାଁ, ହାତୀ ଖାଁ, ଜବିର ଖାଁ। ପୂର୍ବରୁ ୭ ଅଭିଯୁକ୍ତ ଗିରଫ ହୋଇଥିଲେ। ସୂଚନାଯୋଗ୍ୟ, ଏହି ବିବାଦକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ବ୍ୟକ୍ତିଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା, ଯାହାକୁ ନେଇ ଶାନ୍ତି କମିଟି, କୋର କମିଟି ବୈଠକରେ ସାମାଜିକ ବାସନ୍ଦ, ବନ୍ଦ ଡାକରା, ଜାତୀୟ ରାଜପଥ ଅବରୋଧ ଭଳି ନିଷ୍ପତ୍ତି ନିଆଯାଇଥିଲା। ପୋଲିସର ବିଫଳତାକୁ ନେଇ ଜିଲା ପ୍ରଶାସନକୁ ଦୁଇ ଦୁଇ ଥର ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଯୋଗାଣ ବିଭାଗର ଚଢ଼ାଉ ଲୋକଦେଖାଣିଆ

- ସରକାରୀ ନିର୍ଦ୍ଦେଶ ପାଳନ ହେଉନି
- ୫୦ ଉପରେ ଆଳୁ ଦର
- ଖାଉଟି ଅସନ୍ତୁଷ୍ଟ

କଟକ,୭।୮ (କାର୍ତ୍ତିକ ସାହୁ)



କ୍ରମାଗତ ଭାବେ ଆଳୁ ଦର ବଢ଼ି ଚାଲିଥିବାବେଳେ ଯୋଗାଣ ବିଭାଗର ଅଧିକାରୀ କିନ୍ତୁ ବେଫିକର ଅଛନ୍ତି। ଆଳୁ କିଲୋ ୩୨ ଟଙ୍କାରେ ବିକ୍ରି କରିବାକୁ ସରକାର କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ୫୦ ଟଙ୍କା ଉପରେ ବିକ୍ରି ହେଉଛି। ଆଳୁ ଦର ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ବଜାରରୁ ଉଭାନ୍ ହୋଇଯାଇଛି। କଟକ ଛତ୍ରବଜାରକୁ ଆଳୁ ଆସିବା ବନ୍ଦ ହୋଇଯାଇଛି। ଏପରି ସ୍ଥିତିରେ ଯୋଗାଣ ବିଭାଗର ଏକ ଟିମ୍ ଛତ୍ରବଜାରର କେତେକ ଆଳୁ ଗୋଦାମରେ ବୁଧବାର ଚଢ଼ାଉ କରିଛି। ବାସ୍ତବ ସ୍ଥିତି ସ୍ୱୀକାର କରିବାକୁ ଯୋଗାଣ ଅଧିକାରୀ ପ୍ରସ୍ତୁତ ନ ଥିବାବେଳେ ଏହି ଚଢ଼ାଉ ଲୋକଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ଛତ୍ରବଜାରରେ ବ୍ୟବସାୟ ରାତି ପ୍ରାୟ ୪ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ଯାଏ ଗହଳଚହଳରେ ଚାଲେ। ଏହା ପରେ ଅଧିକାଂଶ ବ୍ୟବସାୟୀ ବ୍ୟବସାୟ ସାରିଦେଇ ଘରମୁହାଁ ହୋଇଥାନ୍ତି। ମାତ୍ର ଆଳୁର ଉଚ୍ଚାଦରକୁ ନେଇ ବିଭିନ୍ନ ସ୍ତରରେ ଚର୍ଚ୍ଚା ଜୋର ଧରିବା ପରେ ଯୋଗାଣ ବିଭାଗର ନିଦ ଭାଙ୍ଗିଛି। ଯୋଗାଣ ବିଭାଗର ଏକ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟାରେ ଛତ୍ରବଜାରର ବିଭିନ୍ନ ଆଳୁ ଗୋଦାମରେ ଯାଞ୍ଚ କରିଛି। ଗୋଦାମରେ ବିଭିନ୍ନ ସାମଗ୍ରୀର ମୂଲ୍ୟସୂଚୀ ଲଗାଯାଇଛି କି ନାହିଁ ତାହା ତଦାରଖ କରାଯାଇଥିଲା। ଏଥିସହ ବିଭିନ୍ନ ଗୋଦାମରେ ଆଳୁ କେତେ ପରିମାଣର ଗଚ୍ଛିତ ଅଛି ତାହା ଅନୁଧ୍ୟାନ କରିଯାଇଛି। ଏହି ଚଢ଼ାଉବେଳେ ଗୋଦାମ ମୂଲ୍ୟସୂଚୀରେ ଆଳୁ କୁଇଣ୍ଟାଲ ପ୍ରତି ଦର ୩୨୦୦ ଟଙ୍କା ଲେଖାଥିବା ଦେଖିବାକୁ ମିଳିଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ତାହା ଥିଲା ଓଲଟା। ଖୁଚୁରା ବ୍ୟବସାୟୀମାନେ ଆଳୁ କୁଇଣ୍ଟାଲ ୩୮୦୦ରୁ ୪୦୦୦ ଟଙ୍କା ଦରରେ ହୋଲ୍‌ସେଲ୍ ବ୍ୟବସାୟୀଙ୍କଠାରୁ କିଣୁଥିଲେ। ଛତ୍ରବଜାରଠାରୁ ଅଳ୍ପ ଦୂରରେ ଅବସ୍ଥିତ ଅର୍ବାନ ହାଟରେ ଆଳୁ କିଲୋ ୫୦ରୁ ୬୦ ଟଙ୍କା ଦରରେ ବିକ୍ରି ହେଉଥିଲା। ୟୁପିରୁ ଆସୁଥିବା ଆଳୁଗୁଡ଼ିକ ଅଧିକ ଶଢ଼ା ବାହାରୁଥିବାରୁ ସେଗୁଡ଼ିକୁ ବ୍ୟବସାୟୀ ବିକ୍ରି ପାଇଁ ନେବାକୁ ଅମଙ୍ଗ ହେଉଥିଲେ। ପଶ୍ଚିମବଙ୍ଗର ଭଲ ଆଳୁ ଅଳ୍ପ ପରିମାଣର ଥିବାରୁ ତାହାର ଦର ଉଚ୍ଚା ରହିଥିଲା। ଉଚ୍ଚାଦରରେ କିଣୁଥିବାରୁ ଖୁଚୁରା ବ୍ୟବସାୟୀ ଉଚ୍ଚାଦରରେ ଆଳୁ ବିକ୍ରି କରୁଥିଲେ। ଗୋଦାମରେ ପିଆଜ କୁଇଣ୍ଟାଲ ୩୨୦୦ ଟଙ୍କା ଲେଖାଥିବାବେଳେ କେଜି ୪୦ ଟଙ୍କାରେ ବିକ୍ରି ହେଉଛି। ମାତ୍ର ଆଳୁ କୁଇଣ୍ଟାଲ ଗୋଦାମରେ ୩୨୦୦ ଟଙ୍କା ଲେଖାଥିବାବେଳେ ଖୁଚୁରା ଦର ୫୦ ଟଙ୍କା ଉପରେ ବିକ୍ରି ହେବାକୁ ନେଇ ଯୋଗାଣ ଅଧିକାରୀ ଉପେନ୍ଦ୍ର ଭୋଇଙ୍କୁ ଗଣମାଧ୍ୟମର ପ୍ରତିନିଧି ଘେରିଥିଲେ। ଯୋଗାଣ ଅଧିକାରୀ ଭୋଇ କହିଛନ୍ତି, ଆମେ ଚଢ଼ାଉ କରିବାବେଳେ ଦେଖୁଛୁ ଆଳୁ କୁଇଣ୍ଟାଲ ୩୨୦୦ ଟଙ୍କା ଗୋଦାମରେ ଦର୍ଶାଯାଇଛି। ୨ ଦିନ ହେବ କୌଣସି ଆଳୁ ଗାଡ଼ି ଛତ୍ରବଜାରକୁ ଆସିନାହିଁ। ୩ ଦିନ ତଳେ ୨ ଗାଡ଼ି ଆଳୁ ଆସିଥିଲା। ବୁଧବାର ଶୀତଳଭଣ୍ଡାର ଓ ଚାଷୀଙ୍କଠାରୁ ଆସିଥିବା ଆଳୁ ବିକ୍ରି ହେଉଛି। ଆଳୁ କିଲୋ ୬୦ ଟଙ୍କା ବିକ୍ରି ହେଉଥିବା ନେଇ କେହି ଅଭିଯୋଗ କରିନାହାନ୍ତି। ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର ଆଳୁ କିଲୋ ୫୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ଯୋଗାଣ ଅଧିକାରୀ ୪୦ ଟଙ୍କା ବିକ୍ରି ହେଉଥିବା କହିଥିଲେ ଯାହା ବାସ୍ତବତାଠାରୁ ଦୂରରେ ଥିଲା। ଯୋଗାଣ ଅଧିକାରୀଙ୍କ ଏଭଳି କଥାକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ନାପସନ୍ଦ କରିଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଆଳୁ ଦରର ବାସ୍ତବ ସ୍ଥିତି ଜାଣି ଅଜଣା ହେଉଥିବା ଅଥବା ବ୍ୟବସାୟୀଙ୍କ ସହ ମଧୁଚନ୍ଦ୍ରିକା ବୋଲି ଚର୍ଚ୍ଚା ହେଉଛି।

### ସାଲେପୁରରେ କିଲୋ ୬୦ ଟଙ୍କା

ସାଲେପୁର,୭।୮ (ଅରବିନ୍ଦ ଭୂୟାଁ)

ପଶ୍ଚିମବଙ୍ଗରୁ ଚୋରାରେ ଆସୁଥିବା ଆଳୁ ବୁଧବାର ସାଲେପୁର ବଜାରରେ ୬୦ ଟଙ୍କାରେ କିଲୋ ପ୍ରତି ବିକ୍ରି କରାଯାଇଛି। ଆସିଥିବା ୨ଟି ଟ୍ରକ୍ ଆଳୁ ଖୁଚୁରା ବ୍ୟବସାୟୀମାନେ ବୋହି ନେଇଛନ୍ତି। ଗୁରୁବାର ସାଲେପୁର ସାପ୍ତାହିକ ହାଟ ପାଇଁ ଆଳୁ ମିଳିବା ମୁସ୍କିଲ ହୋଇଯିବ। ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଅସନ୍ତୋଷ ଉଗ୍ରରୂପ ଧାରଣ କରିବା ନେଇ ସ୍ପଷ୍ଟ ବାରି ହୋଇପଡୁଛି। ଜିଲା ଯୋଗାଣ ନିରୀକ୍ଷକ ହାତବାନ୍ଧି ବସି ରହିବା ଫଳରେ ଆଳୁ ବଜାରରେ ମିଳୁନାହିଁ। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀ ମନଇଚ୍ଛା ଦର ବଢ଼ାଉଛନ୍ତି। ଫଳରେ ଖାଉଟିଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

### ଜଟଣୀ ପ୍ରେସ୍ କ୍ଲବ୍ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଜଟଣୀ,୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ତରାବୋଇ କ୍ଲଷ୍ଟର ମିଶନ ଶକ୍ତି ଏମ୍‌ବିକେଙ୍କ ରାଜନୀତି ପ୍ରୀତି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିଲାଗି ଜଟଣୀ ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ଏକ ଲିଖିତ ଅଭିଯୋଗ ଜଟଣୀ ବିଡିଓ ରଶ୍ମିତା ନାଥଙ୍କୁ ପ୍ରଦାନ କରାଯାଇଛି। ଗତ ମଙ୍ଗଳବାରଠାରୁ ଏମ୍‌ବିକେଙ୍କ ଫଟୋ ଏବଂ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏମ୍‌ବିକେଙ୍କ ରାଜନୀତି ପ୍ରୀତିକୁ ନେଇ ଜଟଣୀର ବିଭିନ୍ନ ମହଲରେ ଅନେକ ଆଲୋଚନା ଚାଲିଛି। ତରାବୋଇ ମିଶନ ଶକ୍ତି ଏମ୍‌ବିକେ ପ୍ରମିଳା ନାଏକ, ଜଟଣୀ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଉପସ୍ଥିତିରେ ଭାଜପାରେ ବିଧିବଦ୍ଧ ଭାଜପା ଦଳୀୟ ଉତ୍ତରୀୟ ପକାଇ ଦଳରେ ଯୋଗ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳରେ ମହିଳାଙ୍କୁ ସାବଲମ୍ବୀ କରିବା ତଥା ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ମହିଳାଙ୍କୁ ନେଇ ମିଶନଶକ୍ତି ଗୋଷ୍ଠୀ ଗଠନ କରିଥିଲେ। ଅନ୍ୟପଟେ ମିଶନଶକ୍ତି ବିଭାଗର ଏମ୍‌ବିକେଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମ, ରାଜନୈତିକ ଦଳରେ ଯୋଗଦେବା ଲାଗି ବାରଣ ରହିଛି। କିନ୍ତୁ ଏମ୍‌ବିକେ ନାଏକ ନିୟମ ଉଲ୍ଲଂଘନ କରି ଦଳରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଡିଓ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରାସ୍ତାରେ ଚେକ୍ ଗେଟ୍ ଲଗାଇଲେ ଜବରଦଖଲକାରୀ



ଭୁବନପୁର-ବାଲିଚନ୍ଦ୍ରପୁର ସରକାରୀ ଚକରାସ୍ତାରେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି।

ବାରଙ୍ଗ,୭।୮ (ଲିଙ୍ଗରାଜ ରାଉତ)

### ତହସିଲଦାରଙ୍କୁ ଅଭିଯୋଗ

ବାରଙ୍ଗ ବ୍ଲକ ଅଧୀନ କୁହ୍ନେଇଁପଡ଼ା ପଞ୍ଚାୟତର ଭୁବନପୁର ଗ୍ରାମଠାରୁ ବାଲିଚନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ଥିବା ସରକାରୀ ଚକରାସ୍ତାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ରାସ୍ତା ଉପରେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ସାଧାରଣଲୋକ ଏହି ରାସ୍ତା ଦେଇ ଯାତାୟାତ କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ବୁଧବାର ଗ୍ରାମବାସୀ ତହସିଲଦାର ତୁଷାର ଜ୍ୟୋତିରଞ୍ଜନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମ ସାହାଡ଼ା ସୁନ୍ଦରୀ ମନ୍ଦିର ପାଖରୁ ଭୁବନପୁର ଗ୍ରାମକୁ ସଂଯୋଗ କରୁଥିବା ଚକରାସ୍ତାକୁ ଅଞ୍ଚଳବାସୀ ଦୀର୍ଘବର୍ଷ ହେବ ଯାତାୟାତ ନିମନ୍ତେ ବ୍ୟବହାର କରିଆସୁଥିଲେ। ହେଲେ କିଛି ମୁଷ୍ଟିମେୟ ବ୍ୟକ୍ତି ଉକ୍ତ ରାସ୍ତାକୁ ଜବରଦଖଲ କରି ରାସ୍ତା ଉପରେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ଉଭୟ ଗ୍ରାମବାସୀ ଯାତୟାତ କରିପାରୁ ନାହାନ୍ତି। ଗରିବ ଲୋକଙ୍କ ମୌଳିକ ସୁବିଧାକୁ ହୃଦୟଙ୍ଗମ ପୂର୍ବକ ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ଦେବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଭୁବନପୁର ଗ୍ରାମ କମିଟି ସଭାପତି ରଞ୍ଜନ ଭଞ୍ଜ ଏବଂ ସମ୍ପାଦକ ତ୍ରିଲୋଚନ ଭୋଇ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ଏ ବାବଦରେ ତହସିଲଦାର ଜ୍ୟୋତିରଞ୍ଜନଙ୍କୁ ପଚାରିବାରୁ, ସେ ଗୁରୁବାର ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଉକ୍ତ ଜାଗା ପରିଦର୍ଶନ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି କହିଥିଲେ।

### ମୋବାଇଲ ଟ୍ରାକିଂକୁ ତଦନ୍ତକୁ ନେଉନି ପୋଲିସ

**ଗଦାଧରଙ୍କ ନିଖୋଜ ଘଟଣା**

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)

ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମର ଗଦାଧର ନିଶଙ୍କ ଗତ ୩ ତାରିଖରେ କୌଣସି କାମରେ ଖୋର୍ଦ୍ଧା ଗୁରୁଜଙ୍ଗ ଆସି ନିଖୋଜ ହୋଇଯାଇଛନ୍ତି। ବରୁଣେଇ ଶିଳ୍ପାଞ୍ଚଳସ୍ଥିତ ଏକ ପରିତ୍ୟକ୍ତ ଖଣି ପୋଖରୀରୁ ଜବତ ବାଇକ, ହେଲେମଟ, ଜୋତା, ବ୍ୟାଗକୁ ପରିବାର ଲୋକେ ଗଦାଧରଙ୍କର ବୋଲି ଚିହ୍ନଟ କରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଗୁରୁଜଙ୍ଗର ଜଣେ ମହିଳାଙ୍କ ଘରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ସହ ସରଜମିନ ତଦନ୍ତ କରିଛି। ତେବେ ଏହି ଘଟଣାକୁ ନେଇ ୫ଦିନ ବିତିଲାଣି, ଏଯାବତ ପୋଲିସ ନିଖୋଜଙ୍କ ସନ୍ଧାନ ପାଇନାହିଁ। ଗଦାଧରଙ୍କ ମୋବାଇଲ ଶେଷ ଲୋକେଶନ ଗୁରୁଜଙ୍ଗସ୍ଥିତ ଏକ ମନ୍ଦିର ନିକଟରେ ଦେଖାଉଥିବାବେଳେ ପୋଲିସ ଏହାକୁ ତଦନ୍ତ ପରିସରଭୁକ୍ତ କରୁନାହିଁ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବୁଧବାର ଗଦାଧରଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ଗ୍ରାମବାସୀ ଖୋର୍ଦ୍ଧା ଆସି ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ନିଖୋଜ ଘଟଣାରେ ସଂପୃକ୍ତ ମହିଳାଙ୍କୁ ଜେରା କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି କହିଥିବା ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି।

### 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା'କୁ ନେଇ ଆଲୋଚନା





ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ଆଦିକବି ସାରଳା ଦାସ ଓଡ଼ିଆ ଅଧ୍ୟୟନ କେନ୍ଦ୍ର ପକ୍ଷରୁ 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର ଉତ୍କଳ ରଙ୍ଗମଞ୍ଚରେ ବୁଧବାର ଆରମ୍ଭ ହୋଇଛି। ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଡ. ଗୋପାଳ ପ୍ରସାଦ ମହାପାତ୍ର, ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ଗୁରୁ ରାମହରି ଦାସ ପ୍ରମୁଖ ଯୋଗଦେଇଥିଲେ। ଗବେଷଣା କେନ୍ଦ୍ରର ମୁଖ୍ୟନିର୍ବାହୀ ସିକତା ଦାସ ଅତିଥିଙ୍କୁ ସ୍ୱାଗତ କରି ଆଲୋଚନାଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଉଦୟନାଥ ସାହୁ, ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଏବଂ ବିଶିଷ୍ଟ ଭଞ୍ଜ ସାହିତ୍ୟ ତଥା ସଂସ୍କୃତି ବିଶେଷଜ୍ଞ ଶାନ୍ତନୁ କୁମାର ରଥ ଓଡ଼ିଶୀ ସଙ୍ଗୀତ ଉପରେ ଆଲୋଚନା କରିଥିଲେ। ସେମାନେ ଓଡ଼ିଶୀ ସଙ୍ଗୀତର ଉତ୍ପତ୍ତି ଓ ବିକାଶ, ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ବୈଶିଷ୍ଟ୍ୟ ଓ ବ୍ୟାକରଣ ଓ ପ୍ରାକ୍ ମଧ୍ୟ ଏବଂ ମଧ୍ୟଯୁଗୀୟ ଉତ୍କଳୀୟ ସଂସ୍କୃତିର ଅନନ୍ୟ ଛନ୍ଦ ଓ ସଙ୍ଗୀତମୟ ସାହିତ୍ୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥ ଓ ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହେବ।

# ବାଇଚଢ଼େଇ ସୁରକ୍ଷା ପାଇଁ ପ୍ରୟାସ

### ମନ ମୋହୁଛି ବାଙ୍କୀ ସିଂହନାଥ ପୀଠର ନଡ଼ିଆଗଛ

ବାଙ୍କୀ,୭।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ନଷ୍ଟ ବସାକୁ ଲୋକଙ୍କ ଦେଖିବା ଲାଗି ଦୋକାନରେ ମନୋଜ ରଣା ରଖିଛନ୍ତି।

ବାଇଚଢ଼େଇ ପକ୍ଷୀ ଜଗତର ଶିଳ୍ପୀ ଭାବେ ପରିଚିତ। ଏହି ପକ୍ଷୀଠାରୁ ବଞ୍ଚିବାର ପ୍ରେରଣା ମିଳେ ଓ ଝଡ଼ଝଞ୍ଜାକୁ କିପରି ସାମ୍ନା କରିହେବ ତା'ର ବଳିଷ୍ଠ ଉଦାହରଣ ବାଇଚଢ଼େଇ। ମା'ଟିଏ ତା' ଶିଶୁକୁ ଶୁଆଇ ଦେବାବେଳେ ପ୍ରଥମେ ମା'ପାଟିରୁ ବାହାରି ପଡ଼େ 'ବାଇ ଚଢ଼େଇ ଲୋ ବାଇ ଚଢ଼େଇ ତୋ ମା'ଯାଇଛି ଗାଈ ଚରେଇ'।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ବାଇଚଢ଼େଇ ସୁରକ୍ଷା ପାଇଁ ପ୍ରୟାସ କରିବା ସହ ଗାଁ ଗହଳର ବହୁ ଜନସାଧାରଣଙ୍କୁ ଏଥିରେ ସାମିଲ କରୁଛନ୍ତି। ଧୀରେ ଧୀରେ ଏହି ପକ୍ଷୀଙ୍କର ବସା ଆଉ ଦେଖିବାକୁ ମିଳୁନାହିଁ। ଏବେ ବଜାରରେ ପ୍ଲାଷ୍ଟିକ୍ ବାଇ ଚଢ଼େଇ ବସା ବିକ୍ରି ହେଉଛି। ଏହାକୁ ଲୋକମାନେ ନେଇ ତାଙ୍କ ପିଲାମାନଙ୍କୁ ଦେଖାଉଛନ୍ତି। ବାଙ୍କୀ ଡମପଡ଼ା ବ୍ଲକସ୍ଥ ପାଟପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ସିଂହନାଥପୀଠରେ ବହୁ ପରିମାଣରେ ବାଇଚଢ଼େଇ ନଡ଼ିଆଗଛରେ ବସା ବାନ୍ଧି ରହିଛନ୍ତି। ସେଠାରେ ସେବକମାନେ ସେମାନଙ୍କର ସୁରକ୍ଷା ପାଇଁ ଚେଷ୍ଟିତ। ପବନରେ ଝୁଲୁଥିବା ବସା ଭିତରେ ବାଇଚଢ଼େଇଙ୍କ ମନମତାଣିଆ ଚିଁକିରିମିକିରି ଶବ୍ଦ ସିଂହନାଥ ପୀଠକୁ ସଂଗୀତର ଅପୂର୍ବ ମୂର୍ଚ୍ଛନା ଆଣି ପାରିଛି। ଏହା ସେଠାକୁ ଯାଉଥିବା ଭକ୍ତମାନଙ୍କ ମନ ମୋହିପାରୁଛି। ଏବେ ତାଳଗଛ ବହୁ ପରିମାଣରେ ଲୋପପାଇଥିବାରୁ ଏହି ପକ୍ଷୀମାନେ ନଡ଼ିଆଗଛରେ ବସା ବାନ୍ଧୁଛନ୍ତି। ମା' ପକ୍ଷୀମାନେ କୁନି କୁନି ଥଣ୍ଟରେ କାଠି କୁଟା ଗୋଟାଇ ଆଣି ବସା ବାନ୍ଧନ୍ତି। ବର୍ଷା କି ପବନ ଏହି ବସାକୁ ଭାଙ୍ଗିପାରେନାହିଁ। ସେପ୍ଟେମ୍ବର ମାସ ଆଡ଼କୁ ମା' ପକ୍ଷୀମାନେ ଅଣ୍ଡା ଦେଇ ସାବକ ଫୁଟାଇଥାଆନ୍ତି। କଂକ୍ରିଟ୍ ଜଙ୍ଗଲ ହେବା ଫଳରେ ଧୀରେ ଧୀରେ ଏହି ପକ୍ଷୀମାନଙ୍କର ବଂଶ ଲୋପ ପାଇବାକୁ ବସିଲାଣି। ଏହି ପକ୍ଷୀର ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ପ୍ରାଧ୍ୟାପକ ମହାପାତ୍ରଙ୍କ ସହ ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ପ୍ରକୃତିବନ୍ଧୁ ଦୀପକ କୁମାର ସାମନ୍ତରା, କଂଗ୍ରେସ ରଣା ଓ ମନୋଜ ରଣା ପ୍ରମୁଖ ଆଗେଇ ଆସିଛନ୍ତି। ଯେଉଁ ବସାଗୁଡିକ ନଷ୍ଟହୋଇ ତଳେ ପଡ଼ିଯାଉଛି ତାହାକୁ ମନୋଜ ତାଙ୍କ ଦୋକାନରେ ସାଇତି ରଖିବା ଫଳରେ ବହୁ ଜନସାଧାରଣ ଦେଖିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ବାଇଚଢ଼େଇ ପକ୍ଷୀର ସୁରକ୍ଷା ହେଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି।

# ଖୋର୍ଦ୍ଧା-ବଲାଙ୍ଗୀର ରାସ୍ତାରେ ୪ ଫୁଟ୍ ପାଣି

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)



ରାସ୍ତାପାର୍ଶ୍ୱସ୍ଥ ଏକ ଦୋକାନରେ ବର୍ଷାପାଣି ପଶିଛି।



ମୁଖ୍ୟ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି।

### ୫ ଘଣ୍ଟା ପରେ ସ୍ୱାଭାବିକ ହେଲା ଯାତାୟାତ

- ଶତାଧିକ ଏକର ଜମିର ଫସଲ ନଷ୍ଟ, ତଳି ଭାସିଗଲା
- ଜବରଦଖଲମୁକ୍ତ, ରାଜପଥ ଡ୍ରେନେଜ୍ ନିର୍ମାଣ ଦାବି

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧାରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ଭୋର ୪ଟାରୁ ବର୍ଷାଜଳ ମାଡ଼ି ଖୋର୍ଦ୍ଧା-ବଲାଙ୍ଗୀର, ଖୋର୍ଦ୍ଧା-ବାଙ୍କୀ ରାସ୍ତାରେ ୪ରୁ ୫ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥିଲା। ଏହା ଧୀରେ ଧୀରେ ବଢ଼ିବାରୁ ଜନଜୀବନ ପ୍ରଭାବିତ ହୋଇଥିଲା। ଏକାଧିକ ଘରେ ପାଣି ପଶିଯିବାରୁ ସମ୍ପୃକ୍ତ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଛି। ଏକର ଏକର ଚାଷଜମିରେ ପାଣି ମାଡି ଫସଲ ନଷ୍ଟ ହେବା ସହ ଧାନତଳି ଧୋଇଯାଇଛି। ସେହିପରି ବଲାଙ୍ଗୀର, ନୟାଗଡ଼, ଭଞ୍ଜନଗର, କନ୍ଧମାଳ ଏବଂ କଣ୍ଟିଲୋ, ଖଣ୍ଡପଡ଼ା, ବାଙ୍କୀପଟୁ ଆସୁଥିବା ଏକାଧିକ ଘରୋଇ ବସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ସକାଳେ ପାଣି ବଢିବା ଯୋଗୁ ଦୁଇଚକିଆ ଓ ଚାରିଚକିଆ ଯାନ ପାଣିରେ ପଶି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ସଦର ଏସ୍‌ଡିପିଓ ଦିଲୀପ ଦାସ, ବାଘମାରୀ ଥାନା ଅଧିକାରୀ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ବାଘମାରୀ ଓ ବେଗୁନିଆରେ ସ୍ଥିତି ଅନୁଧ୍ୟାନ କରିଥିଲେ। ପାଣି ବଢିବା ଯୋଗୁ ଯାନବାହନ ରୁଟ୍ ପରିବର୍ତ୍ତନ କରାଯାଇଥିବା ସଦର ଏସ୍‌ଡିପିଓ ଦାସ କହିଥିଲେ। ଖୋର୍ଦ୍ଧାପଟୁ ଆସୁଥିବା ଚାରିଚକିଆ ଯାନ ଅଟ୍ରି ଏବଂ ବେଗୁନିଆପଟୁ ଆସୁଥିବା ଯାନକୁ ସିମୋର ପଟେ ଯିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଦୀର୍ଘ ସମୟ ଧରି ପୋଲିସ ବାଘମାରୀଠାରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଦୀର୍ଘ ୫ ଘଣ୍ଟା ପରେ ଜଳସ୍ତର ହ୍ରାସ ପାଇବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାଘମାରୀ-ନୟାଗଡ଼ ଏବଂ ଅନ୍ୟପଟେ କଣ୍ଟିଲୋ ଓ ଖଣ୍ଡାପଡାକୁ ସଂଯୋଗ କରୁଥିବା ଏକ ମୁଖ୍ୟରାସ୍ତା। ବାଘମାରୀଠାରୁ ବେଗୁନିଆ ପଟକୁ ପେଟ୍ରୋଲ ପମ୍ପ, କୁଶପଲ୍ଲୀ ଏବଂ ବାଙ୍କୀ ରାସ୍ତାରେ ଗଁପୁର, କୋଠପଲା ମଧ୍ୟରେ ୩ଫୁଟ ଉଚ୍ଚରେ ପାଣି ଚାଲିବା ସହ ଘରେ ଘରେ ପାଣି ପଶିଛି। ବ୍ୟାପକ ଚାଷଜମି ଜଳମଗ୍ନ ରହିଛି। ଏନେଇ ଏସ୍‌ଡିପିଓ ଦାସ କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣ ଓ ଲୋକଙ୍କ ସୁରକ୍ଷିତ ଯାତାୟାତ ଉପରେ ଗୁରୁତ୍ୱ ଦିଆଯାଇଛି। ବନ୍ୟାଜଳ କିପରି ନିଷ୍କାସନ ହେବ, ସେଥିଲାଗି ପ୍ରଶାସନ ସହ ଆଲୋଚନା କରାଯାଇଛି। ବେଗୁନିଆ ବିଡିଓ ସାହୁ କହିଲେ ଯେ, ବର୍ଷାଜଳ ମାଡ଼ି ବେଗୁନିଆ ବ୍ଲକର ଏକାଧିକ ଗ୍ରାମ ଓ ଚାଷଜମିରେ ପାଣି ପଶିଛି। ବର୍ଷାଜଳ କମିବା ପରେ ଏହାର କ୍ଷୟକ୍ଷତି ଆକଳନ କରାଯାଇ ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ। ଜାତୀୟ ରାଜପଥରେ ଡ୍ରେନେଜ ସମସ୍ୟାର ସମାଧାନ, ତୁରନ୍ତ ଅଧାପନ୍ତରିଆ ଡ୍ରେନ ନିର୍ମାଣ ସାରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଅନ୍ୟପକ୍ଷରେ ଅଞ୍ଚଳବାସୀ କହିଛନ୍ତି, ରାଜପଥ ଉଭୟ ପାର୍ଶ୍ୱ ଜବରଦଖଲ ଯୋଗୁ ଅସରାଏ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏକାଧିକ ବ୍ୟକ୍ତି ବାଘମାରୀ ମୁଖ୍ୟରାସ୍ତାକୁ ଅବରୋଧ କରିରଖିଛନ୍ତି। ଏହାକୁ ମୁକ୍ତ କରାଯାଇ ତୁରନ୍ତ ୱାଟର ଲଗିଙ୍ଗଜନିତ ସମସ୍ୟା ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ନେବା ଉଚିତ।

# ଯୋଗାଣ ବିଭାଗର ଚଢ଼ାଉ ଲୋକଦେଖାଣିଆ



■ସରକାରୀ ନିର୍ଦ୍ଦେଶ ପାଳନ ହେଉନି
■୫୦ ଉପରେ ଆଳୁ ଦର
■ଖାଉଟି ଅସନ୍ତୁଷ୍ଟ

କଟକ,୭।୮ (କାର୍ତ୍ତିକ ସାହୁ)

କ୍ରମାଗତ ଭାବେ ଆଳୁ ଦର ବଢ଼ି ଚାଲିଥିବାବେଳେ ଯୋଗାଣ ବିଭାଗର ଅଧିକାରୀ କିନ୍ତୁ ବେଫିକର ଅଛନ୍ତି। ଆଳୁ କିଲୋ ୩୨ ଟଙ୍କାରେ ବିକ୍ରି କରିବାକୁ ସରକାର କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ ବାସ୍ତବ କ୍ଷେତ୍ରରେ ୫୦ ଟଙ୍କା ଉପରେ ବିକ୍ରି ହେଉଛି। ଆଳୁ ଦର ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ବଜାରରୁ ଉଭାନ୍ ହୋଇଯାଇଛି। କଟକ ଛତ୍ରବଜାରକୁ ଆଳୁ ଆସିବା ବନ୍ଦ ହୋଇଯାଇଛି। ଏପରି ସ୍ଥିତିରେ ଯୋଗାଣ ବିଭାଗର ଏକ ଟିମ୍ ଛତ୍ରବଜାରର କେତେକ ଆଳୁ ଗୋଦାମରେ ବୁଧବାର ଚଢ଼ାଉ କରିଛି। ବାସ୍ତବ ସ୍ଥିତି ସ୍ୱୀକାର କରିବାକୁ ଯୋଗାଣ ଅଧିକାରୀ ପ୍ରସ୍ତୁତ ନ ଥିବାବେଳେ ଏହି ଚଢ଼ାଉ ଲୋକଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ, ଛତ୍ରବଜାରରେ ବ୍ୟବସାୟ ରାତି ପ୍ରାୟ ୪ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ଯାଏ ଗହଳଚହଳରେ ଚାଲେ। ଏହା ପରେ ଅଧିକାଂଶ ବ୍ୟବସାୟୀ ବ୍ୟବସାୟ ସାରିଦେଇ ଘରମୁହାଁ ହୋଇଥାନ୍ତି। ମାତ୍ର ଆଳୁର ଉଚ୍ଚାଦରକୁ ନେଇ ବିଭିନ୍ନ ସ୍ତରରେ ଚର୍ଚ୍ଚା ଜୋର ଧରିବା ପରେ ଯୋଗାଣ ବିଭାଗର ନିଦ ଭାଙ୍ଗିଛି। ଯୋଗାଣ ବିଭାଗର ଏକ ଟିମ୍ ପୂର୍ବାହ୍ନ ପ୍ରାୟ ୧୧ଟାରେ ଛତ୍ରବଜାରର ବିଭିନ୍ନ ଆଳୁ ଗୋଦାମରେ ଯାଞ୍ଚ କରିଛି। ଗୋଦାମରେ ବିଭିନ୍ନ ସାମଗ୍ରୀର ମୂଲ୍ୟସୂଚୀ ଲଗାଯାଇଛି କି ନାହିଁ ତାହା ତଦାରଖ କରାଯାଇଥିଲା। ଏଥିସହ ବିଭିନ୍ନ ଗୋଦାମରେ ଆଳୁ କେତେ ପରିମାଣର ଗଚ୍ଛିତ ଅଛି ତାହା ଅନୁଧ୍ୟାନ କରିଯାଇଛି। ଏହି ଚଢ଼ାଉବେଳେ ଗୋଦାମ ମୂଲ୍ୟସୂଚୀରେ ଆଳୁ କୁଇଣ୍ଟାଲ ପ୍ରତି ଦର ୩୨୦୦ ଟଙ୍କା ଲେଖାଥିବା ଦେଖିବାକୁ ମିଳିଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ତାହା ଥିଲା ଓଲଟା। ଖୁଚୁରା ବ୍ୟବସାୟୀମାନେ ଆଳୁ କୁଇଣ୍ଟାଲ ୩୮୦୦ରୁ ୪୦୦୦ ଟଙ୍କା ଦରରେ ହୋଲ୍‌ସେଲ୍ ବ୍ୟବସାୟୀଙ୍କଠାରୁ କିଣୁଥିଲେ। ଛତ୍ରବଜାରଠାରୁ ଅଳ୍ପ ଦୂରରେ ଅବସ୍ଥିତ ଅର୍ବାନ ହାଟରେ ଆଳୁ କିଲୋ ୫୦ରୁ ୬୦ ଟଙ୍କା ଦରରେ ବିକ୍ରି ହେଉଥିଲା। ୟୁପିରୁ ଆସୁଥିବା ଆଳୁଗୁଡ଼ିକ ଅଧିକ ଶଢ଼ା ବାହାରୁଥିବାରୁ ସେଗୁଡ଼ିକୁ ବ୍ୟବସାୟୀ ବିକ୍ରି ପାଇଁ ନେବାକୁ ଅମଙ୍ଗ ହେଉଥିଲେ। ପଶ୍ଚିମବଙ୍ଗର ଭଲ ଆଳୁ ଅଳ୍ପ ପରିମାଣର ଥିବାରୁ ତାହାର ଦର ଉଚ୍ଚା ରହିଥିଲା। ଉଚ୍ଚାଦରରେ କିଣୁଥିବାରୁ ଖୁଚୁରା ବ୍ୟବସାୟୀ ଉଚ୍ଚାଦରରେ ଆଳୁ ବିକ୍ରି କରୁଥିଲେ। ଗୋଦାମରେ ପିଆଜ କୁଇଣ୍ଟାଲ ୩୨୦୦ ଟଙ୍କା ଲେଖାଥିବାବେଳେ କେଜି ୪୦ ଟଙ୍କାରେ ବିକ୍ରି ହେଉଛି। ମାତ୍ର ଆଳୁ କୁଇଣ୍ଟାଲ ଗୋଦାମରେ ୩୨୦୦ ଟଙ୍କା ଲେଖାଥିବାବେଳେ ଖୁଚୁରା ଦର ୫୦ ଟଙ୍କା ଉପରେ ବିକ୍ରି ହେବାକୁ ନେଇ ଯୋଗାଣ ଅଧିକାରୀ ଉପେନ୍ଦ୍ର ଭୋଇଙ୍କୁ ଗଣମାଧ୍ୟମର ପ୍ରତିନିଧି ଘେରିଥିଲେ। ଯୋଗାଣ ଅଧିକାରୀ ଭୋଇ କହିଛନ୍ତି, ଆମେ ଚଢ଼ାଉ କରିବାବେଳେ ଦେଖୁଛୁ ଆଳୁ କୁଇଣ୍ଟାଲ ୩୨୦୦ ଟଙ୍କା ଗୋଦାମରେ ଦର୍ଶାଯାଇଛି। ୨ ଦିନ ହେବ କୌଣସି ଆଳୁ ଗାଡ଼ି ଛତ୍ରବଜାରକୁ ଆସିନାହିଁ। ୩ ଦିନ ତଳେ ୨ ଗାଡ଼ି ଆଳୁ ଆସିଥିଲା। ବୁଧବାର ଶୀତଳଭଣ୍ଡାର ଓ ଚାଷୀଙ୍କଠାରୁ ଆସିଥିବା ଆଳୁ ବିକ୍ରି ହେଉଛି। ଆଳୁ କିଲୋ ୬୦ ଟଙ୍କା ବିକ୍ରି ହେଉଥିବା ନେଇ କେହି ଅଭିଯୋଗ କରିନାହାନ୍ତି। ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର ଆଳୁ କିଲୋ ୫୦ ଟଙ୍କା ଉପରେ ବିକ୍ରି ହେଉଥିବାବେଳେ ଯୋଗାଣ ଅଧିକାରୀ ୪୦ ଟଙ୍କା ବିକ୍ରି ହେଉଥିବା କହିଥିଲେ ଯାହା ବାସ୍ତବତାଠାରୁ ଦୂରରେ ଥିଲା। ଯୋଗାଣ ଅଧିକାରୀଙ୍କ ଏଭଳି କଥାକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ନାପସନ୍ଦ କରିଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଆଳୁ ଦରର ବାସ୍ତବ ସ୍ଥିତି ଜାଣି ଅଜଣା ହେଉଥିବା ଅଥବା ବ୍ୟବସାୟୀଙ୍କ ସହ ମଧୁଚନ୍ଦ୍ରିକା ବୋଲି ଚର୍ଚ୍ଚା ହେଉଛି।

## ସାଲେପୁରରେ କିଲୋ ୬୦ ଟଙ୍କା

ସାଲେପୁର,୭।୮ (ଅରବିନ୍ଦ ଭୂୟାଁ)

ପଶ୍ଚିମବଙ୍ଗରୁ ଚୋରାରେ ଆସୁଥିବା ଆଳୁ ବୁଧବାର ସାଲେପୁର ବଜାରରେ ୬୦ ଟଙ୍କାରେ କିଲୋ ପ୍ରତି ବିକ୍ରି କରାଯାଇଛି। ଆସିଥିବା ୨ଟି ଟ୍ରକ୍ ଆଳୁ ଖୁଚୁରା ବ୍ୟବସାୟୀମାନେ ବୋହି ନେଇଛନ୍ତି। ଗୁରୁବାର ସାଲେପୁର ସାପ୍ତାହିକ ହାଟ ପାଇଁ ଆଳୁ ମିଳିବା ମୁସ୍କିଲ ହୋଇଯିବ। ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଅସନ୍ତୋଷ ଉଗ୍ରରୂପ ଧାରଣ କରିବା ନେଇ ସ୍ପଷ୍ଟ ବାରି ହୋଇପଡୁଛି। ଜିଲା ଯୋଗାଣ ନିରୀକ୍ଷକ ହାତବାନ୍ଧି ବସି ରହିବା ଫଳରେ ଆଳୁ ବଜାରରେ ମିଳୁନାହିଁ। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀ ମନଇଚ୍ଛା ଦର ବଢ଼ାଉଛନ୍ତି। ଫଳରେ ଖାଉଟିଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ଯୋଗାଣ ବିଭାଗ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ଜାତୀୟ ହସ୍ତତନ୍ତ ଦିବସ ପାଳିତ



କଟକ,୭।୮ (କାର୍ତ୍ତିକ ସାହୁ)

ଆକାଶବାଣୀ କଟକ କେନ୍ଦ୍ରରେ ଜାତୀୟ ହସ୍ତତନ୍ତ ଦିବସ ବୁଧବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ମୁଖ୍ୟ ସୁମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ହସ୍ତତନ୍ତର ବ୍ୟବହାର ବୃଦ୍ଧି କରିବା ଉପରେ ମତପ୍ରକାଶ ପାଇଥିଲା। ଓଡ଼ିଶା ସମେତ ଦେଶର ଅନ୍ୟ ଅଞ୍ଚଳରେ ହସ୍ତତନ୍ତ କାରିଗର, କାରିଗରି ଓ ପ୍ରସ୍ତୁତ ତନ୍ତ ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଂଶଗ୍ରହଣ କରିଥିବା ମହିଳା କର୍ମକର୍ତ୍ତାମାନେ ଓଡ଼ିଶା ହସ୍ତତନ୍ତ ପ୍ରସ୍ତୁତ ଶାଢ଼ି, ପୋଷାକ ପରିଧାନ କରିଥିଲେ। ଆଗାମୀ ଦିନରେ ହସ୍ତତନ୍ତ ଏବଂ ଏଥିସହ ସମ୍ପୃକ୍ତ ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି ହେବା ଓ ଜନସାଧାରଣଙ୍କ ମଧ୍ୟରେ ହସ୍ତତନ୍ତ ପ୍ରସ୍ତୁତ ବସ୍ତ୍ର ପରିଧାନ ନିମନ୍ତେ ଆଗ୍ରହ ବଢ଼ାଇବା ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ରର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆକର୍ଷଣ ସାଜିବ ନେତାଜୀ ଜନ୍ମପୀଠ, ପୁରୁଣା ଜେଲ

■ଉଡ଼ିବ ୧୨୦ ଫୁଟ୍‌ର ଜାତୀୟ ପତାକା
■ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି ମେୟର, କମିଶନର

କଟକ,୭।୮ (କାର୍ତ୍ତିକ ସାହୁ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମପୀଠ ଓ କଟକର ପୁରୁଣା ଜେଲ ହେବାକୁ ଯାଉଛି ଓଡ଼ିଶାର ସବୁଠୁ ଆକର୍ଷକ। ନେତାଜୀ ମେମୋରିଆଲ ପାର୍କ ଓ ପୁରୁଣା ଜେଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୧ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ଏହା ଏବେ ରାଜ୍ୟର ପ୍ରମୁଖ ଆକର୍ଷଣର କେନ୍ଦ୍ର ପାଲଟିବାକୁ ଯାଉଛି ବୋଲି ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। ମେୟରଙ୍କ ସହ ସିଏମ୍‌ସି କମିଶନର ବିଜୟ କୁମାର ଦାସ ବୁଧବାର ପରିଦର୍ଶନ କରି ଉପରୋକ୍ତ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି। ୧୬ ଏକର ଜମିରେ ଏହି କାର୍ଯ୍ୟ କରାଯାଉଛି। ଏଥିରେ ପାର୍କିଂ ପାଇଁ ସୁବ୍ୟବସ୍ଥା ସହ ପୁରୁଣା ଜେଲ୍‌କୁ ସ୍ମାରକୀ ଭାବେ ଉନ୍ନତୀକରଣ କରାଯାଇଛି। ନେତାଜୀ ମେମୋରିଆଲ ପାର୍କରେ ନେତାଜୀ ସ୍ମୃତି ଦରବାର ରହିଛି ଯେଉଁଥିରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଆକର୍ଷଣୀୟ ଫଟୋଚିତ୍ର ଭିନ୍ନ ଭିନ୍ନ ଡିଜାଇନର ରଖାଯାଇଛି। ବଡ଼ ଯୋଗକେନ୍ଦ୍ର, ଫୁଡ୍ କୋର୍ଟ, ଲେଜର ଲାଇଟ୍ ଶୋ, ମ୍ୟୁଜିକ ଫାଉଣ୍ଟେନ, ପିଲାଙ୍କ ପାଇଁ ଖେଳସ୍ଥଳ, ଇଣ୍ଟରପ୍ରିଟେସନ ସେଣ୍ଟର ଆଦି ରହିଛି। ଏଥିସହ ଏଠାରେ ୧୨୦ ଫୁଟ ଉଚ୍ଚତାର ଜାତୀୟ ପତାକା ଉଡ଼ିବ। ଏହା କଟକର ସବୁଠୁ ବଡ଼ ପତାକା ପୋଷ୍ଟ ହେବ। ସେହିପରି ୬.୭୮ ଏକର ଜାଗାରେ ଥିବା କଟକର ସବୁଠାରୁ ବଡ଼ ଗଙ୍ଗାମନ୍ଦିର ପୋଖରୀର ରୂପାନ୍ତୀକରଣ ସହ ବୋଟିଂ ପାଇଁ ଯୋଜନା ରହିଛି।

ଆସନ୍ତା ୧୫ ଦିନ ମଧ୍ୟରେ ଏସବୁ କାର୍ଯ୍ୟ ଶେଷ ହୋଇ ଅଗଷ୍ଟ ୩୦ ତାରିଖ ଭିତରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମେୟର ଓ କମିଶନର କହିଛନ୍ତି। ଏହି ପରିଦର୍ଶନବେଳେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, କର୍ପୋରେଟର ଅରୁନ୍ଧତୀ କର, କ୍ୟୁରେସା ନୁର, ଚନ୍ଦନ ଜେନା, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀଯନ୍ତ୍ରୀ ସୁବାସ ସାହୁ, ଉମାରାଣୀ ମାଝୀ, ଏସ୍ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ।



ନେତାଜୀ ମେମୋରିଆଲ ପାର୍କ କାର୍ଯ୍ୟକୁ ସିଏମ୍‌ସି ମେୟର, କମିଶନର ଓ ଅନ୍ୟମାନେ ଅନୁଧ୍ୟାନ କରୁଛନ୍ତି।

# ସର୍ଭିସ୍ ରୋଡ୍ ତୁରନ୍ତ ମରାମତି କରାଯାଉ

ଚୌଦ୍ୱାର,୭।୮ (ଆଶୁତୋଷ ଦାସ)

ମଙ୍ଗୁଳି ଛକରୁ ଚୌଦ୍ୱାର ମଧ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ୬ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜପଥ କାର୍ଯ୍ୟ, ଫ୍ଲାଏ ଓଭର ଓ ଗଳିପୋଲଗୁଡ଼ିକର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ରାଜପଥର ଉଭୟ ପାଖରେ ନିର୍ମିତ ସର୍ଭିସ୍ ରୋଡ୍‌ରେ ଯାନବାହନ ଚଳାଚଳ କରୁଛି। ଏଥିସହ ଜନସାଧାରଣ ଯାତାୟାତ କରୁଛନ୍ତି। କିଛିଦିନ ହେଲା ଲଗାଣ ବର୍ଷା ଫଳରେ ଉଭୟ ପାର୍ଶ୍ୱ ସର୍ଭିସ ରୋଡ୍‌ରେ ଖାଲଖମା ସୃଷ୍ଟି ହୋଇଛି। ସେଥିରେ ବର୍ଷାପାଣି ଜମି ରହୁଥିବାରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଚୌଦ୍ୱାରର ଏକ ପ୍ରତିନିଧି ଦଳ ଜାତୀୟ ରାଜପଥ ପ୍ରାଧିକରଣର ଢେଙ୍କାନାଳ କାର୍ଯ୍ୟାଳୟରେ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ଉକ୍ତ ସର୍ଭିସ ରୋଡ୍‌ର ତୁରନ୍ତ ମରାମତି ଦାବି କରିଛନ୍ତି। ୧୭ ଦଫା ଦାବି ସମ୍ବଳିତ ଏକ ପତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ନିର୍ମାଣାଧୀନ ରାସ୍ତା କାର୍ଯ୍ୟର ମାନ ତଦାରଖ କରିବା, ରାସ୍ତାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା, ଜଳ ନିଷ୍କାସନ ପାଇଁ ରାସ୍ତା ପାଖରେ ଡ୍ରେନ୍ ନିର୍ମାଣ କରିବାକୁ ପ୍ରତିନିଧିମାନେ ଦାବି କରିଥିଲେ। ଶଙ୍କର୍ଷଣ ମହାପାତ୍ର, ଭୀମସେନ ବିଶ୍ୱାଳ, ପ୍ରଭାନନ୍ଦ ସାହୁ, ଜିତେଶ ମହାନ୍ତି, ବିନୟ ଚନ୍ଦ୍ର ମହାନ୍ତି, ପ୍ରିୟବ୍ରତ ଗଡ଼ନାୟକ, ହରିହର ବେଉରା, ରବିନାରାୟଣ ସେନ୍ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।





କଟକ ଜିଲା ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ କ୍ୟାମ୍ପୋରୀରେ ଯୋଗଦେଇଥିବା ଅତିଥିବୃନ୍ଦ।

# ‘ଶୃଙ୍ଖଳିତ ହୁଅନ୍ତୁ ଛାତ୍ରୀଛାତ୍ର’

ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଶିବିର ଉଦ୍‌ଘାଟିତ

କଟକ,୭।୮ (କାର୍ତ୍ତିକ ସାହୁ)

କଟକ ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସ ପକ୍ଷରୁ ୩ ଦିନିଆ ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରେଭେନ୍‌ଶା କଲିଜିଏଟ୍ ସ୍କୁଲଠାରେ ଆୟୋଜିତ ଏହି ଶିବିରରେ ଜିଲାର ୮୬ଟି ବିଦ୍ୟାଳୟର ୭୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍ସ, ଗାଇଡ୍ସ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍ କ୍ୟାପ୍‌ଟେନ୍ ଯୋଗଦେଇଛନ୍ତି। ଶିବିରରେ ୩ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଛାତ୍ରୀଛାତ୍ରମାନେ ଶାରୀରିକ କୌଶଳ, ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଆଦି ସମ୍ପର୍କରେ ପ୍ରଶିକ୍ଷଣ ନେବେ। ଏଥିସହ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ‘ସମାଜ’ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, ଏଲିମେଣ୍ଟାରି ଏଜୁକେଶନର ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନମିକା ରାଏ, ବିଇଓ ସରସ୍ୱତୀ କାନୁନ୍‌ଗୋ, ସ୍କାଉଟ ଗାଇଡ୍ ସମ୍ପାଦିକା ସୌଦାମିନୀ ଦାସ, ଅଶୋକ ମହାପାତ୍ର, ନିରୁପମା ମଲ୍ଲିକ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିର ଦ୍ୱାରା ଛାତ୍ରୀଛାତ୍ର ନିଜକୁ ଶୃଙ୍ଖଳିତ ଭାବେ ଗଢ଼ି ତୋଳି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଗତି ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଅକ୍ଷମତା ପ୍ରକାଶ କଲେ ତହସିଲଦାର

କଟକ ସଦର,୭।୮ (ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ହାଟପଡିଆ ନିକଟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପାଖରେ ଜଣେ ବ୍ୟକ୍ତି ଗୃହ ନିର୍ମାଣ କରୁଛନ୍ତି। ଏହି କାର୍ଯ୍ୟ ବନ୍ଦ ପାଇଁ ସ୍ଥାନୀୟ ଜନସାଧାରଣ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାସଙ୍କୁ ମଙ୍ଗଳବାର ଦେଇଥିଲେ। ମାତ୍ର ହାଲ୍ ଜମିଜମା ରେକର୍ଡରେ ଜାଗାଟି ବ୍ୟକ୍ତିଗତ ମାଲିକାନାରେ ରହିଛି। ତେଣୁ କାର୍ଯ୍ୟ ବନ୍ଦ କରିବା ପାଇଁ ତହସିଲଦାର ଦାସ ଅକ୍ଷମତା ପ୍ରକାଶ କରିଥିଲେ। ସାବକ ରେକର୍ଡରେ ଗୋଚର ଥିବା ଜଣାପଡିଛି। କେଉଁ ପରିସ୍ଥିତିରେ ଚକବନ୍ଦୀ ଅଧିକାରୀ ଏହି ଜମିକୁ ବ୍ୟକ୍ତିଗତ ମାଲିକାନାକୁ ଆଣି କିସମ ପରିବର୍ତ୍ତନ କରିଛନ୍ତି, ତାହାକୁ ରେକର୍ଡ ରୁମ୍‌ରୁ ନଥି ଆଣି ଅନୁଧ୍ୟାନ କରିବାକୁ ପଡ଼ିବ। ଏହାଛଡା ଚକବନ୍ଦୀରେ ଅଭିଯୋଗ ସମୟ ଅତିବାହିତ ହୋଇଯାଇଥିବାରୁ ସିଭିଲ କୋର୍ଟ ଯିବାକୁ ପଡିପାରେ ବୋଲି ଦାସ ଜଣାଇଛନ୍ତି। ଏବେ ସୁଦ୍ଧା କିଶୋରନଗର ପଞ୍ଚାୟତ ଅଧୀନ ହାଟପଡିଆରେ ବେଆଇନ ନିର୍ମାଣ କରାଯାଇଥିବାରୁ ଅବରୋଧ ହଟାଇବା ପାଇଁ ଦାବି ହେଉଛି।

## କଖଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଚୌଦ୍ୱାର,୭।୮ (ଆଶୁତୋଷ ଦାସ)

କଖଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତ୍ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ରଶ୍ମି ରଞ୍ଜନ ଧଳ, ତାରାପ୍ରସାଦ ପରମଗୁରୁ, ନଳିନୀପ୍ରଭା ବାରିକ, ତୃପ୍ତି ପାଲ୍ ପ୍ରମୁଖ ଯୋଗଦେଇ କଲେଜର ବିକାଶ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଗତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ପୂର୍ଣ୍ଣଚନ୍ଦ୍ର ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବେବିନା ସାହୁ, ଦୀପିକା ନାୟକ, ସବିତା ସାହୁ, ଗୀତାଞ୍ଜଳି ଦେହୁରୀ, ଗଣେଶ୍ୱର ଖଟୁଆ, ନିର୍ମଳା ସ୍ୱାଇଁ, ସୁଚିତ୍ରା ଜେନା, ଶ୍ୟାମସୁନ୍ଦର ସାହୁ, ଅପରାଜିତା ମହାନ୍ତି, ଚିତ୍ରସେନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କଟକ ମହାନଗର ନିଗମର ୨୪ ନମ୍ବର ୱାର୍ଡ ହରିପୁର ଦୋଳମୁଣ୍ଡାଇ ଅଞ୍ଚଳରେ ସ୍ଥାନୀୟ କର୍ପୋରେଟର ଦୀପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ବାହାରିଥିବା ଡେଙ୍ଗୁ ସଚେତନତା ଅଭିଯାନ।

# ‘ପଢ଼ାଇବା ପାଇଁ ଜ୍ଞାନ ସହ କୌଶଳ ଜରୁରୀ’





ସମାରୋହରେ ଅତିଥିମାନେ ପୁସ୍ତକ ‘ଭିଟାମିନ୍ ଓ ଖଣିଜ ଲବଣ’ ଉନ୍ମୋଚନ କରୁଛନ୍ତି।

ବିଜ୍ଞାନ ପ୍ରଚାର ସମିତିର ପ୍ଲାଟିନମ ଜୁବିଲି ଉଦ୍‌ଯାପନ ସମାରୋହ

କଟକ,୭।୮ (କାର୍ତ୍ତିକ ସାହୁ)

ବିଜ୍ଞାନ ପ୍ରଚାର ସମିତିର ୭୬ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନ ସମାରୋହ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ପିଲାଙ୍କୁ ପାଠ ପଢ଼େଇବା ପାଇଁ ଜ୍ଞାନ ସହିତ କୌଶଳ ଜରୁରୀ ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡ. ସ୍ୱପ୍ନା ମହାପାତ୍ର ପ୍ରକୃତିରେ ଥିବା ବିଭିନ୍ନ ପଦାର୍ଥର ଗଠନ, ପ୍ରକୃତି ଓ ଅବସ୍ଥିତି ସ୍ଲାଇଡ୍ ମାଧ୍ୟମରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ଡ. ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ସମ୍ମାନ ଓ ମୁଖ୍ୟବକ୍ତାଙ୍କୁ ଡ. କୁଳମଣି ସାମଲ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଇଂ. ମାୟାଧର ସ୍ୱାଇଁଙ୍କୁ ପ୍ରଫେସର ବାସୁଦେବ କର ଶିଶୁ ବିଜ୍ଞାନ ସାହିତ୍ୟ ସମ୍ମାନ ଓ ବିଜ୍ଞାନ ଶିକ୍ଷୟିତ୍ରୀ ସୁନନ୍ଦା ସାହୁଙ୍କୁ ମହେନ୍ଦ୍ର କାୟସ୍ଥ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ଡ. ସୁବାସିନୀ ଲେଙ୍କା, ଡା. ସଚ୍ଚିଦାନନ୍ଦ ଶତପଥୀ, ଡା. ବରଦା ଚରଣ ମହାନ୍ତିଙ୍କୁ ସର୍ବାଧିକ ପ୍ରବନ୍ଧ ପାଠ ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୁସ୍ତକ ଉନ୍ମୋଚନ ଓ ଚାରାରୋପଣ କରାଯାଇଥିଲା। ସମ୍ପାଦକ ଡା. ଦୀପକ ରାଜ ସ୍ୱାଗତ ଭାଷଣ ଓ ଉପସଭାପତି ଡ. ସୁବାସିନୀ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଦୁର୍ଗାପ୍ରସାଦ ବାରିକ, ପ୍ରକାଶନ ସମ୍ପାଦକ ଡା. ସଚ୍ଚିଦାନନ୍ଦ ଶତପଥୀ, ସଙ୍ଗଠନ ସମ୍ପାଦକ ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ନିରଞ୍ଜନ ପାତ୍ର, ଡ. ହେମନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅରବିନ୍ଦ କର ମାନପତ୍ର ପାଠ ଓ କବିତା ପାଢଶାଣୀ ଧନ୍ୟବାଦ ଦେଇଥିଲେ।

# ୧୬ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ବେଗୁନିଆ ବ୍ଲକ**
- ରାସ୍ତାରେ ପାଣି, ଗମନାଗମନ ବାଧାପ୍ରାପ୍ତ,
- ଭାଙ୍ଗିଲା କଚ୍ଚା ଘର
- ପରିଦର୍ଶନ କଲେ ବିଡିଓ

ବେଗୁନିଆ,୭।୮
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ପଣ୍ଡା)



ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ବୁଲି ସ୍ଥିତି ପରଖୁଛନ୍ତି। କଣ୍ଟାବାଡ଼-ମଲ୍ଲୀପଦର ଗ୍ରାମ୍ୟରାସ୍ତା ଉପରେ ଜଳ ପ୍ରବାହିତ ହେଉଛି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ରେକର୍ଡ ପରିମାଣର ବର୍ଷା ହୋଇଛି। ଗୋଟିଏ ଦିନରେ ସର୍ବାଧିକ ୧୯୬ ମିଲି ବର୍ଷା ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜାତୀୟ ରାଜପଥ ସହିତ ବିଭିନ୍ନ ଗ୍ରାମ୍ୟ ରାସ୍ତା ଉପରେ ଜଳ ପ୍ରବାହିତ ଯୋଗୁ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ଏଥିରେ ୨ ପରିବାରଙ୍କ ୨ ବଖରା କଚ୍ଚା ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ତେବେ ଜାତୀୟ ରାଜପଥ ଉପରେ ଜଳ ପ୍ରବାହିତ ହେବାରୁ ଗମନାଗମନରେ ବାଧା ଉପୁଜିବା ପ୍ରସଙ୍ଗ ଦୀର୍ଘବର୍ଷର ହୋଇଥିବାରୁ ସମାଧାନ ପାଇଁ ଦାବି କରାଯାଇଛି। ପ୍ରକାଶଥାଉ କି, ଟ୍ରାପ ଲାଇନ ସୃଷ୍ଟି ଯୋଗୁ ବେଗୁନିଆ ବ୍ଲକ ଅଞ୍ଚଳରେ ରେକର୍ଡ ପରିମାଣର ବର୍ଷା ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ରାତି ୨ଟା ପର୍ଯ୍ୟନ୍ତ ଲାଗି ରହିଥିଲା। ଗୋଟିଏ ଦିନରେ ସର୍ବାଧିକ ୧୯୬ ମିଲିମିଟର ବର୍ଷା ହୋଇଛି, ଯାହା ଗତ ୧୬ ବର୍ଷର ରେକର୍ଡ ଭାଙ୍ଗିଛି ବୋଲି ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ୨୦୦୮ରେ ଏହି ବ୍ଲକରେ ସର୍ବାଧିକ ୧୬୯ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା। ତେବେ ଚଳିତବର୍ଷ ମଙ୍ଗଳବାର ହୋଇଥିବା ବର୍ଷା ଯୋଗୁ ଚାରିଆଡ଼େ ଜଳମଗ୍ନ ହୋଇଛି। ଚାଷଜମିରେ ଜଳ ମାଡ଼ି ରହିଥିବାରୁ ଧାନ ତଳି ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଅଧୀନ ବାଘମାରି ଛକଠାରେ ରାସ୍ତା ଉପରେ ୪ ଫୁଟର ଜଳ ପ୍ରବାହିତ ଯୋଗୁ ବୁଧବାର ଭୋରରୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ପରେ ଜଳ ନିଷ୍କାସିତ ହେବାରୁ ଗମନାଗମନ ସ୍ୱାଭାବିକ ହୋଇଥିଲା। ସେହିପରି ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତା ଉପରେ ୩ ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେବାରୁ ବାଙ୍କୀରୁ ଭୁବନେଶ୍ୱରକୁ ଗମନାଗମନ ଠପ୍ ହୋଇଯାଇଥିଲା। ବଡ଼ବେରଣା ବେଗୁନିଆକୁ ସଂଯୋଗ କରିଥିବା ଗ୍ରାମ୍ୟ ରାସ୍ତାର କୁଶୁପଲ୍ଲା ନିକଟରେ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଉପରେ ୨ ଫୁଟ ଉଚ୍ଚରେ ଜଳ ପ୍ରବାହିତ ହେବାରୁ ବ୍ଲକ ସଦର ମହକୁମାକୁ ଗମନାଗମନ ଠପ୍ ହୋଇଥିଲା। ସେହିପରି କଣ୍ଟାବାଡ଼-ମଲ୍ଲୀପଦର ଗ୍ରାମ୍ୟରାସ୍ତା ଉପରେ ପ୍ରାୟ ୨ ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେଉଥିଲା। ଜଳର ପରିମାଣ ବଢି ଯିବାରୁ ମଲ୍ଲୀପଦର ଗାଁଦାଣ୍ଡ ମଧ୍ୟ ଜଳାର୍ଣ୍ଣବ ହୋଇଥିଲା। ସେହି ଗାଁରେ ୨ ପରିବାରଙ୍କ ୨ ବଖରା କଚ୍ଚା ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି। ତେବେ ବିଭିନ୍ନ ସ୍ଥାନରେ ଜଳ ବିଭୀଷିକାର ଦୃଶ୍ୟକୁ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ବୁଲି ଦେଖିଥିଲେ। ପାଣି ନିଷ୍କାସନ ପରେ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ବିଡିଓ ସାହୁ କହିଛନ୍ତି। ଅନ୍ୟପକ୍ଷେ ରାଜ୍ୟର ପ୍ରମୁଖ ୫୭ ନଂ. ଜାତୀୟ ରାଜପଥ ଅଧୀନ ସାରୁଅ ଛକଠାରୁ ବାଘମାରି ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ଦୂର ରାସ୍ତା ଉପରେ ଦୀର୍ଘ ବର୍ଷ ହେଲା ବର୍ଷା ଦିନେ ବନ୍ୟାଜଳ ଆସି ପ୍ରବାହିତ ହୋଇଥାଏ। ଦୀର୍ଘ ୫୦ ବର୍ଷ ହେଲା ଏହିଭଳି ବ୍ୟତିକ୍ରମ ଯୋଗୁ ଗମନାଗମନରେ ଜନ ସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପ୍ରାଶାସନିକ ବ୍ୟବସ୍ଥା କରାଯାଉନାହିଁ।

## ଜାତୀୟ ରାଜପଥ ଅବରୋଧ ସ୍ଥଗିତ

**କୁହୁଡ଼ି ଗୋଷ୍ଠୀ ବିବାଦ ପ୍ରସଙ୍ଗ**

ଟାଙ୍ଗୀ-ଖୋର୍ଦ୍ଧା,୭।୮(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମରେ ହିନ୍ଦୁପରିବାର ଉପରେ ଜୁଲାଇ ୧୬ ରାତିରେ ମୁସଲିମ ସମ୍ପ୍ରଦାୟର ୪୦ରୁ ଊର୍ଦ୍ଧ୍ୱ ଯୁବକ ମାରଣାସ୍ତ୍ର ଧରି ଆକ୍ରମଣ କରିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସ୍ଥାନୀୟ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେବାରୁ ୯ ପଞ୍ଚାୟତର ପ୍ରତିନିଧିଙ୍କୁ ନେଇ ଗଠିତ କୋର କମିଟି ବୈଠକରେ ଆସନ୍ତା ୯ ତାରିଖରେ ଜାତୀୟ ରାଜପଥ ଅବରୋଧ କରିବାକୁ ପ୍ରଶାସନକୁ ଚେତାବନୀ ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଜିଲା ପ୍ରଶାସନ ଓ କୋର କମିଟି ସଦସ୍ୟଙ୍କ ମଧ୍ୟରେ କୁହୁଡ଼ି ଫାଣ୍ଡିଠାରେ ଅନୁଷ୍ଠିତ ବୈଠକରେ ପ୍ରଶାସନର ଅନୁରୋଧକ୍ରମେ କୋର କମିଟି ୟୁଟର୍ନ କରି ଜାତୀୟ ରାଜପଥ ଅବରୋଧ ନ କରିବାକୁ ରାଜି ହୋଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଉଭୟ ସମ୍ପ୍ରଦାୟର ଲୋକଙ୍କୁ ନେଇ ଏକ ବୈଠକ କରିବା, ଲିଖିତ ସର୍ତ୍ତକୁ ଉଭୟ ପକ୍ଷ ଦସ୍ତଖତ କରି ମାନି ନେବାକୁ ପ୍ରଶାସନ ବୁଝାଇଥିଲେ। ଏହି ନିଷ୍ପତ୍ତିକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ଅତୀତରେ ବହୁ ଥର ଉଭୟ ସମ୍ପ୍ରଦାୟର ଭଦ୍ର ବ୍ୟକ୍ତିଙ୍କୁ ନେଇ ବୈଠକ ହୋଇଛି, କିନ୍ତୁ ସେମାନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ହେଉନାହିଁ। କୋର କମିଟିର ସମସ୍ତ ସଦସ୍ୟ ନିଜ ନିଜ ପଞ୍ଚାୟତର ଜନସାଧାରଣଙ୍କୁ ପ୍ରଶାସନର ନିଷ୍ପତ୍ତିକୁ ବୁଝାଇବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ବୈଠକରେ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ତହସିଲଦାର ମିତାଲି ପାତ୍ର, ଆଇଆଇସି ସୁଶାନ୍ତ ବେହେରା, କୋର କମିଟି ସଭାପତି ଲଲାଟ କେଶରୀ ମଙ୍ଗରାଜ, ଜିଲା ପରିଷଦ ସଭ୍ୟ ବିଜୟ ଜେନା, ବିଜେଡି ଜିଲା ଉପସଭାପତି ମନୋଜ ମାନସିଂ, ଭାଜପା ମଣ୍ଡଳ ସଭାପତି ପବିତ୍ର ହରିଚନ୍ଦନ, ସେନାନୀ ସଂଘ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରାଙ୍କ ସମେତ ସୋରଣ, ମାନସିଂହପୁର, ବିରିବାଡ଼ି, ଚଣ୍ଡେଶ୍ୱର, ବରଡ଼ି, ପାରିଓରଡ, କୁଞ୍ଜୁରୀ ପଞ୍ଚାୟତ ସରପଂଚ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଲୁହାରଡ଼ ଚୋରି ଘଟଣାରେ ଅଭିଯୁକ୍ତ ଗିରଫ

ଜଟଣୀ,୭।୮(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୋଲିସ ଘର ସମ୍ମୁଖରୁ ଲୁହା ରଡ଼ ଚୋରି କରି ନେବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅଧୀନ ଗୋଡ଼ାଧର୍ମସାଗର ଅଞ୍ଚଳର କାହ୍ନୁଚରଣ ନାୟକ(୨୨)। ପୋଲିସ ତାଙ୍କଠାରୁ ଲୁହା ରଡ଼ ଜବତ କରିଛି। ଏନେଇ ଜଟଣୀ ପୋଲିସ ୩୧୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୋଡ଼ାଧର୍ମସାଗର ଅଞ୍ଚଳରେ ରହୁଥିବା ଶ୍ରୀକାନ୍ତ ଜେନାଙ୍କ ଘର ସାମ୍ନାରେ ରହିଥିବା ଲୁହାରଡ଼କୁ ଗତ ୭ ତାରିଖରେ କାହ୍ନୁଚରଣ ଚୋରି କରିନେଇଥିଲେ। ଏନେଇ ଶ୍ରୀକାନ୍ତ ଜଟଣୀ ଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

## ଚୋରା ରୁପା ଜିନିଷ ବିକ୍ରି ବେଳେ ୨ ଧରାପଡ଼ିଲେ

ଭୁବନେଶ୍ୱର,୭।୮(ସୂର୍ଯ୍ୟକାନ୍ତ ବେହେରା): କମ୍ ଦାମରେ ଚୋରା ରୁପାସାମଗ୍ରୀ ବିକ୍ରି କରୁଥିବାବେଳେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଭବାନୀ ଶଙ୍କର ମହାପାତ୍ର ଓ ଗଞ୍ଜାମର ରାଜା ସ୍ୱାଇଁ। ସେମାନଙ୍କଠାରୁ ୪୪୨ ଗ୍ରାମ୍‌ର ରୁପା ସାମଗ୍ରୀ ଜବତ ହୋଇଛି। ତେବେ ଅଭିଯୁକ୍ତଦ୍ୱୟ ଏହି ଜବତ ହୋଇଥିବା ରୁପା ସାମଗ୍ରୀଗୁଡ଼ିକ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଣିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୁକ୍ତଦ୍ୱୟଙ୍କ ସୂଚନା ଆଧାରରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ନିଶାସେବନ ବାରଣ କରିବାରୁ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର,୭।୮(ସୂର୍ଯ୍ୟକାନ୍ତ ବେହେରା): କାଉଡ଼ିଆଙ୍କ ପାଇଁ ହୋଇଥିବା ବିଶ୍ରାମସ୍ଥଳରେ ନିଶାସେବନ ବାରଣ କରିବାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି।। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବାବେଳେ ଅଭିଯୋଗ ପରେ ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ସିଦ୍ଧାନ୍ତ ପ୍ରଧାନ, କୃଷ୍ଣ ଚନ୍ଦ୍ର ବାରିକ, ଲିଟୁ ବେହେରା। ସୂଚନାନୁସାରେ ଅଭିଯୋଗକାରୀ ବିଜୁରାମ ବୈରାଗୀ ଭଗବାନ ଟାୱାର ନିକଟରେ କାଉଡ଼ିଆଙ୍କ ପାଇଁ ବିଶ୍ରାମ ଏବଂ ସେବା ଶିବିର କରିଥିଲେ। ଅଗଷ୍ଟ ୪ରେ ଉକ୍ତ ଶିବିର ନିକଟରେ ଅଭିଯୁକ୍ତମାନେ ଗଞ୍ଜେଇ ତଥା ନିଶାଦ୍ରବ୍ୟ ସେବନ କରୁଥିବା ବିଜୁରାମ ଦେଖି ବାରଣ କରିଥିଲେ। ଏହାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ପୁନର୍ବାର ରାତିରେ ଉକ୍ତ ସ୍ଥାନକୁ ଆସି ବିଜୁରାମ ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ବିଜୁରାମ ଥାନାରେ ଅଭିଯୋଗ କରିଥିଲେ।

## ପ୍ରେମରେ ବିଫଳ ହେବାରୁ ଯୁବତୀଙ୍କ ଭାବୀ ସ୍ୱାମୀଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୭।୮(ସୂର୍ଯ୍ୟକାନ୍ତ ବେହେରା): ପ୍ରେମରେ ବିଫଳ ହେବାରୁ ଯୁବକଙ୍କ ଉନ୍ମତ୍ତକାଣ୍ଡ। ଜଣେ ଯୁବତୀଙ୍କ ଭାବି ସ୍ୱାମୀଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଅଞ୍ଚଳର ସ୍ୱସ୍ତିକ ଭୋଳ। ତାଙ୍କଠାରୁ ଗୋଟିଏ ମୋଟରସାଇକେଲ ଓ ଆକ୍ରମଣରେ ବ୍ୟବହୃତ ଗୋଟିଏ ଲାଠି, ଗୋଟିଏ ଭଙ୍ଗା ହେଲ୍‌ମେଟ ଜବତ ହୋଇଛି।

## ନାରୁଣୀ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ


ନାରୁଣୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବାଣପୁର,୭।୮(ଦିଲୀପ ସ୍ୱାଇଁ)

ନାରୁଣୀ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର, ପରିଚାଳନା ସମିତି, କର୍ମଚାରୀ ସମୂହଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ ସଂଯୋଜନା କରିଥିଲେ। ପରିଚାଳନା ସମିତି ସଭାପତି ଅରୁଣ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ମିଲି ବେହେରା ବେଦପାଠ ସହ ଅତିଥିମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଟଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଜିତ ମିଶ୍ରଙ୍କ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନାରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟକ୍ଷ ସାହୁ ପ୍ରାରମ୍ଭିକ ଅଭିଭାଷଣ ଓ ଅଧ୍ୟାପକ ବାଙ୍କନିଧି କହଲସିଂହ ଅତିଥି ପରିଚୟ ଦେଇଥିଲେ। ବିଶେଷ ଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ତଥା କଲେଜ ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ ଓ ନାରୁଣୀ ଗୋଦାବରୀଶ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାମନ୍ତସିଂହାର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ସନ୍ତୋଷ ରଥ ଯୋଗ ଦେଇଥିଲେ। ଏଥିସହ ବିଶେଷ ଅତିଥି ଭାବେ ଯୋଗ ଦେଇଥିବା ଏହି କଲେଜର ପ୍ରାକ୍ତନ ଛାତ୍ର ତଥା ଯୁବ ବୈଜ୍ଞାନିକ ଡ. ବିଚିତ୍ର ବିଶ୍ୱାଳଙ୍କୁ ଶିକ୍ଷାନୁଷ୍ଠାନର ଗୌରବ ଭାବେ ମାନପତ୍ର ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଅନୁପମା ମହାପାତ୍ର ମାନପତ୍ର ପାଠ କରିଥିଲେ। ଅଧ୍ୟାପିକା ଡ. ଚାମର୍ତ୍ତୀ ମଞ୍ଜୁଲତା ଓ ଅଧ୍ୟାପକ ସନ୍ତୋଷ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଦିଲୀପ ବେହେରା ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କୃଷି ପରିସଂଖ୍ୟାନ ପୁନଃ ନବୀକରଣ ପ୍ରଶିକ୍ଷଣ ଶିବିର

କଟକ,୭।୮ (କାର୍ତ୍ତିକ ସାହୁ)

କଟକସ୍ଥିତ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ ଆମନ୍ତ୍ରଣକ୍ରମେ ବାର୍ଷିକ କୃଷି ପରିସଂଖ୍ୟାନ ପୁନଃ ନବୀକରଣ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ସିଡିଏସ୍ଥିତ ସଭାଗୃହରେ ଆୟୋଜିତ ଶିବିରରେ କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାର ସହନିର୍ଦ୍ଦେଶକ, ପରିସଂଖ୍ୟାନ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଶିବିରରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ଅନୁପମ ଲାହିର, ତପନ କୁମାର ମିଶ୍ର ଓ ବିଶ୍ୱଜିତ୍ ପାଣିଗ୍ରାହୀ ଯୋଗଦେଇ କୃଷି ପରିସଂଖ୍ୟାନ ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପବିତ୍ର ମୋହନ ଦ୍ୱିବେଦୀ, ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ବକ୍ତବ୍ୟରେ କୃଷି ପରିସଂଖ୍ୟାନର ଠିକ୍ ତଥ୍ୟ ସଂଗ୍ରହ ହେବା ଉପରେ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଅତିଥି ପରିଚୟ, ପରିସଂଖ୍ୟାନ ଅଧିକାରୀ ପ୍ରମିଳା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ସହକାରୀ ନିର୍ଦ୍ଦେଶିକା ଅନସୂୟା ଦାସ ପ୍ରମୁଖ ଯୋଗଦେଇଥିଲେ।

## ବରିଷ୍ଠ କବିରାଜଙ୍କ ସ୍ମୃତିଚାରଣ ସଭା



ନିରାକାରପୁର,୭।୮(ମାନସ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ ଡିଆ ପଞ୍ଚାୟତ ଅଧୀନ ଭୋଇସାହି ଗ୍ରାମର ବରିଷ୍ଠ କବିରାଜ ସ୍ୱର୍ଗତ ନାରାୟଣ ମହାନ୍ତିଙ୍କ ଏକାଦଶାହ ତିଥିରେ ଏକ ସ୍ମୃତିଚାରଣ ସଭା ବୁଧବାର ଆୟୋଜିତ ହୋଇଯାଇଛି। ସଭାରେ ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଅପର୍ତ୍ତି ଜେନା ପୌରୋହିତ୍ୟ କରିଥିଲେ। ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ନିରାକାରପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ଛୋଟରାୟ, ଡିଆ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ବରିଷ୍ଠ ଶିକ୍ଷାବିତ୍ ରମାକାନ୍ତ ପୁରୋହିତ, ବିଜେଡି ନେତା ବିପିନ ଜୟସିଂ, ଖବରଦାତା ବଳରାମ ଲେଙ୍କା, ପ୍ରତିନିଧି ବିକାଶ ସାହୁ, ମନୋଜ ପଟ୍ଟନାୟକ, ପ୍ରଦୋଷ ଦାଶ, ହିମାଂଶୁ ଭୂଷଣ ଚମ୍ପତି, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରକାଶ ବଳିୟାରସିଂହଙ୍କ ସମେତ ବହୁ ଲୋକ ସ୍ମୃତିଚାରଣ କରିଥିଲେ। ଅନୁରୂପ ଭାବେ ବେଦ ପାଠ ସହ ନାମ ସଂକୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ପରିଚାଳନା କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ମାନସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଗ୍ରାମର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

ଯାଁଲା,୭।୮(ବୁଲା ବାରିକ)

ଦୀର୍ଘ ଦିନ ହେବ ଗ୍ରାମର ବିକାଶ ହେଲା ନାହିଁ। ରାସ୍ତା ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିମଳ ଓ ପୁଷ୍କରିଣୀରେ ବିକାଶର ନାଁ ଧରିଲା ନାହିଁ। ଏବେବି ଅବହେଳିତ ଅବସ୍ଥାରେ ଗାଁ ଦାଣ୍ଡ ପଡ଼ି ରହିଛି। ତେଣୁ ଗ୍ରାମର ବିକାଶ ପାଇଁ ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତ ସାନ ନୂଆ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ଦୀର୍ଘବର୍ଷ ହେବ ଗାଁ ରାସ୍ତାର ମରାମତି ନ ହେବା ଫଳରେ ଖାଲଖମା ହୋଇ ପଡ଼ିରହିଛି। ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଗାଁରେ ଶିକ୍ଷା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ଡାକ୍ତରଖାନା ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ଦେହ ଖରାପ ସମୟରେ ଲୋକେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡ଼େ। ଗାଁରେ ଥିବା ଗୋଟିଏ ପୋଖରୀ ଉପରେ ଲୋକ ଗାଧେଇବାକୁ ନିର୍ଭର କରନ୍ତି। ଏବେ ପୋଖରୀ ଅବସ୍ଥା କହିଲେ ନ ସରେ। ପୋଖରୀଟି ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାବେଳେ ପାଣିରେ ଦଳ ଭର୍ତ୍ତି ହୋଇଛି। ତେଣୁ ଏଭଳି ଅପରିଷ୍କାର ପାଣିରେ ଗାଧେଇବାରୁ ଲୋକେ କାଛୁ କୁଣ୍ଡିଆ ସହ ବିଭିନ୍ନ ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି। ତେଣୁ ଗ୍ରାମର କୌଣସି କ୍ଷେତ୍ରରେ ବିକାଶ ହେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ଗ୍ରାମର ବିକାଶ ପାଇଁ ଖୋଦ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। ଗ୍ରାମର ବିକାଶ ଓ ସୁରକ୍ଷା ପାଇଁ ଗ୍ରାମବାସୀ ଏକ ଗ୍ରାମ ବିକାଶ କମିଟି ଗଢ଼ିଛନ୍ତି। ଗାଁ ପରିମଳ ଧୋବା ତୁଠରୁ ନ୍ୟାୟରେ ପ୍ରଥମ ପର୍ଯ୍ୟାୟରେ ଗ୍ରାମର ପୋଖରୀକୁ ପୁନରୁଦ୍ଧାର କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଦୁଇ ଚାରି ଦିନ ତଳେ ଗ୍ରାମବାସୀ ଏକାଠି ହୋଇ ପୋଖରୀରୁ ଆନାବନା ଗଛ ସଫା କରିବା ସହ ଦଳ କାଢି ସଫା ସୁତୁରା କରିବା ଆରମ୍ଭ କରିଛନ୍ତି। ପରେ ଅନ୍ୟ ସବୁ ବିକାଶ ମୂଳକ କାର୍ଯ୍ୟ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ଗ୍ରାମବାସୀ ପୋଖରୀ ସଫା କରୁଛନ୍ତି।

## ଅଧୁରା ରହିଛି ପୂର୍ବ ପ୍ରସ୍ତାବିତ ସମସ୍ୟା

**ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ**

ବେଗୁନିଆ,୭।୮
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)



ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ପରିସରରେ ବୁଧବାର ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ବିଡିଓ ଲକ୍ଷ୍ମୀଧର ସାହୁ, ଏବିଡିଓ ସୁମିତ୍ରା ଜେନା, ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁସ୍ମିତା ମିଶ୍ର, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ରଣବିଜୁଳି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିପିଇଓ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଓ ବ୍ଲକ ଅଞ୍ଚଳରେ ଲାଗି ରହିଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଅଧିବେଶନରେ ଅସନ୍ତୋଷ ଦେଖାଦେଇଥିଲା। ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି କରୁନାହିଁ। ପ୍ରକାଶଥାଉ କି, ପୂର୍ବ ୪ଟି ଅଧିବେଶନରେ ଲୋକଙ୍କ ମୌଳିକ ଆବଶ୍ୟକତା ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ପାନୀୟ ଜଳଯୋଗାଣ, ସାଧାରଣ ବଣ୍ଟନ, ଶିକ୍ଷା, ପରିମଳ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ ସମ୍ପର୍କିତ ଆଲୋଚନା ହୋଇଥିଲା। ସମସ୍ୟା କିଭଳି ଦୂର ହେବ ଏବଂ ଗାଁ ପରିବେଶ ବିକଶିତ ହେବ, ସେନେଇ ଗୁରୁତ୍ୱ ଦେବେ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଏବେ ଯାଏଁ କୌଣସି କାର୍ଯ୍ୟକାରୀ ନ ହୋଇ ଅଧୁରା ରହିଥିବା ନେଇ ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ପ୍ରକୃତ ତଦନ୍ତ କରାଗଲା ନାହିଁ କି ରାଶନ ତାଲିକାରୁ ଧନୀ ଶ୍ରେଣୀ ଲୋକଙ୍କ ନାମ ବାଦ୍ ଦିଆଯାଇ ଗରିବଙ୍କ ନାମ ଅନ୍ତର୍ଭୁକ୍ତ କରାଗଲା ନାହିଁ। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପର ସୁବିଧା ଗାଁ ଲୋକେ ୨୦୨୩ ସୁଦ୍ଧା ପାଇବେ ବୋଲି ପୂର୍ବ ଅଧିବେଶନରେ ପ୍ରତିଶ୍ରୁତି ମିଳିଥିଲା। ହେଲେ ତାହା ଏଯାଏ ପୂରଣ ହେଲାନି ବୋଲି ଉପସ୍ଥିତ ସରପଞ୍ଚ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରକୃତ ହିତାଧିକାରୀଙ୍କୁ ମିଳିପାରୁ ନାହିଁ ପ୍ରମାଣପତ୍ର କାର୍ଡ, ୨ଶହରୁ ଅଧିକ ହିତାଧିକାରୀ ଅନ୍‌ଲାଇନରେ ଆବେଦନ କରି ଅପେକ୍ଷା କରି ରହିଛନ୍ତି। ବିଭିନ୍ନ ପଞ୍ଚାୟତର ବହୁ ପରିବାର ଲୋକଙ୍କୁ ଅନ୍ନପୂର୍ଣ୍ଣା ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବାକୁ ବାରମ୍ବାର ଅବଗତ କରାଇ ଆସୁଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ ବୋଲି ସରପଞ୍ଚ କ୍ଷୋଭ ପ୍ରକାଶ କରିଥିଲେ। ଟାର୍ଗେଟ ଅନୁସାରେ ଏବଂ ପ୍ରକୃତ ଚୟନ କରାଯାଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତି ଉତ୍ତର ଦେଇଥିଲେ। ସେହିପରି ବ୍ଲକବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି, ସ୍ୱାସ୍ଥ୍ୟକେନ୍ଦ୍ର ଅଛି ଓ ପଦବୀ ପୂରଣ ଥାଇ ମଧ୍ୟ ଡାକ୍ତରମାନେ ନିୟମିତ କେନ୍ଦ୍ରକୁ ଆସୁନାହାନ୍ତି, ସପ୍ତାହକୁ ଦିନେ ପାଳିରେ ଆସି କାମ ଚଳାଇ ପଳାଉଛନ୍ତି, ମହିଳା ସ୍ୱାସ୍ଥ୍ୟ କର୍ମୀ ଥାଇ ମଧ୍ୟ ଗର୍ଭବତୀ ମହିଳାଙ୍କୁ ପ୍ରସୂତି ପାଇଁ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଥିବା ନେଇ ସମିତି ସଭ୍ୟା ନାନା ପ୍ରଶ୍ନ କରିଥିଲେ। ବିଡିଓ ସାହୁ ସମସ୍ତ ସମସ୍ୟାର ଉପଯୁକ୍ତ ତଦନ୍ତ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ବନକଲାଗି ନୀତି ସମ୍ପନ୍ନ

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି): ଶ୍ରାବଣ ମାସ କୃଷ୍ଣପକ୍ଷ ତୃତୀୟା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ବୁଧବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡପଲାଗି ଏବଂ ପହୁଡ ଆଳତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଅପରାହ୍ନ ୫ଟା ୨୫ରେ ଦଇତାପତି... ଦତ୍ତମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ରାତି ପ୍ରାୟ ୮ଟା ୩୦ରେ ଠାକୁରମାନଙ୍କର ବନକଲାଗି ନୀତି ସମ୍ପନ୍ନ ହୋଇଥିଲା। ଦତ୍ତମହାପାତ୍ର ସେବକ ମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ମହାସ୍ନାନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

### ଯୁବତୀଙ୍କ ଆତ୍ମହତ୍ୟା

ଗୋପ,୭।୮ (ଭାରତୀ ଭୂଷଣ ଉପାଧ୍ୟାୟ) କୌଣସି ଘଟଣାକୁ ନେଇ ଗୋପ ଥାନା ଅଧୀନ କୁଆଁପଡ଼ା ଗ୍ରାମର ପୂଜା ସେନାପତି (୨୮) ବୁଧବାର ସକାଳେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଗୋପ ଥାନା ମହିଳା ଏସ୍‌ଆଇ ବିନ୍ଧ୍ୟବାସିନୀ ସେଠୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିବା ଜଣାପଡ଼ିଛି। ଏନେଇ ୨୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ, କୌଣସି ଘଟଣାକୁ କେନ୍ଦ୍ର କରି ପରିବାର ସଦସ୍ୟ ଘରେ ନ ଥିବାବେଳେ ଏହି ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଥିଲେ। ଝିଅ ଆତ୍ମହତ୍ୟା କରିଥିବା ପରିବାର ସଦସ୍ୟ ଜାଣିବା ପରେ ଗୋପ ଥାନା ରେ ଯୁବତୀଙ୍କ ବାପା ଧନେଶ୍ୱର ସେନାପତି ଅଭିଯୋଗ କରିଥିଲେ। ୨ଟି ମୋବାଇଲ ଜବତ କରିଛି।

### ମଶାଦାଉରୁ ଅତିଷ୍ଠ ସହରବାସୀ

ନିମାପଡ଼ା,୭।୮ (ରଞ୍ଜନ ପଟ୍ଟନାୟକ) ମଶାଦାଉରୁ ଅତିଷ୍ଠ ହୋଇପଡ଼ିଲେଣି ସହରବାସୀ। କୁଢ଼କୁଢ଼ ଅଳିଆ ଆବର୍ଜନା ଯୋଗୁ ଏଭଳି ଦୂଷିତ ପରିବେଶରେ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି। ବିଶେଷକରି ସନ୍ଧ୍ୟା ସମୟରେ ମଶାଙ୍କ ଦାଉରୁ ନିସ୍ତାର ମିଳୁନାହିଁ। ରାଜ୍ୟରେ ବର୍ତ୍ତମାନ ଡେଙ୍ଗୁ ଏବଂ ମ୍ୟାଲେରିଆକୁ ନେଇ ଆତଙ୍କ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାଧାରଣତଃ ବର୍ଷା ଦିନେ ମଶାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥାଏ। ମଶାବଂଶ ବୃଦ୍ଧିକୁ ରୋକିବାକୁ ୨୦୦୨ରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୨ଟି ଟିଫା ମେଶିନ କିଣାଯାଇଥିଲା। ମେଶିନ ସାହାଯ୍ୟରେ ସନ୍ଧ୍ୟା ସମୟରେ ରାସାୟନିକ ଧୂଆଁ ନିର୍ଗମନ କରାଯାଉଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ମେଶିନ ୨ଟି ଅଚଳ ହୋଇ ଏବେ ନଷ୍ଟ ହୋଇଯାଇଛି। ପୌର ପରିଷଦ ପ୍ରଶାସନ ମଶାବଂଶ ବୃଦ୍ଧି ରୋକିବା ଦିଗରେ ପଦକ୍ଷେପ ନେଉନାହିଁ। ପରିଷଦ ଅଞ୍ଚଳରେ ଥିବା ଡ୍ରେନଗୁଡ଼ିକୁ ମରାମତି କରୁନାହିଁ କି ସଫା ମଧ୍ୟ କରୁନାହିଁ। ଫଳରେ ଆବର୍ଜନା ପାଣି ନିଷ୍କାସିତ ହୋଇ ନ ପାରି ଜମି ରହୁଛି। ଏହାଦ୍ୱାରା ମଶା ବୃଦ୍ଧି ଘଟୁଛି। ଏଥିପ୍ରତି ପୌରପରିଷଦ ପ୍ରଶାସନ ଦୃଷ୍ଟି ଦେବାକୁ ୯ନଂ. ୱାର୍ଡ କାଉନସିଲର ଟିକିନା ପଣ୍ଡା, ଅଞ୍ଚଳବାସିନ୍ଦା ସମୀର ନାୟକ, ନିଗମାନନ୍ଦ ସାହୁ, ବଂଶୀଧର ସାହୁ ପ୍ରମୁଖ ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଶା ବଂଶ ବୃଦ୍ଧି ରୋକିବାକୁ ଜନସଚେତନ କରାଯାଉଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ୭ ଦିନ ଅନ୍ତରରେ ପ୍ରତି ୱାର୍ଡର ଗଳି କନ୍ଦିରେ ମ୍ୟାଲେରିଆ ଏବଂ ଲାଭ୍ରାଲସାଇଡ୍ ରାସାୟନିକ ଅଏଲ ସିଞ୍ଚନ କରାଯାଉଥିବା ନିର୍ବାହୀ ଅଧିକାରୀ ଆଚାର୍ଯ୍ୟ ପ୍ରତିକ୍ରିୟାରେ କହିଛନ୍ତି।

# ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

- ନାହାନ୍ତି ବିଶେଷଜ୍ଞ ଡାକ୍ତର, ରୋଗୀ ହନ୍ତସନ୍ତ
- ବିପଦସଂକୁଳ ଘରେ ରହୁଛନ୍ତି କର୍ମଚାରୀ

ଅସ୍ତରଙ୍ଗ,୭।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)




ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ପ୍ରଣୟନ ସହ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ବିଶେଷକରି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାସତ୍ତ୍ୱେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଲାଗିରହିଛି। ଏଠାରେ ଡା. ସଞ୍ଜୟ ପ୍ରଧାନ, ଡା. ବର୍ଷାରାଣୀ ବୈଶାଳ, ଡା. ଶିବାନୀ ମଲ୍ଲିକ, ଡା. ପ୍ରଜ୍ଞାପାରମିତା ନାୟକ, ଡା. ବିଶ୍ୱଭାରତ ମହାଲିକ କାର୍ଯ୍ୟରତ ଅଛନ୍ତି। ତେବେ ବିଶେଷଜ୍ଞ ଡାକ୍ତର, ଷ୍ଟାଫ ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦ ଖାଲି ପଡ଼ିଛି। ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳିପାରୁନାହିଁ ବୋଲି ଅଭିଯୋଗ ହେଉଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହି ବ୍ଲକ ଅଧୀନ ୧୫ଟି ପଞ୍ଚାୟତର ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମେତ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ନିର୍ଭର କରିଥାନ୍ତି। ତେବେ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ଏଠାରେ ବିଶେଷଜ୍ଞ ଡାକ୍ତର ନାହାନ୍ତି ବୋଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଦୀର୍ଘଦିନ ହେବ ଲାଗିରହିଛି। ଫଳରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଯଥା ଖର୍ଚ୍ଚାନ୍ତ ହୋଇ କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ବ୍ଲକର ମୁଖ୍ୟ ଡାକ୍ତରଖାନା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ, ଶିଶୁରୋଗ, ଅସ୍ତ୍ରୋପଚାର, ମେଡିସିନ ଓ ଭେଷଜ ବିଭାଗ ବିଶେଷଜ୍ଞ ପଦ ଖାଲି ପଡ଼ିଛି। ସେହିପରି ୩ ଜଣ ଷ୍ଟାଫ ନର୍ସ ପଦ ଖାଲି ରହିଛି। ଇସିଜି, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ପ୍ରଭୃତି ସରଞ୍ଜାମ ନ ଥିବାରୁ ରୋଗୀ ଏଠାରେ ଉପଯୁକ୍ତ ସେବା ନ ପାଇ ଦୂର ସ୍ଥାନକୁ ଯାଉଛନ୍ତି। ସେହିପରି ଶବ ବ୍ୟବଚ୍ଛେଦ ଗୃହ ନାହିଁ। ତେଣୁ କୌଣସି ଲୋକଙ୍କର ମୃତ୍ୟୁ ହେଲେ ବ୍ୟବଚ୍ଛେଦ ପାଇଁ ପ୍ରାୟ ୧୬ କିଲୋମିଟରରୁ ଅଧିକ ଦୂରରେ ଥିବା ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡୁଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗରିବ ଲୋକଙ୍କୁ ଆହାର କେନ୍ଦ୍ର ଖୋଲି ଭୋଜନ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ସର୍ବପୁରାତନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏଭଳି ସୁବିଧା ହୋଇପାରିନାହିଁ। ତେଣୁ ଅସନ୍ତୋଷ ପ୍ରକାଶ ପାଉଛି। ଡାକ୍ତର ଓ ଷ୍ଟାଫନର୍ସଙ୍କ କ୍ୱାର୍ଟର୍ସ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଅଧିକାଂଶ କର୍ମଚାରୀ ବାହାରେ ଘରଭଡ଼ା ନେଇ ରହିବାକୁ ବାଧ୍ୟ ହେଉଛନ୍ତି। ଅସ୍ତରଙ୍ଗ ବ୍ଲକର ଅଧିବାସୀଙ୍କ ସମସ୍ୟାକୁ ବିଚାରକୁ ନେଇ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସଞ୍ଜୟ ପ୍ରଧାନ କହିଛନ୍ତି, ଏ ସମ୍ପର୍କରେ ବାରମ୍ବାର ଲିଖିତ ଭାବେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନିଆଯିବ।

## ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନର ବନ ମହୋତ୍ସବ




ପିପିଲି,୭।୮ (ପ୍ରଭାତ କୁମାର ମହାପାତ୍ର)

ପିପିଲିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ପକ୍ଷରୁ ସପ୍ତାହ ବ୍ୟାପୀ ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି। ତେବେ ମଙ୍ଗଳବାର ଚାରାରୋପଣର ତୃତୀୟ ଦିବସରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଜଳ ନିଗମ ଓଡ଼ିଶା ସହକାରୀ କାର୍ଯ୍ୟାଳୟ (ୱାଟ୍‌କୋ) ମିଳିତ ସହଯୋଗରେ ଚାରାରୋପଣ କରାଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ପିପିଲି ବ୍ଲକ ମୁଖ୍ୟରାସ୍ତାର ପାର୍ଶ୍ୱରେ ଏବଂ ନୀଳକଣ୍ଠେଶ୍ୱର ମନ୍ଦିର ପଡ଼ିଆରେ ଏହି ବନମହୋତ୍ସବ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ପଙ୍କଜ ଜୈନ, ପିପିଲି ବ୍ୟାଙ୍କ ଶାଖା ମ୍ୟାନେଜର ମନୋଜ ପାତ୍ର, ଜଳ ନିଗମ ଓଡ଼ିଶା (ୱାଟ୍‌କୋ)ର ସହକାରୀ ପରିଚାଳକ ବରିଷ୍ଠ ଯନ୍ତ୍ରୀ ନଟବର ବିଶ୍ୱାଳ, ସାମାଜିକ କର୍ମୀ ଅର୍ଜୁନ ଘଡ଼େଇ, ଅବସରପ୍ରାପ୍ତ ଇଞ୍ଜିନିୟର ରମେଶ ଚନ୍ଦ୍ର ଶତପଥୀ, ଶିକ୍ଷାବିତ୍ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଗଠନର ଯୁଗ୍ମ ସମ୍ପାଦକ ମୁନୁ ଅଗ୍ରୱାଲ ଓ ମିଡିଆ ଆବାହକ ମନୋରଞ୍ଜନ ମହାପାତ୍ର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ସଂଗଠନ ବରିଷ୍ଠ ଉପଦେଷ୍ଟା ବାମଦେବ ମିଶ୍ର, ଅଧ୍ୟାପକ ସଚ୍ଚିକାନ୍ତ ନାୟକ, ରଘୁନାଥ ଦାସ, ଗୌରାଙ୍ଗ ଷଡ଼ଙ୍ଗୀ, ଭାଗୀରଥି ଗୌଡ଼, ସଂଗଠନ ସମ୍ପାଦକ ବିଭୂତି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ, ସଭ୍ୟ ପ୍ରଫୁଲ୍ଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ବିଶେଷ ଭାବେ ପିପିଲି କଲେଜ ଏନ୍‌ସିସି ଅଫିସର ଆଦିତ୍ୟ ପ୍ରସାଦ ରଥଙ୍କ ନେତୃତ୍ୱରେ ୩୦ ଜଣ ଏନ୍‌ସିସି ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସାମିଲ ହୋଇ ପ୍ରାୟ ୪୦ଟି ମୂଲ୍ୟବାନ ଗଛର ଚାରାରୋପଣରେ ପ୍ରତ୍ୟକ୍ଷ ସହଯୋଗ କରିଥିଲେ।



ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳାକୁ ପିଲା ଓ ଅଭିଭାବକ ବୁଲି ଦେଖୁଛନ୍ତି।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି)

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୁଧବାର ଷୋଡ଼ଶ ବାର୍ଷିକ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଓ ବାଟିକା ବିଭାଗର ପୁଷ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ପୂର୍ବ ସଂଭାଗ ସଂଯୋଜକ ଶିରିଶ କୁମାର ହାତୀ, ଶିକ୍ଷା ବିକାଶ ସମିତି ବିଭାଗ ନିରୀକ୍ଷକ ନୃସିଂହ ଚରଣ ମିଶ୍ର,ପୁରୀ ସଂକୁଳ ସଂଯୋଜକ ପ୍ରସନ୍ନ କୁମାର ପ୍ରଧାନ, ବିଦ୍ୟାଳୟ ସଭାପତି ଡ. ସୁନୀଲ ଚକ୍ରବର୍ତ୍ତୀ, ବିଦ୍ୟାଳୟ ଉପସଭାପତି ପ୍ରସନ୍ନ କୁମାର ନାୟକ ଏବଂ ସହସମ୍ପାଦିକା ଦୀପ୍ତି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଥିଲା। ସର୍ବକନିଷ୍ଠ, କନିଷ୍ଠ, ଶିଶୁବର୍ଗ, ବାଲିବର୍ଗ, କିଶୋର ବର୍ଗରେ ମୋଟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ। ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତୀ ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପତ୍ର ବାଚନ, ଗଣିତ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରକଳ୍ପ, ଗଣିତ ପକଳ୍ପ, କଥାକଥନ, ଆଶୁଭାଷଣ ଓ ମୂର୍ତ୍ତିକଳା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ମୋଟ ୯୮ ଜଣ ପ୍ରତିଭାଗୀ ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ବାହ୍ୟ ବିଦ୍ୟାଳୟରୁ ୨୪ ଜଣ ଶିକ୍ଷକ ଯୋଗଦେଇଥିଲେ। ସେହିପରି ବିଜ୍ଞାନ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଜ୍ଞାନ ଖେଳ, ଔଷଧୀୟ ଉଦ୍ୟାନ, ବୈଜ୍ଞାନିକଙ୍କ ଫଟୋ ପ୍ରଦର୍ଶନୀ, ପତ୍ରିକା ପ୍ରଦର୍ଶନୀ ପ୍ରତିଯୋଗିତାରେ ମୋଟ ୧୫ ଜଣ ପ୍ରତିଭାଗୀ ପୁରସ୍କୃତ ହୋଇଥିଲେ। ବାଟିକା ବିଭାଗର ପୁଷ୍ପ ପ୍ରଦର୍ଶନୀ ବାଟିକା ଶିଶୁମାନଙ୍କଦ୍ୱାରା କରାଯାଇ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ଅଶୋକ କୁମାର ମଙ୍ଗରାଜ, ଆଚାର୍ଯ୍ୟା ନମିତାରାଣୀ ମିଶ୍ର, ବନିତା ପ୍ରଧାନ, ସ୍ୱପ୍ନାମଣୀ ବେହେରା ଓ ସମସ୍ତ ଗୁରୁମା ଗୁରୁଜୀ ଉକ୍ତ କାର୍ଯ୍ୟକ୍ରମକୁ କରିଚାଳନା କରିଥିଲେ।

## ବିନା ପୋଷ୍ଟିଂରେ ନୟାହାଟ ଫାଣ୍ଡିରେ ରାମଚଣ୍ଡୀ ଥାନା ହାବିଲଦାର

ଯୋଗେଶ୍ୱରପୁର,୭।୮ (ରଶ୍ମିରଞ୍ଜନ ସାହୁ) ରାମଚଣ୍ଡୀ ଥାନାର ହାବିଲଦାର ଦୁର୍ଗା ଚରଣ ମହାନ୍ତି ବିନା ପୋଷ୍ଟିଂରେ ନୟାହାଟ ଫାଣ୍ଡିରେ ୧ ବର୍ଷ ହେବ ରହି ଲୋକଙ୍କୁ ଶୋଷଣ କରୁଛନ୍ତି। ପୂର୍ବରୁ ସେ କାକଟପୁର, ଅସ୍ତରଙ୍ଗ, ଚନ୍ଦନପୁର ଥାନାରେ କାର୍ଯ୍ୟ କରିଥିବାବେଳେ ତାଙ୍କ କାର୍ଯ୍ୟ ଉପରେ ସମସ୍ତେ ଊଣାଅଧିକ ଜାଣିଛନ୍ତି। ଯେଉଁ ଫାଣ୍ଡି ଅଧିକାରୀ ଅଛନ୍ତି ତାଙ୍କର ଅପାରଗର ଫାଇଦା ଉଠାଇ ହାବିଲଦାର ସବୁ କେସକୁ ବିନା ଅଧିକାରୀଙ୍କ ଉପସ୍ଥିତିରେ କେସ୍ ରଫାଦଫା କରନ୍ତି ଓ ଭଲ ରୋଜଗାର ମଧ୍ୟ କରନ୍ତି। ଏ ସମ୍ପର୍କରେ ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକଙ୍କୁ ପଚାରିବାରେ, ତାଙ୍କ ପୋଷ୍ଟିଙ୍ଗ ଏଠି ନୁହେଁ। କିନ୍ତୁ ପୂର୍ବତନ ଡିଏସ୍‌ପି ତାଙ୍କୁ ଏଠାରେ ରଖିଛନ୍ତି। ସେ ବଦଳି ହେବେ। ତାଙ୍କ ନାମରେ ବହୁତ ଅଭିଯୋଗ ଆସିଲାଣି। ଘରକୁ ମନଇଚ୍ଛା ଯିବା ଆସିବା କରିବା ଫଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଛି। ଫାଣ୍ଡିରେ ୨ ଅଫିସର ସରକାରୀ କାର୍ଯ୍ୟରେ ଯାଉଥିବାବେଳେ ହାବିଲଦାର ନିଜେ ଲୋକଙ୍କୁ ଡାକି କେସ୍‌କ ବିଚାର କାରିବା ଯଥାର୍ଥ ନୁହେଁ ବୋଲି ସେ କହିଛନ୍ତି। ଫାଣ୍ଡି ଅଧିକାରୀ ଗୋଟେ ଘରେ ବସି ରହୁଥିବାରୁ ଏହାର ସୁଯୋଗ ତଳିଆ କର୍ମଚାରୀ ଉଠଉଛନ୍ତି। ଫଳରେ ଲୋକେ ଫାଣ୍ଡି ଅଧିକାରୀଙ୍କୁ ନ ଖୋଜି ହାବିଲଦାରଙ୍କୁ ଫାଣ୍ଡି ଅଧିକାରୀ ବୋଲି କହୁଛନ୍ତି। ନୟାହାଟ ହାବିଲଦାର ଦୁଲମ ସିଂ ରାମଚଣ୍ଡୀ ଥାନାରେ ଥିବାବେଳେ ତାଙ୍କୁ ଆଣିବା ପାଇଁ ଦାବି ହେଉଛି।

## ବନସ୍ପତି ସମର୍ଚ୍ଚନ କାର୍ଯ୍ୟକ୍ରମ



ଅତିଥିମାନେ ଚାରା ରୋପଣ କରୁଛନ୍ତି।

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି)

ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାଲ୍ମୀକି ଛାତ୍ରାବାସ ପରିସରରେ ବନସ୍ପତି ସମର୍ଚ୍ଚନ କାର୍ଯକ୍ରମ କାର୍ଯ୍ୟକ୍ରମ ଅବସରରେ ଚାରା ରୋପଣ କରାଯାଇଛି। ଶ୍ରୀସଦାଶିବ ପରିସର ଅନ୍ତର୍ଗତ ସର୍ବଦର୍ଶନ ବିଭାଗ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀର ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଫଳ, ଫୁଲ ଓ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଭ୍ୟ ବୃନ୍ଦ ପ୍ୟାରୀମୋହନ ପଟ୍ଟନାୟକ, ପ୍ରଳୟ କୁମାର ନନ୍ଦ, ହରପ୍ରିୟା ଦାଶ, ଗୌରପ୍ରିୟା ଦାଶ, ମଖଲେଶ କୁମାର, ସୁଶାନ୍ତ କୁମାର ରାଜ, ଜ୍ୟୋତି ପ୍ରକାଶ ନନ୍ଦ ତଥା ସଦାଶିବ ପରିସରର ନନ୍ଦିଘୋଷ ମହାପାତ୍ର, ସୁବ୍ରତ ଷଡ଼ଙ୍ଗୀ, ଅଜୟାନନ୍ଦ ସାହୁ, ଅଶୋକ କୁମାର ପାଣ୍ଡେ, ପ୍ରଦୀପ କୁମାର ସାହୁ ତଥା ସଦାଶିବ ପରିସରର ବାଲ୍ମୀକି ଛାତ୍ରାବାସର ଅନ୍ତେବାସୀଙ୍କ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପରିବେଶ ସନ୍ତୁଳନତା ଉପରେ ଗୁରୁତ୍ୱ ଦେବାକୁ ଶପଥ



ଗୋପ,୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ପରିବେଶ ସନ୍ତୁଳନତା ଆମମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ମୃତ୍ତିକା ସଂରକ୍ଷଣ, ଅବକ୍ଷୟ ଉପରେ ଗୁରୁତ୍ୱ ଦେବା ସହିତ ଆମମାନଙ୍କୁ ପରିବେଶକୁ ସୁରକ୍ଷା ଦେବାକୁ ନେଇ ବୁଧବାର ଗୋପ ବ୍ଲକ ଅଧୀନ ବୀରତୁଙ୍ଗ ପଞ୍ଚାୟତର ଅଗ୍ରଣୀ ସେବକ ସ୍ୱେଚ୍ଛାସେବୀ ସଂଗଠନ ସଭ୍ୟାସଭ୍ୟ ଶପଥ ନେଇଛନ୍ତି। ସଂଗଠନ ସଭାପତି ଆଲୋକ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ସଭ୍ୟାସଭ୍ୟ ଯୋଗଦେଇ ବ୍ଲକ ଅଧୀନ ବନ୍ତଳିଗ୍ରାମ, ପୟରା, ଏରବଙ୍ଗ, କୁଆଁପଡ଼ା, ବୀରତୁଙ୍ଗ, ଧୁମାଳ, ଶିମିଳି ପ୍ରଭୃତି ପଞ୍ଚାୟତରେ ଲଗାଯାଇଥିବା ଶତାଧିକ ଲିମ୍ବ, ନଡ଼ିଆ ସହିତ ଅନ୍ୟାନ୍ୟ ଚାରାରୋପଣ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ସରକାରୀସ୍ତରରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାକୁ ସାମିଲ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତକୁ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସମୀକ୍ଷା କରାଯାଉଥିବା ସମୟରେ ଲଗାଯାଇ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ସଭ୍ୟାସଭ୍ୟ ବୃକ୍ଷର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ଦିନ ସଂଗଠନ ପକ୍ଷରୁ ବୃକ୍ଷରେ ପାଣି ଦେବା, ବାଡ଼ କରିବା ଉପରେ ଗୁରୁତ୍ୱ ମଧ୍ୟ ଦିଆଯାଉଥିବା ସଭାପତି କହିଛନ୍ତି।

## ମୋବାଇଲ ଟ୍ରାକ୍‌କୁ ତଦନ୍ତକୁ ନେଉନି ପୋଲିସ

### ଡେଲାଙ୍ଗରୁ ଆସି ଖୋର୍ଦ୍ଧାରେ ଗଦାଧରଙ୍କ ନିଖୋଜ ଘଟଣା

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ): ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମର ଗଦାଧର ନିଶଙ୍କ ଗତ ୩ତାରିଖରେ କୌଣସି କାମରେ ଖୋର୍ଦ୍ଧା ଗୁରୁଜଙ୍ଗ ଆସି ନିଖୋଜ ହୋଇଯାଇଛନ୍ତି। ବରୁଣେଇ ଶିଳ୍ପାଞ୍ଚଳସ୍ଥିତ ଏକ ପରିତ୍ୟକ୍ତ ଖଣି ପୋଖରୀରୁ ଜବତ ବାଇକ, ହେଲେମଟ, ଯୋତା, ବ୍ୟାଗକୁ ପରିବାର ଲୋକେ ଗଦାଧରଙ୍କର ବୋଲି ଚିହ୍ନଟ କରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଗୁରୁଜଙ୍ଗର ଜଣେ ମହିଳାଙ୍କ ଘରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ସହ ସରଜମିନ ତଦନ୍ତ କରିଛି। ତେବେ ଏହି ଘଟଣାକୁ ନେଇ ୫ଦିନ ବିତିଲାଣି, ଏଯାବତ ପୋଲିସ ନିଖୋଜଙ୍କ ସନ୍ଧାନ ପାଇନାହିଁ। ଗଦାଧରଙ୍କ ମୋବାଇଲ ଶେଷ ଲୋକେଶନ ଗୁରୁଜଙ୍ଗସ୍ଥିତ ଏକ ମନ୍ଦିର ନିକଟରେ ଦେଖାଉଥିବାବେଳେ ପୋଲିସକୁ ଏହାକୁ ତଦନ୍ତ ପରିସରଭୁକ୍ତ କରୁନାହିଁ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

## ସମୁଦ୍ର ପଥ ଉପରେ କଡ଼ା ନଜର ରଖିଛି ପ୍ରଶାସନ

ପୁରୀ, ୭।୮ (ଅଜିତ୍ କୁମାର ମହାନ୍ତି)



ଆରକ୍ଷଣକୁ ନେଇ ପଡ଼ୋଶୀ ଦେଶ ବାଂଲାଦେଶରେ ହିଂସା ଓ ରାଜନୈତିକ ସଙ୍କଟ ଉଗ୍ର ରୂପ ନେଇଛି। ଶେଖ୍ ହାସିନା ସରକାରଙ୍କ ପତନ ପରେ ବାଂଲାଦେଶ ଜଳୁଛି। ବାଂଲାଦେଶରେ ବ୍ୟାପକ ଅରାଜକତା ବଢ଼ିଥିବାବେଳେ ହିଂସାକାଣ୍ଡ ଓ ପୋଡ଼ାଜଳା ଜାରି ରହିଛି। ଭାରତ ବିରୋଧୀ କାର୍ଯ୍ୟକଳାପ ବଢ଼ିଚାଲିଥିବା ବେଳେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯାଉଛି। ତେବେ ଏହି ଅପ୍ରୀତିକର ସ୍ଥିତି ସମୟରେ ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁ ତଥା ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାଂଲାଦେଶ ଛାଡ଼ି ଭାରତ ସୀମାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଭାରତ ସରକାରଙ୍କ ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ଏପରିକି ଭାରତ ବିରୋଧୀ ସଂଗଠନର ବ୍ୟକ୍ତି ସମୁଦ୍ର ପଥରେ ଭାରତକୁ ଆସି ଅଘଟଣ ଘଟାଇବାର ଆଶଙ୍କା ରହିଛି। ପୁରୀ ଜିଲାରେ ୪ଟି ମେରାଇନ୍ ଥାନା ରହିଛି। ତେବେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାବେଳେ ଅତ୍ୟାଧୁନିକ ବୋଟ୍ ଓ ଆବଶ୍ୟକୀୟ ସରଞ୍ଜାମ ନାହିଁ। ତେଣୁ ସମୁଦ୍ରପଥ ଦେଇ ଅନୁପ୍ରବେଶକାରୀ ଏବଂ ଅସାମାଜିକ ବ୍ୟକ୍ତିମାନେ ଜିଲାରେ ପ୍ରବେଶ କରିବାର ସମ୍ଭାବନା ରହିଛି। ତେଣୁ ଏନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି। ଅପରପକ୍ଷରେ ଏନେଇ ଏସ୍‌ପି ପିନାକ ମିଶ୍ର କହିଛନ୍ତି ଯେ, ବର୍ତ୍ତମାନ ବାଂଲାଦେଶରେ ହିଂସା ଲାଗି ରହିଛି। ଅନୁପ୍ରବେଶ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ତେବେ ରୀତିମତ ଭାବେ ନେଭି ଓ କୋଷ୍ଟଗାର୍ଡ ପକ୍ଷରୁ ବେଳାଭୂମିରେ ପାଟ୍ରୋଲିଂ କରାଯାଇଥାଏ। ଜିଲାରେ ୪ଟି ମେରାଇନ ଥାନା ରହିଛି। ପାଟ୍ରୋଲିଂ କରାଯିବା ସହ ସୁରକ୍ଷା ଦିଗକୁ ଧ୍ୟାନ ଦିଆଯାଉଛି। କୋଷ୍ଟଗାର୍ଡ ସହିତ ପୁରୀ ମେରାଇନ୍ ପୋଲିସ ନିୟମିତ ପାଟ୍ରୋଲିଂ କରୁଛି। ପୁରୀ ପୋଲିସ ସମ୍ପୂର୍ଣ୍ଣ ସତର୍କ ରହିଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ପୁରୀ ମେରାଇନ୍ ଥାନାର ଦୈନନ୍ଦିନ କାର୍ଯ୍ୟ ହେଉଛି ଜଳପଥ ଉପରେ କଡ଼ା ନଜର ରଖିବା। ତେଣୁ କଡ଼ା ନଜର ରଖାଯାଇଛି। ତେବେ ସେପରି କୌଣସି ପରିସ୍ଥିତି ସୃଷ୍ଟି ହୋଇନାହିଁ। ତେଣୁ ଭୟଭୀତ ହେବାର ନାହିଁ। ବିଭ୍ରାନ୍ତିକର ସୂଚନା ମଧ୍ୟ ପ୍ରଦାନ କରାନଯାଉ। ମେରାଇନ୍ ଥାନା ପୋଲିସ ଏବଂ କୋଷ୍ଟଗାର୍ଡ ନିୟମିତ ଭାବେ ଜଳପଥରେ ପାଟ୍ରୋଲିଂ କରୁଛି ବୋଲି ଜିଲାପାଳ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।

# ଭୁବନେଶ୍ୱରର ୯ ସ୍ଥାନରେ ହେବ 'ନଗର ବନ'

## ମିୟାୱାକି ପଦ୍ଧତିରେ ଚାରା ରୋପଣ ଆରମ୍ଭକଲା ବିଏମ୍‌ସି

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)



ପାତ୍ରପଡ଼ା ରଜ ମହୋତ୍ସବ ପଡ଼ିଆରେ ନଗରବନ ସୃଷ୍ଟି ପାଇଁ ମିଆୱାକି ପଦ୍ଧତିରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର।

ରାଜଧାନୀ ଭୁବନେଶ୍ୱରରେ ନୂଆ ଜଙ୍ଗଲ ସୃଷ୍ଟି ହେବ। ଏଥିପାଇଁ 'ସବୁଜ ଭୁବନେଶ୍ୱର ଅଭିଯାନ'କୁ ତ୍ୱରାନ୍ୱିତ କରିବା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) 'ଆହ୍ୱାନ ବୃକ୍ଷ ରୋପଣର' କାର୍ଯ୍ୟକ୍ରମ ହାତକୁ ନେଇଛି। ବିଏମ୍‌ସି ଓ ଭୁବନେଶ୍ୱର ନଗର ବନଖଣ୍ଡର ମିଳିତ ପ୍ରୟାସରେ ସହରରେ ୧ ଲକ୍ଷ ଚାରା ରୋପଣ କରାଯିବ। ଏଥିପାଇଁ ୩ ଜୋନ୍‌ର ୯ଟି ସ୍ଥାନରେ ମିୟାୱାକି ପଦ୍ଧତିରେ 'ନଗର ବନ' ସୃଷ୍ଟି କରିବାକୁ ବିଏମ୍‌ସି ଯୋଜନା କରିଛି। ନଗରବନ ସୃଷ୍ଟି ପାଇଁ ଚୟନ ହୋଇଥିବା ପାତ୍ରପଡାସ୍ଥିତ ରଜ ମହୋତ୍ସବ ପଡିଆଠାରେ ବୁଧବାର ପ୍ରଥମ ମିୟାୱାକି ପଦ୍ଧତିରେ ଚାରା ରୋପଣ ଆରମ୍ଭ ହୋଇଛି। ପଡିଆର ୨ ହଜାର ବର୍ଗ ମିଟର ପରିସରରେ ମୋଟ ୧୬୦୦ ଚାରା ରୋପଣ କରାଯିବ। ଏହିପରି ୯ଟି ସ୍ଥାନରେ ଜଙ୍ଗଲ ସୃଷ୍ଟି ପାଇଁ ମିଆୱାକି ପଦ୍ଧତିରେ ମୋଟ ୨୮ ହଜାର ଚାରା ରୋପଣ କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ବିଏମସି ଅଞ୍ଚଳରେ ବ୍ୟାପକ ବୃକ୍ଷ ରୋପଣ କରିବା ସହ ଆଗାମୀ ଦିନରେ ଘର ନିର୍ମାଣ ପାଇଁ ଆସୁଥିବା ପ୍ଲାନରେ ଗଛ ଲଗାଇବାକୁ କୁହାଯିବ। ଏଥିପାଇଁ ସ୍ୱତନ୍ତ୍ର ସ୍ଥାନ ରଖିବାକୁ ନିୟମ ଆଣିବା ନିମନ୍ତେ ଚିନ୍ତା କରାଯିବ। ଘର ପଛେ ଉଚ୍ଚା ହେଉ, କିନ୍ତୁ ସମସ୍ତେ ଘର ଚାରିପାଖରେ ଚାରା ରୋପଣ କରିବା ପାଇଁ ମନ୍ତ୍ରୀ ଡ. ମହାପାତ୍ର ପରାମର୍ଶ ଦେଇଛନ୍ତି।

ନୂଆ ଜଙ୍ଗଲ ସୃଷ୍ଟି ଦ୍ୱାରା ସମ୍ପ୍ରତି ବିଶ୍ୱ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରାଯାଇପାରିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି, ଅନୁଷ୍ଠାନ ପଡିଆ ଜମିରେ ଚାରା ରୋପଣ କରିବା ଏବେ ଜରୁରୀ ହୋଇପଡିଛି ବୋଲି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ କହିଥିଲେ।

ପାତ୍ରପଡ଼ା ରଜ ମହୋତ୍ସବ ପଡ଼ିଆରେ ପ୍ରଥମ ଦିନରେ ବଉଳ, ହରିଡା, ବାହାଡା, ଅଁଳା, ବେଲ, ଜାମୁ, ଶିଶୁ, କରଞ୍ଜ, ନିମ୍ବ, ବରକୋଳି, ସୀତାଫଳ, ଅର୍ଜ୍ଜୁନ, ଗମ୍ଭାରୀ, କଇଥ, ଖିରକୋଳି, ଅଶୋକ, ଆମ୍ବ, କାଞ୍ଚନ, ମହିଶୂର କୁଇନ, ସ୍ୱର୍ଣ୍ଣ ଚମ୍ପା, ନାଗଚମ୍ପା ସହିତ ଔଷଧୀୟ ବୃକ୍ଷ ଯଥା-ବଣ ହଳଦୀ, ଘିଇକୁଆଁରୀ, ଗନ୍ଧଶୁଣ୍ଠି, ଅମରପୋଇ, ନାକଚଣା ଆଦି ଗଛ ରୋପଣ କରାଯାଇଛି। ଏହା ଦ୍ୱାରା ସ୍ଥାନୀୟ ଲୋକେ ବେଶ ଉପକୃତ ହୋଇପାରିବେ ବୋଲି ଆଞ୍ଚଳିକ ବନଖଣ୍ଡ ଅଧିକାରୀ ଅଜିତ କୁମାର ଶତପଥୀ କହିଛନ୍ତି।

କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ କମିଶନର ଘାସିରାମ ମୁର୍ମୁ, ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ସାବତ ଝିଅଙ୍କୁ ବଳାତ୍କାର ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)



ସାବତ ଝିଅଙ୍କୁ ବାରମ୍ବାର ବଳାତ୍କାର କରିବା ମାମଲାରେ ଜଟଣୀ ଥାନା ପୋଲିସ ୨ବର୍ଷ ପରେ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏସ୍.କେ. ଫରିଦ୍ (୩୮)। ଅଭିଯୁକ୍ତ ଫରିଦ୍‌ଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ସାବତ ଝିଅଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ନାବାଳିକା ପୀଡ଼ିତାଙ୍କ ବାପାଙ୍କ ମୃତ୍ୟୁ ପରେ ତାଙ୍କ ମା' ଅଭିଯୁକ୍ତ ଫରିଦ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନେ ଜଟଣୀରେ ଏକ ଭଡ଼ା ଘରେ ରହୁଥିଲେ। ପୀଡ଼ିତାଙ୍କ ମା' ଶୋଇପଡ଼ିବାପରେ ଅଭିଯୁକ୍ତ ଫରିଦ୍ କାଣ୍ଡ ଘଟାଉଥିଲେ। ନାବାଳିକା ସାବତ ଝିଅଙ୍କୁ ଅସଦାଚରଣ କରିବା ସହ ବାରମ୍ବାର ବଳାତ୍କାର କରୁଥିଲେ। ଏହି ଘଟଣା ବିଷୟରେ ନ ଜଣାଇବାକୁ ଫରିଦ୍ ଝିଅଙ୍କ ଉପରେ ଚାପ ପକାଇ ଧମକ ଦେଇଥିଲେ। ବଳାତ୍କାର ଅତିଶୟ ହେବାରୁ ପୀଡ଼ିତା ଜଣଙ୍କ ମୁହଁ ଖୋଲି କଳା ରାତିର କାହାଣୀ ବିଷୟରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏହି ଘଟଣା ବିଷୟରେ ଫରିଦ୍‌ଙ୍କୁ ପଚାରିଥିଲେ। ଫଳରେ ଫରିଦ୍ ଉଭୟ ମା' ଓ ଝିଅଙ୍କୁ ମାଡ଼ ମାରିବାସହ ନିର୍ଯାତନା ଦେଇଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଜଟଣୀ ଥାନାରେ ପୀଡ଼ିତା ୨୦୨୨ ଅଗଷ୍ଟ ୩୦ରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୩୦୮/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଅନ୍ୟପକ୍ଷରେ ପୋଲିସରେ ଏତଲା ହେବା ପରେ ଫରିଦ୍ ଘର ଛାଡି ଫେରାର ହୋଇଯାଇଥିଲେ।

### ପ୍ରେମରେ ବିଫଳ ହେବାରୁ ଯୁବତୀଙ୍କ ଭାବୀ ସ୍ୱାମୀଙ୍କୁ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

ପ୍ରେମରେ ବିଫଳ ହେବାରୁ ଯୁବକଙ୍କ ଉଦ୍ଭଟକାଣ୍ଡ। ଜଣେ ଯୁବତୀଙ୍କ ଭାବି ସ୍ୱାମୀଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଅଞ୍ଚଳର ସ୍ୱସ୍ତିକ ଭୋଳ। ତାଙ୍କଠାରୁ ଗୋଟିଏ ମୋଟରସାଇକେଲ ଓ ଆକ୍ରମଣରେ ବ୍ୟବହୃତ ଗୋଟିଏ ଲାଠି, ଗୋଟିଏ ଭଙ୍ଗା ହେଲ୍‌ମେଟ ଜବତ ହୋଇଛି।

ସୂଚନାନୁସାରେ ଅଭିଯୋଗକାରୀ ଆଶୀର୍ବାଦ ସ୍ୱାଇଁଙ୍କ ବାହାଘର ଠିକ୍ ହୋଇଥିବା ବେଳେ ତାଙ୍କ ଭାବି ସ୍ତ୍ରୀଙ୍କୁ ଏକତରଫା ପ୍ରେମ କରୁଥିବା ଅଭିଯୁକ୍ତ ସ୍ୱସ୍ତିକ ତାଙ୍କର ୨ ବନ୍ଧୁଙ୍କ ସହ ମିଶି ଗତ ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ କଲ୍ୟାଣ ପ୍ଲାଜା ନିକଟରେ ଅଟକାଇ କାଠ ଲାଠି ସାହାଯ୍ୟରେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ଆଶୀର୍ବାଦ ଗୁରୁତର ଆହତ ହୋଇଥିଲେ। ଏନେଇ ଆଶୀର୍ବାଦଙ୍କ ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଧରିଥିବାବେଳେ ଫେରାର ଥିବା ତାଙ୍କ ସହଯୋଗୀମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି।

### ନିଶାସେବନ ବାରଣ କରିବାରୁ ଆକ୍ରମଣ, ୩ ଗିରଫ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

କାଉଡ଼ିଆଙ୍କ ପାଇଁ ହୋଇଥିବା ବିଶ୍ରାମସ୍ଥଳରେ ନିଶାସେବନ ବାରଣ କରିବାରୁ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି।। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବାବେଳେ ଅଭିଯୋଗ ପରେ ପୋଲିସ ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ସିଦ୍ଧାନ୍ତ ପ୍ରଧାନ, କୃଷ୍ଣ ଚନ୍ଦ୍ର ବାରିକ, ଲିଟୁ ବେହେରା।

ସୂଚନାନୁସାରେ ଅଭିଯୋଗକାରୀ ବିଜୁରାମ ବୈରାଗୀ ଭଗବାନ ଟାୱାର ନିକଟରେ କାଉଡ଼ିଆଙ୍କ ପାଇଁ ବିଶ୍ରାମ ଏବଂ ସେବା ଶିବିର କରିଥିଲେ। ଅଗଷ୍ଟ ୪ରେ ଉକ୍ତ ଶିବିର ନିକଟରେ ଅଭିଯୁକ୍ତମାନେ ଗଞ୍ଜେଇ ତଥା ନିଶାଦ୍ରବ୍ୟ ସେବନ କରୁଥିବା ବିଜୁରାମ ଦେଖି ବାରଣ କରିଥିଲେ। ଏହାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ପୁନର୍ବାର ରାତିରେ ଉକ୍ତ ସ୍ଥାନକୁ ଆସି ବିଜୁରାମ ଓ ତାଙ୍କ ବନ୍ଧୁଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ବିଜୁରାମ ଥାନାରେ ଅଭିଯୋଗ କରିଥିଲେ।

# 'କିଏ ପୋଛିଦେବ ଆଖିର ଲୁହ' ମଞ୍ଚସ୍ଥ



ପୁରୁଣା ଭୁବନେଶ୍ୱର, ୭।୮ (ସୁବାସ ପ୍ରଧାନ)

ଜଳସେଚନ ବିଭାଗ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାନବ ସମ୍ବଳ ବିକାଶ ମୁଖ୍ୟ ଯନ୍ତ୍ରୀ ବସନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭାଗର କାର୍ଯ୍ୟଧାରା ଏବଂ ରାଜସ୍ୱ ବୃଦ୍ଧି ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ସ୍ୱତନ୍ତ୍ର ସଚିବ ମୁକୁଳ ଚନ୍ଦ୍ର ବେରା, ବିଜୟ କୁମାର ସାମଲ ଏବଂ ଯୋଜନା ମୁଖ୍ୟଯନ୍ତ୍ରୀ ସାଗର ମହାନ୍ତି ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଭାତ ନନ୍ଦ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅମିତାଭ ମହାନ୍ତି ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ବିଭାଗର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଜଳସା -୨୦୨୪' ଉନ୍ମୋଚିତ ହୋଇଥିଲା। ଶେଷରେ ପରିଷଦର କଳାକାରମାନଙ୍କ ଦ୍ୱାରା 'କିଏ ପୋଛିଦେବ ଆଖିର ଲୁହ' ନାଟକ ପରିବେଷିତ ହୋଇଥିଲା। ନାଟ୍ୟ ପରିଚାଳନା ସୁଶାନ୍ତ ମହାନ୍ତି କରିଥିବାବେଳେ ମାନସ କୁମାର ପରିଡ଼ା ଓ ଅମରଦୀପ ମହାନ୍ତି ସହ ନିର୍ଦ୍ଦେଶନା ଦେଇଥିଲେ। ସୁନୀଲ କୁମାର ଭିତ୍ରୀୟା ସହ ପରିଚାଳନା କରିଥିଲେ।

## ଚୋରା ରୁପା ଜିନିଷ ବିକ୍ରି ବେଳେ ୨ ଧରାପଡ଼ିଲେ

ଭୁବନେଶ୍ୱର,୭।୮ (ସୂର୍ଯ୍ୟକାନ୍ତ ବେହେରା)

କମ୍ ଦାମରେ ଚୋରା ରୁପାସାମଗ୍ରୀ ବିକ୍ରି କରୁଥିବାବେଳେ ଖାରବେଳନଗର ଥାନା ପୋଲିସ ୟୁନିଟ-୩ ଅଞ୍ଚଳରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଭବାନୀ ଶଙ୍କର ମହାପାତ୍ର ଓ ଗଞ୍ଜାମର ରାଜା ସ୍ୱାଇଁ। ସେମାନଙ୍କଠାରୁ ୪୪୨ ଗ୍ରାମ୍‌ର ରୁପା ସାମଗ୍ରୀ ଜବତ ହୋଇଛି। ତେବେ ଅଭିଯୁକ୍ତଦ୍ୱୟ ଏହି ଜବତ ହୋଇଥିବା ରୁପା ସାମଗ୍ରୀଗୁଡ଼ିକ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଣିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୁକ୍ତଦ୍ୱୟଙ୍କ ସୂଚନା ଆଧାରରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ରେଳ ସଦନ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ପ୍ରତିବାଦ




ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ସଫେଇ କର୍ମଚାରୀ ସଂଘ ପକ୍ଷରୁ ୮ ଦଫା ଦାବି ନେଇ ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ସମ୍ମୁଖରେ ପ୍ରତିବାଦ କରାଯାଇଛି। ମାସକୁ ୨୬ଦିନର କାମ, ଜାତୀୟ ଛୁଟି ଦିବସରେ ମଜୁରି ପ୍ରଦାନ, ଇପିଏଫ, ବୋନସ ଓ ଇଏସ୍‌ଆଇ ଆଦି ସୁବିଧା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି। ଏହାସହ ଠିକାଦାରମାନେ ନୂତନ ଟେଣ୍ଡରରେ ପୁରୁଣା କର୍ମଚାରୀଙ୍କୁ ସାମିଲ କରିବା, ଠିକାରେ ନିଯୁକ୍ତି କର୍ମଚାରୀଙ୍କୁ କର୍ମ କ୍ଷେତ୍ରରେ ଗାଳିଗୁଲଜ ଓ ଧମକ ଆଦି ବନ୍ଦ କରିବା ଏବଂ ନିଯୁକ୍ତି ଲାଗି ଲାଞ୍ଚ ନେବା ବନ୍ଦ କରିବା ସହ ଲଗାତର ଭାବେ ଘଟୁଥିବା ରେଳଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ଓ ଠିକା ଚାକିରି ପରିବର୍ତ୍ତେ ସ୍ଥାୟୀ ଚାକିରି ଦେବାକୁ ଦାବି କରାଯାଇଛି। ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବନବିହାରୀ ଦାସ, ବିଜୟ ବେହେରା, ଜୟରାମ ବେହେରା ଓ ବଂଶୀଧର ପରିଡା ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏଆଇସିସିଟିୟୁ ସଭାପତି ରାଧାକାନ୍ତ ସେଠୀ, ମାନସ ପ୍ରଧାନ ଓ ଚିତ୍ତସେନ ସେଠୀ ଚେତାବନୀ ଦେଇ କହିଛନ୍ତି, ଠିକା କର୍ମଚାରୀଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ।

# ପୁଷ୍ଟିକର ମଧ୍ୟାହ୍ନଭୋଜନର ଆବଶ୍ୟକତା ରହିଛି

## ପିଏମ୍-ପୋଷଣ ସମ୍ପର୍କିତ ପ୍ରଶିକ୍ଷଣ ନେଲେ ପାଚିକା, ସହାୟିକା

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)



ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକର ମଧ୍ୟାହ୍ନଭୋଜନରେ ନିୟୋଜିତ ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜୁଲାଇ ୭ରୁ ଆରମ୍ଭ ହୋଇଥିବା ପିଏମ୍-ପୋଷଣ ସମ୍ପର୍କିତ ଏହି ଶିବିରରେ ୮୦୦ ପାଚିକା ଓ ସହାୟିକା ୮ଟି ପର୍ଯ୍ୟାୟରେ ତାଲିମ୍ ଗ୍ରହଣ କରିଛନ୍ତି। ଶେଷ ପର୍ଯ୍ୟାୟରେ କେନ୍ଦୁଝର, ଅନୁଗୋଳ ଓ ସୁନ୍ଦରଗଡ଼ ଜିଲାରୁ ଆସିଥିବା ପାଚିକା ତଥା ସହାୟିକା ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ପିଏମ୍-ପୋଷଣ, ୟୁଏନ୍ ୱାର୍ଲର୍ଡ ଫୁଡ୍ ପ୍ରୋଗ୍ରାମ୍ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପିଲାମାନଙ୍କୁ କିଭଳି ସ୍ୱାସ୍ଥ୍ୟକର, ପୁଷ୍ଟିକର ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ ଯୋଗାଇଦିଆଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଓଡ଼ିଶା ରାଜ୍ୟ ପିଏମ୍-ପୋଷଣ ନୋଡାଲ ଅଫିସର ରଘୁରାମ ଆୟର୍ ଯୋଗଦେଇ ପିଲାଙ୍କ ମଧ୍ୟରେ ଦେଖାଯାଉଥିବା ରକ୍ତହୀନତା ଏବଂ ଅପପୃଷ୍ଟି ରୋଗର ଦୂରୀକରଣ ପାଇଁ ପୁଷ୍ଟିକର ମଧ୍ୟାହ୍ନଭୋଜନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ କର୍ମଶାଳା ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ରନ୍ଧନ ପ୍ରଣାଳୀ କିଭଳି ସହାୟକ ହୋଇପାରିବ ସେ ନେଇ ଆଲୋକପାତ କରିଥିଲେ।

## 'କୃଷି ସମ୍ପର୍କିତ ଠିକ୍ ତଥ୍ୟ ସଂଗ୍ରହ ହେଉ'

କଟକ,୭।୮ (କାର୍ତ୍ତିକ ସାହୁ):

କଟକସ୍ଥିତ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ ଆମନ୍ତ୍ରଣକ୍ରମେ ବାର୍ଷିକ କୃଷି ପରିସଂଖ୍ୟାନ ପୁନଃ ନବୀକରଣ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ସିଡିଏସ୍ଥିତ ସଭାଗୃହରେ ଆୟୋଜିତ ଶିବିରରେ କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାର ସହନିର୍ଦ୍ଦେଶକ, ପରିସଂଖ୍ୟାନ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଶିବିରରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ଅନୁପମ ଲାହିରୀ, ତପନ କୁମାର ମିଶ୍ର ଓ ବିଶ୍ୱଜିତ୍ ପାଣିଗ୍ରାହୀ ଯୋଗଦେଇ କୃଷି ପରିସଂଖ୍ୟାନ ଉନ୍ନତିରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପବିତ୍ର ମୋହନ ଦ୍ୱିବେଦୀ, ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ବକ୍ତବ୍ୟରେ କୃଷି ପରିସଂଖ୍ୟାନର ଠିକ୍ ତଥ୍ୟ ସଂଗ୍ରହ ହେବା ଉପରେ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଅତିଥି ପରିଚୟ, ପରିସଂଖ୍ୟାନ ଅଧିକାରୀ ପ୍ରମିଳା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ସହକାରୀ ନିର୍ଦ୍ଦେଶିକା ଅନସୂୟା ଦାସ ପ୍ରମୁଖ ଯୋଗଦେଇଥିଲେ।

## ୯ରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ 'ଜୟହୀନ୍ଦ'




ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

### ସମ୍ପଦ ମହାପାତ୍ର ପାଇବେ ସଂଭାବନା ସ୍ୱନକ୍ଷତ୍ର ସମ୍ମାନ

ଆସନ୍ତା ୯ ତାରିଖରେ କ୍ରାନ୍ତି ଦିବସ ଓ ସଂଭାବନାର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସୂଚନା ଭବନଠାରେ ଦେଶଭକ୍ତି ସଂଗୀତର କାର୍ଯ୍ୟକ୍ରମ 'ଜୟହିନ୍ଦ' ଅନୁଷ୍ଠିତ ହେବ। ଏହାସହ ସଂଭାବନା ପକ୍ଷରୁ ସ୍ୱନକ୍ଷତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଜୀବନବ୍ୟାପୀ ସାଧନା ପାଇଁ ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ରଙ୍କୁ ସଂଭାବନା ସ୍ୱନକ୍ଷତ୍ର ସମ୍ମାନ ଓ ବିଶିଷ୍ଟ ସ୍ତମ୍ଭକାର ସରଳ କୁମାର ଦାସଙ୍କୁ ସ୍ୱନକ୍ଷତ୍ର ସ୍ୱତନ୍ତ୍ର ସମ୍ମାନ ଦିଆଯିବ। ଏହି ଅବସରରେ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତା, ସୌରଭ ନାୟକ, ଗୌତମ ଗିରି, ସୁଶାନ୍ତ ପଣ୍ଡା, ନିମାକାନ୍ତ ରାଉତରାୟ, ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର,ସିଦ୍ଧାନ୍ତ ଶତପଥୀ, ବିଜୟଲକ୍ଷ୍ମୀ ରାଉତରାୟ ପ୍ରମୁଖ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବେ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା, ତୃଷ୍ଟି ସ୍ମୃତି ମହାନ୍ତି, ଓଡ଼ିଆଣୀ ସମିତିର ସମ୍ପାଦିକା ରେଖା ସାହୁ, ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ ଓ ରଶ୍ମିତା ରଥ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

# ପାଣିଘେରରେ ତ୍ରିଶୂଳିଆ ଗ୍ରାମବାସୀ

ବାରଙ୍ଗ,୭।୮ (ଲିଙ୍ଗରାଜ ରାଉତ)



ଲଘୁଚାପଜନିତ ଲଗାଣ ବର୍ଷା ସାରା ରାଜ୍ୟରେ ଲାଗି ରହିଥିବାବେଳେ ବାରଙ୍ଗ ଅଞ୍ଚଳରେ ତୁହାକୁ ତୁହା ବର୍ଷା ହୋଇ ବିଭିନ୍ନ ସ୍ଥାନରେ ଥିବା ଖାଲୁଆ ଜାଗାଗୁଡ଼ିକ ଜଳମଗ୍ନ ହୋଇପଡ଼ିଛି। ବର୍ଷା ଯୋଗୁ ବାରଙ୍ଗ ବ୍ଲକ ଅଧୀନ କୁହେଇଁପଡ଼ା ଗ୍ରାମପଞ୍ଚାୟତର ତ୍ରିଶୂଳିଆ ଗ୍ରାମ ଏକ ପ୍ରକାର ଜଳବନ୍ଦୀ ହୋଇଯାଇଛି। ବାରଙ୍ଗ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ତ୍ରିଶୂଳିଆ ଗ୍ରାମର ମୁଖ୍ୟରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହିଛି। ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବହୁ ସମସ୍ୟା ଦେଖାଦେଇଛି। ଗାଁଦାଣ୍ଡରେ ଏବେ ବର୍ଷା ପାଣି ଜମି ରହିଥିବାବେଳେ କେତେଜଣ ଲୋକଙ୍କ ଘରେ ମଧ୍ୟ ବର୍ଷାଜଳ ପ୍ରବେଶ କରିଛି। ଫଳରେ ଗ୍ରାମବାସୀଙ୍କ ପାଇଁ ଘରୁ ବାହାରିବା କଷ୍ଟକର ହେବା ସହ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷାଦିନ ଆସିଲେ ଗ୍ରାମରେ ଏପରି ସମସ୍ୟା ଉପୁଜି ଥାଏ। ହେଲେ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ଶ୍ରେଣୀଗୃହରେ ଭାଷାଭିତ୍ତିକ ସମସ୍ୟା ଦୂରକରିବାକୁ ପ୍ରୟାସ

## ବହୁଭାଷୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବହୁଭାଷୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଠକ୍କର ବାପା ଛାତ୍ରାବାସଠାରେ ଆୟୋଜିତ ଏହି ଶିବିର ଆସନ୍ତା ୧୦ ତାରିଖ ଯାଏ ଚାଲିବ। ଶ ଜିଲା ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଶିବିରରେ ଯାଜପୁର, କଟକ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟରୁ ମୋଟ୍ ୫୦ଜଣ ବହୁଭାଷୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ପ୍ରଶିକ୍ଷାର୍ଥୀ ଭାବେ ଯୋଗଦେଇଛନ୍ତି। ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ସହ ନିର୍ଦ୍ଦେଶକ ସମରେନ୍ଦ୍ର ଭୂଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନଜାତି ଛାତ୍ରୀଛାତ୍ର ସାମ୍ନା କରୁଥିବା ଭାଷା ସମ୍ବନ୍ଧୀୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରଶିକ୍ଷାର୍ଥୀମାନେ ଏହି ଶିବିରରେ ଅଧିକରୁ ଅଧିକ ଅଂଶଗ୍ରହଣ କରି ବିଦ୍ୟାଳୟସ୍ତରରେ ଏହାକୁ ବ୍ୟାପକ କରାନ୍ତୁ ବୋଲି ଆହ୍ୱାନ କରିଛନ୍ତି। ଖୋର୍ଦ୍ଧା ଜିଲା ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଣୀଗୃହରେ ଭାଷାକୁ ନେଇ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ନୂତନ ଶିକ୍ଷଣ ପଦ୍ଧତି ମାଧ୍ୟମରେ କିପରି ପାଠପଢ଼ାକୁ ସରଳ ଓ ସାବଲୀଳ କରାଯାଇପାରିବ ସେ ନେଇ ପରାମର୍ଶ ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ ଭାଷାବିତ୍ ଡ. ପରମାନନ୍ଦ ପଟେଲ୍ ଶିବିରର ବିଷୟବସ୍ତୁ, ତାଲିମର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ କହିଥିଲେ।

## ସଂକ୍ଷେପରେ

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

ମାହାଙ୍ଗା, ୭।୮ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତସ୍ଥିତ ସାହାନିଆଜପୁର ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୌଧୁରୀ ନୀରଦ ସୁନ୍ଦର ମିଶ୍ର (୮୧)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ। ସେ କେନ୍ଦ୍ରାପଡ଼ା ଜିଲାରେ କାର୍ଯ୍ୟ ଆରମ୍ଭ କରି ମାହାଙ୍ଗା ବ୍ଲକ ଶବଳକଣା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସୂଚାରରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିବାବେଳେ ପୁତ୍ର ଅମିତାଭ ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ଅଖିଳେଶ ମିଶ୍ର, ଅବିନାଶ ମିଶ୍ର, ଅନୁପମ ମିଶ୍ର, ଅମରେଶ ମିଶ୍ର, ରଞ୍ଜିତା ମିଶ୍ର, ନମିତା ମିଶ୍ର, ନରୋତ୍ତମ ପ୍ରହରାଜ, ଅଜୟ କୁମାର ପଣ୍ଡାଙ୍କ ସମେତ ବନ୍ଧୁ, ପରିବାର ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ତାଙ୍କ ପରଲୋକ ଖବର ପାଇ ସରପଞ୍ଚ କମଳାକାନ୍ତ ରାଉତ, ବିଧାୟକଙ୍କ ପ୍ରତିନିଧି ଭକ୍ତ ଚରଣ ସ୍ୱାଇଁ, ଭରତ ଚନ୍ଦ୍ର ପ୍ରଧାନ, ବିବେକାନନ୍ଦ ପାଣି, ବିପିନ ବିହାରୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଡ. ଜୟରାମ ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ସାରଦା ପ୍ରଧାନ, ପୂର୍ବତନ ବିଧାୟକ ପ୍ରତାପ ଜେନା, କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, ସୁମନ୍ତ ଘଡେଇ, ଡ. ଅମରେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକଟ କରିଛନ୍ତି।

### ବାଲିସାହି ପଞ୍ଚାୟତରେ ବିଜେଡିର ସମୀକ୍ଷା ବୈଠକ

ସାଲେପୁର, ୭।୮ (ଅରବିନ୍ଦ ଭୂୟାଁ)

ବାଲିସାହି ପଞ୍ଚାୟତର ସମ୍ମିଳନୀ କକ୍ଷରେ ବିଜେଡିର ପଞ୍ଚାୟତସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ନିର୍ବାଚନରେ ବିଜେଡିର ସାଲେପୁର ନିର୍ବାଚନମଣ୍ଡଳୀରେ ବିଜୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାରଙ୍କ ଯୋଜନା ଲୋକମାନଙ୍କ ପାଖରେ ଠିକ୍ ଭାବେ କିପରି ପହଞ୍ଚିବ ଓ ପ୍ରକୃତ ହିତାଧିକାରୀ ବିଭିନ୍ନ ଯୋଜନାରୁ ଯେଭଳି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ପ୍ରଶାନ୍ତ ବେହେରା ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ଯୁବନେତା ଗୁଲରେଜ ଅଲ୍ଲୀ, ଜୟରାମ ବେହେରା, ରାଜେଶ ମହାନ୍ତି, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ଦାଶ, ଅଭୟ ନାୟକ, ବୁଲା ପାତ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପୁରସ୍କୃତ ହୋଇପାରିଲେନି ବୁଣାକାର

**୧୦ମ ଜାତୀୟ ହସ୍ତତନ୍ତ ଦିବସ**

■ ନୂଆପାଟଣାସ୍ଥିତ ନଂ. ୧ ତନ୍ତୁବାୟ ସହଯୋଗ ସମିତି

ଟିଗିରିଆ, ୭।୮ (ଜାଫର ଖାଁ):



ବୈଠକରେ ଯୋଗଦେଇଥିବା ସମିତିର କର୍ମକର୍ତ୍ତା ଓ ଅତିଥିମାନେ।

ଟିଗିରିଆ ବ୍ଲକ୍ଅନ୍ତର୍ଗତ ନୂଆପାଟଣାସ୍ଥିତ ନଂ. ୧ ତନ୍ତୁବାୟ ସହଯୋଗ ସମିତି ପରିସରରେ ବୁଧବାର ୧୦ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ରାଜ୍ୟ ସରକାରଙ୍କ ବୁଣାକାରମାରଣ ନୀତି ଯୋଗୁ ସମିତିର ଅଡିଟ୍ ଆଳ ଦେଖାଇ ରାଜ୍ୟରେ ଥିବା କୌଣସି ବୁଣାକାର ସମିତିକୁ ଉତ୍ପାଦନ, ରପ୍ତାନି ଓ ଡିଜାଇନ ପାଇଁ ପୁରସ୍କୃତ କରାଯାଇ ନ ଥିବାରୁ ବୁଣାକାରମାନେ କ୍ଷୋଭ ପ୍ରକାଶ କରଛନ୍ତି। ରାଜ୍ୟ ସରକାର ପ୍ରଥମରୁ ଝୁଣ୍ଟିଲେ ବୋଲି ହସ୍ତତନ୍ତ ଦିବସ ପାଳନ ଅବସରରେ ଅତିଥିମାନେ କହିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ନଂ. ୧ ବୁଣାକାର ସମିତିର ସଭାପତି କେଶବ ଚନ୍ଦ୍ର ପାତ୍ର ସଭାପତିତ୍ୱ କରିଥିଲେ। ନୂଆପାଟଣା ନଂ. ୧ ସମିତି ଚଳିତବର୍ଷ ତା'ର ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଅଯୋଧ୍ୟା ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ଅହିଂସା ଖଣ୍ଡୁଆ ପାଟ, ବଳଦେବଜୀଉ ଓ ଜଗନ୍ନାଥଙ୍କ ପାଇଁ ଅହିଂସା ପାଟ ବସ୍ତ୍ର ପଠାଇ ରାଜ୍ୟ ସ୍ତରରେ ୧ମ ପୁରସ୍କାର ପାଇବା ପାଇଁ ହକ୍‌ଦାର ଥିବାବେଳେ ରାଜ୍ୟ ସରକାରଙ୍କ ବୟନ ବିଭାଗ ବର୍ଷ ୨୦୨୨-୨୩, ୨୦୨୩-୨୪ ପାଇଁ ସମିତିର ଅଡିଟ ରିପୋର୍ଟ ମାଗିଥିଲେ। କିନ୍ତୁ ସାରା ରାଜ୍ୟରେ ଥିବା ସମିତିଗୁଡିକର ଅଡିଟ୍ କରିବା ବିଭାଗର ଦାୟିତ୍ୱ ହେଲେ ଚଳିତବର୍ଷ ସୁଦ୍ଧା ବର୍ଷ ୨୦୧୫-୧୬ର ଅଡିଟ ହୋଇପାରିଛି। ଆଠଗଡ଼ ସମବାୟ ସମିତି ଉପନିବନ୍ଧକ ଅବିନାଶ ସେଠୀ ଯୋଗଦେଇ ଦେଶରେ କୃଷି ପରେ ବୟନ ବିଭାଗ ଦ୍ୱିତୀୟ ଉତ୍ପାଦନ କରୁଥିବା ବିଭାଗ। ହେଲେ ଚଳିତଥର ବୟନ ବିଭାଗ କୌଣସି ବ୍ୟବସ୍ଥା କରି ନାହିଁ। ନୂଆପାଟଣା ନଂ. ୧ ସମିତିର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବାନ୍ଧ ଶିଳ୍ପୀ ଅର୍ଜୁନ ପାଳ କହିଲେ, ବୁଣାକାର ସଚେତନ ହେଲେ ଉନ୍ନତି ହେବ। ଜାତୀୟ ହସ୍ତତନ୍ତ ଦିବସରେ ବୁଣାକାରଙ୍କୁ ସରକାର ହତାଶ କରିଛନ୍ତି। ଓଡ଼ିଶାରେ ବୟନିକା ଯୋଗୁ ବୁଣାକାର ଉପାସରେ ରହିବେ। କାରଣ ବୟନିକା ବୁଣାକାରଙ୍କ ଦ୍ୱାରା ଉତ୍ପାଦିତ ବସ୍ତ୍ର ପ୍ରତି ମାସ ପରିବର୍ତ୍ତେ ୩ ମାସରେ ସମିତିରୁ ବସ୍ତ୍ର ନେବାକୁ ଚିଠି କରିଛି। ପ୍ରାକୃତିକ ଉପାୟରେ ରଙ୍ଗ ପାଇଁ ଓଡ଼ିଶାରେ ଭିତ୍ତିଭୂମି ନାହିଁ ସେଥିପାଇଁ ପ୍ରଶିକ୍ଷଣର ଆବଶ୍ୟକ ଅଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ତୋଷ ଯୋଗଦେଇ ନୂଆପାଟଣାରେ ଉନ୍ନତମାନର ଉତ୍ପାଦନ ହେଉଛି ହେଲେ ବିକ୍ରି ପାଇଁ ବ୍ୟବସ୍ଥା ନାହିଁ। ଫଳରେ ବୁଣାକାର କରିବ କ'ଣ ବୋଲି କହିଥିଲେ। ସଭାପତି ପାତ୍ର ଦୁଃଖ ପ୍ରକାଶ କରି ଆମ ସମିତି ଚଳିତବର୍ଷ ୭୫ବର୍ଷ ପାଳନ କରିଛି। ରପ୍ତାନି, ଉତ୍ପାଦନ ସବୁ ଠିକ୍ ଥିବାବେଳେ ସରକାର ଆମ ସମିତିକୁ ସମ୍ମାନିତ କଲେ ନାହିଁ। ବୁଣାକାରମାନେ ବୁଣାକାର ଭତ୍ତା ୫ ମାସ ହେଲା ପାଇ ନ ଥିବାରୁ ବୟସ୍କ ବୁଣାକାର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ଉପସ୍ଥିତ ଥିଲେ।

## କୃଷି ପରିସଂଖ୍ୟାନ ପୁନଃ ନବୀକରଣ ପ୍ରଶିକ୍ଷଣ ଶିବିର
# 'କୃଷି ସମ୍ପର୍କିତ ଠିକ୍ ତଥ୍ୟ ସଂଗ୍ରହ ହେଉ'

କଟକ, ୭।୮ (କାର୍ତ୍ତିକ ସାହୁ):

କଟକସ୍ଥିତ କେନ୍ଦ୍ରାଞ୍ଚଳ ପରିସଂଖ୍ୟାନ ଯୁଗ୍ମ ନିର୍ଦ୍ଦେଶକଙ୍କ ଆମନ୍ତ୍ରଣକ୍ରମେ ବାର୍ଷିକ କୃଷି ପରିସଂଖ୍ୟାନ ପୁନଃ ନବୀକରଣ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ସିଡିଏସ୍ଥିତ ସଭାଗୃହରେ ଆୟୋଜିତ ଶିବିରରେ କେନ୍ଦ୍ରାଞ୍ଚଳ ଅଧୀନ ୧୦ଟି ଜିଲାର ସହନିର୍ଦ୍ଦେଶକ, ପରିସଂଖ୍ୟାନ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଶିବିରରେ ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟର ଅନୁପମ ଲାହିର, ତପନ କୁମାର ମିଶ୍ର ଓ ବିଶ୍ୱଜିତ୍ ପାଣିଗ୍ରାହୀ ଯୋଗଦେଇ କୃଷି ପରିସଂଖ୍ୟାନ ଉନ୍ନତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ପବିତ୍ର ମୋହନ ଦ୍ୱିବେଦୀ, ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ବକ୍ତବ୍ୟରେ କୃଷି ପରିସଂଖ୍ୟାନର ଠିକ୍ ତଥ୍ୟ ସଂଗ୍ରହ ହେବା ଉପରେ ସୂଚନା ପ୍ରଦାନ କରିଥିଲେ। କେନ୍ଦ୍ରାଞ୍ଚଳ ପରିସଂଖ୍ୟାନର ଯୁଗ୍ମ ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଅତିଥି ପରିଚୟ, ପରିସଂଖ୍ୟାନ ଅଧିକାରୀ ପ୍ରମିଳା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ, ସହକାରୀ ନିର୍ଦ୍ଦେଶିକା ଅନସୂୟା ଦାସ ପ୍ରମୁଖ ଯୋଗଦେଇଥିଲେ। ଉପବିଭାଗ ଅଧିକାରୀ ଭାଗବତ କୁମାର ଲେଙ୍କା ଓ ବରିଷ୍ଠ ସହାୟକ ଶୁଭ୍ରଜିତ୍ ପଣ୍ଡା ଶିବିର ପରିଚାଳନା କରିଥିଲେ।

# ସାଲେପୁର ସାପ୍ତାହିକ ହାଟରୁ ବାଇକ୍ ଚୋରି

ସାଲେପୁର, ୭।୮ (ଅରବିନ୍ଦ ଭୂୟାଁ)

**ସିସିଟିଭିରେ ଚୋରି ଦୃଶ୍ୟ କଏଦ**



ସାଲେପୁର ଥାନା ଅନ୍ତର୍ଗତ ସାପ୍ତାହିକ ହାଟରୁ ନିୟମିତ ବାଇକ୍ ଓ ମୋବାଇଲ ଚୋରି ହେଉଛି। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ହାଟରେ ସିସିଟିଭି ଲଗାଇଥିଲେ। ହାଟରୁ ଏକ ବାଇକ୍ ଦୁର୍ବୃତ୍ତ ଚୋରି କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଗତ ସପ୍ତାହରେ ସାଲେପୁର ସାପ୍ତାହିକ ହାଟରୁ ସାଲେପୁର କୃଷି ବିଭାଗର ଅବସରପ୍ରାପ୍ତ କୃଷି ଅଧିକାରୀ ଶରତ କୁମାର ସିଂହ ବାଇକ୍ ଯୋଗେ ଆସି ଏକ ସ୍ଥାନରେ ରଖି ପରିବା କିଣୁଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତ ତାଙ୍କୁ ପିଛାକରି ଗତିବିଧିକୁ ଲକ୍ଷ୍ୟକରିଥିଲେ। ସିଂହ ହାଟ ମଧ୍ୟଭାଗକୁ ପଳାଇଗଲା ପରେ ଦୁର୍ବୃତ୍ତ ଜଣକ ବାଇକ୍ ନିକଟରେ ପହଞ୍ଚି ଏକାଧିକ ଚାବିରେ ଖୋଲିବାରେ ପ୍ରଥମେ ବିଫଳ ହୋଇଥିଲେ। ପରେ ମାଷ୍ଟର ଚାବିରେ ବାଇକ୍ ଖୋଲି ଦ୍ରୁତଗତିରେ ନେଇ ପଳାଇଯାଇଥିଲେ। ଏହି ଘଟଣା ଏକ ସିସିଟିଭିରେ କଏଦ ହେବା ପରେ ପୋଲିସ ଫୁଟେଜ୍‌କୁ ଆଧାରକରି ବାଇକ୍ ଚୋରି କରିଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛି।

# ପାଣିଘେରରେ ତ୍ରିଶୂଳିଆ ଗ୍ରାମବାସୀ


ଗାଁ ରାସ୍ତାରେ ବର୍ଷାପାଣି ଜମିରହିଛି।

ବାରଙ୍ଗ, ୭।୮ (ଲିଙ୍ଗରାଜ ରାଉତ)

ଲଘୁଚାପଜନିତ ଲଗାଣ ବର୍ଷା ସାରା ରାଜ୍ୟରେ ଲାଗି ରହିଥିବାବେଳେ ବାରଙ୍ଗ ଅଞ୍ଚଳରେ ତୁହାକୁ ତୁହା ବର୍ଷା ହୋଇ ବିଭିନ୍ନ ସ୍ଥାନରେ ଥିବା ଖାଲୁଆ ଜାଗାଗୁଡ଼ିକ ବୁଧବାର ଜଳମଗ୍ନ ହୋଇପଡ଼ିଛି। ବର୍ଷା ଯୋଗୁ ବାରଙ୍ଗ ବ୍ଲକ ଅଧୀନ କୁହ୍ନେଇଁପଡ଼ା ପଞ୍ଚାୟତର ତ୍ରିଶୂଳିଆ ଗ୍ରାମ ଏକ ପ୍ରକାର ଜଳବନ୍ଦୀ ହୋଇଯାଇଛି। ବାରଙ୍ଗ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ତ୍ରିଶୂଳିଆ ଗ୍ରାମର ମୁଖ୍ୟରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ଜମି ରହିଛି। ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବହୁ ସମସ୍ୟା ଦେଖାଦେଇଛି। ଗାଁଦାଣ୍ଡରେ ଏବେ ବର୍ଷା ପାଣି ଜମି ରହିଥିବାବେଳେ କେତେଜଣ ଲୋକଙ୍କ ଘରେ ମଧ୍ୟ ବର୍ଷାଜଳ ପ୍ରବେଶ କରିଛି। ଫଳରେ ଗ୍ରାମବାସୀଙ୍କ ପାଇଁ ଘରୁ ବାହାରିବା କଷ୍ଟକର ହେବା ସହ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବର୍ଷାଦିନ ଆସିଲେ ଗ୍ରାମରେ ଏପରି ସମସ୍ୟା ଉପୁଜି ଥାଏ। ହେଲେ ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୧୦ରେ ସିଏମ୍‌ସିର ପ୍ରଥମ ମେୟର ନିବେଦିତାଙ୍କ ଶ୍ରାଦ୍ଧବାର୍ଷିକୀ

କଟକ, ୭।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ୧୦ରେ ପାଳନ ହେବ। ଏଥିପାଇଁ ମର୍କତନଗରସ୍ଥିତ ନିବେଦିତା ପ୍ରଧାନ ସ୍ମୃତି ପରିଷଦ କାର୍ଯ୍ୟାଳୟଠାରେ ଅନୁଷ୍ଠାନର ସଭାପତି ସମୀର ଦେ'ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ସିଡିଏ-୬ସ୍ଥିତ ଉଇଣ୍ଡସର ପ୍ଲେସ୍‌ଠାରେ ସ୍ମୃତିଚାରଣ ସଭା ସହ ଚାରାରୋପଣ ଓ ରକ୍ତଦାନ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ମୃତିଚାରଣ ସଭାରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍‌ପି ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି ଯୋଗଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରସ୍ତୁତି ବୈଠକରେ ସଜ୍ଜନ ଶର୍ମା, ଭବାନୀ ପ୍ରସାଦ ମିଶ୍ର, ନରହରି ଦାସ, ଲକ୍ଷ୍ମୀଧର ପ୍ରଧାନ, ବିଭୂତି ଭୂଷଣ ରାଏ, ଡା. ଅମିୟ ମହାପାତ୍ର, ହିମାଂଶୁ ଶେଖର ଖୁଣ୍ଟିଆ, ଡ. ଧର୍ମଛଡ଼ା, ସଂଯୁକ୍ତାବାଳା ଦାସ, ସ୍ୱାଧୀନ ଚେତା ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

# ରାସ୍ତାରେ ଚେକ୍‌ଗେଟ୍ ନିର୍ମାଣକୁ ନେଇ ଅଭିଯୋଗ

ବାରଙ୍ଗ, ୭।୮ (ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ ଅଧୀନ କୁହ୍ନେଇଁପଡ଼ା ପଞ୍ଚାୟତର ଭୁବନପୁର ଗ୍ରାମଠାରୁ ବାଲିଚନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ଥିବା ସରକାରୀ ଚକରାସ୍ତାକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରି ରାସ୍ତା ଉପରେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ସାଧାରଣଲୋକ ଏହି ରାସ୍ତା ଦେଇ ଯାତାୟାତ କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ବୁଧବାର ଗ୍ରାମବାସୀ ତହସିଲଦାର ତୁଷାର ଜ୍ୟୋତିରଞ୍ଜନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମ ସାହାଡ଼ା ସୁନ୍ଦରୀ ମନ୍ଦିର ପାଖରୁ ଭୁବନପୁର ଗ୍ରାମକୁ ସଂଯୋଗ କରୁଥିବା ଚକରାସ୍ତାକୁ ଅଞ୍ଚଳବାସୀ ଦୀର୍ଘବର୍ଷ ହେବ ଯାତାୟାତ ନିମନ୍ତେ ବ୍ୟବହାର କରିଆସୁଥିଲେ। ହେଲେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଉକ୍ତ ରାସ୍ତାକୁ ଜବରଦଖଲ କରି ରାସ୍ତା ଉପରେ ଚେକ୍ ଗେଟ୍ ନିର୍ମାଣ କରିଛନ୍ତି। ଫଳରେ ଉଭୟ ଗ୍ରାମବାସୀ ଯାତାୟାତ କରିପାରୁ ନାହାନ୍ତି। ଗରିବ ଲୋକଙ୍କ ମୌଳିକ ସୁବିଧାକୁ ହୃଦୟଙ୍ଗମ ପୂର୍ବକ ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ଦେବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଭୁବନପୁର ଗ୍ରାମ କମିଟି ସଭାପତି ରଞ୍ଜନ ଭଞ୍ଜ ଏବଂ ସମ୍ପାଦକ ତ୍ରିଲୋଚନ ଭୋଇ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ଏ ବାବଦରେ ତହସିଲଦାର ଜ୍ୟୋତିରଞ୍ଜନଙ୍କୁ ପଚାରିବାରୁ ଗୁରୁବାର ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଉକ୍ତ ଜାଗା ପରିଦର୍ଶନ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ବୁଣାକାରଙ୍କ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ

ମାଣିଆବନ୍ଧ, ୭।୮ (ଅଖିଳ କୁମାର ସାହୁ):

**ଦଶମ ଜାତୀୟ ହସ୍ତତନ୍ତ ଦିବସ**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗାଁରେ ବୁଧବାର ମାଣିଆବନ୍ଧ ହାଣ୍ଡଲୁମ୍ କ୍ଲଷ୍ଟର କନସୋର୍ଟିୟମ୍ (ମହକ) ଆନୁକୂଲ୍ୟରେ ବୁଣାକାର ହାଟ ପରିସରରେ ୧୦ମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସୁବଳ କରଣ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ବୁଣାକାରମାନଙ୍କ ସୁବିଧା ଅସୁବିଧା ବୁଝିବା ସହ କିଭଳି ଅଧିକ ବୈଷୟିକ ଶିକ୍ଷା ଦିଆଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସ୍ୱାଗତିକା ପଟ୍ଟନାୟକ, ସୁବାସିନୀ ବଳ, ଶୁଚିସ୍ମିତା ପାତ୍ର, ବିଜୟଲକ୍ଷ୍ମୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ମହକର ସମ୍ପାଦକ ଅରକ୍ଷିତ ସ୍ୱାଇଁ ବିବରଣୀ ପାଠ କରିଥିବାବେଳେ ନରସିଂହପୁର ବ୍ଲକର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀନିବାସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା ପରିଷଦ ସଦସ୍ୟ ବଟକୃଷ୍ଣ ପ୍ରଧାନ ସଂଯୋଜନା କରିଥିଲାବେଳେ ଉପସଭାପତି ଲକ୍ଷ୍ମୀଧର ପାତ୍ର, ବୟନଶ୍ରୀ ସଭାପତି ନାରାୟଣ ପତି, ଜାତୀୟ ପୁରସ୍କାରପ୍ରାପ୍ତ ବାନ୍ଧଶିଳ୍ପୀ ଦେବରାଜ ଦେବତା, ବିଜୟ ନନ୍ଦ, ଚୈତନ୍ୟ ପାଳ, ଲକ୍ଷ୍ମୀଧର ଚାନ୍ଦଙ୍କ ସମେତ ଅଞ୍ଚଳରୁ ଆସିଥିବା ବହୁ ବୁଣାକାର ଯୋଗ ଦେଇଥିଲେ।



ଜାତୀୟ ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ବାଇଚଢ଼େଇ ସୁରକ୍ଷା ପାଇଁ ପ୍ରୟାସ

**ମନ ମୋହୁଛି ବାଙ୍କୀ ସିଂହନାଥ ପୀଠର ନଡ଼ିଆଗଛ**

ବାଙ୍କୀ, ୭।୮ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ସିଂହନାଥ ପୀଠରେ ଥିବା ନଡ଼ିଆଗଛରେ ବାଇଚଢ଼େଇ ବସା। ନଷ୍ଟ ବସାକୁ ଲୋକମାନଙ୍କ ଦେଖିବା ଲାଗି ଦୋକାନରେ ମନୋଜ ରଣା ରଖିଛନ୍ତି।

ବାଇଚଢ଼େଇ ପକ୍ଷୀ ଜଗତର ଶିଳ୍ପୀ ଭାବେ ପରିଚିତ। ଏହି ପକ୍ଷୀଠାରୁ ବଞ୍ଚିବାର ପ୍ରେରଣା ମିଳେ ଓ ଝଡ଼ଝଞ୍ଜାକୁ କିପରି ସାମ୍ନା କରିହେବ ତା'ର ବଳିଷ୍ଠ ଉଦାହରଣ ବାଇଚଢ଼େଇ। ମା'ଟିଏ ତା' ଶିଶୁକୁ ଶୁଆଇ ଦେବାବେଳେ ପ୍ରଥମେ ମା'ପାଟିରୁ ବାହାରି ପଡ଼େ 'ବାଇ ଚଢ଼େଇ ଲୋ ବାଇ ଚଢ଼େଇ ତୋ ମା'ଯାଇଛି ଗାଈ ଚରେଇ'।

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ବାଇଚଢ଼େଇ ସୁରକ୍ଷା ପାଇଁ ପ୍ରୟାସ କରିବା ସହ ଗାଁ ଗହଳର ବହୁ ଜନସାଧାରଣଙ୍କୁ ଏଥିରେ ସାମିଲ କରୁଛନ୍ତି। ଧୀରେ ଧୀରେ ଏହି ପକ୍ଷୀଙ୍କର ବସା ଆଉ ଦେଖିବାକୁ ମିଳୁନାହିଁ। ଏବେ ବଜାରରେ ପ୍ଲାଷ୍ଟିକ୍ ବାଇ ଚଢ଼େଇ ବସା ବିକ୍ରି ହେଉଛି। ଏହାକୁ ଲୋକମାନେ ନେଇ ତାଙ୍କ ପିଲାମାନଙ୍କୁ ଦେଖାଉଛନ୍ତି। ବାଙ୍କୀ ଡମପଡ଼ା ବ୍ଲକ୍‌ସ୍ଥ ପାଟପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ସିଂହନାଥପୀଠରେ ବହୁ ପରିମାଣରେ ବାଇଚଢ଼େଇ ନଡ଼ିଆଗଛରେ ବସା ବାନ୍ଧି ରହିଛନ୍ତି। ସେଠାରେ ସେବକମାନେ ସେମାନଙ୍କର ସୁରକ୍ଷା ପାଇଁ ଚେଷ୍ଟିତ। ପବନରେ ଝୁଲୁଥିବା ବସା ଭିତରେ ବାଇଚଢ଼େଇଙ୍କ ମନମତାଣିଆ ଚିଁକିରିମିକିରି ଶବ୍ଦ ସିଂହନାଥ ପୀଠକୁ ସଂଗୀତର ଅପୂର୍ବ ମୂର୍ଚ୍ଛନା ଆଣି ପାରିଛି। ଏହା ସେଠାକୁ ଯାଉଥିବା ଭକ୍ତମାନଙ୍କ ମନ ମୋହିପାରୁଛି। ଏବେ ତାଳଗଛ ବହୁ ପରିମାଣରେ ଲୋପପାଇଥିବାରୁ ଏହି ପକ୍ଷୀମାନେ ନଡ଼ିଆଗଛରେ ବସା ବାନ୍ଧୁଛନ୍ତି। ମା' ପକ୍ଷୀମାନେ କୁନି କୁନି ଥଣ୍ଟରେ କାଠି କୁଟା ଗୋଟାଇ ଆଣି ବସା ବାନ୍ଧନ୍ତି। ବର୍ଷା କି ପବନ ଏହି ବସାକୁ ଭାଙ୍ଗିପାରେନାହିଁ। ସେପ୍ଟେମ୍ବର ମାସ ଆଡ଼କୁ ମା' ପକ୍ଷୀମାନେ ଅଣ୍ଡା ଦେଇ ସାବକ ଫୁଟାଇଥାଆନ୍ତି। କଂକ୍ରିଟ୍ ଜଙ୍ଗଲ ହେବା ଫଳରେ ଧୀରେ ଧୀରେ ଏହି ପକ୍ଷୀମାନଙ୍କର ବଂଶ ଲୋପ ପାଇବାକୁ ବସିଲାଣି। ଏହି ପକ୍ଷୀର ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ପ୍ରାଧ୍ୟାପକ ମହାପାତ୍ରଙ୍କ ସହ ବାଙ୍କୀ ପରିବେଶ ସୁରକ୍ଷା ସମିତିର ଆବାହକ ପ୍ରକୃତିବନ୍ଧୁ ଦୀପକ କୁମାର ସାମନ୍ତରା, କଂଗ୍ରେସ ରଣା ଓ ମନୋଜ ରଣା ପ୍ରମୁଖ ଆଗେଇ ଆସିଛନ୍ତି। ଯେଉଁ ବସାଗୁଡିକ ନଷ୍ଟହୋଇ ତଳେ ପଡ଼ିଯାଉଛି ତାହାକୁ ମନୋଜ ତାଙ୍କ ଦୋକାନରେ ସାଇତି ରଖିବା ଫଳରେ ବହୁ ଜନସାଧାରଣ ଦେଖିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ବାଇଚଢ଼େଇ ପକ୍ଷୀର ସୁରକ୍ଷା ହେଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି।

# ଖୋର୍ଦ୍ଧା-ବଲାଙ୍ଗୀର ରାସ୍ତାରେ ୪ ଫୁଟ୍ ପାଣି


ରାସ୍ତାପାର୍ଶ୍ୱସ୍ଥ ଏକ ଦୋକାନରେ ବର୍ଷାପାଣି ଜମିରହିଛି।


ମୁଖ୍ୟ ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି।

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)

### ୫ ଘଣ୍ଟା ପରେ ସ୍ୱାଭାବିକ ହେଲା ଯାତାୟାତ

- ଶତାଧିକ ଏକର ଜମିର ଫସଲ ନଷ୍ଟ, ତଳି ଭାସିଗଲା
- ଜବରଦଖଲମୁକ୍ତ, ରାଜପଥ ଡ୍ରେନେଜ୍ ନିର୍ମାଣ ଦାବି

ରାଜ୍ୟରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଏହାର ପ୍ରଭାବରେ ଖୋର୍ଦ୍ଧାରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ଭୋର ୪ଟାରୁ ବର୍ଷାଜଳ ମାଡ଼ି ଖୋର୍ଦ୍ଧା-ବଲାଙ୍ଗୀର, ଖୋର୍ଦ୍ଧା-ବାଙ୍କୀ ରାସ୍ତାରେ ୪ରୁ ୫ ଫୁଟ ଉଚ୍ଚରେ ପ୍ରବାହିତ ହୋଇଥିଲା। ଏହା ଧୀରେ ଧୀରେ ବଢ଼ିବାରୁ ଜନଜୀବନ ପ୍ରଭାବିତ ହୋଇଥିଲା। ଏକାଧିକ ଘରେ ପାଣି ପଶିଯିବାରୁ ସମ୍ପୃକ୍ତ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଛି। ଏକର ଏକର ଚାଷଜମିରେ ପାଣି ମାଡି ଫସଲ ନଷ୍ଟ ହେବା ସହ ଧାନତଳି ଧୋଇଯାଇଛି। ସେହିପରି ବଲାଙ୍ଗୀର, ନୟାଗଡ଼, ଭଞ୍ଜନଗର, କନ୍ଧମାଳ ଏବଂ କଣ୍ଟିଲୋ, ଖଣ୍ଡପଡ଼ା, ବାଙ୍କୀପଟୁ ଆସୁଥିବା ଏକାଧିକ ଘରୋଇ ବସ୍ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ସକାଳେ ପାଣି ବଢିବା ଯୋଗୁ ଦୁଇଚକିଆ ଓ ଚାରିଚକିଆ ଯାନ ପାଣିରେ ପଶି ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। ସଦର ଏସ୍‌ଡିପିଓ ଦିଲୀପ ଦାସ, ବାଘମାରୀ ଥାନା ଅଧିକାରୀ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ବାଘମାରୀ ଓ ବେଗୁନିଆରେ ସ୍ଥିତି ଅନୁଧାନ କରିଥିଲେ। ପାଣି ବଢିବା ଯୋଗୁ ଯାନବାହନ ରୁଟ୍ ପରିବର୍ତ୍ତନ କରାଯାଇଥିବା ସଦର ଏସ୍‌ଡିପିଓ ଦାସ କହିଥିଲେ। ଖୋର୍ଦ୍ଧାପଟୁ ଆସୁଥିବା ଚାରିଚକିଆ ଯାନ ଅତ୍ରି ଏବଂ ବେଗୁନିଆପଟୁ ଆସୁଥିବା ଯାନକୁ ସିମୋର ପଟେ ଯିବା ପାଇଁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଦୀର୍ଘ ସମୟ ଧରି ପୋଲିସ ବାଘମାରୀଠାରେ ଟ୍ରାଫିକ ନିୟନ୍ତ୍ରଣ କରିଥିଲା। ଦୀର୍ଘ ୫ ଘଣ୍ଟା ପରେ ଜଳସ୍ତର ହ୍ରାସ ପାଇବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ବାଘମାରୀ-ନୟାଗଡ଼ ଏବଂ ଅନ୍ୟପଟେ କଣ୍ଟିଲୋ ଓ ଖଣ୍ଡାପଡାକୁ ସଂଯୋଗ କରୁଥିବା ଏକ ମୁଖ୍ୟରାସ୍ତା। ବାଘମାରୀଠାରୁ ବେଗୁନିଆ ପଟକୁ ପେଟ୍ରୋଲ ପମ୍ପ, କୁଶପଲ୍ଲୀ ଏବଂ ବାଙ୍କୀ ରାସ୍ତାରେ ଗଁପୁର, କୋଠପଲା ମଧ୍ୟରେ ୩ଫୁଟ ଉଚ୍ଚରେ ପାଣି ଚାଲିବା ସହ ଘରେ ଘରେ ପାଣି ପଶିଛି। ବ୍ୟାପକ ଚାଷଜମି ଜଳମଗ୍ନ ରହିଛି। ଏନେଇ ଏସ୍‌ଡିପିଓ ଦାସ କହିଛନ୍ତି, ପରିସ୍ଥିତି ନିୟନ୍ତ୍ରଣ ଓ ଲୋକଙ୍କ ସୁରକ୍ଷିତ ଯାତାୟାତ ଉପରେ ଗୁରୁତ୍ୱ ଦିଆଯାଇଛି। ବନ୍ୟାଜଳ କିପରି ନିଷ୍କାସନ ହେବ, ସେଥିଲାଗି ପ୍ରଶାସନ ସହ ଆଲୋଚନା କରାଯାଇଛି। ବେଗୁନିଆ ବିଡିଓ ସାହୁ କହିଲେ ଯେ, ବର୍ଷାଜଳ ମାଡ଼ି ବେଗୁନିଆ ବ୍ଲକର ଏକାଧିକ ଗ୍ରାମ ଓ ଚାଷଜମିରେ ପାଣି ପଶିଛି। ବର୍ଷାଜଳ କମିବା ପରେ ଏହାର କ୍ଷୟକ୍ଷତି ଆକଳନ କରାଯାଇ ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ। ଜାତୀୟ ରାଜପଥରେ ଡ୍ରେନେଜ ସମସ୍ୟାର ସମାଧାନ, ତୁରନ୍ତ ଅଧାପନ୍ତରିଆ ଡ୍ରେନ ନିର୍ମାଣ ସାରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଅନ୍ୟପକ୍ଷରେ ଅଞ୍ଚଳବାସୀ କହିଛନ୍ତି, ରାଜପଥ ଉଭୟ ପାର୍ଶ୍ୱ ଜବରଦଖଲ ଯୋଗୁ ଅସରାଏ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏକାଧିକ ବ୍ୟକ୍ତି ବାଘମାରୀ ମୁଖ୍ୟରାସ୍ତାକୁ ଅବରୋଧ କରିରଖିଛନ୍ତି। ଏହାକୁ ମୁକ୍ତ କରାଯାଇ ତୁରନ୍ତ ୱାଟର ଲଗିଙ୍ଗଜନିତ ସମସ୍ୟା ସମାଧାନ ପାଇଁ ପ୍ରଶାସନ ପଦକ୍ଷେପ ନେବା ଉଚିତ।

## ପିଏନ୍ କଲେଜରେ ଛାତ୍ର ଅଣଛାତ୍ର ହାତାହାତି

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ (ପି.ଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ନେଇ ଗତ କିଛିଦିନ ହେବ ପରିବେଶ ଅଶାନ୍ତ ରହିଛି। ମଙ୍ଗଳବାର କଲେଜର ୨ଜଣ ଯୁକ୍ତ୨ ଛାତ୍ରଙ୍କୁ କ୍ୟାମ୍ପସ ନିକଟରେ ପୃଥକ ଭାବେ ଅଣଛାତ୍ର ଆକ୍ରମଣ କରିଥିବା ନେଇ ଶିଳ୍ପାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ, ମୁକୁନ୍ଦପ୍ରସାଦ ମୁସଲିମ ସାହିର ଯୁକ୍ତ୨ରେ ପଢୁଥିବା ଜଣେ ଛାତ୍ରଙ୍କୁ କ୍ୟାମ୍ପସ ଭିତରେ ୨୦ରୁ ୨୫ଜଣ ଅଣଛାତ୍ର ହଠାତ ଆସି ସେମାନଙ୍କ ବାଇକ ଏବଂ କାର୍‌ରୁ ଖଣ୍ଡା, ରଡ୍ ବାହାର କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୭୭/୨୪) ରୁଜୁ କରିଛି। ଅନ୍ୟପଟେ ଆକ୍ରମଣର ଶିକାର ହୋଇଥିବା ତୋଟାପଡ଼ା ଅଞ୍ଚଳର ଛାତ୍ରଙ୍କ ପିତା ଆଣିଥିବା ଅଭିଯୋଗ ଅନୁସାରେ ତାଙ୍କ ପୁଅ କଲେଜରେ +୨ ପଢୁଛି। ମଙ୍ଗଳବାର କଲେଜ କ୍ୟାଣ୍ଟିନ୍ ପାଖରେ ୧୫/୨୦ଜଣ ଅଣଛାତ୍ର ପହଞ୍ଚି ପୁଅକୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। କଲେଜ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ପୋଲିସ ଏ ନେଇ ୧୭୮/୨୪ରେ ଅନ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

ଅନ୍ୟପକ୍ଷରେ ବୁଧବାର ମଧ୍ୟାହ୍ନରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଏକ ଶପିଙ୍ଗ୍ ମଲ ନିକଟରେ ମୁକୁନ୍ଦପ୍ରସାଦ ଅଞ୍ଚଳର ୨ଜଣ ଯୁବକ ଠିଆ ହୋଇଥିବାବେଳେ ହଠାତ ତାଙ୍କୁ ତୋଟାପଡ଼ା ଓ ମୁକୁନ୍ଦପ୍ରସାଦ ଅଞ୍ଚଳର କେତେଜଣ ଯୁବକ ତୋଟାପଡାସ୍ଥିତ ଏକ କ୍ଲବ ଘରକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ସେଠାରୁ ଆଦର୍ଶ ଥାନା ପୋଲିସ ଉକ୍ତ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରିଥିବା ଜଣାଯାଇଛି। ପୋଲିସ ସେମାନଙ୍କ ପ୍ରାଥମିକ ଚିକିତ୍ସା ମେଡିକାଲରେ କରାଇଥିବା ଜଣାପଡ଼ିଛି। ଏନେଇ ଆକ୍ରମଣର ଶିକାର ହୋଇଥିବା ଯୁବକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୮ (ସତ୍ୟଜିତ୍ ରାଉତ)

### ସାବତ ଝିଅଙ୍କୁ ବଳାତ୍କାର

ସାବତ ଝିଅଙ୍କୁ ବାରମ୍ବାର ବଳାତ୍କାର କରିବା ମାମଲାରେ ଜଟଣୀ ଥାନା ପୋଲିସ ୨ବର୍ଷ ପରେ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏସ୍.କେ. ଫରିଦ୍ (୩୮)। ଅଭିଯୁକ୍ତ ଫରିଦ୍‌ଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୀଡ଼ିତା ସାବତ ଝିଅଙ୍କ ଏତଲା ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ନାବାଳିକା ପୀଡ଼ିତାଙ୍କ ବାପାଙ୍କ ମୃତ୍ୟୁ ପରେ ତାଙ୍କ ମା' ଅଭିଯୁକ୍ତ ଫରିଦ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେମାନେ ଜଟଣୀରେ ଏକ ଭଡ଼ା ଘରେ ରହୁଥିଲେ। ପୀଡ଼ିତାଙ୍କ ମା' ଶୋଇପଡ଼ିବାପରେ ଅଭିଯୁକ୍ତ ଫରିଦ୍ କାଣ୍ଡ ଘଟାଉଥିଲେ। ନାବାଳିକା ସାବତ ଝିଅଙ୍କୁ ଅସଦାଚରଣ କରିବା ସହ ବାରମ୍ବାର ବଳାତ୍କାର କରୁଥିଲେ। ଏହି ଘଟଣା ବିଷୟରେ ନ ଜଣାଇବାକୁ ଫରିଦ୍ ଝିଅଙ୍କ ଉପରେ ଚାପ ପକାଇ ଧମକ ଦେଇଥିଲେ। ବଳାତ୍କାର ଅତିଶୟ ହେବାରୁ ପୀଡ଼ିତା ଜଣଙ୍କ ମୁହଁ ଖୋଲି କଳା ରାତିର କାହାଣୀ ବିଷୟରେ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମା' ଏହି ଘଟଣା ବିଷୟରେ ଫରିଦ୍‌ଙ୍କୁ ପଚାରିଥିଲେ। ଫଳରେ ଫରିଦ୍ ଉଭୟ ମା' ଓ ଝିଅଙ୍କୁ ମାଡ଼ ମାରିବାସହ ନିର୍ଯାତନା ଦେଇଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଜଟଣୀ ଥାନାରେ ପୀଡ଼ିତା ୨୦୨୨ ଅଗଷ୍ଟ ୩୦ରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୩୦୮/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ଅନ୍ୟପକ୍ଷରେ ପୋଲିସରେ ଏତଲା ହେବା ପରେ ଫରିଦ୍ ଘର ଛାଡି ଫେରାର ହୋଇଯାଇଥିଲେ।

### ସଂକ୍ଷେପରେ

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଫେରାର ଅଭିଯୁକ୍ତ ଗିରଫ

ଜଟଣୀ,୭।୮ (ରବୀନ୍ଦ୍ରାଥ ମହାକୁଡ଼)

ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣାର ଫେରାର ଅଭିଯୁକ୍ତଙ୍କୁ ଜଟଣୀ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ଗ୍ରାମର ସଦାଶିବ ପାଣ୍ଡିଆ ଓରଫ ସୁକାନ୍ତ(୫୯)। ସୂଚନା ମୁତାବକ, ପୂର୍ବ ଶତ୍ରୁତାରୁ ୨୦୨୦ ସେପ୍ଟେମ୍ବର ୮ରେ ଜଣଙ୍କ ଘରେ ପଶି ୨ ଅଭିଯୁକ୍ତ ମା' ଓ ଝିଅଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଫଳରେ ଉଭୟଙ୍କ ମୁଣ୍ଡଫାଟି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହିଆକ୍ରମଣକୁ ନେଇ ପୀଡ଼ିତାଙ୍କ ସମ୍ପର୍କୀୟ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ୨ ଜଣଙ୍କ ମଧ୍ୟରୁ ବୁଧବାର ଜଣଙ୍କୁ ଗିରଫ କରିଛି। ଥାନାରେ ପଚରା ଉଚରାବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ। ଏହି ଘଟଣାକୁ ନେଇ ଜଟଣୀ ପୋଲିସ ୩୩୧/୨୦ରେ ବିଭିନ୍ନ ମାମଲା ରୁଜୁ କରି ତଦନ୍ତ କରୁଛି।

## କୁହୁଡ଼ି ଗୋଷ୍ଠୀ ବିବାଦ ପ୍ରସଙ୍ଗ: ଆଉ ୪ ଅଭିଯୁକ୍ତ ଗିରଫ

ଟାଙ୍ଗୀ-ଖୋର୍ଦ୍ଧା,୭।୮ (ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମରେ ଜୁଲାଇ ୧୬ରେ ଘଟିଥିବା ହିନ୍ଦୁ-ମୁସଲିମ ବିବାଦରେ ଟାଙ୍ଗୀ ପୋଲିସ ମୁସଲିମ ସମ୍ପ୍ରଦାୟର ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୋରଣ ମୁସଲିମ ସାହିର ସାଜିଦ ଖାଁ, ବେଲାଳ ଖାଁ, ହାତୀ ଖାଁ, ଜବିର ଖାଁ। ପୂର୍ବରୁ ୭ ଅଭିଯୁକ୍ତ ଗିରଫ ହୋଇଥିଲେ।ସୂଚନାଯୋଗ୍ୟ, ଏହି ବିବାଦକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ବ୍ୟକ୍ତିଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା, ଯାହାକୁ ନେଇ ଶାନ୍ତି କମିଟି, କୋର କମିଟି ବୈଠକରେ ସାମାଜିକ ବାସନ୍ଦ, ବନ୍ଦ ଡାକରା, ଜାତୀୟ ରାଜପଥ ଅବରୋଧ ଭଳି ନିଷ୍ପତ୍ତି ନିଆଯାଇଥିଲା। ପୋଲିସର ବିଫଳତାକୁ ନେଇ ଜିଲା ପ୍ରଶାସନକୁ ଦୁଇ ଦୁଇ ଥର ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନାଚଗୀତରେ ମାରୱାଡି ପାଳିଲେ 'ତିଜ୍ ମେଳା'


ତାଜ ମେଳାରେ ପଡିଥିବା ଷ୍ଟଲ୍‌କୁ ବୁଲି ଦେଖୁଛନ୍ତି ଗ୍ରାହକ।

ଜଟଣୀ,୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀରେ ବସବାସ କରୁଥିବା ମାରୱାଡି ସମ୍ପ୍ରଦାୟ ପକ୍ଷରୁ ବେଶ ଆନନ୍ଦ ଉଲ୍ଲାସର ସହିତ 'ତିଜ ମେଳା' ବୁଧବାର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଅଗ୍ରୱାଲା ଧର୍ମଶାଳା ପରିସରରେ ଓଡ଼ିଶା ଅଖିଳ ଭାରତୀୟ ମାରୁୱାଡି ମହିଳା ସମିତି ପକ୍ଷରୁ ଆୟୋଜିତ ମେଳାରେ ସ୍ଥାନୀୟ ଅଞ୍ଚଳର ବହୁ ମାରୱାଡି ମହିଳା ଯୋଗଦେଇଥିଲେ। ପ୍ରତିବର୍ଷ ଶ୍ରାବଣ ଶୁକ୍ଳ ତୃତୀୟା ଉପଲକ୍ଷେ ଜଟଣୀର ମାରୱାଡି ସମ୍ପ୍ରଦାୟ ପକ୍ଷରୁ ତିଜ ମେଳା ଆୟୋଜିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମାରୱାଡି ମହିଳାଙ୍କ ମଧ୍ୟରେ ମେହେନ୍ଦି, କୁଇଜ୍, ନୃତ୍ୟ, ଗୀତ ପ୍ରତିଯୋଗିତା ଆଦିର ଆୟୋଜନ ହୋଇଥିଲା। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ମେଳାରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ରାଖୀ ମନପସନ୍ଦ ଘରୋଇ ସାମଗ୍ରୀ ସହିତ ସାଦିଷ୍ଟ ବ୍ୟଞ୍ଜନ, ମହିଳାଙ୍କ ପରିଧାନର ବସ୍ତ୍ର ଷ୍ଟଲ ଆଦି ଖୋଲାଯାଇଥିଲା। ସଭାପତି ସୁଧାରାଣୀ ଅଗ୍ରୱାଲ, ସମ୍ପାଦକ ମମତା ଶର୍ମା ଏବଂ ନିର୍ମଳା ନାଙ୍ଗାଲିଆ, ଶକୁନ୍ତଳା ଦେବୀ, କୁସୁମ ଅଗ୍ରୱାଲ. ମଞ୍ଜୁ ସୁରେଖା, ମମତା ଶର୍ମା, ସଙ୍ଗୀତା ଅଗ୍ରୱାଲ, ମନୀଷା ଗୋଏଙ୍କା, ମୁସ୍କାନ ଅଗ୍ରୱାଲ, ପାୟଲ ଅଗ୍ରୱାଲ ପ୍ରମୁଖ ସଦସ୍ୟା ମେଳା ପରିଚାଳନା କରିଥିଲେ। ଅଗ୍ରୱାଲ ଚାରିଟେବଲ ଟ୍ରଷ୍ଟ ସହ ଅନ୍ୟ ସଂଗଠନ ଏଥିରେ ସାହାଯ୍ୟ ଓ ସହଯୋଗ କରିଥିଲେ।

## ମହାବୀର ଆଥ୍‌ଲେଟିକ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ

ଟାଙ୍ଗୀ ଖୋର୍ଦ୍ଧା,୭।୮ (ରଘୁନାଥ ସାହୁ)

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚଳିତବର୍ଷ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ମହାବୀର ମନ୍ଦିର ପରିସରରେ ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଗତବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁ, ଉପସଭାପତି ଶ୍ରୀବତ୍ସ ପରିଡ଼ା, ଦିଲୀପ ମହାନ୍ତି, ଲଲାଟ କେଶରୀ ମଙ୍ଗରାଜ, ଶଙ୍କର୍ଷଣ ଜେନା, ସମ୍ପାଦକ ମନୋଜ ମାନସିଂହ, ସହ ସମ୍ପାଦକ ଭାବେ କମଳାକାନ୍ତ ସାମନ୍ତରାୟ, ଅପର୍ତ୍ତି ବେହେରା, ପ୍ରଶାନ୍ତ ଭୁଜବଳ, କେଦାର ପାତାଳସିଂ, କୋଷାଧ୍ୟକ୍ଷ ଭାବେ ରତ୍ନାକର ସାମନ୍ତରାୟଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଚଳିତବର୍ଷ ଟୁର୍ନାମେଣ୍ଟରେ ରାଜ୍ୟ ବାହାରର ପ୍ରମୁଖ ଫୁଟ୍‌ବଲ ଦଳ ଯୋଗ ଦେବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ସଞ୍ଜୟ ସ୍ୱାଇଁ, ଲୁଲୁ ମହାପାତ୍ର, ହରି ସାମନ୍ତରାୟ, ବିଭୂତି ଚମ୍ପତି, ହେମନ୍ତ ଜେନା, ଆନନ୍ଦ ରାଓ, ରାମଚନ୍ଦ୍ର ନାଇଡୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୧୧୧ ପ୍ରକଳ୍ପ ପ୍ରଦର୍ଶିତ

ଟାଙ୍ଗୀ/ଖୋର୍ଦ୍ଧା,୭।୮ (ରଘୁନାଥ ସାହୁ)

ଚାନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଦ୍ମଚରଣ ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ନୃସିଂହ ଚରଣ ଦାସ, ଦେବୀ ରାଜଗୁରୁ, ଶ୍ରୀମୟ ଦଳାଇ, କ୍ଷୀରୋଦ ଦଳବେହେରା, ଦେବାନନ୍ଦ ବେହେରା, ଅଶୋକ ରାୟସିଂ, ପ୍ରବୀଣ ପ୍ରଧାନ, ମୁନା ବେହେରା, ବିଜୟ ଚମ୍ପତି, ଯାଜ୍ଞସେନୀ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପରିଚାଳନା କମିଟି ସଭାପତି ଅକ୍ଷୟ ପଟ୍ଟନାୟକ, ସମ୍ପାଦକ କିଶୋର ଚନ୍ଦ୍ର ଦାଶ, ବିଦ୍ୟୁତ୍ ପରିଷଦ ସଭ୍ୟ ନରେନ୍ଦ୍ର ଦାସ, ମାତୃ ଭାରତୀର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଟଣୀ ପ୍ରେସ୍ କ୍ଲବ୍ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



ଜଟଣୀ,୭।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ତରାବୋଇ କ୍ଲଷ୍ଟର ମିଶନ ଶକ୍ତି ଏମ୍‌ବିକେଙ୍କ ରାଜନୀତି ପ୍ରୀତି ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଥିଲାଗି ଜଟଣୀ ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ଏକ ଲିଖିତ ଅଭିଯୋଗ ଜଟଣୀ ବିଡିଓ ରଶ୍ମିତା ନାଥଙ୍କୁ ପ୍ରଦାନ କରାଯାଇଛି। ଗତ ମଙ୍ଗଳବାରଠାରୁ ଏମ୍‌ବିକେଙ୍କ ଫଟୋ ଏବଂ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏମ୍‌ବିକେଙ୍କ ରାଜନୀତି ପ୍ରୀତିକୁ ନେଇ ଜଟଣୀର ବିଭିନ୍ନ ମହଲରେ ଅନେକ ଆଲୋଚନା ଚାଲିଛି। ତରାବୋଇ ମିଶନ ଶକ୍ତି ଏମ୍‌ବିକେ ପ୍ରମିଳା ନାଏକ, ଜଟଣୀ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନାଙ୍କ ଉପସ୍ଥିତିରେ ଭାଜପାରେ ବିଧିବଦ୍ଧ ଭାଜପା ଦଳୀୟ ଉତ୍ତରୀୟ ପକାଇ ଦଳରେ ଯୋଗ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳରେ ମହିଳାଙ୍କୁ ସାବଲମ୍ବୀ କରିବା ତଥା ଆତ୍ମନିର୍ଭରଶୀଳ କରିବା ଉଦ୍ଦେଶ୍ୟରେ ମହିଳାଙ୍କୁ ନେଇ ମିଶନଶକ୍ତି ଗୋଷ୍ଠୀ ଗଠନ କରିଥିଲେ। ଅନ୍ୟପଟେ ମିଶନଶକ୍ତି ବିଭାଗର ଏମ୍‌ବିକେଙ୍କୁ କୌଣସି ରାଜନୈତିକ କାର୍ଯ୍ୟକ୍ରମ, ରାଜନୈତିକ ଦଳରେ ଯୋଗଦେବା ଲାଗି ବାରଣ ରହିଛି। କିନ୍ତୁ ଏମ୍‌ବିକେ ନାଏକ ନିୟମ ଉଲ୍ଲଂଘନ କରି ଦଳରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଡିଓ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ମୋବାଇଲ ଟ୍ରାକିଂକୁ ତଦନ୍ତକୁ ନେଉନି ପୋଲିସ

ଖୋର୍ଦ୍ଧା,୭।୮ (ପ୍ରଭାତ ପାଣିଗ୍ରାହୀ)

### ଡେଲାଙ୍ଗରୁ ଆସି ଖୋର୍ଦ୍ଧାରେ ଗଦାଧରଙ୍କ ନିଖୋଜ ଘଟଣା

- ପ୍ରଶାସନର ଦ୍ୱାରସ୍ଥ ପରିବାର, ଗ୍ରାମବାସୀ
- ସନ୍ଧାନ ନ ମିଳିଲେ କାର୍ଯ୍ୟାଳୟ ଘେରାଉ ଧମକ

ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦା ଗ୍ରାମର ଗଦାଧର ନିଶଙ୍କ ଗତ ୩ ତାରିଖରେ କୌଣସି କାମରେ ଖୋର୍ଦ୍ଧା ଗୁରୁଜଙ୍ଗ ଆସି ନିଖୋଜ ହୋଇଯାଇଛନ୍ତି। ବରୁଣେଇ ଶିଳ୍ପାଞ୍ଚଳସ୍ଥିତ ଏକ ପରିତ୍ୟକ୍ତ ଖଣି ପୋଖରୀରୁ ଜବତ ବାଇକ, ହେଲେମଟ, ଜୋତା, ବ୍ୟାଗକୁ ପରିବାର ଲୋକେ ଗଦାଧରଙ୍କର ବୋଲି ଚିହ୍ନଟ କରି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଗୁରୁଜଙ୍ଗର ଜଣେ ମହିଳାଙ୍କ ଘରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ସହ ସରଜମିନ ତଦନ୍ତ କରିଛି। ତେବେ ଏହି ଘଟଣାକୁ ନେଇ ୫ଦିନ ବିତିଲାଣି, ଏଯାବତ ପୋଲିସ ନିଖୋଜଙ୍କ ସନ୍ଧାନ ପାଇନାହିଁ। ଗଦାଧରଙ୍କ ମୋବାଇଲ ଶେଷ ଲୋକେଶନ ଗୁରୁଜଙ୍ଗସ୍ଥିତ ଏକ ମନ୍ଦିର ନିକଟରେ ଦେଖାଉଥିବାବେଳେ ପୋଲିସ ଏହାକୁ ତଦନ୍ତ ପରିସରଭୁକ୍ତ କରୁନାହିଁ ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

ବୁଧବାର ଗଦାଧରଙ୍କ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ଗ୍ରାମବାସୀ ଖୋର୍ଦ୍ଧା ଆସି ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟି ନିଖୋଜ ଘଟଣାରେ ସଂପୃକ୍ତ ମହିଳାଙ୍କୁ ଜେରା କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ ବୋଲି କହିଥିବା ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ଉକ୍ତ ମହିଳାଙ୍କ ଘରର ପଶ୍ଚିମପଟ ଏକ ମନ୍ଦିର ପାର୍ଶ୍ୱ ଚାନ୍ଦିନୀ ନିକଟରେ ଗଦାଧରଙ୍କ ମୋବାଇଲର ଶେଷ ଲୋକେଶନ ଦେଖାଉଛି। ଏହା ପୋଲିସକୁ ଦେଖାଇବା ସତ୍ତ୍ୱେ ତତ୍ପରତା ପ୍ରକାଶ କରୁନାହିଁ। ତୁରନ୍ତ ଗଦାଧରଙ୍କ କୌଣସି ସନ୍ଧାନ କରା ନ ଗଲେ ଆଗାମୀ ଦିନରେ କୁଆପଦାର ଶତାଧିକ ଗ୍ରାମବାସୀ ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ୍ ହେବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀ କହିଛନ୍ତି।

ପ୍ରକାଶ ଯେ, ନିଖୋଜଙ୍କ ଭାଇ ସର୍ବେଶ୍ୱର, ଚିତ୍ରସେନଙ୍କ କହିବା ଅନୁଯାୟୀ ଗଦାଧର ଜଣେ ବାସ୍ତୁବିତ୍। ଗତ କିଛିମାସ ହେବ ସେ ଗୁରୁଜଙ୍ଗର ଜଣେ ମହିଳାଙ୍କ ଘରକୁ ଯାତାୟାତ କରୁଥିଲେ। ଗତ ୩ ତାରିଖ ଅପରାହ୍ନରେ ବାଇକ ଯୋଗେ ଗୁରୁଜଙ୍ଗ ଯାଉଛି, ରାତି ୮ଟା ସୁଦ୍ଧା ଫେରିଆସିବି ବୋଲି କହିଥିଲେ। ତେବେ ବିଳମ୍ବିତ ରାତିରେ ସେ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତହୋଇ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଏପରିକି ତାଙ୍କ ମୋବାଇଲ ଫୋନ ସୁଇଚଅଫ୍ ଆସିଥିଲା। ତାଙ୍କ ଝିଅ ସସ୍ମିତା ରାତିରେ ଗଦାଧର ଘରେ ଛାଡ଼ିଯାଇଥିବା ଅନ୍ୟ ଏକ ଫୋନରୁ ଗୁରୁଜଙ୍ଗସ୍ଥିତ ସଂପୃକ୍ତ ମହିଳାଙ୍କୁ ଫୋନ କରିଥିଲେ। ସେ କହିଲେ, ତୁମ ବାପା ଯେଉଁଠି ଅଛନ୍ତି ଭଲରେ ଅଛନ୍ତି, ଘରକୁ ଫେରିବେ। ସେହିପରି ପରେ କହିଥିଲେ, ସେ ୪ରୁ ୫ଜଣଙ୍କ ସହ ଫୁଲବାଣୀ ଯାଇଛନ୍ତି। ତା' ପରଦିନ ଅର୍ଥାତ ୪ ତାରିଖ ସକାଳେ ପ୍ରଥମେ ଡେଲାଙ୍ଗ ଥାନା ପରେ ଶିଳ୍ପାଞ୍ଚଳ ଥାନାରୁ ଖବର ପାଇ ପରିବାର ଲୋକେ ପହଞ୍ଚି ପ୍ରଥମେ ଜବତ ବାଇକ ଗଦାଧରଙ୍କର ବୋଲି ଚିହ୍ନଟ କରିଥିଲେ। ପରେ ପରିତ୍ୟକ୍ତ ପୋଖରୀରୁ ପୋଲିସ ଅନୁସନ୍ଧାନ ବେଳେ ହେଲମେଟ, ବ୍ୟାଗ, ଜୋତା ପ୍ରଭୃତି ପାଇଥିଲା। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଗୁରୁଜଙ୍ଗର ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ଆଣି ଜେରା ସହ ଘରେ ତନାଘନା କରିଥିଲା ପୋଲିସ। ତେବେ ଅଦ୍ୟାବଧି କୌଣସି ସୁରାକ ପାଇ ନ ଥିବା ଜଣାପଡିଛି।

ସେପଟେ ଗଦାଧରଙ୍କ ପରିବାର ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି। ଧାରକରଜରେ ବୁଡ଼ିଥିବା ତାଙ୍କ ପରିବାର ଗଦାଧରଙ୍କ ନିଖୋଜ ଖବର ପାଇବାଠାରୁ ଏକ ପ୍ରକାର ମୂକ ପାଲଟି ଯାଇଥିବା ତାଙ୍କ ଭାଇ ସର୍ବେଶ୍ୱର କହିଛନ୍ତି। ଘରେ ୪ଦିନ ହେଲା ଚୁଲି ଜଳି ନ ଥିବା ବେଳେ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି ଜାରି ରଖିଛନ୍ତି। ଗଦାଧରଙ୍କ ସନ୍ଧାନ ପାଇଁ ଖୋର୍ଦ୍ଧା ସହରରେ ମଧ ପରିବାର ପକ୍ଷରୁ ଖୋଜାଖୋଜି ଜାରି ରହିଛି।

# ପଡ଼ିଆ ପଡ଼ିଛି ୯,୪୩୮ ହେକ୍ଟର ଜମି

**ସତ୍ୟବାଦୀରେ ରହିଛି ୧୦, ୬୪୯ ହେକ୍ଟର ଚାଷଜମି**

■ମାଟିରେ ମିଶିଗଲାଣି କାଡ଼ା ନାଳୀ

■ବିଭାଗୀୟ ଅବହେଳା ଅଭିଯୋଗ

ସାକ୍ଷୀଗୋପାଳ,୭।୮
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଏକ ଜମିରେ ଗୋରୁ ଚରୁଛନ୍ତି।

ସତ୍ୟବାଦୀ ବ୍ଲକ ଅଧୀନ ୨୪ ପଞ୍ଚାୟତର ଧାନଚାଷୀଙ୍କ ଭାଗ୍ୟ ନିର୍ଣ୍ଣୟ କରୁଛି ବର୍ଷା। ଚାଷୀଙ୍କ ଉନ୍ନତ ଅର୍ଥନୈତିକ ମାନଦଣ୍ଡ ଓ ଭଲ ଫସଲ ଅମଳ ଲକ୍ଷ୍ୟରେ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଯୋଜନାର ସୁଫଳ ପାଇପାରୁନାହାନ୍ତି ଅନେକ ଚାଷୀ। ଭିତ୍ତିଭୂମି ଅଭାବ ସାଙ୍ଗକୁ କ୍ଷେତ୍ର ପରିଦର୍ଶନରେ ଅବହେଳା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବୋଲି ଚାଷୀମାନେ ମତ ଦେଉଛନ୍ତି। ସତ୍ୟବାଦୀସ୍ଥିତ କୃଷି କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସତ୍ୟବାଦୀରେ ୧୦ ହଜାର ୬୪୯ ହେକ୍ଟର ଧାନ ଜମି ରହିଛି। ସେଥିମଧ୍ୟରୁ ୨୧୩ ହେକ୍ଟର ଜମିରେ ଚାଷୀ ଧାନତଳି ରୋଇସାରିଛନ୍ତି। ୯୯୮ ହେକ୍ଟର ଜମିରେ ବୁଣା ଧାନ ଚାଷ ହେଉଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ୧ରୁ ୨ ପ୍ରତିଶତ ପଛୁଆ ଚାଷ କାର୍ଯ୍ୟ ଚାଲୁଥିବା ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ପରିଡ଼ା କହିଛନ୍ତି। ୯,୪୩୮ ହେକ୍ଟର ଜମିରେ ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୁଦ୍ଧା ଚାଷ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷରେ ବ୍ଲକରେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ଶେଷମୁଣ୍ଡରେ ଥିବା ଚାଷଜମିକୁ କେନାଲ ପାଣି ଯାଇପାରୁନାହିଁ। ତେଣୁ କେତେକ ସ୍ଥାନରେ ଚାଷୀ ଏହି ସମୟରେ ଅଧିକ ଖର୍ଚ୍ଚାନ୍ତ ହୋଇ ମେଶିନ୍ ଦ୍ୱାରା ପାଣି ମଡ଼ାଇ ଚାଷ କାର୍ଯ୍ୟ କରୁଛନ୍ତି। ଯେଉଁଠି ଜୋର ଓ ନଦୀନାଳ ନାହିଁ, ସେଠାରେ କେବଳ ବର୍ଷା ଉପରେ ନିର୍ଭର କରିବାକୁ ପଡୁଛି। କେଉଁଠି କେନାଲ ଅଛି ତ ପାଣିନାହିଁ, ପୁଣି ଆଉ କେଉଁଠାରେ କେନାଲ ପାଣି ଶେଷମୁଣ୍ଡକୁ ଯାଉନାହିଁ। ଅନେକ ସ୍ଥାନରେ କାଡ଼ା ନାଳୀ ନଷ୍ଟ ହୋଇଯାଇଥିଲେ ମଧ୍ୟ ପୁନରୁଦ୍ଧାର କରାଯାଉନାହିଁ। କେନାଲ ପାର୍ଶ୍ୱବର୍ତ୍ତୀ ଜମିରେ ପାଣି ଆସିଲେ, ଚାଷୀ ନିଜ ଚାଷ କାମ କରୁଛି। କେନାଲଠାରୁ ଗହୀରର ଶେଷମୁଣ୍ଡ ଜମି ପର୍ଯ୍ୟନ୍ତ କାଡ଼ା ନଳୀ ଦ୍ୱାରା ପାଣି ଯାଇଥାଏ। କିନ୍ତୁ ସତ୍ୟବାଦୀରେ ଥିବା ଅଧିକାଂଶ ଗହୀରରେ ସଂଯୋଗୀ କେନାଲଠାରୁ ଯାଇଥିବା କାଡ଼ା ନାଳୀଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ପେଣ୍ଠପଡ଼ା ପଞ୍ଚାୟତ ବସୁକେରା ଗହୀରରେ ମାଟିରେ ମିଶିଗଲାଣି ବୋଲି ଚାଷୀ ନାରାୟଣ ଦଳାଇ ଅଭିଯୋଗ କରିଛନ୍ତି। ସେହିପରି ଚାଷୀ ରଞ୍ଜନ ବରାଳ କହିଛନ୍ତି, ଆଳସରଙ୍ଗ, ମୂଳଅଳସା, କରଡି ଆଦି ଗହୀରର ଚାଷୀଙ୍କ ପାଇଁ କରଡି ମାଇନର କେନାଲ ଥିଲେ ମଧ୍ୟ ଆରମ୍ଭରୁ ଏଥିରେ ପାଣି ଆସୁନାହିଁ କି ବିଲରେ ପାଣି ମାଡୁ ନାହିଁ। ଏ ସମ୍ପର୍କରେ ସାକ୍ଷୀଗୋପାଳ ଜଳସେଚନ ବିଭାଗ ଅଧିକାରୀ କହିଛନ୍ତି, ଚାଷ ଜମିକୁ ସୁଚାରୁ ରୂପେ ଜଳ ଯୋଗାଣ ନିମନ୍ତେ ୧୮ କୋଟି ଟଙ୍କା ବ୍ୟୟ କରାଯାଇ ପାଣି ଟାଙ୍କି ବ୍ୟବସ୍ଥା ରହିଛି। ଏହାଦ୍ୱାରା ଚାଷୀଙ୍କ ପ୍ରମୁଖ ସମସ୍ୟା ସମାଧାନ ହେବ। ନେଇ ସତ୍ୟବାଦୀ ଦାୟିତ୍ୱରେ ଥିବା କାଡ଼ା ବିଭାଗ ଅଧିକାରୀ ରିଷଭ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ମୁଁ ଗତ କିଛିମାସ ହେବ କାର୍ଯ୍ୟରେ ଯୋଗଦେଇଛି, ତେଣୁ ଆଗକୁ ଏ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେବି।

**ସଂକ୍ଷେପରେ**

## ନିରାଶ୍ରୟ ସେବାଶ୍ରମ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ଚାରିଛକ,୭।୮(ଶିଶିର ସ୍ୱାଇଁ) ଚାରିଛକ ନିକଟସ୍ଥ ପ୍ରସିଦ୍ଧ ମାଧବାନନ୍ଦଜୀଉ ମନ୍ଦିର ପରିସରରେ ନିରାଶ୍ରୟ ସେବାଶ୍ରମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଧବ ସରପଞ୍ଚ ବାବୁରାମ ମଲିକ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ କାକଟପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର ଯୋଗଦେଇଥିଲେ। ନିରାଶ୍ରୟ ସେବାଶ୍ରମ ସଭାପତି ମାନସ କୁମାର ପାଢ଼ୀ, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଉପସଭାପତି ଜୟକୃଷ୍ଣ ସାହୁ, ସମସ୍ତ ସଭ୍ୟ ପ୍ରମୋଦ ସାହୁ, ଲକ୍ଷ୍ମୀଧର ବେହେରା, ବୈରାଗୀ ସାହୁ, ତ୍ରିନାଥ ବେହେରା, ସତ୍ୟଭୂଷଣ ନାୟକ, କବିନ୍ଦ୍ର ନାୟକ, ପର୍ଶୁରାମ ସାହୁ, ମୋହନ ଦାସ ପ୍ରମୁଖ ଚାରାରୋପଣରେ ସହଯୋଗ କରିଥିଲେ। ବଉଳ, ବାହାଡ଼ା, ଜାମୁ, ଆମ୍ବ, ଲିମ୍ବ ପ୍ରମୁଖ ଗଛର ଚାରାରୋପଣ କରାଯାଇ ସୁରକ୍ଷା ଲାଗି ଗଛ ଚାରିପଟେ ସୁରକ୍ଷା ବାଡ଼ ଲଗାଯାଇଥିଲା। କାର୍ଯ୍ୟକ୍ରମରେ ପରିବେଶପ୍ରେମୀ ତ୍ରିନାଥ ପୁଷ୍ପାଳକ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟରେ ଚାରାରୋପଣ

ପୁରୀ,୭।୮(ଅଜିତ୍ କୁମାର ମହାନ୍ତି) ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଚାରାରୋପଣର ୩ୟ ପର୍ଯ୍ୟାୟରେ ୫୦ରୁ ଅଧିକ ବିଭିନ୍ନ ଔଷଧୀୟ ଓ ଫୁଲ ଗଛର ଚାରାରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ଉପସଭାପତି ଡା. ପ୍ରଳୟ ନନ୍ଦ ସ୍ୱେଚ୍ଛାସେବୀଙ୍କୁ ଚାରାକ୍ଷରୋପଣର ଉପଦେୟତା ସମ୍ବନ୍ଧରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନ୍ତର୍ଗତ ଉଦ୍‌ବୋଧନୀର ରାଜ୍ୟ ଅଧ୍ୟକ୍ଷା ଡା. ଗୌରପ୍ରିୟା ଦାଶ, ମହାବିଦ୍ୟାଳୟ ଏନ୍ଏସ୍ଏସ୍ ଓ ରେଡ୍‌କ୍ରସ ୟୁନିଟ୍ ସ୍ୱେଚ୍ଛାସେବୀଙ୍କ ସହିତ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ଡା. ହରପ୍ରିୟା ଦାଶ କହିଛନ୍ତି। ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡା. ଜ୍ୟୋତିପ୍ରକାଶ ନନ୍ଦ ଚାରାରୋପଣରେ ସହାୟତା କରିଥିଲେ। ରେଡ୍‌କ୍ରସ ୟୁନିଟ୍‌ର କାଉନସିଲର ଡା. ରବି ଶଙ୍କର ମିଶ୍ର ଓ ଅଧ୍ୟାପକ ଅଭିଜିତ୍ ପଣ୍ଡା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ସାତଲହଡ଼ି ମଠର ନବୀକରଣ ପାଇଁ ସମୀକ୍ଷା

ପୁରୀ, ୭।୮(ଅଜିତ୍ କୁମାର ମହାନ୍ତି)

ପୁରୀ ସାତଲହଡ଼ି ମଠର ନବୀକରଣ ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ନେତୃତ୍ୱରେ ବୁଧବାର ଏହି ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଗବତର ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାଧନା ପୀଠ ତଥା ସମାଧି ସ୍ଥଳ ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅନେକ ଗୌରବ ବହନ କରୁଥିବାରୁ ଏହାର ସୁରକ୍ଷା, ଉନ୍ନୟନ ଓ ନବୀକରଣ ଆବଶ୍ୟକ ବୋଲି ଅତିରିକ୍ତ ଜିଲାପାଳ ଭୋଇ କହିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସ କମିଟିର ସଦସ୍ୟ ପ୍ରଫୁଲ୍ଲ ସାମନ୍ତରାୟ ଓ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟ ମଠର ସଂସ୍କୃତିକ ବୈଭବ ବିଷୟରେ ଭୋଇଙ୍କୁ ଅବଗତ କରାଇବା ସହ ମଠ ପ୍ରାଙ୍ଗଣରେ ଥିବା ଅତିବଡ଼ୀଙ୍କ ସମାଧି ପୀଠ ବୁଲାଇ ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ତହସିଲଦାର ଅଭିଷେକ ଦାଶ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଆର୍.ଏନ୍. ଭଞ୍ଜ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ପୂର୍ତ୍ତବିଭାଗର ଏସ୍‌ଡିଓ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ନିମାପଡ଼ା, ୭।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମଙ୍ଗଳବାର ଅପହରଣ କରିନେଇଛନ୍ତି। ନାବାଳିକାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ କେଉଁଆଡ଼େ ନେଇଯାଇଥିବା ତାଙ୍କ ବୁଧବାର ବାପା ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣଙ୍କ ମଙ୍ଗଳବାର ଘରୁ ନିମାପଡ଼ାକୁ ଆସି ବିଳମ୍ବିତ ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ପାଇ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ପୂର୍ବରୁ ରାସ୍ତାରେ ଅଟକାଇ କମେଣ୍ଟ ମାରିବା ସହ ବହୁ ହଇରାଣ ହରକତ କରୁଥିଲେ। ଏପରିକି ଯୁବକଙ୍କୁ ବିବାହ ନ କଲେ ଉଠାଇ ନେବାକୁ ନାବାଳିକାଙ୍କ ମା', ବାପାଙ୍କୁ ବହୁବାର ଧମକ ଦେଇଥିବା ଅପହୃତାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ନାବାଳିକାଙ୍କ ମା' ବାପା ସମ୍ପୃକ୍ତ ଯୁବକଙ୍କ ପରିବାର ବର୍ଗଙ୍କୁ ଜଣାଇବାରୁ ସେମାନେ ଓଲଟା ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଅପହୃତାଙ୍କୁ ଉଦ୍ଧାର କରିବା ସହ ଯୁବକ ଓ ତାଙ୍କ ମା' ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅପହୃତାଙ୍କ ମା' ବାପା ପୋଲିସ ପାଖରେ ନିବେଦନ କରିଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।



ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବୁଧବାର କମଳା ମାତୃମଙ୍ଗଳ ଡାକ୍ତରଖାନାରେ ଇନରହୁଇଲ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟା ଏବଂ ଅତିଥି।

## ଇନର ହୁଇଲ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ

ପୁରୀ,୭।୮(ଅଜିତ୍ କୁମାର ମହାନ୍ତି)–ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବୁଧବାର କମଳା ମାତୃମଙ୍ଗଳ ଡାକ୍ତରଖାନାରେ ଇନରହୁଇଲ କ୍ଲବ ଶ୍ରୀଜଗନ୍ନାଥ ଧାମ ପକ୍ଷରୁ ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ କରାଯାଇଛି। ଅଧ୍ୟକ୍ଷା ମୁନ୍‌ମୁନ୍ ଦାଶଗୁପ୍ତାଙ୍କ ନେତୃତ୍ୱରେ ସମ୍ପାଦିକା ମିତାଲି ଦାଶଗୁପ୍ତା, ଆଇପିପି ନିରୁପମା ଷଡ଼ଙ୍ଗୀ, ପୂର୍ବତନ ସଭାପତି ଝରଣା ନାୟକ, ଦିପ୍ତିମୟୀ ଦାଶ, ଇସି ମେମ୍ବର ବନ୍ଦିତା ସାହୁଙ୍କ ସମେତ ବହୁ ସଦସ୍ୟା କମଳା ମାତୃମଙ୍ଗଳ ଡାକ୍ତରଖାନାରେ ପହଞ୍ଚି ୨୫ରୁ ଊର୍ଦ୍ଧ୍ୱ ମା'ଙ୍କୁ ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ କରିଥିଲେ। ସ୍ତନ୍ୟପାନ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ ସହ ଶିଶୁ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଏବଂ ମା' କ୍ଷୀରର ପୌଷ୍ଟିକ ଉପାଦେୟତା ବିଷୟରେ ବୁଝାଇଥିଲେ।

## ଶତାୟୁ ଶିକ୍ଷକଙ୍କ ପରଲୋକ

କଣାସ,୭।୮(ବିଭୂତି ଭୂଷଣ ତ୍ରିପାଠୀ) କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ରହାନ୍ଦିଆ ଗ୍ରାମର ଶତାୟୁ ଅବସରପ୍ରାପ୍ତ ଶିକ୍ଷକ ଜୟକୃଷ୍ଣ ପେଣ୍ଡୋଇଙ୍କ ୧୦୫ ବର୍ଷରେ ମଙ୍ଗଳବାର ନିଜ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ ପରେ ପରିବାର ସହିତ ନିଜ ଗ୍ରାମରେ ରହୁଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସଂସ୍କାର ସମୟରେ ତାଙ୍କର ୨ ପୁତ୍ର, ଝିଅ ଓ ଗ୍ରାମର ଅନେକ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଜ୍ୟେଷ୍ଠପୁତ୍ର ସର୍ବେଶ୍ୱର ମୁଖାଗ୍ନି ଦେଇଥିଲେ।

## ବାଇକ୍ ଚୋରି କରି ଅଭିଯୁକ୍ତ ଗିରଫ

ବଲଙ୍ଗା, ୭।୮(କେଦାରେଶ୍ୱର ନନ୍ଦ)

ବାଇକ୍ ଚୋରି ଅଭିଯୋଗରେ ବଲଙ୍ଗା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ମୈଞ୍ଜୁଗେ ସାନ ପାଟଣା ଗ୍ରାମର ଦିଲୀପ ବେହେରା। ଗତ ୩ ତାରିଖ ରାତିରେ ବଲଙ୍ଗା ଥାନା ଅଧୀନ ବାୟାର ଛକରେ ଥିବା ହୋଟେଲ ସାମ୍ନାରେ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ୨୧୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ଦିଲୀପଙ୍କ ଘରେ ଚଢ଼ାଉ କରି ତାଙ୍କଠାରୁ ୩ଟି ବାଇକ୍ ଓ ୨ଟି ମୋବାଇଲ ଜବତ କରିଛି।

## କନ୍ଦାଇଲାଣି ଆଳୁ, କିଲୋ ପିଛା ୫୦ରୁ ୬୦ଟଙ୍କା

ଅସ୍ତରଙ୍ଗ,୭।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିନକୁ ଦିନ ଆଳୁ ଦର ବଢ଼ିବାରେ ଲାଗିଛି। ଅସ୍ତରଙ୍ଗ ବଜାରରେ ସପ୍ତାହ ତଳେ କିଲୋ ପିଛା ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ମଙ୍ଗଳବାର ସକାଳେ ୫୦ଟଙ୍କା ଓ ଅପରାହ୍ନରେ ୬୦ଟଙ୍କାରେ ପହଞ୍ଚିଛି। ଖୁଚୁରା ବେପାରୀ ଦୋକାନରେ ଦର ତାଲିକା ଟାଙ୍ଗୁନାହାନ୍ତି। ନିଜ ନିଜ ହିସାବରେ ଦର କଷୁଛନ୍ତି। ଅଥଚ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉନି। ଏହାର ସୁଯୋଗ ନେଇ କେତେଜଣ ହୋଲସେଲର ବ୍ୟବସାୟୀ ବିଭିନ୍ନ ଗୋଦାମ ଆଳୁ ଲୁଚାଇ ରଖିଥିବା କୁହାଯାଇଛି। ବିଭାଗର ଅବହେଳା ଯୋଗୁ ଆଳୁ ଦର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି ବୋଲି ଖାଉଟି କହିଛନ୍ତି। ଅସ୍ତରଙ୍ଗରେ ସାପ୍ତାହିକ ହାଟ ମଙ୍ଗଳବାର ଓ ଶନିବାରରେ ପଶ୍ଚିମବଙ୍ଗରୁ ଆଳୁ ଆଣି ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। କିନ୍ତୁ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହେବାରୁ ଆଳୁ ଦର ବୃଦ୍ଧି ପାଇଛି। ଏବେ ଉତ୍ତରପ୍ରଦେଶରୁ ଆଳୁ ଆସୁଛି। ଅନ୍ୟପକ୍ଷେ ଖୁଚୁରା ବ୍ୟବସାୟୀ କହିଛନ୍ତି, ହୋଲସେଲ ଦର ଅନୁସାରେ ବିକ୍ରି କରିବାକୁ ପଡୁଛି। ବସ୍ତାରେ ୩ରୁ ୪ କିଲୋ ଆଳୁ ପଚା ବାହାରୁଛି। ଏଥିଲାଗି ଆଳୁ କିଲୋ ୫୦ ଟଙ୍କାରେ ବିକ୍ରି କରିବାକୁ ସେମାନେ ବାଧ ହେଉଛନ୍ତି। ହୋଲସେଲ ବ୍ୟବସାୟୀ ଆବଶ୍ୟକତା ଅନୁସାରେ ଆଳୁ ଯୋଗାଉ ନାହାନ୍ତି। ଷ୍ଟକ ନାହିଁ ବୋଲି କହୁଛନ୍ତି। ହୋଲସେଲ ବ୍ୟବସାୟୀ ଜାଣିଶୁଣି କୃତ୍ରିମ ଅଭାବ ସୃଷ୍ଟି କରୁଥିବା ଗ୍ରାହକ କହିଛନ୍ତି। ବଜାରରେ ଗୋଟିଏ ହେଲେ ଆଳୁ ପିଆଜ ଦର ତାଲିକା ଟଙ୍ଗା ଯାଉନି। ଯିଏ ଯେଉଁ ଦରରେ ଚାହିଁଲେ ବିକ୍ରି କରୁଛନ୍ତି। ଏଥିନେଇ ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି, ପ୍ରତ୍ୟେକ ହୋଲସେଲ ଏବଂ ଖୁଚୁରା ଦୋକାନରେ ଦର ତାଲିକା ଟାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ହୋଲସେଲ ଗୋଦାମ ଲୁଚାଇ ଚୋରାରେ ବିକ୍ରି କରୁଥିବା ଜଣାପଡ଼ିବ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ନିମାପଡ଼ା ଉପକାରାଗାରରେ ସ୍ୱାସ୍ଥ୍ୟ ସଚେତନତା ଶିବିର

ନିମାପଡ଼ା,୭।୮(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଉପକାରାଗାର ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବର୍ଷାଋତୁରେ କିଭଳି ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ, ସେ ବିଷୟରେ ବିଶେଷଜ୍ଞ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଶିବିରରେ ପୁରୀ ଏଡିଏମ୍‌ଓ ଡ. ବିରଜା ଶଙ୍କର ରଥଙ୍କ ନେତୃତ୍ୱରେ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଚିକିତ୍ସା ଅଧିକାରୀ ଡ. କ୍ଷମାନିଧି ସେଠୀ, ଚକ୍ଷୁ ବିଶେଷଜ୍ଞ ଡ. ଜୋସ୍ନାରାଣୀ ତ୍ରିପାଠୀ, ମେଡିସିନ ବିଶେଷଜ୍ଞ ଡ. ସନ୍ତୋଷ ରାଉତରାୟ ଏବଂ ଚର୍ମରୋଗ ବିଶେଷଜ୍ଞ ଶାରଳା ପଲେଇଙ୍କ ସମେତ ୫ ଜଣିଆ ଡାକ୍ତରୀ ଦଳ ଉପକାରାଗାରରେ ରହୁଥିବା ମୋଟ ୧୨୧ ଜଣ ମହିଳା ଓ ପୁରୁଷ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ରୋଗରେ ପୀଡ଼ିତ ୬୪ ଜଣ ମହିଳା ପୁରୁଷ ଅନ୍ତେବାସୀଙ୍କୁ ଚିହ୍ନଟ କରାଯାଇ ଔଷଧ ବିତରଣ କରାଯାଇଛି। ଜଣେ ଅନ୍ତେବାସୀଙ୍କୁ ଚିହ୍ନଟ କରାଯାଇ ଏମ୍‌ଆର୍‌ଆଇ କରିବା ନିମନ୍ତେ ପୁରୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ପାଇଁ ଡାକ୍ତରୀ ଦଳ ପରାମର୍ଶ ଦେଇଛନ୍ତି। ଉପକାରାଗାର ନିରୀକ୍ଷକ ସ୍ମିତା ମହାନ୍ତିଙ୍କ ସମେତ କାରାଗାରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ନିମାପଡ଼ା ଉପକାରାଗାର ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ସଚେତନତା ଶିବିର।

## କୃଷି ବିଭାଗ ପକ୍ଷରୁ ସାର ଦୋକାନରେ ଚଢ଼ାଉ

କାକଟପୁର/ଅସ୍ତରଙ୍ଗ,୭।୮
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସାର ଓ କୀଟନାଶକ ଔଷଧ କଳା ବଜାର, ଚଢ଼ା ଦରରେ ନକଲି ସାର ବିକ୍ରି ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଜିଲା କୃଷି ଅଧିକାରୀ ସତ୍ୟନାରାୟଣ କରଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ୫ଟି ସାର ଦୋକାନ ଉପରେ ଚଢ଼ାଉ କରିଥିଲେ। କେତେଜଣ ଅସାଧୁ ସାର ବ୍ୟବସାୟୀ ଦୋକାନ ବନ୍ଦ କରିଥିବାବେଳେ କେତୋଟି ଦୋକାନ ଖୋଲାଥିଲା। କାକଟପୁର ବ୍ଲକର ଓଥକା, କୁଣ୍ଢେଇ, କାକଟପୁର, ପ୍ରହରାଜପୁର ଅଞ୍ଚଳରେ ଥିବା ବିଭିନ୍ନ ସାର ଦୋକାନରେ ସହକାରୀ କୃଷି ଅଧିକାରୀ ଅଙ୍କିତ କୁମାର ବେହେରା, ମଣ୍ଡଳ କୃଷି ଅଧିକାରିଣୀ ଶାନ୍ତିଲତା ବେହେରା, ସହବୈଷୟିକ ପରିଚାଳକ ଭାବଗ୍ରାହୀ ଭୂୟାଁ, କୃଷି ଅଧିଦର୍ଶକ ମାୟାଧର ସ୍ୱାଇଁ ମିଳିତ ଭାବେ ଚଢ଼ାଉ ସହ ଯାଞ୍ଚ କରିଥିଲେ। କେତେଜଣ ବ୍ୟବସାୟୀ ସରକାରୀ ନୀତି ନିୟମ ପାଳନ କରୁ ନ ଥିବା ଜଣାପଡ଼ିଥିଲା। ଏ ନେଇ କୃଷି ଅଧିକାରୀ ତାଗିଦା କରିଥିଲେ। ସରକାରୀ ନିୟମ ନ ମାନିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ବେହେରା କହିଛନ୍ତି।



ସାର ଦୋକାନରେ କୃଷି ବିଭାଗ ଅଧିକାରୀ ଚଢ଼ାଉ କରୁଛନ୍ତି।

## ରୋଟାରି କ୍ଲବ ପୁରୀ ସାଗରର ଅଧିଷ୍ଠାନ ଉତ୍ସବ

ପୁରୀ,୭।୮(ଅଜିତ୍ କୁମାର ମହାନ୍ତି)




ଅଧିଷ୍ଠାନ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ରୋଟାରି କ୍ଲବ ପୁରୀ ସାଗରର ସଦସ୍ୟମାନେ।

ରୋଟାରି କ୍ଲବ ଅଫ୍ ପୁରୀ ସାଗରର ଷଷ୍ଠ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ୨୦୨୩-୨୪ର କ୍ଲବ ସଭାପତି ରାଜଦୀପ ଘୋଷଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ୨୦୨୫-୨୬ ବର୍ଷର ରୋଟାରି ଜିଲା ଗଭର୍ନର ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପୁରୀ ଏସ୍‌ପି ପିନାକ ମିଶ୍ର, ଓଲିଉଡ୍ ଅଭିନେତ୍ରୀ ସୁଭଦ୍ରା ମହାନ୍ତି, ଆସିଷ୍ଟାଣ୍ଟ ଗଭର୍ନର ବିଭୁଦ ମିଶ୍ର, ଚଳିତବର୍ଷର ସଭାପତି ସୁରେନ୍ଦ୍ର ଟାପୁରିଆ ଏବଂ ସମ୍ପାଦକ ଦାମୋଦର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ ପରେ ସମସ୍ତଙ୍କୁ ଚାରା ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଗତବର୍ଷର ସମ୍ପାଦକ ରୋଟାରିଆନ ହରିହର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଗତ ବର୍ଷର ସଭାପତି ଘୋଷ ଓ ସମ୍ପାଦକ ଖୁଣ୍ଟିଆ ନୂତନବର୍ଷର ସଭାପତି ଟାପୁରିଆ ଏବଂ ସମ୍ପାଦକ ମହାନ୍ତିଙ୍କୁ କଲର ପ୍ରଦାନ ପୂର୍ବକ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଉପସଭାପତି ଶ୍ୟାମକାହ୍ନା ପଟ୍ଟନାୟକ, କୋଷାଧ୍ୟକ୍ଷ ତୁଷାରକାନ୍ତ ରାଉତ, ନିର୍ଦ୍ଦେଶକ ଯୁଧିଷ୍ଠିର ଲେଙ୍କା, ଧବଳେଶ ମହାପାତ୍ର, କେଦାର ମହାପାତ୍ର, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଉତ୍ସବରେ ଯୋଗଦେବାକୁ ଆସିଥିବା ବିଭିନ୍ନ କ୍ଲବର କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଗଣେଶ ଚନ୍ଦୁକାଙ୍କ ପରିଚାଳନାରେ ହିମାଂଶୁ ଶେଖର ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ କ୍ଲବର ମାଗାଜିନ୍ 'ସାଗର' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସନ୍ତୋଷ ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଚାର୍ଟର ସଭାପତି ରୋଟାରିଆନ ଅଶୋକ ପାତ୍ର, ପୂର୍ବତନ ସଭାପତି ସରୋଜ ପାଣିଗ୍ରାହୀ, ସର୍ଜେଣ୍ଟଆଟ୍ ଆର୍ମସ ପ୍ରମୋଦ ସ୍ୱାଇଁ, ଶଶୀ ପାଢ଼ୀ, କୃଷ୍ଣଚନ୍ଦ୍ର ସାହୁ, ଅରୁଣ ଗଜେନ୍ଦ୍ର, ରାଜେନ୍ଦ୍ରନାଥ ବେହେରା ଓ ଲକ୍ଷ୍ମୀକାନ୍ତ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରୋଟାରିଆନ ଉପସଭାପତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମନୋରଞ୍ଜନ କ୍ଷେତ୍ରରେ ଶିଶୁଙ୍କ ନିୟୋଜନ ନେଇ କଟକଣା

**ଆଡ୍‌ଭାଇଜରି ଜାରିକଲା ଓଏସ୍‌ସିପିସିଆର୍**

**ନିୟମ କଡ଼ାକଡ଼ି ପାଳନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ମନୋରଞ୍ଜନ ଶିଳ୍ପ ଓ ବ୍ୟବସାୟିକ ମନୋରଞ୍ଜନ କାର୍ଯ୍ୟକ୍ରମରେ ଶିଶୁ ଏବଂ କିଶୋରଙ୍କୁ ନିୟୋଜନ ନେଇ କେତେକ କଟକଣା ଲଗାଯାଇଛି। ଏନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ପକ୍ଷରୁ ଏକ ଆଡଭାଇଜରି ଜାରି କରାଯାଇଛି। ପୋକ୍‌ସୋ ଆକ୍ଟ, ଜୁଭେନାଇଲ ଦେୟମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଆକ୍ଟକୁ ଶିଶୁଙ୍କ କ୍ଷେତ୍ରରେ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଡଭାଇଜରି ଅନୁସାରେ, ଯଦି କୌଣସି ଟେଲିଭିଜନ ବା ସିନେମା ପ୍ରଯୋଜକ ତାଙ୍କ କାର୍ଯ୍ୟ ପାଇଁ ଶିଶୁମାନଙ୍କୁ ଅନ୍ତର୍ଭୁକ୍ତ କରାଉଛନ୍ତି ତା'ହେଲେ ପ୍ରଥମେ ତାଙ୍କୁ ଜିଲାପାଳଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ଅଣ୍ଡରଟେକିଂ ଲେଖିବା ସହ ସବିଶେଷ ସୂଚନା ପ୍ରଦାନ କରିବାକୁ ପଡ଼ିବ। ସେହିପରି ଲାଇଭ ଶୋ' ବେଳେ ପିଲାଟିକୁ ଯେଭଳି ଅବହେଳା କି ନିର୍ଯାତନା ଦିଆଯିବ ନାହିଁ ସେ ନେଇ ମଧ୍ୟ ଆବଶ୍ୟକ ପଦକ୍ଷେପ ନେଇ ଆଗୁଆ ସୁନିଶ୍ଚିତ କରିବାକୁ ହେବ। ପିଲାଙ୍କୁ ନେଇ ହେଉଥିବା ଚଳଚ୍ଚିତ୍ର, ଟେଲିଭିଜନ ଧାରାବାହିକ, ରିୟାଲିଟି ଶୋ', ସୋସିଆଲ ମିଡିଆ କଣ୍ଟେଣ୍ଟ ପ୍ରସାରଣ ଆଗରୁ ଡିସ୍‌କ୍ଲେମାର ଡିସ୍‌ପ୍ଲେରେ ପ୍ରଦର୍ଶନ କରିବାକୁ ହେବ। ସେହିପରି ବୟସ, ପରିପକ୍ୱତା, ମାନସିକ ତଥା ଶାରୀରିକ ବିକାଶକୁ ଦେଖି କିଶୋର ତଥା ଶିଶୁଙ୍କୁ କାଷ୍ଟ କରିବାକୁ ଦିଆଯିବ। ନିଶାଦ୍ରବ୍ୟ, ନଗ୍ନତା, ସେକ୍ସୁଆଲ ଆକ୍ଟିଂ ଆଦିରେ ସେମାନଙ୍କୁ ସାମିଲ କରାଯିବନାହିଁ। ଅତି ଅବଶ୍ୟକ ପଡିଲେ ବିଷୟବସ୍ତୁକୁ ନଜରରେ ରଖି ଉପଯୁକ୍ତ ଯତ୍ନର ସହକାରେ ଏହା କରାଯିବ। ସେମାନଙ୍କ ଇଚ୍ଛା ବିରୋଧରେ କୌଣସି କାର୍ଯ୍ୟ ବାଧ୍ୟତାମୂଳକ ଭାବେ କରାଯାଇପାରିବ ନାହିଁ। କେବଳ ସ୍ତନ୍ୟପାନ କିମ୍ବା ଟିକାକରଣକୁ ଛାଡ଼ି ଦେଲେ ୩ମାସ ପୂର୍ବର ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିଆଯିବ ନାହିଁ। ୬ବର୍ଷରୁ କମ୍ ପିଲାଙ୍କ ପାଖରେ ପରିବାରର କେହି ସଦସ୍ୟ ଉପସ୍ଥିତ ରହିବା ନିହାତି ଆବଶ୍ୟକ। ଏଥିସହ ଯାତ୍ରା କରିବା ସମୟରେ ସେମାନଙ୍କ ପାଇଁ ସମସ୍ତ ବନ୍ଦୋବସ୍ତ କରାଯିବା ସହ ସେମାନଙ୍କ ସହ ଅଭିଭାବକ ମଧ୍ୟ ରହିବେ। ପୋଷଣଯୁକ୍ତ ଖାଦ୍ୟ, ମେଡିକାଲ ସୁବିଧା ଓ ଶୁଟିଂ ସେଟ୍‌ରେ ସେମାନଙ୍କ ପୋଷାକ ପରିବର୍ତ୍ତନ କଲାବେଳେ ଭିନ୍ନ କୋଠରିର ବ୍ୟବସ୍ଥା ରହିବ। ବିପରୀତ ଲିଙ୍ଗର ଯେଭଳି କେହି ଉପସ୍ଥିତ ନ ରୁହନ୍ତି ସେ ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଦିନରେ ୫ଘଣ୍ଟାରୁ ଅଧିକ କାମ ନ କରାଇବା ଓ ସମସ୍ତ ଆବଶ୍ୟକ ସୁବିଧା ପ୍ରଦାନକୁ ଆଡ୍‌ଭାଇଜରିରେ ଗୁରୁତ୍ୱ ଦିଆଯାଇଛି। ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଓଏସ୍‌ସିପିସିଆର୍ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୮।୨୦୨୪

| ୪,୦୩, ୩୮୦ ଟଙ୍କା | |
|---|---|
| ସୁନା | ୨୨୦ ମିଲି ଗ୍ରାମ୍ |
| ରୁପା | ୧୪୯.୯୦୦ ଗ୍ରାମ୍ |

## ୧୯ ଖଣି ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୀ,୭।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ବୁଧବାର ଖୋର୍ଦ୍ଧା ଜିଲାର ୧୯ ଖଣି ଲିଜ୍‌ଧାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସମ୍ପୃକ୍ତ ୧୯ ଖଣି ମଧ୍ୟରେ ୧୭ଟି ନିର୍ମାଣ ପଥର ଖଣି ଓ ୨ଟି ମାଙ୍କଡ଼ା ପଥର ଖଣି ରହିଛି। ଧାର୍ଯ୍ୟ ଅନୁମୋଦିତ ପରିମାଣଠାରୁ ଅଧିକ ଉତ୍ତୋଳନ ସକାଶେ ଓଡ଼ିଶା ଲଘୁ ଖଣିଜ ଆଇନ୍-୨୦୧୬ ଅନୁଯାୟୀ ଏହି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୭ଦିନ ମଧ୍ୟରେ ରୟାଲ୍‌ଟି, ଆନୁଷଙ୍ଗିକ ଦେୟ ଏବଂ ଅଧିକ ଉତ୍ତୋଳନ ପାଇଁ ଜରିମାନାର ମୂଲ୍ୟ ଦାଖଲ କରିବାକୁ ନୋଟିସରେ କୁହାଯାଇଛି। ସେହିପରି କେଉଁ ପରିସ୍ଥିତିରେ ଏଭଳି ବ୍ୟତିକ୍ରମ ହେଲା, ସେ ନେଇ ମଧ୍ୟ ଲିଖିତ କୈଫିୟତ ଦାଖଲ କରିବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି। ନୋଟିସର ଉତ୍ତର ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏହି ନୋଟିସର ଖିଲାପ କଲେ, ଖଣି ଚୁକ୍ତିପତ୍ର ରଦ୍ଦ କରାଯିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ ପୁରୀଙ୍କ ସମସ୍ତ ଭୂ-ସମ୍ପତ୍ତିର ସୁରକ୍ଷା କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚେତାଇ ଦେଇଛନ୍ତି।

# ଡବ୍ଲ୍ୟୁଏସ୍‌ସିର ୭୩ ଛାତ୍ରୀଛାତ୍ରଙ୍କୁ ଟାଟା ଷ୍ଟିଲ୍‌ରେ ନିଯୁକ୍ତି



ଟାଟା ଷ୍ଟିଲ୍‌ରେ ନିଯୁକ୍ତି ପାଇଥିବା ଡବ୍ଲ୍ୟୁଏସ୍‌ସି ସ୍କୁଲ ଅଫ ଇଞ୍ଜିନିୟରିଂ ବିଭାଗର ଛାତ୍ରୀଛାତ୍ର।

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଉଛି। ଏହି କ୍ରମରେ ଡବ୍ଲ୍ୟୁଏସ୍‌ସିଠାରେ ଟାଟା ଷ୍ଟିଲ୍ ଟେକ୍ନିକାଲ ସର୍ଭିସେସ୍ ପକ୍ଷରୁ ହୋଇଥିବା ପ୍ଲେସ୍‌ମେଣ୍ଟ ଇଣ୍ଟରଭ୍ୟୁରେ ୨୦୨୩-୨୪ ବ୍ୟାଚ୍‌ର ୭୩ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏହି ପ୍ଲେସ୍‌ମେଣ୍ଟ ଇଣ୍ଟରଭ୍ୟୁ କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ ମେକାଟ୍ରୋନିକ୍ସର ୨୭, ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନର ୯ ଏବଂ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍‌ର ୩୭ ଜଣ ଛାତ୍ରୀଛାତ୍ର ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ର ଦେଶର ବିଭିନ୍ନ ସ୍ଥାନରେ କାମ କରିବାର ସୁଯୋଗ ପାଇବେ। ଏଥିପାଇଁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ଏହି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏବେ ୨୦୨୪-୨୫ ଶିକ୍ଷାବର୍ଷର ସେପ୍ଟେମ୍ବର ସେସନରେ ନାମଲେଖା ଲାଗି ଅନଲାଇନ ଆବେଦନ ପ୍ରକ୍ରିୟା ଜାରି ରହିଛି। ଓଡ଼ିଶାର ଆଗ୍ରହୀ ପ୍ରାର୍ଥୀମାନେ କେନ୍ଦ୍ରର ୱେବ୍‌ସାଇଟ www.worldskillcenter.org ପ୍ରଥମେ ପଞ୍ଜୀକରଣ କରିବା ପରେ ଆବେଦନ କରିପାରିବେ। ନାମଲେଖା ବିଷୟରେ ଅଧିକ ସୂଚନା ପାଇଁ ପ୍ରାର୍ଥୀ ୧୮୦୦ ୨୬୬ ୬୦୦୨ରେ ଯୋଗାଯୋଗ କରିପାରିବେ ବୋଲି ଡବ୍ଲ୍ୟୁଏସ୍‌ସି ପକ୍ଷରୁ କୁହାଯାଇଛି।

## ଓଡ଼ିଶା ଠିକା ମଜଦୁର ମହାସଂଘର ବିକ୍ଷୋଭ

କଟକ,୭।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଠିକା ମଜଦୁର ମହାସଂଘ ପକ୍ଷରୁ ୫ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମାନ କାମକୁ ସମାନ ଦରମା, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ସାପ୍ତାହିକ ଛୁଟିର ବେତନ ଦେବା, ଖୁଣ୍ଟୁଣୀସ୍ଥିତ ବି.କେ. ଷ୍ଟିଲ କାରଖାନା ଆଗରେ ଦୀର୍ଘଦିନ ଧରି ଧାରଣାରେ ବସିଥିବା ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଓ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ମହାସଂଘ ପକ୍ଷରୁ ସ୍ମାରକପତ୍ରରେ ଦାବି କରାଯାଇଛି। ମହାସଂଘ ସଭାପତି ଅଶୋକ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ମଜଦୁର ସଂଘର ରାଜ୍ୟ କମିଟି ସଦସ୍ୟ ବସନ୍ତ କୁମାର ସାହୁ, କଟକ ଜିଲା ଉପସଭାପତି ବିନୋଦ ପତି, କମିଟି ସଦସ୍ୟ ଚନ୍ଦ୍ରଶେଖର ସାହୁ, ସବିତା ସାହୁ, ଅଶୋକ ସାମଲ, ସାରଦା ପାତ୍ର, ସୁକାନ୍ତ ଦାସ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅସିତ୍



@ ମୁନ୍‌ମୁନ୍



@ ରାଜେନ୍ଦ୍ର



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀରେ ପ୍ରତିଷ୍ଠା ହେବ ଗୁଣାତ୍ମକ ରୋଗୀକୈନ୍ଦ୍ରିକ ଏକୀକୃତ ମଡେଲ

- ଏମ୍‌ସ, ଆଇସିଏମ୍‌ଆର୍ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେବ
- ଦେଶର ୫ ଜିଲାରେ ପ୍ରକଳ୍ପ କରିବ ଆଇସିଏମ୍‌ଆର୍

ଭୁବନେଶ୍ୱର, ୭।୮ (ଅସମାପିକା ସାହୁ)



ଜାତୀୟସ୍ତରୀୟ ପରାମର୍ଶ ସମୀକ୍ଷା ବୈଠକରେ ପ୍ରକଳ୍ପର ଟ୍ରେନିଂ ମାନୁଆଲ ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଉଛି।

ଉନ୍ନତ ଜରୁରିକାଳୀନ ଚିକିତ୍ସା ବ୍ୟବସ୍ଥାର ବିକାଶ ଲକ୍ଷ୍ୟରେ ଆଇସିଏମ୍‌ଆର୍ ଏକ ଜାତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପ୍ରାଥମିକତା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଦେଶର ୫ ଜିଲାରେ ଜରୁରିକାଳୀନ ଚିକିତ୍ସା ବ୍ୟବସ୍ଥା ପାଇଁ ଏକ ଉଚ୍ଚ ଗୁଣାତ୍ମକ ରୋଗୀକୈନ୍ଦ୍ରିକ ଏକୀକୃତ ମଡେଲ (ହାଇ-କ୍ୱାଲିଟି ପାସେଣ୍ଟ-ସେଣ୍ଟ୍ରିକ ଇଣ୍ଟିଗ୍ରେଟେଡ ମଡେଲ) ପ୍ରତିଷ୍ଠା କରାଯିବ। ଏହି ୫ ଜିଲା ମଧ୍ୟରେ ଓଡ଼ିଶାର ପୁରୀ ରହିଛି। ଏହାଛଡ଼ା ପଞ୍ଜାବର ଲୁଧିଆନା, ମଧ୍ୟପ୍ରଦେଶର ଭିଦିଶା, ଗୁଜରାଟର ଭଦୋଦରା ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରିର ରାଜଧାନୀ ପଣ୍ଡିଚେରିଠାରେ ପ୍ରତିଷ୍ଠା ହେବ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ଏହା ମାଧ୍ୟମରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ସୂଚନା ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୁକ୍ତ ଉପକରଣ ଏବଂ ମ୍ୟାପିଂ ସୁବିଧା ଦ୍ୱାରା ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାର ଦୃଢ଼ୀକରଣ କରାଯିବାର ଲକ୍ଷ୍ୟ ରହିଛି। ଏଥିସହିତ ଆମ୍ବୁଲାନ୍ସ ସେବାରେ ଉନ୍ନତି, ଗୋଷ୍ଠୀର ଚାହିଦାକୁ ଦୃଷ୍ଟିରେ ରଖି ସେବା ପ୍ରଦାନ ଏବଂ ପ୍ରାଥମିକ ସ୍ତରର ସେବାପ୍ରଦାନକାରୀଙ୍କୁ ତାଲିମ ଆଦି ବ୍ୟବସ୍ଥା ରହିଛି। ହୃଦ୍‌ଘାତ, ମସ୍ତିଷ୍କାଘାତ, ସାପ କାମୁଡ଼ା, ବିଷପାନ, ଶ୍ୱାସକ୍ରିୟାଜନିତ ତଥା ନବଜାତକ ଓ ପ୍ରସବକାଳୀନ ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ ଜରୁରିକାଳୀନ ପରିସ୍ଥିତିକୁ ସମାଧାନ କରିବାରେ ଏହି ପ୍ରକଳ୍ପ ସହଯୋଗୀ ହେବ ବୋଲି ଡା. ବିଶ୍ୱାସ କହିଛନ୍ତି।

ଆଇସିଏମ୍‌ଆର ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ଏମ୍‌ସ ଭୁବନେଶ୍ୱର ରାଜ୍ୟରେ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛି। ଏନେଇ ବୁଧବାର ଏମ୍‌ସରେ ଏକ ଜାତୀୟସ୍ତରୀୟ ପରାମର୍ଶ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମଡେଲର ବିକାଶ ତଥା କାର୍ଯ୍ୟକାରୀ କରିବା ପାଇଁ ଏମ୍‌ସର ଅତିରିକ୍ତ ପ୍ରଫେସର ଡା. ଅରବିନ୍ଦ କୁମାର ସିଂଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ବୈଠକରେ ନୂଆଦିଲ୍ଲୀ ଆଇସିଏମ୍‌ଆର୍‌ର ଡା. ମୀନାକ୍ଷୀ ଶର୍ମାଙ୍କ ସମେତ ୫ ପ୍ରକଳ୍ପ ସ୍ଥାନର ପ୍ରମୁଖ ନିରୀକ୍ଷକ ଯୋଗଦେଇଥିଲେ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ଡିଏମଇଟି ଡା. ସନ୍ତୋଷ କୁମାର ମିଶ୍ର, ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପୁରୀର ଅଧୀକ୍ଷକ ଡା. କୌଶିକ ମିଶ୍ର, ପୁରୀ ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ଆଶୁତୋଷ ବିଶ୍ୱାସ ଏହି ପ୍ରକଳ୍ପର ଟ୍ରେନିଂ ମାନୁଆଲର ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରିଥିଲେ।

## ଚୌଦ୍ୱାର କଲେଜରେ ଜାତୀୟ ହସ୍ତତନ୍ତ ଦିବସ

ଚୌଦ୍ୱାର,୭।୮ (ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ, ପ୍ରଭାକର ମିଶ୍ର ଯୋଗଦେଇ ହସ୍ତତନ୍ତର ପ୍ରସାର ଓ ପ୍ରଚାର ପାଇଁ ସମସ୍ତେ ନିଷ୍ଠାର ସହ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଉତ୍କର୍ଷ ସେବା ପ୍ରଦାନ ପାଇଁ କଲେଜ ଯୁବ ରେଡ୍‌କ୍ରସକୁ ମିଳିଥିବା ସେବା ସର୍ବୋତ୍ତମ ପୁରସ୍କାରକୁ ଯୁବ ରେଡ୍‌କ୍ରସ୍‌ର ଅଧିକାରୀ ବସନ୍ତ କୁମାର ବିଶ୍ୱାଳ ଅଧ୍ୟକ୍ଷାଙ୍କୁ ପ୍ରଦାନ କରିଥିଲେ। ମୋହିତ କର, ପ୍ରମିଳାରାଣୀ ବେହେରା, ମମତା ସାହୁ, ସବିତା ମହାନ୍ତି, ହରପ୍ରିୟା ମହାପାତ୍ର, ଶରତ କୁମାର ମଲ୍ଲିକଙ୍କ ସମେତ ଅଧ୍ୟାପିକା ଓ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲାଲ୍‌ଚନ୍ଦ୍ ଗ୍ରୁପ୍‌ର ଶ୍ୟାମ ସୁନ୍ଦର ହଂସଙ୍କ ପରଲୋକ

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)



ହଂସ ପରିବାରର ଜ୍ୟେଷ୍ଠ ଭ୍ରାତା ତଥା ଲାଲ୍‌ଚନ୍ଦ୍ ଗ୍ରୁପ୍‌ର ପିତୃତୁଲ୍ୟ ବ୍ୟକ୍ତିତ୍ୱ ଶ୍ୟାମ ସୁନ୍ଦର ହଂସଙ୍କ ବୁଧବାର ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। ଶ୍ୟାମ ସୁନ୍ଦରଙ୍କ ୮୩ତମ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ତାଙ୍କର ବିୟୋଗ ଘଟିଛି। ଲାଲ୍‌ଚନ୍ଦ୍ ଗ୍ରୁପ୍‌ର ପରିଚାଳନା କର୍ତ୍ତୃପକ୍ଷ ଓ ସମସ୍ତ କର୍ମଚାରୀ ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ୟାମ ସୁନ୍ଦରଙ୍କ ବିୟୋଗରେ ହଂସ ପରିବାରରେ ଶୋକର ଛାୟା ଖେଳିଯାଇଛି। ବଡ଼ ଭାଇଙ୍କ ମୃତ୍ୟୁ ପରେ ବାପାଙ୍କୁ ହରାଇବା ପରି ଅନୁଭବ ହେଉଛି ବୋଲି ହଂସ ପରିବାରର କନିଷ୍ଠ ଭ୍ରାତା ତଥା ଲାଲ୍‌ଚନ୍ଦ୍ ଗ୍ରୁପ୍‌ର ଫାଉଣ୍ଡର ଚେୟାରମ୍ୟାନ୍ ସଞ୍ଜୟ ହଂସ ଦୁଃଖ ପ୍ରକାଶ କରି କହିଛନ୍ତି । ସେ କହିଛନ୍ତି, ଆଜି ମୁଁ ଯାହା ବି ହୋଇଛି, ମୋର ପ୍ରାରମ୍ଭିକ ବର୍ଷରେ ବଡ ଭାଇଙ୍କ ଅମୂଲ୍ୟ ମାର୍ଗଦର୍ଶନରୁ ହୋଇପାରିଛି। ମୋ ଉପରେ ବଡ଼ ଭାଇଙ୍କ ଆଶୀର୍ବାଦ ସର୍ବଦା ରହିଥିଲା ଏବଂ ଆଗକୁ ମଧ୍ୟ ଏମିତି ରହିବ ବୋଲି ଆଶା ରଖିଥିବା ସେ କହିଛନ୍ତି।

# ରେଲ୍‌ୱେ କୋଠା, ଲେଭଲ କ୍ରସିଂରେ ସ୍ଥାପନ ହେବ ସୌରଶକ୍ତି କେନ୍ଦ୍ର

**ବାର୍ଷିକ କ୍ଷମତା ୨୧୮୨୬ କେଡବ୍ଲ୍ୟୁପି**

ଭୁବନେଶ୍ୱର,୭।୮ (ଅନୁରାଧା ମହାରଣା)



ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୌରଶକ୍ତି କେନ୍ଦ୍ର।

ପୂର୍ବତଟ ରେଳପଥର ବିଭିନ୍ନ କୋଠା ଓ ଲେଭଲ କ୍ରସିଂ ଗେଟ୍‌ଗୁଡିକରେ ସୌରଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ ହେବ। ଭାରତୀୟ ରେଳର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଏସବୁ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବ। ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥର ୧୪୯ଟି ଷ୍ଟେଶନ ବିଲ୍ଡିଂ, ୨୪୮ଟି ସର୍ଭିସ ବିଲ୍ଡିଂ, ୬୯୨୪ଟି ଆବାସିକ ବିଲ୍ଡିଂ ଏବଂ ୩୬୬ଟି ଲେଭଲ କ୍ରସିଂ ଗେଟ୍‌ରେ ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ପୂର୍ବତଟ ରେଳପଥ ପ୍ରାୟ ୮୩.୭୯ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ କରିଛି, ଯେଉଁଥିରେ ଛାତ ଉପରେ ବିଭିନ୍ନ କ୍ଷମତା ବିଶିଷ୍ଟ ଗ୍ରୀଡ୍ ପ୍ଲାଣ୍ଟରେ ସୌରଶକ୍ତି ପ୍ଲାଣ୍ଟ ଓ ନବୀକରଣଯୋଗ୍ୟ ସୌରଶକ୍ତି ଉତ୍ସ ସ୍ଥାପନ କରିବ। ଏଥିରୁ ବାର୍ଷିକ ପ୍ରାୟ ୨୧୮୨୬ କେଡବ୍ଲ୍ୟୁପି ଶକ୍ତି ଉତ୍ପାଦନ ହେବ ଓ ବିଦ୍ୟୁତ୍ ଶକ୍ତି ବାବଦକୁ ବାର୍ଷିକ ବିଲ୍ ପ୍ରାୟ ୧୪ କୋଟି ଟଙ୍କା ଏବଂ କାର୍ବନ କ୍ରୟ ବାବଦକୁ ପ୍ରାୟ ୯୧.୪୧ ଲକ୍ଷ ଟଙ୍କା ସଞ୍ଚୟ କରିପାରିବ ବୋଲି ପୂର୍ବତଟ ରେଳପଥ ଆକଳନ କରିଛି। ପୂର୍ବତଟ ରେଳପଥର ସୂଚନାନୁସାରେ, ବ୍ରହ୍ମପୁର-ପଲାସା ରେଳ ସେକ୍ସନରେ ସୌରଶକ୍ତି ସ୍ଥାପନ ବାବଦରେ ପ୍ରାୟ ୦୯.୧୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ଭୁବନେଶ୍ୱର-କଟକ-ପାରାଦୀପ-ଭଦ୍ରକ ରେଳ ସେକ୍ସନ ପାଇଁ ୮.୮୬ କୋଟି, ଅନୁଗୋଳ ରେଳ ସେକ୍ସନ ପାଇଁ ୯.୪୮ କୋଟି ଟଙ୍କା, ଭୁବନେଶ୍ୱର ମୁଖ୍ୟାଳୟ ସମେତ ନିକଟସ୍ଥ ଅଞ୍ଚଳ ପାଇଁ ୯.୧୦ କୋଟି, ଖୋର୍ଦ୍ଧା ରୋଡ୍ - ପୁରୀ ରେଳ ସେକ୍ସନ ପାଇଁ ୮.୭୪ କୋଟି, ପାରାଦୀପ-କେନ୍ଦୁଝରଗଡ ରେଳ ସେକ୍ସନ ପାଇଁ ୮.୧୦ କୋଟି, ବିଶାଖାପାଟଣା ସେକ୍ସନ ପାଇଁ ୭.୨୫ କୋଟି, ବିଶାଖାପାଟଣା ଇଲେକ୍ଟ୍ରିକ ଲୋକୋ ଶେଡ୍ ଅଞ୍ଚଳ ପାଇଁ ୭.୧୦ କୋଟି, ଦୁଭାଡା-ପଲାସା ମୁଖ୍ୟ ଲାଇନ୍ ତଥା ନୌପଡା-ଗୁଣୁପୁର ଓ ବିଜୟନଗରମ-ରାୟଗଡା ଅଞ୍ଚଳ ପାଇଁ ୮.୭୮ କୋଟି ଏବଂ କୋଟାଭାଲାସା-କିରାଣ୍ଡୁଲ ରେଳ ଲାଇନ ଅଞ୍ଚଳରେ ସୌରଶକ୍ତି କେନ୍ଦ୍ର ସ୍ଥାପନ ଲାଗି ୭.୫୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଅନ୍ୟପକ୍ଷରେ ପୂର୍ବତଟ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୌରଶକ୍ତି କେନ୍ଦ୍ର ତଥା ନବୀକରଣଯୋଗ୍ୟ ଶକ୍ତି ଉତ୍ସ କ୍ଷମତା ବାର୍ଷିକ ପ୍ରାୟ ୬୭୯୦ କେଡବ୍ଲ୍ୟୁପି ରହିଛି। ସେହିଭଳି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅଧିକାଂଶ ସ୍ଥାନରେ ଲେଭଲ କ୍ରସିଂ ଗେଟ୍‌ଗୁଡିକରେ ମଧ୍ୟ ସୌରଶକ୍ତି ଓ ନବୀକରଣଯୋଗ୍ୟ ଶକ୍ତି ଉତ୍ସ ପ୍ରଣାଳୀ ସ୍ଥାପିତ ହୋଇଥିବା ସୂଚନା ଦିଆଯାଇଛି।

## ଦାମୋଦର ସାହୁ ପାଇବେ ଦ୍ୱିତୀୟ ସରଳା ଦେବୀ ପୁରସ୍କାର

ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ଓ ଜଗତ୍‌ସିଂହପୁର ବିକାଶ ପରିଷଦ ପକ୍ଷରୁ ଆସନ୍ତା ୯ ତାରିଖରେ ସରଳା ଦେବୀଙ୍କ ୧୨୧ତମ ଜୟନ୍ତୀ ତଥା ଅଗଷ୍ଟ କ୍ରାନ୍ତି ଦିବସ ପାଳନ କରାଯିବ। ଏହି ଅବସରରେ ସାମାଜିକ କର୍ମୀ ଦାମୋଦର ସାହୁଙ୍କୁ ଦ୍ୱିତୀୟ ସରଳା ଦେବୀ ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ୧୦ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯିବ। ଏଥିସହ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୭ଜଣଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେମାନେ ହେଲେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ହୋତା, ଲେଖିକା ଡ. ଅନିତା ପଣ୍ଡା, ଶିକ୍ଷାବିତ୍ ଜ୍ୟୋତ୍ସ୍ନା ମହାପାତ୍ର, ଗବେଷକ ଡ. ଭି. ରାଜେନ୍ଦ୍ର ରାଜୁ, ଲେଖିକା ରେଣୁକା ମିଶ୍ର, ସଂଗଠକ ଓ ପ୍ରଶାସକ ସୂର୍ଯ୍ୟରଞ୍ଜନ ମହାନ୍ତି ଓ ସାହିତ୍ୟ ସାଧକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସୂଚନା ଦେଇଛନ୍ତି।

# ତଳାବିରା: ୩ ଦଳର ବାକ୍‌ଯୁଦ୍ଧ

ଭୁବନେଶ୍ୱର,୭।୮(ସୁନିତ୍ ମିଶ୍ର)


ଟଙ୍କଧର ତ୍ରିପାଠୀ


ସିଏସ୍ ରାଜନ୍ ଏକ୍କା


ପ୍ରଦୀପ ଦିଶାରୀ

**ହିଣ୍ଡାଲ୍‌କୋକୁ ତଳାବିରା ଖଣି ଦେବାକୁ ଚିଠି ଲେଖିଥିଲେ ନବୀନ: ଟାର୍ଗେଟ କଲେ ଭାଜପା, କଂଗ୍ରେସ**

- ଯିଏ ନିର୍ମଳ ଭାବମୂର୍ତ୍ତି କଥା କହୁଥିଲେ ତଦନ୍ତ ପରେ ସବୁ ସାମ୍ନାକୁ ଆସିବ: ଟଙ୍କଧର
- ଯିଏ ଦାୟୀ, ବିରୋଧୀ ଦଳ ନେତା ହୁଅନ୍ତୁ ବା ଯିଏ ହୁଅନ୍ତୁ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ: ରାଜନ
- ଚିଠି ଲେଖିଥିଲେ ବୋଲି ନବୀନ ଦୁର୍ନୀତି କରିବାକୁ ସୁଯୋଗ ଦେଇଥିବା କହିବା ଭୁଲ୍: ପ୍ରଦୀପ

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କୋଇଲା ଦୁର୍ନୀତି ପ୍ରସଙ୍ଗକୁ ନେଇ ରାଜନୀତି ଜୋର୍ ଧରିଛି। ହିଣ୍ଡାଲ୍‌କୋ ନାଁରେ ସିବିଆଇ ଏତଲା ରୁଜୁକରିବା ପରେ ଅଡୁଆ ବଢ଼ିଥିବା କୁହାଯାଉଛି। ଯେହେତୁ ୨୦୦୫ରେ ହିଣ୍ଡାଲ୍‌କୋକୁ ତଳାବିରା ଖଣି ଦେବା ଲାଗି ସୁପାରିସ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ନବୀନ ଚିଠି ଲେଖିଥିଲେ ସେଥିଲାଗି ସେ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇପାରନ୍ତି। ତଳାବିରା ଖଣି ଲାଗି ପରିବେଶ ମଞ୍ଜୁରୀ ହାତେଇବା ପାଇଁ ହିଣ୍ଡାଲ୍‌କୋ ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ ରହିଛି। ଏହି ପ୍ରସଙ୍ଗରେ ଏବେ ନବୀନଙ୍କୁ ଉଭୟ ଭାଜପା ଏବଂ କଂଗ୍ରେସ ଟାର୍ଗେଟ କରିଥିବା ବେଳେ ପାଲଟା ଜବାବ ରଖିଛି ବିଜେଡି।

ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ବିଗତ ସରକାର ସମୟରେ ସମସ୍ତ ଆଇନକାନୁନ ଏବଂ ବିଧି ବ୍ୟବସ୍ଥାକୁ ଆଖି ବୁଜିଦେଇ ଅନେକ କାମ ହୋଇଥିଲା। ଏବେ ସିବିଆଇ ତଦନ୍ତରୁ ସବୁକଥା ସାମ୍ନାକୁ ଆସିବ। ଯେଉଁମାନେ ନିଜକୁ ନିର୍ମଳ ଭାବମୂର୍ତ୍ତି କହି ଆସୁଥିଲେ, ଯିଏ ଏଥିରେ ସାମିଲ ଥିବେ ସେମାନେ ସାମ୍ନାକୁ ଆସିବା ଦରକାର ବୋଲି ଟଙ୍କାଧର କହିଛନ୍ତି।

କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି, ଯେତେବେଳେ ସିବିଆଇ ତଦନ୍ତ ହେବ କିଏ କାହାକୁ ଅନୁକମ୍ପା ଦେଖାଇଥିବେ ତାହା ସାମ୍ନାକୁ ଆସିବ। ଆଉ ଯଦି ସବୁ ବିଷୟ ତର୍ଜମା ନ କରି କାହାକୁ ଖଣି ଦିଆଯାଇଥିବ ତାହ ମଧ୍ୟ ବାହାରକୁ ବାହାରିବ। ଯେଉଁମାନେ ଏଥିଲାଗି ଦାୟୀ ହୋଇଥିବେ ସେ ବିରୋଧୀ ଦଳ ନେତା କି ଆଉ ଯିଏ ହୋଇଥାଆନ୍ତୁ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ରାଜନ କହିଛନ୍ତି।

ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ୨୪ ବର୍ଷ ଶାସନ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସ୍ୱଚ୍ଛତା ଦେଖାଇ ଆସିଛନ୍ତି। ଚିଠି ଲେଖିବାରେ ଅସୁବିଧା କେଉଁଠି ରହିଲା। ଓଡ଼ିଶାର ବିକାଶ ଲାଗି ଯଦି କିଛି ଭଲ କାମ ହେବାକୁ ଯାଉଛି ସେଥିପାଇଁ ଚିଠି ଦିଆଯାଇଥିଲା, ହେଲେ ସେଥିରେ ଅସୁବିଧା କ'ଣ ରହିଲା। ତେଣୁ ଚିଠି ଲେଖିଥିଲେ ବୋଲି ତତ୍କାଳୀନ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଦୁର୍ନୀତି କରିବାକୁ ସୁଯୋଗ ଦେଇଥିବା କହିବା ଭୁଲ୍ ବୋଲି ପ୍ରଦୀପ କହିଛନ୍ତି।

# ଭାରତରେ ଉପୁଜିପାରେ ବାଂଲାଦେଶ ସ୍ଥିତି: ଖୁର୍ସିଦ

ନୂଆଦିଲ୍ଲୀ,୭।୮


କଂଗ୍ରେସ ନେତା ସଲମାନ୍ ଖୁର୍ସିଦ

ବରିଷ୍ଠ କଂଗ୍ରେସ ନେତା ସଲମାନ୍ ଖୁର୍ସିଦ ବାଂଲାଦେଶ ସହ ଭାରତକୁ ତୁଳନା କରି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ପଡ଼ୋଶୀ ଦେଶରେ ଯାହା କିଛି ଘଟୁଛି ଭାରତରେ ସବୁ ସ୍ୱାଭାବିକ ମନେହେଉଥିଲେ ମଧ୍ୟ ତାହା ଘଟିପାରେ ବୋଲି ଖୁର୍ସିଦ କହିଛନ୍ତି। ଖୁର୍ସିଦଙ୍କ ମନ୍ତବ୍ୟ ସହିତ ସହମତି ପ୍ରକାଶ କରି ଏମ୍‌ପି ପପୁ ଯାଦବ କହିଛନ୍ତି, ବର୍ତ୍ତମାନର ପ୍ରଧାନମନ୍ତ୍ରୀ କ୍ଷମତାସୀନ ଥିବା ଯାଏ ଭାରତରେ କିଛି ପରିବର୍ତ୍ତନ ହେବ ନାହିଁ। ପ୍ରଧାନମନ୍ତ୍ରୀ କ୍ଷମତାରୁ ଯିବା ପରେ ସବୁ ସମ୍ଭବପର ହେବ। ଏହା ଉପରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ଖୁର୍ସିଦ ବାଂଲାଦେଶ ଭଳି ସଙ୍କଟ ଭାରତରେ ସୃଷ୍ଟି ହୋଇପାରେ ବୋଲି ସଙ୍କେତ ଦେବା ନିନ୍ଦନୀୟ। କଂଗ୍ରେସ ଅରାଜକତା ବିସ୍ତାର ଏବଂ ପଛଦ୍ୱାର କୌଶଳ ଅବଲମ୍ବନ କରି ଦେଶକୁ ଧ୍ୱଂସ କରିବାକୁ ଉଦ୍ୟମ ଚଳାଇଛି। କେନ୍ଦ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁ କହିଛନ୍ତି, ଖୁର୍ସିଦ ଭାରତରେ ନ ରହି ବାଂଲାଦେଶ ଚାଲିଯିବା ଉଚିତ।

# ଆନ୍ଧ୍ର ହସିବ, ଓଡ଼ିଶା କାନ୍ଦିବ: ବ୍ରଜ ତ୍ରିପାଠୀ

**ପୋଲାଭରମ୍ ରାଜନୀତି**

ମାଲକାନଗିରି/ଏମ୍‌ଭି, ୭୯, ୭।୮(ଦୁର୍ଯ୍ୟୋଧନ ପାତ୍ର/ଭିକି ବାରିକ)


ମାଲକାନଗିରି ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆମ ଜନତା ଅଧିକାର ମଞ୍ଚ ଆବାହକ ବ୍ରଜକିଶୋର ତ୍ରିପାଠୀ ଓ ଅନ୍ୟମାନେ ।

ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ। ଜିଲାରେ କେତେ କ୍ଷୟକ୍ଷତି ହେବ ଏହାର ଆକଳନ ଓ ସମୀକ୍ଷା ପାଇଁ ଆମ ଜନତା ଅଧିକାର ମଞ୍ଚ କର୍ମକର୍ତ୍ତାମାନେ ବୁଧବାର ପୋଲାଭରମ୍ ଯୋଗୁ କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କ ନେତୃତ୍ୱରେ ସଦସ୍ୟମାନେ ମଙ୍ଗଳବାର ଜିଲାପାଳ ସଚିନ ପାୱାରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବୁଧବାର ମୋଟୁ ତହସିଲର ମୋଟୁ, ବିନାୟକପୁର, ଆଲମା, ମୁଗୀ ପଏଣ୍ଟ ଓ ଛତିଶଗଡ଼ ଦ୍ୱାରା ନିର୍ମିତ ସାବେରୀ ସେତୁ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। କୌଣସି କ୍ଷୟକ୍ଷତି ଆକଳନ ନ କରି ଆନ୍ଧ୍ର ସରକାର ପୋଲାଭରମ୍ ପ୍ରକଳ୍ପ କରୁଥିବାରୁ ମୋଟୁର ତଳ ଅଞ୍ଚଳରେ ଥିବା ଗାଁଗଣ୍ଡା ସହ ଜଙ୍ଗଲ ଜମି ଓ ଚାଷଜମି ବୁଡ଼ିଯିବା ଆଶଙ୍କା ରହିଛି ବୋଲି ବ୍ରଜ କହିଛନ୍ତି। ତେଣୁ ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ସହିତ କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ଅଞ୍ଚଳ ବୁଲି ସାରିବାପରେ ମାଲକାନଗିରି ସର୍କିଟ ହାଉସ୍‌ରେ ଖବରଦାତା ସମ୍ମିଳନୀ କରିଥିଲେ, ଯେଉଁଥିରେ ସେମାନେ ପୋଲାଭରମ୍ ପ୍ରକଳ୍ପ ଯୋଗୁ ହେବାକୁ କ୍ଷୟକ୍ଷତିର ଆକଳନ ବିଷୟରେ ଉପସ୍ଥାପନ କରି ରାଜ୍ୟ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଥିଲେ। ପ୍ରକଳ୍ପ ପାଇଁ ଆନ୍ଧ୍ର ହସିବ, ଓଡିଶା କାନ୍ଦିବ । ଏହା ଆମେ ବରଦାସ୍ତ କରିବୁ ନାହିଁ। କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ଚଳିତ ବଜେଟରେ ଅନୁଦାନ ଦେଇଛନ୍ତି। ଏହି ପ୍ରକଳ୍ପ ଯୋଗୁ ଓଡିଶାର କ୍ଷତି ହେବ। ଯାହାକୁ ନେଇ କେନ୍ଦ୍ର ସରକାରଙ୍କର କୌଣସି ଚିନ୍ତା ନାହିଁ, ତେଣୁ ଓଡିଶା ପାଇଁ ଆମେ ଚିନ୍ତିତ। ସିଲେରୁ ଓ ସାବେରୀ ନଦୀରେ ପ୍ରକଳ୍ପ ପାଇଁ ପଛୁଆ ଜଳ ଆସି ମାଲକାନଗିରି ଜିଲାର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେବ। ଏଣୁ ଏହା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଖବରଦାତା ସମ୍ମିଳନୀରେ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ଆମ ଜନତା ଅଧିକାର ସଂଗଠନର ଆବାହକ ମନୋଜ ଜେନା, ରାଜ୍ୟ ଅଭିଭାବକ ସଂଘ ଆବାହକ ବାସୁଦେବ ଭଟ୍ଟ, ପୂର୍ବତନ ବିଧାୟକ ନିମାଇଁ ସରକାର, କାଳିମେଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ ମାଲା ମାଢ଼ି ଓ ଜିଲା କଂଗ୍ରେସର କେତେ ଜଣ ନେତା ସାମିଲ ହୋଇଥିଲେ।

**ଧର୍ମଶାଳା ବିଧାୟକଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ**

# ଯାଜପୁର ଜିଲା ଛାତ୍ର ବିଜେଡି ସଭାପତି ଗିରଫ

ଧର୍ମଶାଳା/ କାଏମା,୭।୮
(ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି)


ସୌମ୍ୟ ପ୍ରକାଶ ବିଶ୍ୱାଳ

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରି ଯାଜପୁର ଜିଲା ଛାତ୍ର ବିଜେଡିର ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ବୁଧବାର ଗିରଫ ହୋଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ବିଧାୟକ ସାହୁଙ୍କ ନେତୃତ୍ୱରେ ଅନେକ ଯୁବକ ବିଜେଡି ଛାଡ଼ି ଭାଜପାରେ ଯୋଗଦେଉଥିବାରୁ ଏଥିରେ ଅଧୈର୍ଯ୍ୟ ହୋଇ ସୌମ୍ୟ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିଥିଲେ। ଏନେଇ ବିଧାୟକଙ୍କ ସମର୍ଥକ କୁମାରୀ ପଞ୍ଚାୟତ ଦେଉଳି ଗ୍ରାମର ରାଜେଶ ପାଲ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା। ସୌମ୍ୟପ୍ରକାଶ ଏହି ଥାନା ଅଧୀନ ବଡ଼ମଙ୍ଗଳପୁରସ୍ଥିତ ତାଙ୍କ ଘରେ ଥିବାବେଳେ ପୋଲିସ ସକାଳୁ ତାଙ୍କୁ ଘରୁ ଉଠାଇ ଆଣି କୌଣସି ଏକ ସ୍ଥାନରେ ଅଟକ ରଖି ପଚରାଉଚରା କରିଥିଲା। ପରେ ଅପରାହ୍ନରେ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିଲା। ସୌମ୍ୟପ୍ରକାଶ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅତି ନିକଟତର ଥିଲେ। ଜିଲା ଛାତ୍ର ବିଜେଡି ସଭାପତିଙ୍କ ଏଭଳି ଗିରଫଦାରି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଥାନାରେ ନଂ.୬୧୫/୨୪ରେ ଏକ ମାମଲା ରୁଜୁ ହୋଇଛି।

# ବିଧାୟକଙ୍କ ବଦଳରେ ପୁଅ ଦେଲେ ଶୁଭ


ଫଳକ ନିକଟରେ ସିମୁଳିଆ ବିଧାୟକଙ୍କ ପୁଅଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟ।

**ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ଫଳକ ଉନ୍ମୋଚନ**
**ସମିତିସଭ୍ୟଙ୍କ ନାଁ ନ ଥିବାରୁ ଅସନ୍ତୋଷ**

ସିମୁଳିଆ, ୭।୮
(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ଶୁଭ ଫଳକ ଉନ୍ମୋଚନକୁ ନେଇ ରାଜନୀତି ଜୋର୍ ଧରିଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ପୁଅ ଅଂଶୁମାଧବ ଏହି ଫଳକର ଉନ୍ମୋଚନ ସହ ଶୁଭ ଦେଇଥିଲେ। ଅପରପକ୍ଷେ ଫଳକରେ ବିଜେଡି ସମର୍ଥିତ ସ୍ଥାନୀୟ ସମିତିସଭ୍ୟ ଗଜେନ୍ଦ୍ର ସେଠୀଙ୍କ ନାମ ବାଦ ପଡିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

ଜାତୀୟ ସ୍ୱାସ୍ଥ୍ୟମିଶନ ଯୋଜନାରେ ୩୧ଲକ୍ଷ ୪୮ହଜାର ୫୧୬ଟଙ୍କା ବ୍ୟୟ ଅଟକଳରେ ସ୍ଥାନୀୟ ବାଉରିପଦା ପଞ୍ଚାୟତର ବାଉରିପଦା ପ୍ରାଥମିକ ବିଦ୍ୟାଳୟ ନିକଟରେ ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ପାଇଁ ବ୍ୟୟବରାଦ ହୋଇଛି। ସିମୁଳିଆ ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ତେବେ ମଙ୍ଗଳବାର ଅପରାହ୍ନରେ ଏହି ଗୃହ ନିର୍ମାଣ ପାଇଁ ଶୁଭ ଦିଆଯିବା ସହିତ ଅତିଥିମାନଙ୍କ ନାମଫଳକ ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ରୂପେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ଜିଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ,ସରପଞ୍ଚ ଧରଣୀଧର ନାୟକ ଓ ସମିତିସଭ୍ୟ ଗଜେନ୍ଦ୍ର ସେଠୀ ଯୋଗଦେବାର ଥିଲା। ସରପଞ୍ଚ ଓ ସମିତିସଭ୍ୟ ଏହି ଉତ୍ସବରେ ଉପସ୍ଥିତ ଥିବାବେଳେ ଅନ୍ୟ ଅତିଥି ଆସି ନ ଥିଲେ। ବିଧାୟକଙ୍କ ବଦଳରେ ତାଙ୍କ ପୁଅ ଅଂଶୁମାଧବ ପଣ୍ଡା ଫଳକ ଉନ୍ମୋଚନ ସହ ଶୁଭ ଦେଇଥିଲେ। ଅପରପକ୍ଷେ ସମିତିସଭ୍ୟଙ୍କ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେଉଥିବାବେଳେ ଦଳୀୟ ମତଭେଦକୁ କେନ୍ଦ୍ର କରି ତାଙ୍କ ନାମ ନ ରହିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ସମ୍ପର୍କରେ ସମିତିସଭ୍ୟ ଗଜେନ୍ଦ୍ର ସେଠୀ କହିଛନ୍ତି, ଫଳକରେ ନାମ ନ ରହିବା ବଡ଼ କଥା ନୁହେଁ, ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସିମୁଳିଆ ବ୍ଲକ ବାଉରିପଦା ପଞ୍ଚାୟତର ୮ ଓ ଖଇରା ବ୍ଲକ ମାଖନପୁର ପଞ୍ଚାୟତର ୪ଟି ଗ୍ରାମର ଲୋକେ ଉପକୃତ ହେବେ ତାହା ହିଁ ବଡ କଥା। ତେବେ ବିଧାୟକଙ୍କ ବଦଳରେ ତାଙ୍କ ପୁଅ କାର୍ଯ୍ୟକ୍ରମରେ ଯୋଗଦେବା ଅନୁଚିତ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଧରଣୀଧର ନାୟକ କହିଛନ୍ତି, ପୂର୍ବରୁ ଏହି ଉତ୍ସବ ସ୍ଥିର କରାଯାଇଥିଲା। ଠିକାଦାର ଏଥିପାଇଁ ସମସ୍ତ ଯୋଗାଡ଼ କରିଦେଇଥିଲେ। ହଠାତ୍ ବିଧାୟକ ଓ ଅନ୍ୟ ଅତିଥିମାନେ ଅନୁପସ୍ଥିତ ରହିବା ଯୋଗୁ ବିଧାୟକଙ୍କ ବଦଳରେ ତାଙ୍କ ପୁଅ ଶୁଭ ଦେଇଥିଲେ ବୋଲି ସରପଞ୍ଚ କହିଛନ୍ତି। ଅପରପକ୍ଷେ ଗଣମାଧ୍ୟମକୁ ସୂଚନା ଦିଆ ନ ଯାଇ ଶୁଭ ଦେବା ଘଟଣାକୁ ଖବରଦାତା ମହଲରେ ନାପସନ୍ଦ କରାଯାଇଛି।

# ଏନ୍‌ସିଇଆର୍‌ଟି ପୁସ୍ତକରୁ ସମ୍ବିଧାନର ପ୍ରସ୍ତାବନାକୁ ହଟାଇଦେଇଛି କେନ୍ଦ୍ର: କଂଗ୍ରେସ

ନୂଆଦିଲ୍ଲୀ,୭।୮

**ଖଣ୍ଡନ କଲେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର**

କେନ୍ଦ୍ର ସରକାର ଏନ୍‌ସିଇଆର୍‌ଟିର କେତେକ ପାଠ୍ୟପୁସ୍ତକରୁ ଭାରତୀୟ ସମ୍ବିଧାନର ପ୍ରସ୍ତାବନାକୁ ହଟାଇଦେଇଛନ୍ତି। ଦେଶ ଉପରେ ସାମ୍ପ୍ରଦାୟିକ ବିଚାରଧାରା ଲଦି ଦେବାକୁ ସରକାର ଉଦ୍ୟମ କରୁଥିବା କଂଗ୍ରେସ ଅଭିଯୋଗ ଆଣିଛି।

କଂଗ୍ରେସ ରାଜ୍ୟ ସଭାରେ ବୁଧବାର ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଶୂନ୍ୟକାଳରେ କହିଥିଲେ, ପ୍ରସ୍ତାବନା ହେଉଛି ସମ୍ବିଧାନର ଆତ୍ମା ଓ ମୂଳଦୁଆ। ପୂର୍ବରୁ ଏନ୍‌ସିଇଆର୍‌ଟିର ସବୁ ବହିରେ ଏହା ପ୍ରକାଶ ପାଉଥିଲା। ରାଜନୈତିକ ଗଣତନ୍ତ୍ର ସାମାଜିକ ଗଣତନ୍ତ୍ରର ଭିତ୍ତି ନ ହେଲେ ଏହା ତିଷ୍ଠି ରହିପାରିବ ନାହିଁ। ଅର୍ଥାତ୍ ସ୍ୱାଧୀନତା, ସମାନତାକୁ ସ୍ୱୀକୃତି ଦେଉଥିବା ଜୀବନ ଧାରଣର ପଦ୍ଧତି ହେଉଛି ଜୀବନର ସିଦ୍ଧାନ୍ତ। ଏହା ଉପରେ ଭବିଷ୍ୟତ ପିଢ଼ି ଶିକ୍ଷାଲାଭ କରିବା ଜରୁରୀ। ଛାତ୍ରୀଛାତ୍ରମାନେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ବି.ଆର୍. ଆମ୍ବେଡକର, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ସମ୍ପର୍କରେ ଜାଣିବା ଉଚିତ। କିନ୍ତୁ ଭାଜପା ଏବଂ ଏହାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପାଠ୍ୟକ୍ରମରୁ ଏସବୁକୁ ହଟାଇ ଲୋକଙ୍କ ଉପରେ ସାମ୍ପ୍ରଦାୟିକ ବିଚାରଧାରା ଲଦିଦେବାକୁ ଉଦ୍ୟମ କରୁଛନ୍ତି। ଏନ୍‌ସିଇଆର୍‌ଟି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପଯୁକ୍ତ ନୁହେଁ ବୋଲି ଖାର୍ଗେ କହିଥିଲେ। ଶାସକ ପକ୍ଷ ଏହାକୁ ବିରୋଧ କରି ଓଲଟା କଂଗ୍ରେସ ବିରୋଧରେ ଅଭିଯୋଗ ଆଣିଥିଲେ। ଏହା ଉପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, କଂଗ୍ରେସର ଅଭିଯୋଗ ଭିତ୍ତିହୀନ। ବର୍ତ୍ତମାନ ସୁଦ୍ଧା ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବହି ଛପା ହୋଇଛି। ଷଷ୍ଠ ଶ୍ରେଣୀର ବହିଗୁଡ଼ିକରେ ମଧ୍ୟ ପ୍ରସ୍ତାବନା ରହିଛି। ଏହାକୁ ହଟାଇ ଦିଆଯାଇଛି କହି କଂଗ୍ରେସ ମିଛ ବିସ୍ତାର କରୁଛି।

GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OFFICE OF THE MUNICIPAL COUNCIL, SUNDARGARH
No.2925/Dt.06.08.2024
No.C-376: **e-Procurement Notice**
**Sundargarh Municipality, Sundargarh**

| | |
|---|---|
| Tender Call Notice No. | : No.2877/Dt.03.08.2024 |
| Bid Identification No. | : EO/SNGM/W_01/2024-25 |
| Tender ID | : 2024_ORULB_104124_1 |
| Nature of Works | : Civil Works |
| Number of Works | : 01 (One) No. |
| Tender Value | : 70.74 Lakhs |
| Available Period | : Dt.08.08.2024 from 11.30 hours to dt.23.08.2024 by 17.30 hours. |
| Tender Opening Date | : Dt.27.08.2024 at 11.30 hours |

Bidders are requested read the NIT & DTCN and Participate with their Class-II DSC before closing date at www.tendersodisha.gov.in.

Sd./- Executive Officer
Sundargarh Municipality
OIPR-13130/11/0004/2425

ZILLA SWASTHYA SAMITI, ANGUL
O/o. The Chief District Medical & Public Health Officer, Angul
TENDER CALL NOTICE FOR SUPPLY OF GAZELLE HB VARIANT TEST MULTIPACK
No. 1552 Date: 06.08.24
No. E-187: Sealed tenders are invited from Registered Agencies/ Firms/Suppliers for SUPPLY OF GAZELLE HB VARIANT TEST MULTIPACK. Details regarding eligibility criteria, terms & conditions and the formats of submission of tender (Technical & Price Bid) may be downloaded from the website i.e. **www.angul.odisha.gov.in**. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/ finalisation of the same may change in case of any emergency/ exigency. The typographical error (if any) may be exempted.
OIPR-10142/11/0003/2425 Sd./- CDM & PHO, Angul

OFFICE OF THE NOTIFIED AREA COUNCIL
KASHINAGAR, GAJAPATI
e-Mail : kasinagarn.hud@nic.in
Letter No.: 1358/NAC Date : 06.08.2024
EXPRESSION OF INTEREST
No.C-369: The Executive Officer, NAC, Kashinagar invites Expression of Interest (EOI) in sealed covers from the intending Architect / Consulting firms for preparation of DPR for following project (s) : (1) Construction of Smart Park and (2) Construction of Model Crematorium.

| | |
|---|---|
| Sale of Schedule Paper (Start Date) | 07.08.2024, 10.00 AM |
| Sale of Schedule Paper (End Date) | 21.08.2024, up to 05.30 PM |
| Last date of Receipt of Schedule Paper | 21.08.2024 up to 05.30 PM |
| Opening of Bid | 22.08.2024, 11.30 AM at Conference Hall |

The detail of EOI document will be available in the District website of Gajapati i.e : https://gajapati.odisha.gov.in/ from 07.08.2024 to 21.08.2024.
The authority reserve the right to reject any or all the EOI without assigning any reason thereof.
Sd./- Executive Officer
N.A.C. Kashinagar, Gajapati
OIPR -

GOVERNMENT OF ODISHA
DEPARTMENT OF HANDLOOMS TEXTILES & HANDICRAFTS
TENDER CALL NOTICE FOR SELECTION OF AGENCY FOR PROVIDING MANPOWER SERVICE FOR HT&H DEPARTMENT
No. HTH-OEI-MEET-0003-2024/I-OE-34-2024/4772/HT&H, Dated: 06.08.2024
No. PP-12: Handlooms, Textiles & Handicrafts Department, Govt. of Odisha invites "Tender" in two bids i.e. Technical Bid and Financial Bid in sealed cover along with requisite documents from interested and experienced service providers for providing manpower service for Handlooms, Textiles & Handicrafts Department.
The bid document can be downloaded from the website: **http://handloom.odisha.gov.in**. The last date of receipt of the sealed offers in the office at HT&H Department is upto 05.00 P.M. **on Dtd.27.8.2024 by Speed Post/Registered Post/Courier** only. The "Technical Bids" will be opened **at 11.00 A.M. on Dtd.29.08.2024** in presence of bidders or their authorized representatives. Without the authorization letter, the representative of bidder will not be allowed to attend the opening of the bid. The "Financial Bids" of qualifying bidders will be opened on a suitable date and time under intimation to the qualified bidders.
The bidders have to submit documents as specified along with technical bid in conformity with the detail terms & conditions in tender.
The authority reserves the right to accept or reject any or all the offers without assigning any reason thereof.
Sd./- Deputy Secretary to Government
OIPR-31001/11/0001/2425

GOVERNMENT POLYTECHNIC, SAMBALPUR (RENGALI)
At./P.O - Rengali-768212, Dist.-Sambalpur, Phone : 06632560070
E-mail : gpsambalpurprincipal@gmail.com, Website : gpsambalpur.com
WALK-IN-INTERVIEW FOR GUEST FACULTIES
No.KK-103 : Interested candidates having requisite qualification as mentioned below may attend the Walk-in-Interview on 13.08.2024 along with ORIGINAL CERTIFICATES & MARKSHEETS and SELF ATTESTED PHOTOCOPIES (02 SETS) as per the schedule below for engagement of GUEST FACULTIES (GF) during the academic session 2024-25. Remuneration will be paid at rates approved by Govt. of Odisha.

| | |
|---|---|
| 13.08.2024 Reporting Time - 10:30 AM | Guest Faculty in Civil / Electrical / Electronics & Telecommunication / Mechanical Engg. / Computer Application / Mathematics / Physics |
| QUALIFICATION FOR GF | 1st class (60%) or equivalent in B.E / B.TECH / MCA / M.Sc. in the concerned discipline. Weightage will be given to candidates with teaching experience in Degree / Diploma Engg. Institutions supported by authentic certificate to the effect. |

N.B :- 1) No TA & DA will be admissible for attending the walk in interview.
2) Authority reserves the right to cancel the notification without assigning any reason thereof.
Sd./- Principal
Govt. Polytechnic, Sambalpur
Rengali - 768212 (Odisha)
OIPR-14116/11/0001/2425

ZILLA SWASTHYA SAMITI, BARGARH
Dept. of Health & Family Welfare, Govt. of Odisha
District Head Quarter Hospital,Bargarh-768028
Phone/Fax:06646-231763
Advt.No.67/NHM, BARGARH/2024-25 Date:07.08.2024
REQUEST FOR PROPOSAL (RFP) FOR SELECTION OF AGENCY TO PROVIDE HOUSE KEEPING SERVICES, SECURITY SERVICES AND MECHANIZED LAUNDRY SERVICES
**No.E-189:**Sealed bids are invited from registered firms / Company / Society / Limited Liability Partnership / Trust for Outsourcing of House Keeping Services, Security Services and Mechanized Laundry Services at Govt. Health Institutions of Bargarh. Details regarding eligibility criteria, terms & conditions and formats for submission of RFP (Technical & Price bid) are mentioned in the tender documents which may be downloaded from the website: **www.bargarh.odisha.gov.in.** Interested bidders has to submit their bids in a sealed envelope superscribing on the top of the sealed envelope as **"Request for Proposal (RFP) - Selection of Agency for Outsourcing of Housekeeping Services / Security Services / Mechanized Laundry Services at Govt. Health Institutions of Bargarh".** Bid documents should reach to the office of the undersigned on or before Dt.31.08.2024 4 P.M. through Speed Post/ Regd. Post/ Courier only and will be opened on Dt.03.09.2024 at 11.00 A.M. Pre-Bid meeting will be held on dt.14.08.2024, 11.00 A.M. in the conference hall of the undersigned. The undersigned reserves the right to reject any or all the bid documents without assigning any reason thereof. The authority is not responsible for any postal delay.
OIPR-10124/11/0004/2425 Sd./- Chief District Medical & Public Health Officer, Bargarh

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆର୍‌ଆଇଏଲ୍‌ର ରେକର୍ଡ ପରିମାଣର ଟିକସ ପ୍ରଦାନ

- ■୨୦୨୩-୨୪ ଆର୍ଥିକ ବର୍ଷରେ ୧.୮୬ ହଜାର କୋଟି ଟଙ୍କାରୁ ଅଧିକ ଟିକସ
- ■୨୦ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜିକରଣ ହାସଲରେ ପ୍ରଥମ ଭାରତୀୟ କମ୍ପାନୀ
- ■୭ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କାର ମୋଟ ରାଜସ୍ୱ ହାସଲ
- ■୩ ଲକ୍ଷ କୋଟି ଟଙ୍କାର ରପ୍ତାନି
- ■ସିଏସ୍‌ଆର୍ ବାବଦରେ ୧୫୯୨ କୋଟି ଟଙ୍କା ଖର୍ଚ୍ଚ


ମୁକେଶ ଅମ୍ବାନୀ

**ମୁମ୍ବାଇ,୭।୮**

ଦେଶର ପ୍ରମୁଖ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ଆର୍‌ଆଇଏଲ୍) ରେକର୍ଡ ପରିମାଣର ଟିକସ ସରକାରୀ ରାଜକୋଷରେ ଜମା କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧,୮୬,୪୪୦ କୋଟି ଟଙ୍କା ଟିକସ ପ୍ରଦାନ କରିଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ଗତ ବର୍ଷର ଟିକସ ୯ ହଜାର କୋଟି ଟଙ୍କାରୁ ଅଧିକ ରହିଛି ବୋଲି କମ୍ପାନୀର ବାର୍ଷିକ ରିପୋର୍ଟରେ ଏହା ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ଦେଶର ଅର୍ଥବ୍ୟବସ୍ଥାରେ ଆର୍‌ଆଇଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୨୦ଲକ୍ଷ କୋଟି ଟଙ୍କାର ବଜାର ପୁଞ୍ଜିକରଣ ହାସଲ ସହ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଥିବା ରିଲାଏନ୍ସ ଭାରତର ପ୍ରଥମ କମ୍ପାନୀ ହୋଇପାରିଛି। ଏପରିକି ଅନ୍ୟ କୌଣସି ଭାରତୀୟ କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଅଙ୍କ ଛୁଇଁପାରିନାହାନ୍ତି। ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୨୭% ବୃଦ୍ଧି ହୋଇଛି। ମାର୍କେଟ କ୍ୟାପିଟାଲାଇଜେଶନ ଅର୍ଥାତ୍ ବଜାର ପୁଞ୍ଜିକରଣ ଦୃଷ୍ଟିରୁ ରିଲାଏନ୍ସର ମୋଟ ରାଜସ୍ୱ ୧୦ଲକ୍ଷ କୋଟି ଟଙ୍କାର ନୂତନ ମାଇଲଖୁଣ୍ଟ ଅତିକ୍ରମ ସହ କମ୍ପାନୀ ବିଶ୍ୱର ୪୮ ତମ ସ୍ଥାନରେ ରହିଛି।

ସେହିପରି ରପ୍ତାନି କ୍ଷେତ୍ରରେ ରିଲାଏନ୍ସ ଦେଶର ମେରୁଦଣ୍ଡକୁ ମଧ୍ୟ ମଜଭୁତ କରୁଛି। ଗତ ଆର୍ଥିକ ବର୍ଷରେ ରିଲାଏନ୍ସ ପ୍ରାୟ ୩ଲକ୍ଷ କୋଟି ଟଙ୍କାର ରପ୍ତାନି କରିଥିଲାବେଳେ କେବଳ ରପ୍ତାନିରେ ନୁହେଁ ଦେଶର ପୁଞ୍ଜିଗତ ସମ୍ପତ୍ତି ନିର୍ମାଣରେ ମଧ୍ୟ ରିଲାଏନ୍ସ ସବୁଠାରୁ ବଡ଼ ଯୋଗଦାନକାରୀଙ୍କ ମଧ୍ୟରେ ଅନ୍ୟତମ ରହିଛି। କମ୍ପାନୀର ବାର୍ଷିକ ରିପୋର୍ଟ ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ରିଲାଏନ୍ସ ୧ଲକ୍ଷ ୩୫ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରିଛି।

ଏ ସମ୍ପର୍କରେ ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ବିଶ୍ୱର ଆର୍ଥିକ ଦୃଶ୍ୟପଟରେ ଭାରତର ଗୁରୁତ୍ୱ ବହୁଗୁଣିତ ହୋଇଛି। ଏପରିକି ଅସ୍ଥିରତା ଏବଂ ଅନିଶ୍ଚିତତାର ଏହି ଦୁନିଆ ମଧ୍ୟରେ ଭାରତ ସ୍ଥିରତା ଏବଂ ସମୃଦ୍ଧିର ପ୍ରତୀକ ଭାବେ ଉଭାହୋଇଛି। ସେହିଭଳି ଦେଶର ସମସ୍ତ କ୍ଷେତ୍ରଗୁଡିକରେ ଦୃଢ଼ ଅଭିବୃଦ୍ଧି ଆଡକୁ ଗତି କରୁଛି, ଯାହା ୧୪୦ କୋଟି ଭାରତୀୟଙ୍କ ସାମୂହିକ ପ୍ରୟାସର ଫଳ ବୋଲି କୁହାଯାଉଛି। ଭାରତ ଏବଂ ଭାରତୀୟତାର ଏହି ଭାବନା ହିଁ ରିଲାଏନ୍ସକୁ ନିରନ୍ତର ନବସୃଜନ କରିବା ଏବଂ ପ୍ରତ୍ୟେକ ପ୍ରୟାସରେ ଉତ୍କୃଷ୍ଟତା ହାସଲ କରିବାକୁ ପ୍ରେରିତ କରିଥାଏ। ଭାରତର ଅଭିବୃଦ୍ଧି କାହାଣୀର ଏକ ଅଂଶ ହେବା ଏବଂ ଏହାର ଚମତ୍କାର ଅଭିବୃଦ୍ଧିରେ ଯୋଗଦାନ କରିବା ରିଲାଏନ୍ସ ପରିବାର ପାଇଁ ଗର୍ବର ବିଷୟ ବୋଲି ଅମ୍ବାନୀ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସମାଜ ପ୍ରତି ଏହାର ଦାୟିତ୍ୱ ନିର୍ବାହକରି କମ୍ପାନୀ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ବାବଦରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧,୫୯୨ କୋଟି ଟଙ୍କା ଖର୍ଚ୍ଚ କରିଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୩୦୦କୋଟି ଟଙ୍କା ଅଧିକ ବୋଲି କୁହାଯାଉଛି।

## ଭାରତ ମସଲାର ସମ୍ପର୍କ ଯାତ୍ରା ରଥ ଉଦ୍‌ଘାଟିତ



ଭାରତ ମସଲାର 'ଭାରତ ସମ୍ପର୍କ ଯାତ୍ରା ରଥ'କୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ଏହି ଅବସରରେ ଅତିଥିଙ୍କ ସମେତ ଉଭୟ ଭାରତ ମସଲା ଓ ଜୟ ଭାରତ ଫାଉଣ୍ଡେଶନର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ପୁରୀ,୭।୮: (ଅଜିତ କୁମାର ମହାନ୍ତି)**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ମସଲା କମ୍ପାନୀ ଭାରତ ମସଲାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଭାରତ ସମ୍ପର୍କ ଯାତ୍ରା ରଥ'ର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ମସଲା ପକ୍ଷରୁ ପୁରୀ ଶରଧାବାଲି ମଣ୍ଡପଠାରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ମତ୍ସ୍ୟ ଓ ଅଣ୍ଡା, କ୍ଷୁଦ୍ର,ମଧ୍ୟମ ଶିଳ୍ପ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଭାରତ ଫାଉଣ୍ଡେଶନର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା , ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା, ନମିତା ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ ପଣ୍ଡା, ଦିଗନ୍ତ ପଣ୍ଡା ଏବଂ ଭାରତ ମସଲା ଓ ଜୟ ଭାରତ ଫାଉଣ୍ଡେଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୭।୮**

କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାରର ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୭୫ (୮୭୪.୯୪) ପଏଣ୍ଟ ବଢି ୭୯,୪୬୮(୭୯,୪୬୮.୦୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୦୫ (୩୦୪.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୯୭(୨୪,୨୯୭.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ୨୦୨୩-୨୪ରେ ୨୪କୋଟି ଟନ୍ ଦୁଗ୍ଧ ଉତ୍ପାଦନ




**ଚେନ୍ନାଇ,୭।୮**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା କାମଧେନୁ କ୍ୟାଟଲ ଫିଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ୍ 'କପିଳା ପଶୁ ଆହାର'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ '୨୪ତମ ଡିଲର୍ସ କନ୍‌ଫରେନ୍ସ' ଚେନ୍ନାଇର ମହାବଳୀପୁରମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ ରାଜ୍ୟର ବିତରକ, ଡିଲର୍ସ, ଡେଏରୀ କମ୍ପାନୀର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକ ମଣ୍ଡଳୀ ଯୋଗଦେଇ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଏ ସମ୍ପର୍କରେ କାମଧେନୁ କ୍ୟାଟଲର ନିର୍ଦ୍ଦେଶକ ବିଶାଳ ଶିବହାରେ କହିଥିଲେ, ୨୦୨୩-୨୪ରେ ପ୍ରାୟ ୨୪ (୨୩.୬ କୋଟି ଟନ୍) କୋଟି ଟନ୍‌ର ଦୁଗ୍ଧ ଉତ୍ପାଦନ ଭାରତ କରିଥିଲାବେଳେ ବିଶ୍ୱ ଉତ୍ପାଦନରେ ଦେଶର ଭାଗୀଦାରି ୨୫% ରହିଛି। ଏପରିକି ସାରା ବିଶ୍ୱରେ ଭାରତ ଦୁଗ୍ଧ ଉତ୍ପାଦନରେ ଶ୍ରେଷ୍ଠ ସ୍ଥାନରେ ରହିଛି।

## ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୭।୮**

ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍‌ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସକୁ ଟ୍ରାକ୍ କରୁଥିବା ଏକ ଓପନ ଏଣ୍ଡେଡ୍ ସ୍କିମ୍ ବନ୍ଧନ ନିଫ୍ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ୍‌ର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଇଣ୍ଡେକ୍ସରେ ଭାରତର ଅଗ୍ରଣୀ ବ୍ୟାଙ୍କ ସମେତ ଘରୋଇ ବ୍ୟାଙ୍କଗୁଡିକ ସାମିଲ ଅଛନ୍ତି ; ଯେଉଁମାନେ କି ୮୫% ଅଂଶ କଭର କରୁଛନ୍ତି ଏବଂ ଅବଶିଷ୍ଟ ଅଂଶ ସରକାରୀ ବ୍ୟାଙ୍କଗୁଡ଼ିକୁ ନେଇ ଗଠିତ ହୋଇଛି। ଏହି ଫଣ୍ଡ୍ ଭାରତର ସବୁଠାରୁ ବଡ଼ ଓ ସବୁଠାରୁ ଲିକ୍ୱିଡ ବ୍ୟାଙ୍କିଙ୍ଗ୍ ଷ୍ଟକ୍‌ଗୁଡିକରେ ନିବେଶ କରିବା ପାଇଁ ସୁବିଧାଜନକ ସୁଯୋଗ ଉପସ୍ଥାପନ କରୁଛି। ଏହି ନୂତନ ଫଣ୍ଡ୍ ଅଫର (ଏନ୍‌ଏଫ୍‌ଓ) ୨୦୨୪ ଅଗଷ୍ଟ ୮ରେ ଖୋଲିବ ଏବଂ ଅଗଷ୍ଟ ୨୨ରେ ବନ୍ଦ ହେବ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଭାରତର ଜିଡିପି ଉପରକୁ ଉଠିବା ସହ ଋଣ ଓ ବ୍ୟାପକ ଆର୍ଥିକ ସେବାଗୁଡ଼ିକ ପାଇଁ ଚାହିଦା ମଧ୍ୟ ବୃଦ୍ଧି ପାଉଛି, ଯାହା ବ୍ୟାଙ୍କଗୁଡିକର ଉନ୍ନତି ଓ ବିକାଶ ପାଇଁ ମଞ୍ଚ ପ୍ରସ୍ତୁତ କରୁଛି। ଆମର ବ୍ୟାଙ୍କଗୁଡ଼ିକ ଏକଦା ଉଚ୍ଚ ଏନ୍‌ପିଏ ଓ କମ୍ ଲାଭର ବୋଝ ତଳେ ଚାପିହୋଇ ରହୁଥିଲେ। କିନ୍ତୁ ବର୍ତ୍ତମାନ ସେଗୁଡିକରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ସେମାନେ ଏବେ ସୁ-ପୁଞ୍ଜିଭୂତ ଅଟନ୍ତି ଏବଂ ସେମାନଙ୍କର ଲାଭ ବହୁମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି।

## ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ

**ମୁମ୍ବାଇ,୭।୮**



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଘରୋଇ ଗହଣା ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସର ୧୭ତମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜୁଏଲ୍ସର ନୂତନ କଲେକ୍ସନ 'ଆବାହର'ର ସର୍ବଭାରତୀୟ ଉନ୍ମୋଚନ (ଅନାବରଣ) କରାଯାଇଛି। ଏହାର ନୂତନ କ୍ୟୁରେଟେଡ୍ ଆବାହର ସଂଗ୍ରହକୁ ମଧ୍ୟ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି।

ସେହିଭଳି ବ୍ରାଣ୍ଡର ୧୭ତମ ପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସୂକ୍ଷ୍ମ କାରିଗରି ଏବଂ ଅପୂର୍ବ ସେବା ସହିତ ଗ୍ରାହକଙ୍କୁ ଖୁସି କରିବାର ସ୍ମୃତିଚାରଣ ସହିତ ଆବାହର କ୍ୟୁରେଟେଡ୍ ଅଳଙ୍କାର ସଂଗ୍ରହରେ ଗ୍ରାହକମାନଙ୍କ ପାଇଁ ଏକ ହୃଦୟରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ନୂତନ କଲେକ୍ସନରେ ଏକ ସ୍ୱତନ୍ତ୍ର କାନଫୁଲର ସମ୍ଭାର ସାମିଲ ରହିଛି, ଯାହାର ଅବିସ୍ମରଣୀୟ ସମର୍ଥନ ଏବଂ ବିଶ୍ୱସନୀୟତା ବ୍ରାଣ୍ଡର ସୃଜନଶୀଳତା ଏବଂ ସଫଳତାର ମୂଳଦୁଆ ପାଲଟିଛି। ସେହିପରି ଏହି ନୂତନ କାନଫୁଲ ସମ୍ଭାର ଜରିଆରେ ଏକ ନୂଆ ଅଭିଯାନର ବାର୍ତ୍ତା ଦିଆଯାଇଛି।

ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ରିଲାଏନ୍ସ ଜୁଏଲ୍ସ ନିକଟରେ ୧୭ବର୍ଷ ପାଳନ କରିଥିବାବେଳେ ଆମର ଗ୍ରାହକଙ୍କ ଅଦମ୍ୟ ସମର୍ଥନ ଏବଂ ପ୍ରେମ ଦ୍ୱାରା ଆମେ ଗଭୀର ଭାବେ ପ୍ରଭାବିତ ହୋଇଛୁ। ଏପରିକି ଗ୍ରାହକମାନଙ୍କ ସହ ବାନ୍ଧୁଥିବା ବନ୍ଧନର କୃତଜ୍ଞତା ଏବଂ ଶକ୍ତିକୁ ପ୍ରତୀକ କରିବା ପାଇଁ ବ୍ରାଣ୍ଡର ନୂତନ କଲେକ୍ସନ 'ଆବାହର'ର ପ୍ରତ୍ୟେକ ଖଣ୍ଡ ତିଆରି କରାଯାଇଛି। ବିଶେଷକରି ଏହା ସେମାନଙ୍କର ସ୍ଥାୟୀ ସମର୍ଥନ ସହ ଆମର ଏହି ନୂତନ ଅଭିଯାନକୁ ନୂତନତ୍ୱ ଏବଂ ମାପଚୁପ କରିବା ପାଇଁ ଇନ୍ଧନ ଦେଇଥାଏ। ଯେହେତୁ ଆମେ ସେମାନଙ୍କ ସ୍ୱାଦକୁ ପୂରଣ କରିବା ପାଇଁ କ୍ରମାଗତ ଭାବେ ବିକାଶ କରୁଛୁ। ଅପରପକ୍ଷରେ ଭାରତର ୨୦୦ରୁ ଅଧିକ ସହରର ୪୦୦ରୁ ଅଧିକ ଷ୍ଟୋରରେ ଆବାହର ସଂଗ୍ରହ ଉପଲବ୍ଧ। ଏପରିକି ଏକ ଅତିରିକ୍ତ ଆନନ୍ଦ ପାଇଁ ଏହି ସଂଗ୍ରହ ଓ ସୁନା ତିଆରି ଚାର୍ଜ ଏବଂ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୧୭% ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୨୦୨୪ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ୫ ଲକ୍ଷରୁ ଅଧିକ ଇନ୍‌ଭଏସ୍ ପାଇଁ ବ୍ରାଣ୍ଡ ଅତିରିକ୍ତ ୫% ରିହାତି ପ୍ରଦାନ କରିଥାଏ।


# Classified Everyday

**0674-2580101, 2549949**


REAL ESTATE

**SALE**

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**Plot for sale at Puri Konark Marine Drive (850/- per sqft). Contact : 6371703010.** D-959

**Gharabari converted plots available near Hitech Square, Sundarpada Bhubaneswar. For more details Contact: 9437054765, 9853035888.** D-958

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-957

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

**Commercial 14 rooms attached bathrooms Ground Floor, Chandrasekharpur, Bhubaneswar. 8763802787.** D-966


Healthcare

Newly open Jyoti SPA positively health benefits (Expert therapist). 8458067955. D-76141

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

Newly open health benefits spa by expert therapist. Contact: 6371861658. D- 76142

**AFFIDAVIT**

I, Archana Patra, W/o- Ashok Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, Pin-751006, Odisha declare by this affidavit on dtd.06.08.2024 that now onwards I shall be known as Archana Tripathy for all future purposes. D-963

I, Ashok Patra, S/o- Bijay Kumar Patra, resident of Flat No. 201, Block-D, Utkal Vatika, Jharapada, P.O.- Budheswari, P.S.- Laxmisagar, Bhubaneswar, Dist.-Khordha, Pin-751006, Odisha declare by this affidavit on dtd. 06.08.2024 that now onwards I shall be known as Ashok Kumar Patra for all future purposes. D-962

I, KABITA GHADEI, W/o Chandan Kumar Ghadei, resident of DE-42, Basanti Colony, P.O.- Rourkela-12, P.S.- Uditnagar, Dist.- Sundargarh, Pin- 769012, Odisha declare by this affidavit No.123 date 07.08.2024 that now onwards I shall be known as KABITA KUMARI GHADEI for all future purposes. D-964

**ମନେ ପଡ଼ନ୍ତି**

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଜୟଗୋପାଳ ଦାସ**
ବାସୁଦେବପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ : ୧୦.୦୨.୧୯୪୦
ତିରୋଧାନ : ୧୮.୦୮.୨୦୧୫

ଗହୁଁ ଗହୁଁ ନଅବର୍ଷ ବିତିଗଲା। ଆଖି ଲୁହ ଆଖିରେ ରହିଗଲା। ଆପଣଙ୍କ ଭଲପାଇବା ଓ ପରିବାର ପ୍ରତି କର୍ତ୍ତବ୍ୟ ଭୁଲି ହେଉନାହିଁ। ଆଜି ଏଇ ଆପଣଙ୍କ ପୁଣ୍ୟତିଥିରେ ସପରିବାର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

ଶୋକସନ୍ତପ୍ତ
ସ୍ତ୍ରୀ ଇନ୍ଦୁ, ଝିଅ ଜୋଇଁ, ପୁଅ ବୋହୂ, ନାତି ନାତୁଣୀ

ଧ-୯୬୫

See Career Appointment on every Wednesday & Saturday


**LEGAL NOTICE**

**ନୋଟିସ**

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ
ଅଦାଲତ ନଂ.୧ମ୍ବର, ଭୁବନେଶ୍ୱର
ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର-୧୮୪/୨୦୧୬
(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ

ଶ୍ରୀ ପ୍ରତାପ ଚନ୍ଦ୍ର ଦାସ, ବୟସ ୬୦ ବର୍ଷ, ପିତା- ମଧୁସୂଦନ ଦାସ, ଠିକଣା: ସା/ପୋଷ୍ଟ- ଶାଳଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକ, ବର୍ତ୍ତମାନ ଠିକଣା: ପ୍ଲଟ୍ ନମ୍ବର- ସି-୪୬୯୭ (ପି) ୪୬୯୮ (ପି), ଗାଡ଼କଣ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ... ... ... ବାଦୀ

ବନାମ

ପଠାଣୀ ସାହୁ, ଓଗେର ... ... ... ପ୍ରତିବାଦୀମାନେ

ପ୍ରାପ୍ତେଷୁ,

୧. ପଠାଣୀ ସାହୁ, ପିତା- ୰ଅରକ୍ଷିତ ସାହୁ,
୨. ବାସନ୍ତୀ ସାହୁ, ସ୍ୱାମୀ- ୰ଧୁଳେଶ୍ୱର ସାହୁ,
୩. ଦିଲୀପ୍ କୁମାର ସାହୁ,
୪. ସୋନାଲି ସାହୁ, ଉଭୟଙ୍କ ପିତା- ୰ଧୁଳେଶ୍ୱର ସାହୁ,
୫. କାଳନ୍ଦୀ ସାହୁ,
୬. କୃଷ୍ଣ ସାହୁ,
୭. ମାଗୁଣି ସାହୁ, ସିରିଅଲ ନଂ.୫-୭ମ୍ବରଙ୍କ ପିତା- ୰ପରିକ୍ଷିତ ସାହୁ,
୮. ସଦାଶିବ ସାହୁ,
୯. ମୁରଲୀ ସାହୁ, ଉଭୟଙ୍କ ପିତା- ୰ଯୋଗୀ ସାହୁ,
୧୦. ମୃଷି ସାହୁ, ସ୍ୱାମୀ- ୰ଯୋଗୀ ସାହୁ,
୧୧. ଭାଗୀରଥି ସାହୁ, ପିତା- ୰ରଘୁନାଥ ସାହୁ,
୧୨. ପୁନି ସାହୁ, ସ୍ୱାମୀ- ୰ରଘୁନାଥ ସାହୁ,
୧୩. ଗଣେଶ ସାହୁ, ପିତା- ୰ଆରତ ସାହୁ,
୧୪. ବିନୋଦ ସାହୁ,
୧୫. ବୀରବର ସାହୁ, ସିରିଅଲ ନଂ.୧୪-୧୫ମ୍ବରଙ୍କ ପିତା- ୰ମହନୀ ସାହୁ,
୧୬. ଚାନ୍ଦ ସାହୁ, ସ୍ୱାମୀ- ୰ ଦ୍ୱିଜବର ସାହୁ,
୧୭. ହୃଦାନନ୍ଦ ସାହୁ, ପିତା- ୰ଦିଗାମ୍ବର ସାହୁ

ଏ ସମସ୍ତଙ୍କ ଠିକଣା: ସା- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଲୱେ କଲୋନୀ, ଥାନା- ସହିଦ ନଗର, ହାଲ୍ ଥାନା- ମଞ୍ଚେଶ୍ୱର।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୧ ଠାରୁ ୧୭ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ରିଭିଜନ କେସ୍ ବାଦୀ ମାନ୍ୟବର ଅତିରିକ୍ତ ଆୟୁକ୍ତ ନଂ୧ମ୍ବରଙ୍କ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ, ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି:

**ଜମିର ବିବରଣୀ**

ମୌଜା: ଭୁବନେଶ୍ୱର ସହର ୟୁନିଟ୍ -୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଥାନା- ନିୟୁ କ୍ୟାପିଟାଲ, ଥାନା ନଂ୨୫ମ୍ବର, ଜିଲ୍ଲା- ଖୋର୍ଦ୍ଧା

| ସାବକ ଖାତା ନଂ. | ସାବକ ପ୍ଲଟ୍ ନଂ. | ସାବକ ରକବା | ହାଲ୍ ଖାତା ନଂ. | ହାଲ୍ ପ୍ଲଟ୍ ନଂ. | ରକବା |
|---|---|---|---|---|---|
| ୫୮ | ୪୬୯୭ (ଅଂଶ) | ଏ୦.୦୩ଡି. ଏ୦.୫୦ଡି. ସ୍ଥଧରୁ | ୧୮୩୬ | ୭୧୨୮ (ଅଂଶ) | ଏ୦.୦୬୧ଡି. ଏ୦.୦୭୦ଡି. ସ୍ଥଧରୁ |
| ୫୯ | ୪୬୯୮ (ଅଂଶ) | ଏ୦.୦୩୧ଡି. ଏ୩.୬୨ଡି. ସ୍ଥଧରୁ | | | |

ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତ ନଂ୧ମ୍ବରଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା୪।୦୯।୨୦୨୪ରିଖେ ଦିବା ୧୧.୦୦ ଘଟିକା ସମୟରେ ସ୍ଥିର କରାଯାଇଅଛି। ଏଣୁ, ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

**ଅତିରିକ୍ତ ଆୟୁକ୍ତ ଭୁବନେଶ୍ୱରଙ୍କ ଆଦେଶକ୍ରମେ**
**ସ୍ୱା./- କୋର୍ଟ ଅଫିସର**

ଧ-୯୬୦

# କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ଆହତ

ବାଉଁଶୁଣୀ,୭।୮ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଗତ ୨ ଦିନ ମଧ୍ୟରେ ଏକ ପାଗଳା କୁକୁର କାମୁଡ଼ାରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ବୁଧବାର ସନ୍ଧ୍ୟା ସମୟରେ ବାଉଁଶୁଣୀ ସୋନପୁରିଆପଡ଼ା ଗ୍ରାମର ନିରଞ୍ଜନ ମେହେର ଓ ମାନଭଞ୍ଜନ ମେହେର ଘରକୁ ଯିବା ସମୟରେ ଛକ ନିକଟରେ ଏହି ପାଗଳା କୁକୁର ମାନଭଞ୍ଜନଙ୍କ ହାତ ଓ ଆଖିକୁ କାମୁଡ଼ି ଦେଇଥିଲା। ସେହିପରି ସକାଳେ ବଉଦିଆପଡା ଗ୍ରାମର ବସନ୍ତ ମେହେରଙ୍କୁ କାମୁଡ଼ି ଦେଇଥିଲା। ଆହତ ବ୍ୟକ୍ତିଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସାମାଜିକ, ଅର୍ଥନୈତିକ ବିକାଶରେ ହସ୍ତତନ୍ତର ଗୁରୁତ୍ୱ ରହିଛି



ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବୁଣାକାରମାନେ।

ଭୁବନେଶ୍ୱର,୭।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଦଶମ ଜାତୀୟ ହସ୍ତତନ୍ତ ଦିବସ ବୁଧବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ, ସାମାଜିକ ତଥା ଅର୍ଥନୈତିକ ବିକାଶରେ ହସ୍ତତନ୍ତର ଗୁରୁତ୍ୱ ରହିଛି। ସାଂସ୍କୃତିକ ଐତିହ୍ୟସମୃଦ୍ଧ ଓଡ଼ିଶା ଏହାର ସୂକ୍ଷ୍ମ ହସ୍ତତନ୍ତ ପରମ୍ପରା ପାଇଁ ପ୍ରସିଦ୍ଧ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଅର୍ଥନୀତିରେ ହସ୍ତତନ୍ତ ବୁଣାକାରଙ୍କ ପ୍ରମୁଖ ଯୋଗଦାନ ରହିଛି। ରାଜ୍ୟର ହସ୍ତତନ୍ତ ଶିଳ୍ପ ଏହାର ବୁଣାକାରଙ୍କ ଦକ୍ଷତା ଓ ସୃଜନଶୀଳତାର ପ୍ରମାଣ। ବୁଣାକାରମାନେ ନିଜ କଳାକୁ ଯୁଗଯୁଗ ଧରି ସଂରକ୍ଷଣ କରି ରଖିଛନ୍ତି। ସମ୍ବଲପୁରୀ, ଟସର, ବମକାଇ, ମାଣିଆବନ୍ଧ ଓ ବ୍ରହ୍ମପୁରୀ ଶାଢ଼ି ପରି ଓଡ଼ିଶାର ହସ୍ତତନ୍ତ ଉତ୍ପାଦ ସାରା ବିଶ୍ୱରେ ନିଆରା ଡିଜାଇନ୍ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ବୋଲି ଡ. ପାଢ଼ୀ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ଯୁଗ୍ମ ଶାସନ ସଚିବ ଅନନ୍ୟା ଦାସ, ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, 'ଉତ୍କଳିକା'ର ପରିଚାଳନା ନିର୍ଦ୍ଦେଶକ କଲ୍ୟାଣୀ ପଟ୍ଟନାୟକ, ରେଶମ ଚାଷର ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ଏବଂ ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଇନ୍ଦିରା ବେହେରା ଉପସ୍ଥିତ ଥିଲେ। ଏହି

## ୪ ବୁଣାକାର ସମ୍ବର୍ଦ୍ଧିତ

ଅବସରରେ ୪ଜଣ ବିଶିଷ୍ଟ ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ଜିଲାର ଧଳାପରଦା କପଡ଼ା ଓ ଫାବ୍ରିକ୍ସ କାମ ପାଇଁ ସୁରେଶ କୁମାର ରାଉତ, ମୟୂରଭଞ୍ଜ ଜିଲାର ଫୁଟା ଶାଢ଼ି ଗାମୁଛାରେ ପାରଦର୍ଶିତା ପାଇଁ ଶମ୍ଭୁନାଥ ସେନାପତି, କୋରାପୁଟ ଜିଲାର କେରଙ୍ଗା କପଡ଼ାରେ ବିବିଧ କାରିଗରି ପାଇଁ ଭାଗବତୀ ସିସା ଓ କଳାହାଣ୍ଡି ଜିଲାର ହାବାସପୁରି ହସ୍ତତନ୍ତ ଉତ୍ପାଦ ପାଇଁ ଜଳନ୍ଧର ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ୍‌କୃଷ୍ଣ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବୟନଶିଳ୍ପ ଓ ହସ୍ତତନ୍ତ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ଦାବିରେ ପରିବାର ଲୋକଙ୍କ ଧାରଣା



ମୃତ ଛାତ୍ରଙ୍କ ପରିବାର ଓ ଅନ୍ୟମାନେ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି।

ଧର୍ମଶାଳା/କାଏମା,୭।୮ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

## ନିର୍ଯ୍ୟାତନା ସହି ନ ପାରି ଘରୋଇ କଲେଜ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ଜାରକାସ୍ଥିତ ଏକ ଘରୋଇ କଲେଜର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆଶିଷ କୁମାର ପଣ୍ଡା(୧୭)ଙ୍କ ଆତ୍ମହତ୍ୟା ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି। ତେଣୁ ନ୍ୟାୟ ଦାବିରେ ବୁଧବାର ଛାତ୍ରଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। କଲେଜର ନିର୍ଦ୍ଦେଶକ ବିଭୂତି ଭୂଷଣ ରାଉତ ଓ ମ୍ୟାନେଜର ଚିନ୍ମୟଙ୍କୁ ଗିରଫ ସହ କଲେଜ ବନ୍ଦ କରିବା ପାଇଁ ସେମାନେ ଦାବି କରିଛନ୍ତି। ଘଟଣାସ୍ଥଳରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଓ କୁଆଖିଆ ଥାନା ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପହଞ୍ଚି ୭ ଦିନ ଭିତରେ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନକାରୀ ଧାରଣାରୁ ଓହରି ଯାଇଛନ୍ତି।

କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଘୋଡ଼ା ଗ୍ରାମର ବାଙ୍କ ବିହାରୀ ପଣ୍ଡାଙ୍କ ଏକମାତ୍ର ପୁତ୍ର ଆଶିଷଙ୍କୁ କଲେଜରେ ଟଙ୍କା ଓ ମୋବାଇଲ ଚୋରି କରିଥିବା ଅଭିଯୋଗରେ ସମସ୍ତଙ୍କ ସାମ୍ନାରେ ଆଣ୍ଠେଇ ଦିଆଯାଇବା ସହ ମାଡ଼ ମରାଯାଇଥିଲା। ବିଭିନ୍ନ କଟୁ କଥା କହି ତାଙ୍କୁ ଭର୍ତ୍ସନା କରାଯାଇଥିଲା। ଫଳରେ ସେ ମାନସିକସ୍ତରରେ ଭାଙ୍ଗିପଡ଼ିଥିଲେ। କଲେଜ ପକ୍ଷରୁ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଯିବାରୁ ପରିବାର ଲୋକେ ଦୁଇ ଦିନ ତଳେ ତାଙ୍କୁ ଘରକୁ ନେଇ ଆସିଥିଲେ। ଫଳରେ ସେ ଗତ ସୋମବାର ରାତିରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ଭଲ ଛାତ୍ର ଥିଲେ। ହେଲେ ଏଭଳି ଅପମାନକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ. ୬୧୪/୨୪ ରୁଜୁକରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ କଲେଜ ସମ୍ପାଦକ ବିଭୂତି ରାଉତଙ୍କୁ ପଚାରିବାରୁ ପିଲା ଚଗଲା ହୋଇଥିବାରୁ ତାଗିଦ କରିବା ପାଇଁ ଆଣ୍ଠେଇ ଦିଆଯାଇଥିଲା ବୋଲି କହିଛନ୍ତି।

# ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ବିସ୍ଥାପିତ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ ମାମଲା

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୭।୮

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍)ର ଜଣେ ବିସ୍ଥାପିତଙ୍କ ନିଯୁକ୍ତି ଆଶା ପୂରଣ ହେବାକୁ ଯାଉଛି। ହାଇକୋର୍ଟରେ ହୋଇଥିବା ଆବେଦନ ଉପରେ ବିଚାର କରି ବିଚାରପତି ଏସ୍.କେ. ସାହୁ ଓ ଚିତ୍ତରଞ୍ଜନ ଦାସ ୩ ମାସ ମଧ୍ୟରେ ଆର୍‌ଡିସି(ସେଣ୍ଟ୍ରାଲ), ଯାଜପୁର ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ସୁକିନ୍ଦା ଥାନା କଇଁଜିରା ଗ୍ରାମର ଲୁଣିଆ ମୁଣ୍ଡା ନୀଳାଚଳ କାରଖାନା ପ୍ରତିଷ୍ଠା ପାଇଁ ବିସ୍ଥାପିତ ହୋଇଥିଲେ। ତାଙ୍କର ଭିଟାମାଟି ସରକାର ଅଧିଗ୍ରହଣ କରିବା ସମୟରେ ବିସ୍ଥାପନ ସାହାଯ୍ୟ ଭାବେ ସରକାରଙ୍କ ଆଦେଶ ଅନୁସାରେ ବିସ୍ଥାପନ ପରିଚୟ ପତ୍ର ସଂଖ୍ୟା ୩୦୯/୪ ମିଳିଥିଲା। ଏହାସହ ବିସ୍ଥାପନ ନୀତି ଅନୁସାରେ ତାଙ୍କୁ ଅଣକୁଶଳୀ କର୍ମଚାରୀ ଭାବେ ନିଯୁକ୍ତି ମିଳିଥିଲା। ଜମି ଅଧିଗ୍ରହଣର ପ୍ରାୟ ୧୦ ବର୍ଷ ପରେ ସେ କୁପୋଷଣର ଶିକାର ହୋଇ ଚାକିରି କାଳ ମଧ୍ୟରେ ୧୧।୧୦।୨୦୨୨ରେ ମୃତ୍ୟୁବରଣ କରିଥିଲେ। ନୀଳାଚଳ କାରଖାନା ପାଇଁ ସମସ୍ତ ଜମିବାଡ଼ି ହରାଇବା ପରେ ପରିବାରର ଭରଣପୋଷଣ କେବଳ ଲୁଣିଆ ମୁଣ୍ଡାଙ୍କ ଚାକିରି ହିଁ ଏକମାତ୍ର ଭରସା ଥିଲା। ଏହାପରେ ତାଙ୍କ ପୁଅ ରଥିଆ ମୁଣ୍ଡା ସରକାରଙ୍କ ଆର୍‌ଆର୍ ପଲିସିର ନିୟମ ଅନୁଯାୟୀ ବାପାଙ୍କ ସ୍ଥାନରେ ନିଯୁକ୍ତି ପାଇବାକୁ ୪ର୍ଥ, ୫ମ ଓ ୬ଷ୍ଠ ଆର୍‌ପିଡିଏସି ବୈଠକରେ ଗୃହୀତ ମତ ଅନୁସାରେ ଜିଲା ପ୍ରଶାସନ ନିକଟରେ ୩ ଥର ଆବେଦନ କରିଥିଲେ। ଏଥିରେ ତାଙ୍କ ମା'ମାନି ମୁଣ୍ଡାଙ୍କ ସମର୍ଥନ ବି ରହିଥିଲା। କିନ୍ତୁ ରଥିଆଙ୍କ ଆବେଦନ ଉପରେ କେହି କର୍ଣ୍ଣପାତ କରି ନ ଥିଲେ। ପୂର୍ବରୁ ଉକ୍ତ ନିୟମ ଏବଂ ଆର୍‌ପିଡିଏସି ନିଷ୍ପତ୍ତିକୁ ଆଧାର କରି ନୀଳାଚଳରେ ୧୭ ଜଣଙ୍କୁ ନିଯୁକ୍ତି ମିଳି ସାରିଛି। କିନ୍ତୁ ରଥିଆଙ୍କ ସ୍ଥାନରେ ପାତରଅନ୍ତର ନୀତି ଅବଲମ୍ବନ କରାଯିବାରୁ ତାଙ୍କ ପରିବାର ଭୋକ ଉପାସରେ କାଳାତିପାତ କରୁଛନ୍ତି। ସମସ୍ତ କ୍ଷେତ୍ରରେ ସେ ବିଫଳ ହେବାରୁ ହାଇକୋର୍ଟରେ ଡବ୍ଲ୍ୟୁପି(ସି) ୧୭୬୮୩/୨୦୨୪ରେ ଏକ ମାମଲା ରୁଜୁ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ କେନ୍ଦ୍ର କୋଇଲା ସଚିବ



ଭୁବନେଶ୍ୱର,୭।୮ (ଅନିଲ ଦାସ)

- ସ୍ଥାନୀୟ ଯୁବତୀଯୁବକଙ୍କ ନିଯୁକ୍ତି ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ
- ଭିତ୍ତିଭୂମିର ବିକାଶ ପାଇଁ ସିଏସ୍‌ଆର୍ ପାଣ୍ଠିରୁ ଅଧିକ ଅର୍ଥ ବିନିଯୋଗ କରିବ ଏମ୍‌ସିଏଲ୍

କେନ୍ଦ୍ର କୋଇଲା ବିଭାଗ ସଚିବ ଅମ୍ରିତ ଲାଲ୍ ମୀନା ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଆଲୋଚନା ବେଳେ ମୀନା କହିଛନ୍ତି, ଦେଶର ସମୁଦାୟ କୋଇଲା ଉତ୍ପାଦନରୁ ୨୦ ପ୍ରତିଶତ କେବଳ ଓଡ଼ିଶାରୁ ଉତ୍ପାଦିତ ହେଉଛି। ଓଡ଼ିଶାର ବିକାଶରେ କୋଇଲା ମନ୍ତ୍ରଣାଳୟର ପ୍ରତିବଦ୍ଧତା ରହିଛି। ପ୍ରଧାନମନ୍ତ୍ରୀ ଏ ଦିଗରେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି।

ବୈଠକରେ କୋଇଲା ସଚିବ ଓଡ଼ିଶାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଓ ନୂତନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷକରି ନୂତନ ପ୍ରକଳ୍ପରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ପ୍ରଦୂଷଣ ଯଥାସମ୍ଭବ କମ୍ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି। ବ୍ୟବହୃତ ଖଣିର ବ୍ୟାକ୍ ଫିଲିଙ୍ଗ ଓ ପୁନରୁଦ୍ଧାର ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଏମ୍‌ସିଏଲ୍ ଓ ଅନ୍ୟାନ୍ୟ କେନ୍ଦ୍ରୀୟ କୋଇଲା ପିଏସ୍‌ୟୁରେ ସ୍ଥାନୀୟ ଯୁବତୀଯୁବକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ତାଳଚେର ମେଡିକାଲ କଲେଜକୁ ଏମ୍‌ସିଏଲ୍ ସହଯୋଗରେ ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାସହିତ ସିଏସ୍‌ଆର୍ ପାଣ୍ଠିରେ ସ୍ଥାନୀୟ ଅଞ୍ଚଳର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ଏମ୍‌ସିଏଲ୍ ଅଧିକ ପାଣ୍ଠି ଯୋଗାଇ ଦେବ ବୋଲି ଜଣାଯାଇଛି। ମୀନାଙ୍କ ସହିତ କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ ଏବଂ ନେଭେଲି ଲିଗ୍‌ନାଇଟ କର୍ପୋରେଶନ ଓ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡର ଅଧ୍ୟକ୍ଷ ମଧ୍ୟ ଉପସ୍ଥିତ ଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜସ୍ୱ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ. ସିଂହ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ

## ଘରୋଇ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର ଲୋକେ

ନାଲ୍‌କୋ,୭।୮ (ଲୁସି ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ଥାନା କାଣ୍ଡସରଠାରେ ଥିବା ଏକ ଆବାସିକ ମହାବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ ଜିଲା ଛେପିଲିପାଲି ଗ୍ରାମର ହରିଚନ୍ଦ୍ର ସ୍ୱାଇଁଙ୍କ ପୁଅ ରୁପେଶ ସ୍ୱାଇଁ। ଅନୁଗୋଳ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା କଲେଜ ପକ୍ଷରୁ କୁହାଯାଇଥିବା ବେଳେ ପରିବାର ଲୋକେ କିନ୍ତୁ ଏଥିପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ନାଲ୍‌କୋ ଥାନାରେ ଅଭିଯୋଗ କରାଯାଇଛି।

ଏତଲାରେ ପରିବାର ଲୋକେ ଦର୍ଶାଇଛନ୍ତି, ବୁଧବାର ସକାଳେ କଲେଜ ହଷ୍ଟେଲ ୱାର୍ଡେନ୍ ଫୋନ କରି ପୁଅ ଦୁର୍ଘଟଣାରେ ଗୁରୁତର ହୋଇଥିବାରୁ ଶୀଘ୍ର ଆସିବାକୁ ହରିଚନ୍ଦ୍ରଙ୍କୁ କହିଥିଲେ। ହରିଚନ୍ଦ୍ର ଅନୁଗୋଳ ହସ୍ପିଟାଲରେ ପହଞ୍ଚିବା ପରେ ପୁଅଙ୍କ ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ। କଲେଜ କର୍ତ୍ତୃପକ୍ଷ କହିଥିଲେ ପୁଅ ରାତି ପ୍ରାୟ ୧ଟା ୧୫ରେ ହଷ୍ଟେଲରୁ ସାର୍‌ଙ୍କ ଗାଡ଼ି ଧରି ପଳାଇଯାଉଥିବା ବେଳେ ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା କଲେଜ କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ପୁଅଙ୍କ ମୃତ୍ୟୁ ଘଟିଥିବା ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ବିଳମ୍ବିତ ରାତିରେ ପୁଅ କାହିଁକି ହଷ୍ଟେଲରୁ ବାହାରକୁ ଗଲା, ଗାଡି ଓ ଚାବି କେମିତି ପାଇଲା, ୱାର୍ଡେନ କେମିତି ଜାଣି ପାରିଲେ ନାହିଁ ବୋଲି ହରିଚନ୍ଦ୍ର ଅଭିଯୋଗ କରିଛନ୍ତି। ନାଲ୍‌କୋ ଥାନା ଆଇଆଇସି ପ୍ରଦୀପ ମହନ୍ତ କହିଛନ୍ତି, ଏଯାଏ ମାମଲା ରୁଜୁ ହୋଇନାହିଁ। ଘଟଣାର ତଦନ୍ତ ପରେ ଯାହା କିଛି ଜଣାପଡ଼ିବ।

# 'ଭଦ୍ରକରୁ ସୁରଟ୍ ରେଳ ଚଳାଚଳ ହେଉ'

## ରେଳମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଏମ୍‌ପି

ଭଦ୍ରକ, ୭।୮ (ସନାତନ ରାଉତ)

ଭଦ୍ରକ ଜିଲାରୁ ବହୁ ଓଡ଼ିଆ ଯୁବତୀଯୁବକ ଗୁଜରାଟର ସୁରଟ୍‌ରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଯାତାୟାତ ପାଇଁ ଭଦ୍ରକରୁ ସିଧାସଳଖ ଟ୍ରେନ୍ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ଏହି ଅସୁବିଧାକୁ ଉପଲବ୍ଧି କରି ଭଦ୍ରକ ଏବଂ ବାଲେଶ୍ୱରରୁ ସୁରଟ୍‌କୁ ରେଳ ଚଳାଚଳ ପାଇଁ ଏମ୍‌ପି ଅଭିମନ୍ୟୁ ସେଠୀ ବୁଧବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଭେଟି ଏକ ଦାବିପତ୍ର ଦେବା ସହ ଆଲୋଚନା କରିଛନ୍ତି। ରେଳମନ୍ତ୍ରୀ ସରକାରଙ୍କ ସହ ଆଲୋଚନା କରି ଏହା ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଏମ୍‌ପିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଭଦ୍ରକରୁ ସୁରଟ୍‌କୁ ସିଧାସଳଖ ରେଳ ଚଳାଚଳ କଲେ ଜିଲା ଓ ପଡ଼ୋଶୀ ଜିଲାର ବହୁ ଲୋକ ଉପକୃତ ହୋଇପାରିବେ ବୋଲି ଏମ୍‌ପି ସେଠୀ କହିଛନ୍ତି।

# ସାଇ ସନ୍ତୋଷିନୀ ହେଲେ ରଜ କୁଇନ

ଯାଜପୁର,୭।୮ (ହର୍ଷବର୍ଦ୍ଧନ ବେହେରା)

ଜୀ ସାର୍ଥକ ପରିବାର ତରଫରୁ ଆୟୋଜିତ ରଜ କୁଇନ ପ୍ରତିଯୋଗିତାରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଆନ୍ଦୋଳା ଗ୍ରାମର ସାଇ ସନ୍ତୋଷିନୀ ଜେନା ରାଜ୍ୟ ଟପ୍ପର ହୋଇଛନ୍ତି। ବିଜୟ କୁମାର ଜେନା ଓ ସୁଦେଷ୍ଣା ଜେନାଙ୍କ ଝିଅ ସନ୍ତୋଷିନୀ ଯାଜପୁର ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ। ସନ୍ତୋଷିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସେହିପରି ସେନ୍‌କୋ ଅଳଙ୍କାର ତରଫରୁ ସୁନାହାର ଓ କାନଫୁଲ ପ୍ରଦାନ କରାଯାଇଛି। ୧୮ ବର୍ଷୀୟା ସନ୍ତୋଷିନୀ ତାଙ୍କ ବାପା ବିଜୟ, ମାଆ ସୁଦେଷ୍ଣା, ଜେଜେ ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ତାଙ୍କର ସଫଳତାର ଶ୍ରେୟ ଦେଇଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ଆଶୀର୍ବାଦ ତଥା ପରିବାର ଲୋକଙ୍କ ସ୍ନେହ ମମତା ଓ ସହଯୋଗ ପାଇଁ ସେ ଏହି ସଫଳତା ପାଇବା ପାଇଁ



ଯୋଗ୍ୟ ବିବେଚିତ ହୋଇପାରିଛନ୍ତି ବୋଲି ସନ୍ତୋଷିନୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଦେବୀ ନଦୀରେ ଭାସିଯାଇ ଯୁବକ ନିଖୋଜ

ଅସ୍ତରଙ୍ଗ,୭।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଗତ କିଛିଦିନ ଧରି ବର୍ଷା ଲାଗିରହିଛି। ଏଥିସହ ହୀରାକୁଦର ଗେଟ୍ ଖୋଲା ହେବା ପରେ ମହାନଦୀର ଶାଖା ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ମଙ୍ଗଳବାର ଅପରାହ୍ନରେ ଦେବୀ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଜଣେ ଯୁବକ ଭାସି ନିଖୋଜ ହୋଇଯାଇଛନ୍ତି। ବୁଧବାର ସକାଳେ ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ୭ଜଣିଆ ଟିମ୍ ପହଞ୍ଚି ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରିନାହିଁ।



ଅଗ୍ନିଶମ ବାହିନୀ ପକ୍ଷରୁ ଯୁବକଙ୍କୁ ଖୋଜାଚାଲିଛି।

ସୂଚନା ମୁତାବକ, ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଅନ୍ତର୍ଗତ ଏଡ଼ବାଂଶ ଗ୍ରାମର ଶରତ ସେନାପତିଙ୍କ ପୁଅ ଆଶିଷ(୨୬) ମଙ୍ଗଳବାର ଅପରାହ୍ନ ୫ଟାରୁ ନିଖୋଜ ଅଛନ୍ତି। ସେ ଅପରାହ୍ନରେ ଗାଁରେ ବୁଲୁଥିବାବେଳେ ହଠାତ ଘରକୁ ଯାଇ ଏକ ଗାମୁଛା ଆଣି ବାହାରକୁ ଆସିଥିଲେ। ପରେ ଆଉ ଫେରି ନ ଥିଲେ। ରାତି ହେବାରୁ ମାଆ ଶାନ୍ତିଲତା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରାତି ୮ଟାରେ ଦେବୀ ନଦୀ କୂଳରେ ଆଶିଷଙ୍କ ଗାମୁଛା ଓ ଚପଲ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସନ୍ଦେହ ଉପୁଜିଥିଲା। ସେ ଶୌଚ ହେବାକୁ ଯାଇ ଭାସିଯାଇଥିବା ଆଶଙ୍କା



ଆଶିଷ ସେନାପତି

କରାଯାଉଛି। ବୁଧବାର ସକାଳୁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ଏବଂ ଅଞ୍ଚଳବାସୀ ଦେବୀ ନଦୀରେ ଖୋଜାଖୋଜି କରିଥିଲେ। କିନ୍ତୁ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ସହ ଅଣ୍ଡର କରେଣ୍ଟ ଥିବାରୁ ଅଗ୍ନିଶମ ବାହିନୀଙ୍କ ପକ୍ଷେ ଅତ୍ୟଧିକ ପାଣି ଭିତରକୁ ଯିବା କଷ୍ଟକର ହୋଇଥିଲା। ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଗ୍ନିଶମ କର୍ମଚାରୀ ଦେବୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଆଶିଷଙ୍କୁ ଠାବ କରାଯାଇପାରିନାହିଁ। ଅଗ୍ନିଶମ ଅଧିକାରୀ ପ୍ରହ୍ଲାଦ ରାୟ, ହାବିଲଦାର ତାପସ ରାଉତ, ଅଗ୍ନିକ ସୁବ୍ରତ ସାମଲ, ଶାରଦା ପ୍ରସନ୍ନ ସ୍ୱାଇଁ, ନିରଞ୍ଜନ ମାନସିଂ, ସଂଗ୍ରାମ ସ୍ୱାଇଁ, ଇନ୍ଦ୍ରଜିତ ସାହୁ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିଲେ। ଅପରପକ୍ଷରେ ଦେବୀ ନଦୀ ପ୍ରବାହିତ ହେଉଥିବା ଜଗତ୍‌ସିଂହପୁର ଅଞ୍ଚଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି।

# ଟ୍ରେନ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୭।୮ (ଆଶିଷ ରଞ୍ଜନ ପଣ୍ଡା)

ଆନ୍ଧ୍ରପ୍ରଦେଶର ବିଜୟନଗରମ ଷ୍ଟେଶନଠାରେ ଟ୍ରେନ୍ ଧକ୍କାରେ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ପଞ୍ଚାୟତ ଭଣ୍ଡାପାଇ ଗ୍ରାମର ତୁଳେଶ୍ୱର ଗୌଡ଼ (୪୨)। ପୋଲିସ ତାଙ୍କ ମୃତଦେହ ଜବତକରି ସ୍ଥାନୀୟ ମେଡିକାଲରେ ସଂରକ୍ଷିତ ରଖିଛି। ବିଜୟନଗରମ ପୋଲିସ ଏ ସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦେଇଛନ୍ତି। ଖବରପାଇ ପରିବାରବର୍ଗ ବିଜୟନଗରମ ଯାଇଛନ୍ତି।

# ବସ୍‌ରେ ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବଡ଼ବିଲ,୭।୮ (ଦେବପ୍ରିୟ ରଣା)

କେନ୍ଦୁଝରରୁ ବଡ଼ବିଲ ଆସୁଥିବା ଏକ ଯାତ୍ରୀବାହୀ ବସ୍‌ରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବଡ଼ବିଲ ବସ୍‌ଷ୍ଟାଣ୍ଡରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଭଦ୍ରକ ଜିଲା ଧୁଷୁରି ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ସତ୍ୟବ୍ରତ ନାୟକ। ସେ ବଡ଼ବିଲ ଥାନା ରାଜୀବ ବିହାର ଅଞ୍ଚଳର ଏକ ଘରୋଇ କମ୍ପାନୀର ଗେଷ୍ଟ ହାଉସ୍‌ରେ ରହି କାମ କରୁଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝରରୁ ଆସୁଥିବା ବର୍ଷା ନାମକ ଯାତ୍ରୀବାହୀ ବସ୍‌ରେ ମଙ୍ଗଳବାର ଅପରାହ୍ନ ୨ଟା ୪୫ ରେ ବଡ଼ବିଲ ଅଞ୍ଚଳର ଜଣେ ଯୁବତୀ ରିମୁଲିରୁ ଚଢ଼ିଥିଲେ। ବସ୍‌ରେ ୨ ଟିକିଆ ସିଟ୍ ଥିବାବେଳେ ଗୋଟିଏ ସିଟ୍ ଖାଲିଥିବାରୁ ଯୁବତୀ ଜଣକ ବସିଥିଲେ। ସିଟକୁ ଲାଗିଥିବା ସିଟ୍‌ରେ ପୂର୍ବରୁ ବସିଥିବା ଅଭିଯୁକ୍ତ ଜଣକ ଯୁବତୀ ବସିବା ପରଠାରୁ ଅସଦ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀ ବସ୍ କଣ୍ଡକ୍ଟରଙ୍କୁ କହି ସିଟ୍ ବଦଳାଇ ଥିଲେ ହେଁ ଅଭିଯୁକ୍ତ ଯୁବତୀଙ୍କ ସମ୍ମୁଖକୁ ଯାଇ ଛିଡ଼ାହୋଇ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ କଣ୍ଡକ୍ଟର ଓ ନିଜ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ବସ୍‌ଟି ବଡ଼ବିଲସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ବେଳକୁ ପୂର୍ବରୁ ଛକି ରହିଥିବା ଯୁବତୀଙ୍କ ପରିବାର ଓ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ। ପରେ ଯୁବତୀ ଜଣକ ଲିଖିତ ଅଭିଯୋଗ କରିବା ପରେ ବଡବିଲ ପୋଲିସ ଏକ ମାମଲା(ନଂ. ୨୩୯/୨୪) ରୁଜୁ କରିଥିଲା। ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ବଡ଼ବିଲ କୋର୍ଟଚାଲାଣ କରିଥିଲା। ଜାମିନ୍ ଆବେଦନ ଖାରଜ ହୋଇଥିବାରୁ ଅଭିଯୁକ୍ତଙ୍କୁ ବଡ଼ବିଲ ସବ୍‌ଜେଲକୁ ପଠାଯାଇଥିବା ଜଣାପଡ଼ିଛି।

# ରହସ୍ୟ ଖୋଲିଲେ ବରୁଣ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ ଗୋଟିଏ କଥାରେ ଭାରି ବିଶ୍ୱାସ କରନ୍ତି। କୌଣସି ସିନେମାର ଶୁଟିଂ ଆରମ୍ଭ ପୂର୍ବରୁ ସେ ପୂଜାପାଠ କରିବାକୁ ଭୁଲନ୍ତି ନାହିଁ। ଏହାବ୍ୟତୀତ ସେ ପଶୁପକ୍ଷୀ ପାଳିବାକୁ ଭଲ ପାଆନ୍ତି। ତା'ସହ ନିଜର ଫିଟ୍‌ନେସ୍ ପ୍ରତି ମଧ୍ୟ ବେଶ୍ ସତର୍କ ଥାଆନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, ' ପିଲାଟି ଦିନରୁ ମୋର ଠାକୁରଙ୍କ ପ୍ରତି ଦୃଢ଼ ବିଶ୍ୱାସ ରହିଛି। କାରଣ ଠାକୁରଙ୍କ ଆଶୀର୍ବାଦ ବିନା କିଛି ସମ୍ଭବ ନୁହେଁ। ଏହାବ୍ୟତୀତ ମେକ୍‌ଅପ୍ ନେବା ସମୟରେ ନିଜର କେଶ ବିନ୍ୟାସ ପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି । ଏପରିକି ବେଳେବେଳେ ସେ ଏଥିପାଇଁ ଘଣ୍ଟାଏରୁ ଅଧିକ ସମୟ ନେଇଥାଆନ୍ତି। ବରୁଣଙ୍କ ନିକ୍ ନେମ୍ ପପୁ। ବରୁଣଙ୍କ ବଲିଉଡ୍ କ୍ୟାରିୟର ଜଣେ ସହନିର୍ଦ୍ଦେଶକ ଭାବରେ ଆରମ୍ଭ ହୋଇଥିଲା, ଆଉ ଫିଲ୍ମଟି ଥିଲା 'ମାଇଁ ନେମ୍ ଇଜ୍ ଖାନ୍'। ଏହାର ଦୁଇ ବର୍ଷ ପରେ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'ରୁ ସେ ନାୟକ ସାଜିଥିଲେ। ଏବେ ତାଙ୍କ ହାତରେ ଥିବା ଫିଲ୍ମଗୁଡିକ ହେଲା– 'ବେବି ଜନ୍', 'ସନି ସଂସ୍କାରି କି ତୁଲସୀ କୁମାରୀ' ଏବଂ 'ହେ ଜୱାନୀ ତୋ ଇସ୍କ ହୋନା ହେ'। ଏଗୁଡିକ ମଧ୍ୟରୁ 'ବେବି ଜନ୍' ଚଳିତ ବର୍ଷ ଡିସେମ୍ବର ୨୫ରେ ରିଲିଜ ହେବାର ଯୋଜନା ରହିଛି। ଏହି ଫିଲ୍ମଟିକୁ ନେଇ ବେଶ୍ ଭରସା ରଖିଛନ୍ତି ସେ।


ବରୁଣ

# ଭାବି ନ ଥିଲେ ସାରା

ସୈଫ ତନୟା ସାରା ଅଲ୍ଲୀ ଖାନ୍‌ଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସାରା। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ନାୟିକା ସାଜିବେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ସେ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫର୍‌କୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ତେବେ ନିକଟରେ ସାରା ସାଇନ୍ କରିଥିବା ତିନୋଟି ଫିଲ୍ମ ତାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


ସାରା

# କେମିତି ପ୍ରେମ

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ନୂଆ ସିନେମା 'କେମିତି ପ୍ରେମ' ରିଲିଜ ଅପେକ୍ଷାରେ ରହିଛି। ଏହାର ପ୍ରଯୋଜନା କରିବା ସହ ଚିତ୍ରଟିରେ ନାୟକ ସାଜୁଛନ୍ତି ଧୀରେନ୍ ନାଥ ତ୍ରିପାଠୀ। ସିନେମାର କାହାଣୀ ରଚନା କରିଛନ୍ତି ଆଶୁତୋଷ ବାରିକ। ଫିଲ୍ମ ସମ୍ପର୍କରେ ଧୀରେନ୍ କହନ୍ତି, 'ବର୍ତ୍ତମାନର ଯୁବପିଢ଼ିଙ୍କୁ ଲକ୍ଷ୍ୟ କରି କାହାଣୀ ଚୟନ କରାଯାଇଛି। ଏଥିରେ କେବଳ ଲଭ୍ ନୁହେଁ, ଇମୋଶନ, ଆକ୍ସନ, କମେଡି, ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ଗୋଟିଏ ପଟେ ପ୍ରଯୋଜନା ଏବଂ ଅନ୍ୟପଟେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବା ଏକ ରିସ୍କ। ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ମା' ଧନଲକ୍ଷ୍ମୀ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ଆନନ୍ଦ କୁମାର। ଏଥିରେ ଧୀରେନ୍‌ଙ୍କ ବ୍ୟତୀତ ପ୍ରିୟଙ୍କା ସାହୁ, ରାକେଶ ଦେଓ, ପ୍ରିୟଙ୍କା ପାଣିଗ୍ରାହୀ, ରାବଣ, ଗୁଣ୍ଡୁ, ମିତା ଚକ୍ରବର୍ତ୍ତୀ, କୁସୁମ ତ୍ରିପାଠୀ, ଲଲାଟେନ୍ଦୁ, ସୁଶାନ୍ତ ସାହୁ, ଟୁନା ଟନ୍ ଟନ୍, ଶୁଭଶ୍ରୀ ଏବଂ ଶିଶୁ କଳାକାର ତନିଷ୍କା ମିଶ୍ର। ସୂଚନାଯୋଗ୍ୟ ଏହା ପୂର୍ବରୁ ଧୀରେନ୍ 'ଆଇଆଇସି ଧୀରେନ୍' ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିସାରିଛନ୍ତି। ଫିଲ୍ମଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ ବେଉରା।


(ବାମରୁ) ରାବଣ–ଧୀରେନ୍–ରାକେଶ

# କେବଳ ଅପେକ୍ଷା

ବେଳେବେଳେ ମଣିଷ ଯାହା ଚାହେଁ, ତାହା ପୂରଣ ହୁଏନା। ନିଜର ସ୍ୱପ୍ନ ସାକାର କରିବାକୁ ଆଉ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ଦୀର୍ଘ ୧୮ ବର୍ଷର ଆକ୍ଟିଂ କ୍ୟାରିୟରରେ ବେଶ୍ ଉତ୍‌ଥାନ ପତନ ଦେଇ ସେ ଗତି କରିଛନ୍ତି। ଆଉ ତାହା ଭିତରେ ମାତ୍ର ୨୦ରୁ ଅଧିକ ସିନେମାରେ ଅଭିନୟ କରିଛନ୍ତି। ଗତ ବର୍ଷେ ହେଲା ତାଙ୍କ ଅଭିନୀତ ଗୋଟିଏ ହେଲେ ଫିଲ୍ମ ରିଲିଜ ହୋଇନାହିଁ। ହଁ, ସେ ହେଲେ ନୁସରତ ଭରୁଚା। ୨୦୦୬ରେ 'ଜୟ ସନ୍ତୋଷୀ ମା'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତା'ପରେ ସେ 'ଲଭ୍ ସେକ୍ସ ଔର ଧୋକା', 'ପ୍ୟାର୍ କା ପଞ୍ଚନାମା', 'ଆକାଶବାଣୀ', 'ଡ୍ରିମ୍ ଗାର୍ଲ', 'ମରଜାଓଁ', 'ଛଲାନ୍', 'ରାମସେତୁ', 'ସେଲ୍‌ଫି' ଏବଂ 'ଅକେଲି' ଫିଲ୍ମରେ ଅଭିନୟ କରିସାରିଛନ୍ତି। ନିଜ କ୍ୟାରିୟର ବିଷୟରେ ନୁସରତ କହନ୍ତି, 'ଏ ପର୍ଯ୍ୟନ୍ତ କେବଳ ଦର୍ଶକଙ୍କ ଭଲ ପାଇବା ପାଇଁ ମୁଁ ବଲିଉଡ୍‌ରେ ତିଷ୍ଠିରହିଛି। ମୋତେ ଯେଉଁ ଭୂମିକାଗୁଡିକ ମିଳିଛି ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଏକଥା ସତ ଯେ, ଆକ୍ଟିଂ କ୍ୟାରିୟରରେ ଅପ୍–ଡାଉନ୍ ଲାଗିରହିଥାଏ। ତେଣୁ ଏବେ ମୋ ପାଇଁ ସମୟ ଭଲ ନାହିଁ। ତେଣୁ ପ୍ରାୟ ବର୍ଷେ ହେଲା ମୋତେ କୌଣସି ନୂଆ ଅଫର ମିଳିନାହିଁ। ତଥାପି ଅପେକ୍ଷା କରିବି।' ଅନ୍ୟପକ୍ଷରେ ନୁସରତ୍ ଅଭିନୟ କରିଥିବା 'ଛୋରି–୨'ର ଶୁଟିଂ ନିକଟରେ ଶେଷ ହୋଇଛି।


ନୁସରତ

# ଅଭିନେତ୍ରୀ ହୋଇ ନ ଥିଲେ...

ଥରେ ମନେପକାନ୍ତୁ ନା ଆମିର ଖାନ୍‌ଙ୍କ ଅଭିନୀତ ତଥା ହିଟ୍ ଫିଲ୍ମ 'ଦଙ୍ଗଲ'ର ବବିତା ପୋଘାଟ ଚରିତ୍ରକୁ। ଏହି ଭୂମିକାରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ତେବେ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଉ ଏକ ଇଚ୍ଛା ଥିଲା। କିନ୍ତୁ ତାହା ପୂରଣ ହେଲା କି ? ଯଦି ହଁ, ତେବେ ସେହି ଆଶାଟି କ'ଣ ଥିଲା ? ଆସନ୍ତୁ ନା, ଏ ନେଇ ଖୋଦ୍ ସାନ୍ୟା କ'ଣ କହୁଛନ୍ତି ଜାଣିବା। 'ପାଠ ପଢ଼ିବା ବେଳେ କେବେ ଭାବି ନ ଥିଲି ଯେ ଦିନେ ମୁଁ ଜଣେ ଆକ୍ଟ୍ରେସ୍ ହେବି ବୋଲି। ଅଧିକ ପାଠ ପଢ଼ିବି ଆଉ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଆଶା ରଖିଥିଲି। କିନ୍ତୁ ତାହା କେବଳ ଆଶାରେ ହିଁ ରହିଗଲା। ଯେତେବେଳେ ମୋତେ ଆମିର ସାର୍ ଏହି ଫିଲ୍ମ ପାଇଁ ଅଫର ଦେଲେ ସେତେବେଳେ ତାହାକୁ ବିଶ୍ୱାସ କରିପାରି ନ ଥିଲି। ଯାହାହେଉ ଭୂମିକାଟି ମୋତେ ବେଶ୍ ମାଇଲେଜ ଦେଲା ଏବଂ ପରେ ମୁଁ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଛି। ଗୋଟିଏ କଥା ଜାଣନ୍ତି ? ସାନ୍ୟା ନନ୍‌ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହା ବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ସାନ୍ୟା ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ହେଉଛି– 'ସିକ୍ରେଟ ସୁପରଷ୍ଟାର', 'ବଧାଇ ହୋ', 'ଫଟୋଗ୍ରାଫ', 'ଲଭ୍ ହଷ୍ଟେଲ', 'ଜୱାନ' ଏବଂ 'ଶାମ ବାହାଦୁର'। ତାଙ୍କ ଅଭିନୀତ 'ବେବି ଜନ' ରିଲିଜ ଅପେକ୍ଷାରେ ଅଛି।


ସାନ୍ୟା

ଛୋଟ ପରଦା

# ପୋଲିସ ବାବୁ ୨

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଚଳିତ ମାସ ୧୧ ତାରିଖ ଅର୍ଥାତ୍ ରବିବାର ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବ ଓଡ଼ିଆ ସିନେମା 'ପୋଲିସ ବାବୁ ୨'। ସମରେଶ ରାଉତରାୟ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଶୈଳେନ୍ଦ୍ର ପରିଡା। କାହାଣୀ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । କାହାଣୀ ଅନୁସାରେ ରାଜ୍ ଜଣେ ଦୁର୍ନୀତିଗ୍ରସ୍ତ ପୋଲିସ ଅଫିସର, ଯିଏ ନିଜର ବିଧବା ମା'ଙ୍କ ସହ କଟକରେ ରୁହନ୍ତି। ଅଧିକା ଲାଞ୍ଚ ଲୋଭରେ ସେ ଯାଜପୁରକୁ ନିଜର ଟ୍ରାନ୍ସଫର କରିନେଇଛନ୍ତି । ସେଠାରେ ସେ ବିଜୁଳି ନାମ୍ନୀ ଜଣେ ଆଇନ୍ ଛାତ୍ରୀଙ୍କୁ ଜୀବନ ସାଥୀ ରୂପେ ପାଇଛି। ସମୟ କ୍ରମେ ରାଜ୍ ଜାଣିବାକୁ ପାଇଛି ନିଜର ମା'ର ବିଧବା ହେବାର କାରଣ କ'ଣ । ତେବେ ରାଜ କ'ଣ ନିଜ ବାପାଙ୍କୁ ମାରିଥିବା ଲୋକଙ୍କୁ ଶାସ୍ତି ଦେଇପାରିବ ? ଏଗୁଡିକର ଉତ୍ତର ରହିଛି ଏହି ସିନେମାରେ। ଏହାର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଶୁଭାଶିଷ ଶର୍ମା (ମଣ୍ଟୁ), ଅନୁରାଧା ଏବଂ ସମରେଶ ରାଉତରାୟ।


ମଣ୍ଟୁ

ପରଦାରେ..

# ଭଗିଆ ଭାରିଯା

ଘର ସିନା ନିପଟ ମଫସଲରେ, ହେଲେ ମନ ଆକାଶରେ ଉଡୁଛି। ସମୟ ପାଇବା ମାତ୍ରେ ହେଉ ଅବା କୌଣସି କାମ କରିବା ସମୟରେ ଯଦି ରିଲ୍ କରିବାକୁ ମନ ହେଲା, ତେବେ ତାଙ୍କୁ ଅଟକାଇବା କଷ୍ଟ। ବାସ୍, ତା'ପରେ ନିଜ ଅଟୋ ଚଲାଉଥିବା ସ୍ୱାମୀ ଏକଥାକୁ ଲକ୍ଷ୍ୟ କରି ତାଙ୍କୁ ଉତ୍ସାହିତ କରି କହନ୍ତି, ତୁମେ ଫିଲ୍ମରେ ଆକ୍ଟିଂ କଲେ କେମିତି ହୁଅନ୍ତା ? ବାସ୍, ତା'ପରେ ସ୍ୱାମୀ–ସ୍ତ୍ରୀ ରଙ୍ଗିନ ସ୍ୱପ୍ନ ଦେଖିବା ଆରମ୍ଭ କରନ୍ତି। ଆଉ ଶେଷରେ ? ଦୁହିଁଙ୍କର ଆଶା କ'ଣ ପୂରଣ ହୁଏ ? ମଫସଲର ଭଗିଆ ଭାରିଯା କ'ଣ ଦିନେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ନାୟିକା ଭାବରେ ନିଜକୁ ପରିଚିତ କରାଇ ପାରେ ? ଏସବୁ ପାଇଁ ସେମାନେ ବାଧାବିଘ୍ନକୁ ସାମ୍ନା କରିପାରନ୍ତି ତ ? ଏମିତି ଅନେକ ପ୍ରଶ୍ନର ଅସମାହିତ ଉତ୍ତର ରହିଛି ଏହି ଫିଲ୍ମରେ, ଯାହାର ଟାଇଟଲ ହେଉଛି 'ଭଗିଆ ଭାରିଯା'। ଚଳିତ ମାସ ୯ ତାରିଖରେ ଚିତ୍ରଟି ପରଦା ଉପରକୁ ଆସୁଛି। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ହରିହର ମହାପାତ୍ର। ଅନ୍ୟପକ୍ଷରେ ହରି ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ଭଗିଆ ଭାରିଯା ସାଜିଛନ୍ତି ଦେବଯାନୀ। ଏମାନଙ୍କ ବ୍ୟତୀତ ବବି ମିଶ୍ର, ପୁପିନ୍ଦର, ତୃପ୍ତି ସିହ୍ନା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଫିଲ୍ମଟି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ଆଶା ରଖିଛନ୍ତି ହରି।

'ଭଗିଆ ଭାରିଯା' ଫିଲ୍ମରେ ହରି–ଦେବଯାନୀ


# ଭିନେଶ ବିଦାହେବା ପଛରେ ଷଡ଼ଯନ୍ତ୍ର: ବିଜେନ୍ଦର

**ପ୍ୟାରିସ୍,୭।୮(ପି.ଟି.): ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟର ଫାଇନାଲରେ ପହଞ୍ଚି ଇତିହାସ ରଚିଥିବା ଭିନେଶ ଫୋଗଟ ବର୍ଦ୍ଧିତ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେ ସମଗ୍ର ଦେଶରେ ଦେଖା ଦେଇଛି ଦୁଃଖର ପରିବେଶ। ଭାରତର ପ୍ରଥମ ମହିଳା ରେସଲର ଭାବରେ ମଙ୍ଗଳବାର ଭିନେଶ ଏକ ସ୍ୱର୍ଣ୍ଣ ବା ରୌପ୍ୟ ପଦକ ନିଶ୍ଚିତ କରିଥିବା ବେଳେ ରାତି ପାହିବା ବେଳକୁ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା ଓ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଅନେକ ପୂର୍ବତନ ଆଥଲେଟ ଓ ସାଧାରଣ ଜନତା ଦୁଃଖ ପ୍ରକାଶ କରିଛନ୍ତି।**


ଭିନେଶ ଫୋଗଟ

ଭିନେଶ ଫୋଗଟ ବର୍ଦ୍ଧିତ ଓଜନ କାରଣରୁ ଅଯୋଗ୍ୟ ଘୋଷିତ ହେବା ପରେଅଲିମ୍ପିକ୍ସ ପଦକ ବିଜେତା ଭାରତୀୟ ବକ୍ସର ବିଜେନ୍ଦର ସିଂ ଷଡଯନ୍ତ୍ରର ସନ୍ଦେହ କରିଛନ୍ତି। ପ୍ରଫେଶନାଲ ଆଥଲେଟ ଭାବରେ ଓଜନ କମ୍ କରିବାର କୌଶଳ ଆମ ସମସ୍ତଙ୍କୁ ଜଣା। ଭିନେଶ ୧୦୦ ଗ୍ରାମ ଅଧିକ ଓଜନ ରହିବା ଷଡଯନ୍ତ୍ର ଆଡକୁ ଇସାରା କରୁଛି ବୋଲି ବିଜେନ୍ଦର କହିଛନ୍ତି। ପ୍ରଫେଶନାଲ ଆଥଲେଟ ଭାବରେ ଆମେ ଥରକରେ ୫-୬ କେଜି ଓଜନ କମ୍ କରିବାର ଦକ୍ଷତା ରଖିଥାଉ। ଭୋକ, ଶୋଷ ଓ ହାଲିଆ ହେବାକୁ ନିୟନ୍ତ୍ରଣରେ ରଖିବା ମଧ୍ୟ ଆମକୁ ଜଣା ବୋଲି କହିଛନ୍ତି ବିଜେନ୍ଦର। ଷଡଯନ୍ତ୍ରର କଥା କହିବା ସହ କିଛି ଲୋକ ଭିନେଶଙ୍କ ପଦକ ଜିତିବାକୁ ନେଇ ଖୁସି ନ ଥିଲେ। ସେହି ଭଳି ଲୋକ ମାନେ ଭିନେଶଙ୍କ ବିରୋଧରେ ଏଭଳି ଷଡଯନ୍ତ୍ର କରି ଥାଇ ପାରନ୍ତି ବୋଲି ବିଜେନ୍ଦର ସନ୍ଦେହ କରିଛନ୍ତି। ନିକଟ ଅତୀତରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିପକ୍ଷରେ ଯୌନଶୋଷଣ ଅଭିଯୋଗ ଆଣି ଦୁଇ ଅଲିମ୍ପିଆନ ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ସହ ଭିନେଶ ଫୋଗଟ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ। ଏହି ଧାରଣାର ଚେହେରା ରହିଥିଲେ ଭିନେଶ। ଏପରିକି ଭିନେଶଙ୍କୁ ସଡକରେ ରାତି ବିତାଇବା ସହ ପୋଲିସ୍ ଷ୍ଟେଶନରେ ମଧ୍ୟ ରହିବାକୁ ପଡିଥିଲା। ପ୍ରଥମ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱ ଚାମ୍ପିୟନ ଜାପାନର ୟୁଇ ସୁସାକି ଓ ପରବର୍ତ୍ତୀ ମ୍ୟାଚରେ ୟୁକ୍ରେନ୍‌ର ଓକସାନା ଲିଭାଚ୍‌ଙ୍କୁ ହରାଇଥିଲେ ଭିନେଶ। ତେଣୁ ଭିନେଶ ଏଭଳି ଛୋଟ ଭୁଲ କରିବାର ସମ୍ଭାବନା କମ୍ ବୋଲି କହିଛନ୍ତି ବିଜେନ୍ଦର।

ଅନେକ ସମୟରେ ଓଜନ କମ କରିବା ପାଇଁ ଆମକୁ ଘଣ୍ଟା ଘଣ୍ଟା ଧରି ଉପାସ ରହିବାକୁ ପଡିଥାଏ। ଝାଳ ବୁହାଇବା ପାଇଁ ସଉନା ଶୁଟ୍ ପିନ୍ଧିଥାଉ। ଏହି ଶୁଟ୍ କୌଣସି ଭାଟିଠାରୁ କମ୍ ନୁହେଁ। ଏହାକୁ ପିନ୍ଧି ଦୌଡିବା ସହିତ ଅନ୍ୟାନ୍ୟ ଶାରୀରିକ ବ୍ୟାୟାମ ମଧ୍ୟ କରିବାକୁ ପଡିଥାଏ। ଫଳରେ ଅତିରିକ୍ତ ଝାଳ ବାହାରି ଓଜନ କମ୍ ହୋଇଥାଏ।

୬ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍ ମଧ୍ୟ ଓଜନ କମ୍ କରିବାର ଉଦାହରଣ ଦେଇଥିଲେ। ୨୦୧୮ରେ କିଭଳି ମାତ୍ର ୪ ଘଣ୍ଟାରେ ସେ ୨ କେଜି ଓଜନ କମ୍ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପୋଲାଣ୍ଡରେ ଏକ ଟୁର୍ନାମେଣ୍ଟ ପାଇଁ ପହଞ୍ଚିବା ପରେ ତାଙ୍କ ଓଜନ ୨ କେଜି ଅଧିକ ରହିଥିଲା। ତେବେ ୪ ଘଣ୍ଟା ପରିଶ୍ରମ କରି ସେ ୨ କେଜି ଓଜନ କମ କରିଥିବା କହିଥିଲେ ମେରୀ କମ୍।

## ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କର: ମୋଦି

ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିନେଶ ଅଯୋଗ୍ୟ ଘୋଷିତ ହେବାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୋଦି ଏକ୍ସରେ ପୋଷ୍ଟ କରି ଭିନେଶଙ୍କୁ ଚାମ୍ପିୟନ ଅଫ୍ ଚାମ୍ପିୟନ୍ସ ବୋଲି କହିଥିଲେ। ତୁମେ ସମଗ୍ର ଭାରତ ବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। ଆଜିର ଘଟଣା ନିଶ୍ଚିତ ଭାବରେ ଦୁଃଖଦାୟକ। ତୁମେ ବର୍ତ୍ତମାନ ଯାହା ଅନୁଭବ କରୁଛ ମୁଁ ତାହା ଅନୁଭବ କରିପାରୁଛି। ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାର ଦକ୍ଷତା ତୁମ ମଧ୍ୟରେ ରହିଛି। ଚ୍ୟାଲେଞ୍ଜକୁ ସଦା ସର୍ବଦା ତୁମେ ମୁହାଁମୁହିଁ ସାମ୍ନା କରିଥାଅ। ତୁମେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କର, ଆମେ ସମସ୍ତେ ତୁମ ସହିତ ରହିଛୁ ବୋଲି ଲେଖିଥିଲେ ମୋଦି। ଏହା ସହ ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓସି) ସଭାପତି ପି.ଟି. ଉଷାଙ୍କ ସହ ମଧ୍ୟ ମୋଦୀ ଏ ସମ୍ପର୍କରେ କଥା ହୋଇଥିଲେ। ଏହି ମାମଲାର ସମାଧାନ ପାଇଁ କଣ ବିକଳ୍ପ ରହିଛି ତାହାର ସଂଶୋଧନ ପାଇଁ ମଧ୍ୟ ଉଷାଙ୍କୁ ଅନୁରୋଧ କରିଥିଲେ ମୋଦୀ। ଏହା ସହ ଦୃଢ ପ୍ରତିବାଦ କରିବା ପାଇଁ ମଧ୍ୟ ସେ ଉଷାଙ୍କୁ କହିଥିଲେ।

## ଦୃଢ଼ ପ୍ରତିବାଦ ଆବଶ୍ୟକ: ଗାଭାସ୍କର

ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେଇଥିବା ବେଳେ ଭାରତ ଏହାର ଦୃଢ ଭାବରେ ପ୍ରତିବାଦ କରିବା ଉଚିତ ବୋଲି କହିଛନ୍ତି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର। ନିର୍ଦ୍ଧାରିତ ଓଜନରୁ ୧୦୦ ଗ୍ରାମ ଅଧିକ ଥିବା କାରଣରୁ ଭିନେଶଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ଓ ଭାରତ ସରକାରଙ୍କ ପକ୍ଷରୁ ଯାହା ସମ୍ଭବ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ଗାଭାସ୍କର କହିଛନ୍ତି। ଏହା ସେଠାରେ ଉପସ୍ଥିତ ସମ୍ପୂର୍ଣ୍ଣ ଭାରତୀୟ ଦଳକୁ ନିଶ୍ଚୟ ନିରୁତ୍ସାହିତ କରିଥିବ, ତେବେ ଏହା କ୍ରୀଡାର ଏକ ଅଂଶ ବୋଲି କହିଛନ୍ତି ଗାଭାସ୍କର।

## ଚରଖି ଦାଦ୍ରିରେ ଭଗୱନ୍ତ ମାନ୍

ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଭିନେଶଙ୍କ ଅଯୋଗ୍ୟ ଘୋଷଣା ହେବା ପ୍ରସଙ୍ଗକୁ ନେଇ ଦୁଃଖ ପ୍ରକାଶ କରିବା ସହ ହରିୟାଣା ଗସ୍ତ କରିଛନ୍ତି। ଚରଖି ଦାଦ୍ରିରେ ଏକ ରାଲିକୁ ସମ୍ବୋଧିତ କରିବା ପାଇଁ ଯାଇଥିବା ବେଳେ ସେଠାରୁ ଯାଇ ଭିନେଶଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ପରିବାର ବର୍ଗଙ୍କୁ ଭେଟିବା ସହ ଦେଶ ଭିଶେଙ୍କ ପାଇଁ ଗର୍ବିତ ବୋଲି ମଧ୍ୟ କହିଥିଲେ।


ହସ୍ପିଟାଲରେ ଭିନେଶ ଫୋଗଟଙ୍କ ସହ ପି.ଟି. ଉଷା।

## ସମର୍ଥନରେ ବଲିଉଡ୍

ଭିନେଶ ଫୋଗଟ ଅଯୋଗ୍ୟ ଘୋଷିତ ହେବା ସହିତ ଭାରତର ପଦକ ଆଶା ସମାପ୍ତ ହୋଇଥିବା ବେଳେ ସମଗ୍ର ବଲିଉଡ ଭିନେଶଙ୍କ ସମର୍ଥନରେ ବାହାରିଛି। କରୀନା କପୁର ଖାନ୍, ଆଲିଆ ଭଟ୍ଟ ଓ ଫରହାନ ଅଖତରଙ୍କ ଭଳି ଷ୍ଟାର ତାଙ୍କ ସମର୍ଥନରେ ବାହାରିଛନ୍ତି। କରୀନା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ଲେଖିଥିଲେ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଲିଭିଙ୍ଗ ଲିଜେଣ୍ଡ। ଭିନେଶ ସମଗ୍ର ଦେଶ ପାଇଁ ଆଦର୍ଶର ପ୍ରତୀକ ବୋଲି କହିଥିଲେ ଆଲିଆ ଭଟ୍ଟ। ତୁମେ ଯାହା ହାସଲ କରିଛ ଏହା ତୁମ ଠାରୁ କେହି ଛଡାଇ ପାରିବେ ନାହିଁ ବୋଲି ଲେଖିଥିଲେ ଫରହାନ ଅଖତର। ଫରହାନଙ୍କ ଭଉଣୀ ତଥା ନିର୍ଦ୍ଦେଶକ ଜୋୟା ଅଖତର ମଧ୍ୟ ସମାନ ମତପୋଷଣ କରିଛନ୍ତି। ତୁମେ ଦେଶ ପାଇଁ ଯାହା କରିଛ ତାକୁ ଯେତେ ପ୍ରଶଂସା କଲେ ମଧ୍ୟ କମ ହେବ ବୋଲି କହିଛନ୍ତି ଜୋୟା। ଏହା ସହ ଏକାଧିକ ସାଧାରଣ ଜନତା ଇଣ୍ଟରନେଟ ଜରିଆରେଅସନ୍ତୋଷପ୍ରକାଶକରିଛନ୍ତି।


ଲି ଗଲ୍ଫ ନ୍ୟାଶନାଲ ଇନ ଷ୍ଟାଡିୟମରେ ଅନୁଷ୍ଠିତ ଅଲିମ୍ପିକ୍ସର ମହିଳା ଗଲ୍ଫ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ-୧ ଇଭେଣ୍ଟ ଥାର୍ଡ ହୋଲ ଅବସରରେ ଭାରତର ଅଦିତି ଅଶୋକ।

# ଟିଟିରେ ଭାରତୀୟ ଅଭିଯାନ ଶେଷ

ପ୍ୟାରିସ, ୭।୮ (ପି.ଟି.)

ବୁଧବାର ମହିଳା ଟେବୁଲ ଟେନିସ (ଟିଟି) ଟିମ୍ ଇଭେଣ୍ଟରେ ଜର୍ମାନୀଠାରୁ ୩-୧ରେ ପରାଜିତ ହେବା ପରେ ପ୍ୟାରିସ ଅଲିମ୍ପିକ୍ସ ଟେବୁଲ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି। ଏହି ମୁକାବିଲାରେ କେବଳ ଅର୍ଚ୍ଚନା କାମାଥ କିଛି ସମୟ ତିଷ୍ଠି ପାରିଥିଲେ। ଓପନିଂ ଡବଲ୍ସରେ ଭାରତୀୟ ଯୋଡ଼ି ଶ୍ରୀଜା ଆକୁଲା ଓ ଅର୍ଚ୍ଚନା ୫-୧୧, ୧୧-୮, ୧୦-୧୨, ୬-୧୧ରେ ଜର୍ମାନୀର ୟୁଆନ ୱାନ ଓ ଜିଓନା ଶାନ୍‌ଙ୍କ ନିକଟରୁ ହାରିଯାଇଥିଲେ। ଶ୍ରୀଜା ଓ ଅର୍ଚ୍ଚନା ତୃତୀୟ ଗେମ୍ ପର୍ଯ୍ୟନ୍ତ ଦୁର୍ଗ ସମ୍ଭାଳିଥିଲେ, କିନ୍ତୁ ଡ୍ୟୁସରେ ପରାସ୍ତ ହୋଇଥିଲେ। ପରେ ସେମାନେ ମ୍ୟାଚ ହାରିଯାଇଥିଲେ। ପ୍ରଥମ ସିଙ୍ଗଲ୍ସରେ ଭାରତୀୟ ଷ୍ଟାର ମନିକା ବାତ୍ରା ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ସେ ଆନେଟ କାଫମାନଙ୍କଠାରୁ ୧୧-୮, ୫-୧୧, ୭-୧୧, ୫-୧୧ରେ ହାରିଯିବାରୁ ଜର୍ମାନୀ ୨-୦ରେ ଅଗ୍ରଣୀ ଲାଭ କରିଥିଲା। ପରେ ଦ୍ୱିତୀୟ ସିଙ୍ଗଲ୍ସରେ ଅର୍ଚ୍ଚନା ୧୯-୧୭, ୧-୧୧, ୧୧-୫, ୧୧-୯ରେ ଜିଓନା ଶାନ୍ ପରାସ୍ତ କରି ଭାରତ ପାଇଁ କିଛିଟା ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ ତୃତୀୟ ସିଙ୍ଗଲ୍ସରେ କାଫମାନ ୧୧-୯, ୧୧-୭, ୧୧-୭ରେ ଶ୍ରୀଜାଙ୍କୁ ହରାଇଦେଇଥିଲେ। ଫଳରେ ଜର୍ମାନୀ ଏହି ମୁକାବିଲା ଜିତି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା।

## ପଙ୍ଘାଲଙ୍କ ବିଦାୟ

ଭାରତର ଅନ୍ତିମ ପଙ୍ଘାଲ ପ୍ୟାରିସ ଅଲିମ୍ପିକ୍ସ ରେଲସିଂ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମହିଳା ୫୩କେଜିରେ ସେ ତୁର୍କୀର ୟେଟ୍‌ଗିଲ୍ ଜେନେପଙ୍କଠାରୁ ୦-୧୦ରେ ଶୋଚନୀୟ ପରାଜୟ ବରଣ କରିଛନ୍ତି। ୧୯ ବର୍ଷୀୟ ଅଲିମ୍ପିକ ପଦାର୍ପଣକାରୀ ରିପିଚେଜ୍ ଜରିଆରେ ପଦକ ଜିତିବେ ବୋଲି ଆଶା କରାଯାଉଥିଲା। ମାତ୍ର ଜେନେପ କ୍ୱାର୍ଟରଫାଇନାଲରେ ଜର୍ମାନୀର ଆନ୍ନିକା ୱେଣ୍ଡେଲଙ୍କଠାରୁ ହାରିଯାଇଥିଲେ। ପ୍ୟାରିସ ଗେମ୍ସରେ ପଙ୍ଘାଲଙ୍କଠାରୁ ଭାରତ ଏକ ପଦକ ଆଶା କରୁଥିଲା।

**ଭାରତର କାର୍ଯ୍ୟସୂଚୀ (ଗୁରୁବାର)**

**ଆଥଲେଟିକ୍ସ:**
ଜାଭେଲିନ୍ ଥ୍ରୋ ଫାଇନାଲ
ନୀରଜ ଚୋପ୍ରା(ରାତି ୧୧.୫୫)।
୩୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲ
ଅବିନାଶ ସାବଲେ (ସମୟ: ରାତି ୧.୧୩)।
୧୦୦ ମିଟର ହର୍ଡଲ୍ସ ରିପିଚେଜ୍
ଜ୍ୟୋତି ୟାରାଜୀ
(ସମୟ:ଅପରାହ୍ନ୨.୦୫)।
**ଗଲ୍ଫ** :ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ
ରାଉଣ୍ଡ ୨
ଅଦିତି ଅଶୋକ, ଦୀକ୍ଷା ଡାଗର
(ଅପରାହ୍ନ ୧୨.୩୦)।
**କୁସ୍ତି** :ପୁରୁଷ ୫୭ କିଗ୍ରା ଫ୍ରି ଷ୍ଟାଇଲ
ଅମନ ଶେରାୱତ ବନାମ ଭ୍ଲାଦିମିର
ଗେଗ୍ରୋଭ(ଅପରାହ୍ନ ୨.୩୦)
ମହିଳା ୫୭ କିଗ୍ରା ଫ୍ରି ଷ୍ଟାଇଲ
ଅଂଶୁ ମଲିକ ବନାମ ହେଲେନ୍ ଲୁଇସ୍
(ଅପରାହ୍ନ ୨.୩୦)।
**ହକି** :ବ୍ରୋଞ୍ଜ ପଦକ ପ୍ଲେ ଅଫ୍
ଭାରତ ବନାମ ସ୍ପେନ୍।
(ସମୟ ଅପରାହ୍ନ ୫.୩୦)।

# କାସ୍‌ରେ ଅପିଲ କଲେ ଫୋଗଟ

ପ୍ୟାରିସ, ୭।୮ (ପି.ଟି.)

ଅଲିମ୍ପିକ୍ସ କୁସ୍ତି ୫୦ କେଜି କାଟେଗୋରୀ ଫାଇନାଲ ପାଇଁ ତାଙ୍କୁ କାହିଁକି ଅଯୋଗ୍ୟ ଘୋଷଣା କରାଗଲା ସେ ନେଇ ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ବୁଧବାର ଅପିଲ କରିଛନ୍ତି। ତାଙ୍କୁ ଯୁଗ୍ମ ରୌପ୍ୟ ପଦକ ପ୍ରଦାନ କରାଯିବା ଲାଗି ସେ ଦାବି ଉପସ୍ଥାପନ କରିଛନ୍ତି। ଅଲିମ୍ପିକ ଗେମ୍ସ ସମୟରେ କୌଣସି ବିବାଦ ସୃଷ୍ଟି ହେଲେ ତାହାର ତୁରନ୍ତ ବିଚାର ପାଇଁ କାସ୍‌ର ଏକ ଆଡହକ୍ ଡିଭିଜନ ଗଠନ କରାଯାଇଛି। ଫୋଗଟଙ୍କ ଅପିଲ ଗୁରୁବାର ସକାଳେ ବିଚାର ପାଇଁ ଉପସ୍ଥାପନ କରାଯିବ। ମାମଲାର ବିଚାର କରି କାସ୍ ଏକ ଅନ୍ତରୀଣ ରାୟ ପ୍ରକାଶ କରିବେ। ଏହା ଯଦି ଫୋଗଟଙ୍କ ସପକ୍ଷରେ ଯାଏ ତେବେ ତାଙ୍କୁ ଏକ ରୌପ୍ୟ ପଦକ ମିଳିପାରେ।

## ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ ପ୍ରତ୍ୟର୍ପଣର ସମ୍ମୁଖୀନ

ଅନ୍ୟପକ୍ଷରେ ପ୍ୟାରିସରେ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଭାରତୀୟ କୁସ୍ତିଯୋଦ୍ଧା ଅନ୍ତିମ ପଙ୍ଘାଲ ଓ ତାଙ୍କ ସପୋର୍ଟ ଷ୍ଟାଫ୍ ପ୍ୟାରିସରୁ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇଛନ୍ତି। ଖବର ଅନୁସାରେ ପ୍ୟାରିସ ଅଲିମ୍ପିକ୍ସ ମହିଳା ୫୩ କେଜି ଓପନିଂ ବାଉଟରେ ହାରିଯିବା ପରେ ପଙ୍ଘାଲ ଗେମ୍ସ ଭିଲେଜ ଛାଡ଼ି ଏକ ହେଟେଲକୁ ପଳାଇଥିଲେ, ଯେଉଁଠାରେ ତାଙ୍କ କୋଚ ଭଗତ ସିଂ ଓ ବିକାଶ ଅବସ୍ଥାନ କରୁଥିଲେ। ସେ ତାଙ୍କ ଭଉଣୀକୁ ତାଙ୍କ ସ୍ୱୀକୃତିପତ୍ର ଦେଇଥିଲେ ଏବଂ ଗେମ୍ସ ଭିଲେଜକୁ ପଠାଇ ସେଠାରେ ଥିବା ତାଙ୍କ ଜିନିଷପତ୍ର ନେଇ ଆସିବାକୁ କହିଥିଲେ। ଭଉଣୀ ଜିନିଷ ପତ୍ର ନେଇ ଫେରୁଥିବା ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଥିଲେ। ଅପରପକ୍ଷରେ ଭଗତ ଓ ବିକାଶ କ୍ୟାବ୍‌ରେ ଗସ୍ତ କରି ଭଡ଼ା ଦେବାକୁ ମନା କରିବାରୁ ଡ୍ରାଇଭର ଜଣଙ୍କୁ ପୋଲିସକୁ ଡାକବାକୁ ପଡ଼ିଥିଲା।

# ଅଷ୍ଟ୍ରେଲିଆ ହକି ଖେଳାଳି ଗିରଫ

**ଡ୍ରଗ୍ସ କାରବାର**

**ପ୍ୟାରିସ, ୭।୮ (ଏପି):** ଅଷ୍ଟ୍ରେଲିଆ ଫିଲ୍ଡ ହକି ଦଳର ଜଣେ ୨୮ ବର୍ଷୀୟ ଖେଳାଳି ଗିରଫ ହୋଇ ପୋଲିସ ହେପାଜତରେ ଅଛନ୍ତି। ସେ କୋକେନ କ୍ରୟ କରିବାକୁ ଚେଷ୍ଟା କରୁଥିଲେ। ଏହି ମାମଲାରେ ଜଣେ ୧୭ ବର୍ଷୀୟ ବିକ୍ରେତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ଆଣ୍ଟି ଡ୍ରଗ୍ ୟୁନିଟ୍ ଦ୍ୱାରା ଘଟଣାର ତଦନ୍ତ ଚାଲିଛି। ଅଷ୍ଟ୍ରେଲିଆନ ଅଫିସିଆଲ ଅବା ପ୍ୟାରିସ ପ୍ରସିକ୍ୟୁଟରମାନେ ଆଥଲେଟଙ୍କ ନାମ ଘୋଷଣା କରିନାହାନ୍ତି। ଏ ବିଷୟରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) କିମ୍ବା ଅଷ୍ଟ୍ରେଲିଆନ ଅଲିମ୍ପିକ କମିଟି ଦ୍ୱାରା କୌଣସି ବିବୃତି ଦିଆଯାଇ ନାହିଁ। ଅଷ୍ଟ୍ରେଲିଆର ପୁରୁଷ ଓ ମହିଳା ଦଳ ଯଥାକ୍ରମେ ରବିବାର ଓ ସୋମବାର କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି।


ପ୍ୟାରିସ୍ ଅଲିମ୍ପିକ୍ସରେ ଦୁଇଟି ବ୍ରୋଞ୍ଜ ପଦକ ଜିତି ବୁଧବାର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିବା ତାରକା ମହିଳା ଶୁଟର ମନୁ ଭାକରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା।

# ବାଳିକାରେ ସୂର୍ଯ୍ୟା, ବାଳକରେ ରୌନକ ଚାମ୍ପିୟନ



କୃତୀ ପ୍ରତିଯୋଗୀଙ୍କ ସହ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଅନ୍ୟମାନେ।

## ସର୍ବଭାରତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦଯାପିତ

### ବାଳିକା ଡବଲ୍ସରେ ଶ୍ରୀନିଧି-ରିସିକା, ବାଳକ ଡବଲ୍ସରେ ବିନୟକ୍ରମ-ସ୍ୱସ୍ତିକ ବିଜେତା

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ଜୁନିୟର (୧୯ ବର୍ଷରୁ କମ୍) ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଛି। ସଂଘର୍ଷପୂର୍ଣ୍ଣ ବାଳକ ସିଙ୍ଗଲ୍ସ ଫାଇନାଲରେ ଛତିଶଗଡର ରୌନକ ଚୌହାନ ରାଜସ୍ଥାନର ସଂସ୍କାର ସାରସ୍ୱତଙ୍କୁ ୨୧-୧୪,୨୧-୧୨ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳିକା ସିଙ୍ଗଲ୍ସ ଫାଇନାଲରେ ଆନ୍ଧ୍ରର ସୂର୍ଯ୍ୟା ଚାରିସ୍ମା ତାମିରି ତାମିଲନାଡୁର ଆଦର୍ଶିନୀ ଶ୍ରୀଙ୍କୁ ୧୭-୨୧,୨୨-୨୦,୨୧-୧୭ ପଏଣ୍ଟରେ ହରାଇ ଟାଇଟଲ ଜିତିଛନ୍ତି। ବାଳକ ଡବଲ୍ସ ଫାଇନାଲରେ ତାମିଲନାଡୁ ଯୋଡି ବିନୟକ୍ରମ ଓ ସ୍ୱସ୍ତିକ ମଥାରସନ ଉତ୍ତର ପ୍ରଦେଶ ଓ ରାଜସ୍ଥାନ ଯୋଡ଼ି ଅର୍ଶ ମହମ୍ମଦ ଓ ସଂସ୍କାର ସାରସ୍ୱତଙ୍କୁ ସିଧାସଳଖ ୨୧-୧୨ ଓ ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ବାଳିକା ଡବଲ୍ସ ଫାଇନାଲରେ ତାମିଲନାଡୁ ଯୋଡି ଶ୍ରୀନିଧି ଓ ରିସିକା ଉତ୍ତରାଖଣ୍ଡ ଯୋଡି ଗାୟତ୍ରୀ ଓ ମନସା ରାଓ୍ୱତଙ୍କୁ ୨୧-୧୫,୨୧-୧୮ ପଏଣ୍ଟରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ଭାର୍ଗବ ରାମ ଏରିଗେଲା ଓ ଭେନ୍ନାଲା କେ. ଯୋଡି ଅର୍ଶ ମହମ୍ମଦ ଓ ମାନ୍ୟା ରେଲହନ ଯୋଡିକୁ ୨୧-୧୭ ଓ ୨୧-୧୯ ପଏଣ୍ଟରେ ପରାସ୍ତ କରିଛନ୍ତି। ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଙ୍ଘ ସଭାପତି ତଥା ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଓ ରନରଅପ୍ ଖେଳାଳିଙ୍କୁ ମାନପତ୍ର, ଟ୍ରଫି ଓ ଚେକ ପ୍ରଦାନ କରିଥିଲେ। ଭାରତୀୟ ଦଳର ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଭି. ମୁରଲୀକ୍ରିଷ୍ଣା, ଭାରତୀୟ ଦଳର କୋଚ୍ ଗୋବର୍ଦ୍ଧନ ରେଡ୍ଡୀ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟ ଆସୋସିଏଶନ ଉପସଭାପତି ଗଗନେନ୍ଦୁ ଦାଶ, ସମ୍ପାଦକ ନିଲେନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଏବଂ ବିଭିନ୍ନ ବିଭାଗର ପରିଚାଳନା ମୁଖ୍ୟ କମଲ ଦାସ, ସୁରୁଲାଲ ମଟାରି ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ନତା ମିଶ୍ରଙ୍କୁ ବ୍ରୋଞ୍ଜ ପଦକ


ବ୍ରୋଞ୍ଜ୍ ପଦକ ସହ ଓଡ଼ିଶାର ମନ୍ନତା ମିଶ୍ର (ଡାହାଣ)।

## ଜାତୀୟ ଜୁନିୟର ସନ୍ତରଣ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ଚାଲିଥିବା ୪୦ତମ ସବ-ଜୁନିୟର ଏବଂ ୫୦ତମ ଜୁନିୟର ସନ୍ତରଣ ପ୍ରତିଯୋଗିତାରେ ବୁଧବାର ଓଡ଼ିଶାର ମନ୍ନତା ମିଶ୍ର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବାଳିକା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୨:୪୨.୨୩ ସେକେଣ୍ଡ ସମୟ ନେଇ ସେ ଏହି ସଫଳତା ପାଇଛନ୍ତି। କର୍ଣ୍ଣାଟକର ଥାନ୍ୟା ଶଦାକ୍ଷରୀ ୨:୪୦.୫୯ ସେକେଣ୍ଡ ସହିତ ସ୍ୱର୍ଣ୍ଣ ଏବଂ ଗୁଜରାଟର ଭେନିକା ଭିନିତ ପାରିଖ ୨:୪୦.୯୪ ସେକେଣ୍ଡ ସହିତ ରୌପ୍ୟ ପଦକ ପାଇଛନ୍ତି। ଅନ୍ୟ ଇଭେଣ୍ଟ ଗୁଡ଼ିକ ମଧ୍ୟରେ ବାଳକ ୨୦୦ ମିଟର ମିଡ୍‌ଲେରେ କର୍ଣ୍ଣାଟକର ଏଲ.ନଗେଶ ଶଶି କୁମାର(୨:୪୧.୯୫), ବାଳିକା ୨୦୦ ମିଟର ମିଡ୍‌ଲେରେ ମହାରାଷ୍ଟ୍ରର ନିଧି ତୁଷାର ସାମନ୍ତ (୨:୪୦.୯୧), ବାଳକ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ମହାରାଷ୍ଟ୍ରର ରିଷଭ ଅନୁପମ ଦାସ (୫୬.୮୯) ସ୍ୱର୍ଣ୍ଣ ପଦକ ପାଇଛନ୍ତି।

# ଶ୍ରୀଲଙ୍କା ସିରିଜ୍ ବିଜୟୀ

## ଅନ୍ତିମ ମ୍ୟାଚ୍‌କୁ ୧୧୦ ରନ୍‌ରେ ହାରିଲା ଭାରତ

କଲମ୍ବୋ,୭।୮

ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌କୁ ୧୧୦ ରନ୍‌ରେ ହାରିବା ସହିତ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ରେ ହାରି ଯାଇଛି। ପ୍ରଥମ ମ୍ୟାଚ୍ ଟାଇ ରହିଥିବା ବେଳେ ଘରୋଇ ଦଳ ଅନ୍ତିମ ୨ ମ୍ୟାଚ୍ ଜିତି ନେଇଥିଲେ। ଟି୨୦ ସିରିଜ୍ କ୍ଲିନ୍ ସୁଇପ୍ କରିବାପରେ ଭାରତୀୟ ଦଳ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୭ ଉଇକେଟରେ ୨୪୮ ରନ୍ କରିଥିଲା। ଜବାବରେ ଭାରତ ୨୬.୧ ଓଭରରେ ୧୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ମାତ୍ର ୪ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରିଥିଲେ।

ଶ୍ରୀଲଙ୍କା ପକ୍ଷରୁ ଓପନର ଅଭିସ୍କା ଫର୍ଣ୍ଣାଣ୍ଡୋ ସର୍ବାଧିକ ୯୬ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଶାଲ ମେଣ୍ଡିସ ୫୯ ଓ ପାଥୁମ ନିଶଙ୍କା ୪୫ ରନ୍ ସ୍କୋର କରିଥିଲେ।ଶେଷ ଆଡକୁ କାମିନ୍ଦୁ ମେଣ୍ଡିସ୍ ଅପରାଜିତ ୨୩ ରନ୍ କରିଥିଲେ। ଭାରତ ପକ୍ଷରୁ ପଦାର୍ପଣ କରିଥିବା ରିୟାନ ପରାଗ ୫୪ ରନ୍ ଦେଇ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଲଦୀପ ଯାଦବ, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୪୯ ରନ୍‌ର ପିଛା କରୁଥିବା ଭାରତର ମିଡିଲ ଅର୍ଡର ପୁଣି ଥରେ ଫେଲ ମାରିଥିଲା। ଭାରତର ମାତ୍ର ୪ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁଥିବା ବେଳେ ଦଳ ୧୩୮ ରନ୍‌ରେ ଅଲଆଉଟ ହୋଇଥିଲା। ରୋହିତ ଶର୍ମା ସର୍ବାଧିକ ୩୫, ୱାଶିଂଟନ୍ ସୁନ୍ଦର ୩୦, ବିରାଟ କୋହଲି ୨୦ ଓ ରିୟାନ ପରାଗ ୧୫ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁନିଥ ୱେଲାଲାଗେ ୫, ଜେଫରୀ ଭାଣ୍ଡର୍ସେ, ମହୀଷ ଥିକ୍‌ସାନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଭିସ୍କା ଫର୍ଣ୍ଣାଣ୍ଡୋଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୁନିଥ ୱେଲାଲାଗେଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୪୮/୭(ଅଭିସ୍କା ଫର୍ଣ୍ଣାଣ୍ଡୋ-୯୬, କୁଶାଲ ମେଣ୍ଡିସ-୫୯,ପାଥୁମ ନିଶଙ୍କା-୪୫, ରିୟାନ ପରାଗ-୩/୫୪, ୱାଶିଂଟନ୍ ସୁନ୍ଦର-୧/୨୯, କୁଲଦୀପ ଯାଦବ-୧/୩୬)।

ଭାରତ ୨୬.୧ ଓଭରରେ ୧୩୮/୧୦(ରୋହିତ ଶର୍ମା-୩୫, ୱାଶିଂଟନ୍ ସୁନ୍ଦର-୩୦, ବିରାଟ କୋହଲି-୨୦, ଦୁନିଥ ୱେଲାଲାଗେ-୫/୨୭, ଜେଫରୀ ଭାଣ୍ଡର୍ସେ-୨/୩୪, ମହୀଷ ଥିକ୍‌ସାନା-୨/୪୫)।

# ବିକାଶ ରେସିଡେନ୍ସିଆଲ, କ୍ୟାପିଟାଲ ସ୍କୁଲ ବିଜୟୀ





ଗୁଲସନ ଡିଗଲ ଓ ୟୁଗ୍ ପଟେଲ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର, ୭।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଜୟନ୍ତ କୁମାର ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ରେସିଡେନ୍ସିଆଲ ଏବଂ କ୍ୟାପିଟାଲ ହାଇସ୍କୁଲ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ବିକାଶ ରେସିଡେନ୍ସିଆଲ ୪-୦ ଗୋଲରେ ଚନ୍ଦ୍ରଶେଖରପୁର ଡିଏଭିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ୟୁଗ୍ ପଟେଲ ୨୪ ଓ ୪୮ତମ ମିନିଟରେ ୨ଟି ଏବଂ ଡି. ମହାପାତ୍ର ୭ମ ଓ ଏ. ଲେନି ୧୨ଶ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୟୁଗ୍ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ କ୍ୟାପିଟାଲ ହାଇସ୍କୁଲ ୫-୦ ଗୋଲରେ ଆଇଆରସି ଭିଲେଜ ହାଇସ୍କୁଲକୁ ହରାଇଛି। କ୍ୟାପିଟାଲ ପକ୍ଷରୁ ଗୁଲସନ ଡିଗଲ ୧୩ ଓ ୪୦ତମ ମିନିଟରେ ୨ଟି ଏବଂ ବି. ଟୁଡୁ ୭ମ, ଏସ. ମୁର୍ମୁ ୧୭ ଓ ଟି. ତିରିଆ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୁଲସନ ଡିଗଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଉପସଭାପତି ରାଧାନାଥ ମହାପାତ୍ର ଓ ୟୁନିଟ-୧ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରୀନା ମଳିକ ଅତିଥିଭାବେ ଯୋଗ ଦେଇଥିଲେ।

# ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଆମେରିକା | ୨୬ | ୩୪ | ୩୨ | ୯୨ |
| ଚାଇନା | ୨୫ | ୨୩ | ୧୭ | ୬୫ |
| ଅଷ୍ଟ୍ରେଲିଆ | ୧୮ | ୧୨ | ୧୧ | ୪୧ |
| ଫ୍ରାନ୍ସ | ୧୩ | ୧୬ | ୨୦ | ୪୯ |
| ବ୍ରିଟେନ | ୧୨ | ୧୭ | ୨୦ | ୪୯ |
| ଜାପାନ | ୧୨ | ୬ | ୧୩ | ୩୧ |
| ଦ.କୋରିଆ | ୧୧ | ୮ | ୭ | ୨୬ |
| ଇଟାଲୀ | ୯ | ୧୦ | ୮ | ୨୭ |
| ନେଦରଲାଣ୍ଡ୍ସ | ୯ | ୫ | ୬ | ୨୦ |
| ଜର୍ମାନୀ | ୮ | ୫ | ୪ | ୧୭ |
| କାନାଡା | ୬ | ୪ | ୯ | ୧୯ |
| ଆୟର୍ଲାଣ୍ଡ | ୪ | ୦ | ୩ | ୭ |
| ନ୍ୟୁଜିଲାଣ୍ଡ | ୩ | ୬ | ୧ | ୧୦ |
| ରୋମାନିଆ | ୩ | ୪ | ୧ | ୮ |
| ହଙ୍ଗେରି | ୩ | ୩ | ୨ | ୮ |
| ସ୍ୱିଡେନ | ୩ | ୩ | ୨ | ୮ |
| ବ୍ରାଜିଲ | ୨ | ୫ | ୭ | ୧୪ |
| ସ୍ପେନ୍ | ୨ | ୩ | ୬ | ୧୧ |
| ୟୁକ୍ରେନ | ୨ | ୨ | ୩ | ୭ |
| କୋଏସିଆ | ୨ | ୧ | ୩ | ୬ |
| ବେଲଜିୟମ | ୨ | ୦ | ୩ | ୫ |
| ଭାରତ | ୦ | ୦ | ୩ | ୩ |

(ରାତି ୧ଟା ସୁଦ୍ଧା)




# ଚତୁର୍ଥରେ ରହିଲେ ଚାନୁ

ପ୍ୟାରିସ,୭।୮

ପ୍ୟାରିସ ଅଲିମ୍ପିକ୍ସରେ ଭାରତକୁ ଆଉ ଏକ ନିରାଶାର ସମ୍ମୁଖୀନ ହେବାକୁ ପଡିଛି। ଟୋକିଓ ଗେମ୍ସରେ ରୌପ୍ୟ ବିଜୟିନୀ ଭାରତୀୟ ଭାରୋତ୍ତୋଳିକା ମୀରାବାଇ ସାଇଖୋମ ଚାନୁ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। ଚାନୁ ସ୍ନାଚରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୧ କେଜି ଭାରୋତ୍ତଳନ କରି ମୋଟ ୧୯୯ ସ୍କୋର ସହ ଚତୁର୍ଥ ସ୍ଥାନରେ ରହିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଚାଇନାର ହୋଉ ଝିଉଇ ଅଲିମ୍ପିକ୍ସ ରେକର୍ଡ ୨୦୬ କେଜି(୮୯+୧୧୭) ଭାରୋତ୍ତୋଳନ ପ୍ରଥମ ସ୍ଥାନରେ ରହିଥିଲେ। ରୋମାନିଆର କାମେଲ ମିହେଲା ଭାଲେଣ୍ଟିନା ୨୦୫ କେଜି(୯୩+୧୧୨) ଭାରୋତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଥାଇଲାଣ୍ଡର ଖାମ୍ବୋ ସୁରଦଚନା ୨୦୦ କେଜି (୮୮+୧୧୨) ଭାରୋତ୍ତୋଳନ କରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଥିଲେ।

## ଅଲିମ୍ପିକ୍ସ ରେକର୍ଡ ସହ ଚାଇନାକୁ ସ୍ୱର୍ଣ୍ଣ

ମୀରାବାଇ ସ୍ନାଚ୍‌ରେ ପ୍ରଥମ ପ୍ରୟାସରେ ୮୫ କେଜି ଭାର ଉଠାଇଥିଲେ। ଦ୍ୱିତୀୟ ପ୍ରୟାସଟି ଫାଉଲ ହୋଇଥିବା ବେଳେ ଅନ୍ତିମ ସ୍ନାଚରେ ସେ ୮୮ କେଜି ଉଠାଇଥିଲେ। ଚାଇନାର ହୋଉ ଝିଉଇ ସ୍ନାଚରେ ୮୯ କେଜି ଓ ରୋମାନିଆର ଭାଲେଣ୍ଟିନା ୯୩ କେଜି ଭାରୋତ୍ତୋଳନ କରିଥିଲେ। କ୍ଲିନ୍ ଆଣ୍ଡ ଜର୍କରେ କିନ୍ତୁ ଚାନୁଙ୍କ ପ୍ରଦର୍ଶନ ଆଖିଦୃଶିଆ ରହି ନ ଥିଲା। ପ୍ରଥମ ପ୍ରୟାସରେ ୧୧୧ କେଜି ଉଠାଇବା ପ୍ରୟାସରେ ଫାଉଲ କରିଥିଲେ। ଦ୍ୱିତୀୟ ପ୍ରୟାସରେ ସମାନ ୧୧୧ କେଜି ଉଠାଇବା ସହ ଅନ୍ତିମ ପ୍ରୟାସରେ ୧୧୪ ଉଠାଇବାକୁ ଚେଷ୍ଟା କରିଥିଲେ। ତେବେ ଏହା ଫାଉଲ ହେବା କାରଣରୁ ମାତ୍ର ୧ ପଏଣ୍ଟ ପଛରେ ରହି ପଦକ ହରାଇଥିଲେ ଚାନୁ। ଅନ୍ତିମ କ୍ଷଣ ଯାଏ ରୋମାନିଆ ପ୍ରତିଯୋଗୀ ଆଗୁଆ ରହିଥିଲେ। ତେବେ ଚାଇନା ପ୍ରତିଯୋଗୀ ନିଜ ଅନ୍ତିମ କ୍ଲିନ୍ ଆଣ୍ଡ ଜର୍କରେ ୧୧୭ କେଜିର ଭାରୋତ୍ତୋଳନ କରିବା ସହ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ। କ୍ଲିନ୍‌ଆଣ୍ଡ ଜର୍କରେ ଏହା ଅଲିମ୍ପିକ୍ସ ରେକର୍ଡ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ